# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪ Vol. 22 No-14 14 APRIL 2025 MONDAY BHUBANESWAR

ସୋମବାର, ୧୪ ଏପ୍ରିଲ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସାଂସଦ, ବିଧାୟକ, ମନ୍ତ୍ରୀଙ୍କୁ ପରାମର୍ଶ

# ୭ ଦିନ ଗାଁରେ ବିତାଅ






- ପୁରୀରେ ବିଜେପିର ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ
- ଜନ ପ୍ରତିନିଧି, ସଂଗଠନ ଗୋଟିଏ ରେଖାରେ ରହିବା ଜରୁରି
- ୩ ସି ଉପରେ ଗୁରୁତ୍ୱ, କ୍ଷମତା ନୁହେଁ, ଦଳ ବଡ଼

ପୁରୀ,୧୩।୪ (ଭାସ୍କର ନ୍ୟୁଜ) : ବିଧାୟକ ଭାବେ ନିର୍ବାଚିତ ହେଲ, କିନ୍ତୁ ନିଜ ମର୍ଜିରେ ଚାଲ ନାହିଁ। ଅତି କମ୍‌ରେ ୭ ଦିନ ଗାଁରେ ବିତାଅ। ଲୋକଙ୍କ ସହ ମିଶ, ସେମାନଙ୍କ ସମସ୍ୟା ବୁଝ ଓ ସମାଧାନ ପାଇଁ ରାସ୍ତା ଖୋଜ । ରବିବାର ପୁରୀଠାରେ ଆୟୋଜିତ ବିଜେପିର ପ୍ରଶିକ୍ଷଣବର୍ଗ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି ବିଜେପିର ବରିଷ୍ଠ ନେତୃବୃନ୍ଦ। ଏଥିସହ ଶେଷ ହୋଇଛି ବିଜେପି ବିଧାୟକ, ସାଂସଦଙ୍କ ଦୁଇ ଦିନିଆ ପ୍ରଶିକ୍ଷଣ ବର୍ଗ। ପୁରୀ ଠାରେ ଦୁଇ ଦିନ ଧରି ଚାଲି ଥିଲା ଚାଲିଥିଲା ପ୍ରଶିକ୍ଷଣ ବର୍ଗ । ସୁଶାସନ,ସଙ୍ଗଠନ ଓ ଜନ ସମ୍ପର୍କର ପାଠ ପଢିଲେ ଜନ ପ୍ରତିନିଧି । ରବିବାର ଶେଷ ଦିନରେ ବିଧାୟକ, ସାଂସଦଙ୍କୁ ଟିପ୍ସ ଦେଲେ କେନ୍ଦ୍ରୀୟ ନେତୃତ୍ୱ । କାର୍ଯ୍ୟକର୍ତ୍ତା ଓ ଲୋକଙ୍କ ସହ କେମିତି କଥା ହେବେ ଜନ ପ୍ରତିନିଧି । ତାଙ୍କ ପ୍ରତି କେମିତି କରିବେ ବ୍ୟବହାର । ଫୋନରେ କଥା ହେଲା ବେଳେ କେମିତି ଶାଳିନତାର ସହ କଥା ହେବେ । କାର୍ଯ୍ୟାଳୟକୁ ଗଲେ କର୍ମକର୍ତ୍ତାଙ୍କ ପ୍ରତି କେମିତି ଆଚରଣ ଦେଖାଇବେ । ଗ୍ରାଉଣ୍ଡରେ ଲୋକଙ୍କ ସହ କେମିତି ବ୍ୟବହାର କରିବେ, ସେ ନେଇ ବିଧାୟକ ଓ ସାଂସଦଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ନେତୃତ୍ୱ । ଜନ ପ୍ରତିନିଧି ଓ ସଙ୍ଗଠନ ଗୋଟିଏ ସରଳ ରେଖାରେ ରହିବା ଦରକାର । ସଂଗଠନକୁ ସାଙ୍ଗରେ ନେଇ ଚାଲିଲେ, ତଳ ଲୋକ ପର୍ଯ୍ୟନ୍ତ ସୁବିଧା ପହଞ୍ଚିବେ । ସଙ୍ଗଠନ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ ବୋଲି କହିଛନ୍ତି ସଂଗଠନ ମନ୍ତ୍ରୀ ଭି. ସତୀଶ । ବିଧାୟକ ଏବଂ ସାଂସଦଙ୍କ ଅଫିସ କେମିତି ପରିଚାଳନା କରିବା ଦରକାର । ଅଧିକରୁ ଅଧିକ ଲୋକଙ୍କ ପାଖରେ କେମିତି ଅଫିସ ପହଞ୍ଚି ପାରିବ, ସମସ୍ୟା ସମାଧାନ କରିପାରିବ। କାହାକୁ ଅଫିସରେ ନିଯୁକ୍ତ କଲେ ସମସ୍ୟାର ସମାଧାନ ହେବ । ● ପୃଷ୍ଠା ୫ ଦେଖନ୍ତୁ








ସତ୍ୟମେବ ଜୟତେ

ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)





ଓଡ଼ିଆ ନୂଆବର୍ଷ ତଥା
ମହାବିଷୁବ ସଂକ୍ରାନ୍ତି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-12 OIPR 15001/13/0509/2526




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରୟାସ ସଙ୍ଗଠନର ୧୮ତମ ବାର୍ଷିକ ସମ୍ମିଳନୀ ଲୋହିଆ ଏକାଡେମୀରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରୟାସ ତରଫରୁ ଶିକ୍ଷାର ସୁଯୋଗ ପାଇନଥିବା ଛାତ୍ରଛାତ୍ରୀ ସଂଗ୍ରହ କରି ସେମାନଙ୍କର ଅଭିଭାବକ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ସମ୍ମିଳନୀରେ ସମ୍ମିଳିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ପ୍ରୟାସର ଉପଦେଷ୍ଟା ପ୍ରଦୀପ୍ତ କୁମାର ଦାସ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କୁ ପରିଶ୍ରମୀ ଓ କର୍ତ୍ତବ୍ୟପରାୟଣ ହୋଇ ଅଧ୍ୟୟନରେ ବ୍ରତୀ ହେବା ପାଇଁ ଉପଦେଶ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ନୀଳମଣି ମିଶ୍ର ମହୋଦୟ ପ୍ରୟାସର ଜନକଲ୍ୟାଣ ଓ ନିରନ୍ତର ସମାଜସେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମାଜସେବୀ ଗଗନ ବିହାରୀ ପଟେଲଙ୍କୁ ତାଙ୍କର ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଶବ ସତ୍କାର ତଥା ପୁରୁଣା ଲୁଗା ସଂଗ୍ରହ କରି ବଣ୍ଟନ କରିବା କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା ସହ ସମ୍ମାନିତ କରାଯାଇଥିଲା। ଡାକ୍ତର ଦୀପକ୍ କୁମାର ସାମଲ ପିଲାଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେଉଥିବାରୁ ତାଙ୍କୁ ମଧ୍ୟ ସାଧୁବାଦ ଦେବା ସହ ସମ୍ମାନୀତ କରାଯାଇଥିଲା। ଏହି କାର୍ଯ୍ୟକୁ ପ୍ରୟାସର ସଭାପତି ବି.ଚିରଞ୍ଜିବୀ ରେଡି ସଭାପତିତ୍ୱ କରିଥିଲେ। ସମ୍ପାଦକ ପ୍ରମୋଦ କୁମାର ମହାରଣା ସମ୍ପାଦକୀୟ ପାଠ କରିଥିଲେ। ଏହି ସଭାକୁ ଅରବିନ୍ଦ ମଲ୍ଲିକ ସଞ୍ଚାଳନ କରିଥିଲେ। ସମ୍ମାନୀୟ ଅତିଥି ଗଗନ ବିହାରୀ ପାଇଟାଲ ସମସ୍ତ ପିଲାଙ୍କୁ ବିଭିନ୍ନ ବିଷୟକ ଉପଦେଶ ଦେଇଥିଲେ। ଶେଷରେ ପ୍ରୟାସର ରବି ନାରାୟଣ ଧଳ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

## ରାଜଧାନୀର ୭୭ତମ ପ୍ରତିଷ୍ଠା ଦିବସ ପାଳିତ

# ଖୋଲା ହୃଦୟରେ ସମସ୍ତଙ୍କୁ ଆପଣେଇଛି ଭୁବନେଶ୍ୱର ନଗର: ରାଜ୍ୟପାଳ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଏପରି ଏକ ନଗର ଯାହା ପ୍ରେରଣାଦାୟୀ ହେବା ସହ ସମସ୍ତଙ୍କୁ ଖୋଲା ହୃଦୟରେ ଆପଣେଇ ନେଇଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ଅପ୍ରେଲ ୧୩ ତାରିଖ ରବିବାର ଦିନ ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ଉତ୍କଳମଣ୍ଡପ ଠାରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ମହତ୍ୱପୂର୍ଣ୍ଣ ଅବସରରେ ଭୁବନେଶ୍ୱର ତଥା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ଭୁବନେଶ୍ୱର ନଗରକୁ ବିକଶିତ ଭାରତରେ ବିକଶିତ ଓଡ଼ିଶାର ଆଦର୍ଶ ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଏହି ଦିନଟି କେବଳ ପ୍ରତିଷ୍ଠାର ଉତ୍ସବ ନୁହେଁ, ବରଂ ଏହାର ଯାତ୍ରାକୁ ରୂପ ଦେଇଥିବା ଦୂରଦୃଷ୍ଟି ସମ୍ପର୍ଣ୍ଣ ନେତୃବୃନ୍ଦ, ଯୋଜନାକାରୀ, ସ୍ଥପତି ଏବଂ ନାଗରିକଙ୍କ ପ୍ରତି ଅଟେ। ୧୯୪୮ ମସିହା ଏପ୍ରିଲ ୧୩ରେ ଆନୁଷ୍ଠାନିକ ଭାବେ ଓଡ଼ିଶାର ରାଜଧାନୀ ଘୋଷଣା ହୋଇଥିବା ଭୁବନେଶ୍ୱର ପ୍ରତ୍ୟେକ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଏକ ଯୋଜନାବଦ୍ଧ ପ୍ରଶାସନିକ କେନ୍ଦ୍ରଭାବେ ଆରମ୍ଭ ହୋଇଥିବା ଏହି ନଗରୀ ଦଶନ୍ଧି ଦଶନ୍ଧି ଧରି ଏକ କ୍ରିୟାଶୀଳ ଓ ସାଂସ୍କୃତିକ ଭାବରେ ସମୃଦ୍ଧ ନଗରରେ ପରିଣତ ହୋଇଛି। ଯାହା ଏହାର ଗୌରବମୟ ଅତୀତକୁ ଆଧାର କରି ବିକଶିତ ହେବା ଜାରି ରଖିଛି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଥିଲେ। ଏହି ସମାରୋହରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସାଧାରଣ ସଂପାଦକ ସନତ ମିଶ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଭୁବନେଶ୍ୱର ମହାନଗର ନିଗମର କମିଶନର ରାଜେଶ୍ ପ୍ରଭାକର ପାଟିଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ବିଡିଏ ଉପାଧକ୍ଷ ଡ଼ା. ତିରୁମାଲା ନାୟକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ୧୩ ବ୍ୟକ୍ତିବିଶେଷଙ୍କୁ 'ରାଜଧାନୀ ଗୌରବ ସମ୍ମାନ' ପ୍ରଦାନ କରାଯାଇଥିଲା।

## ରାଜଧାନୀ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜଧାନୀ ପ୍ରତିଷ୍ଠା ଦିବସର ଶୁଭକାମନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୭୭ତମ ଓଡ଼ିଶା ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଓ ଶୁଭକାମନା। ଆସନ୍ତୁ ଆମେ ସମସ୍ତେ ମନ୍ଦିରମାଳିନୀ ଭୁବନେଶ୍ୱରକୁ ଅଧିକ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢ଼ିବା ପାଇଁ ସଂକଳ୍ପ ନେବା। ସେହିପରି ରାଜଧାନୀ ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ରାଜଧାନୀ ପ୍ରତିଷ୍ଠା ଦିବସ' ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା।

## ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ବାଚସ୍ପତିଙ୍କ ଆହ୍ୱାନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୭ତମ ରାଜଧାନୀ ପ୍ରତିଷ୍ଠା ଦିବସ ଧୁମଧାମରେ ପାଳିତ ହୋଇଛି। ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ବିଧାନସଭା ବାଚସ୍ପତି ସୁରମା ପାଢୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ଭୁବନେଶ୍ୱର-କଟକ ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଭାଇସ ଚେୟାରମ୍ୟାନ ଏନ ତିରୁମାଲ୍ଲା ନାଏକ, ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା, ବିଏମସି ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁ, ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଖୋର୍ଦ୍ଧା ଅତିରିକ୍ତ ଶିକ୍ଷାଧିକାରୀ ଡଃ ପ୍ରଜ୍ଞା ପାରମିତା ଜେନା, ସମସ୍ତ କର୍ପୋରେଟର, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସଂପାଦକ ସନତ ମିଶ୍ର ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପାଳନ ଦିବସ ଅବସରରେ ଯୋଗ ଦେଇଥିବା ମୁଖ୍ୟ ଅତିଥିଙ୍କ ସହ ଅତିଥି ମାନେ ବିଧାନସୌଧ ସମ୍ମୁଖରେ ଥିବା ରାଜଧାନୀ ପ୍ରତିଷ୍ଠା ଫଳକରେ ମାଲ୍ୟାର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ପାଢ଼ୀ ପତାକା ଉତ୍ତୋଳନ କରି ବେସାମରିକ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ପ୍ୟାରେଡରେ ମୋଟ ୨୧ଟି ଦଳ ଭାଗ ନେଇଥିଲେ। ଆମ ରାଜଧାନୀର କଳା, ସଂସ୍କୃତି ଐତିହ୍ୟର ସୁରକ୍ଷା କରିବା ସହ ସହରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର କରି ଗଢିତୋଳିବା ପାଇଁ ମେୟର ସୁଲୋଚନା ଦାସ ଭୁବନେଶ୍ୱରବାସୀଙ୍କୁ ଆହ୍ୱାନ ଦେଇଛନ୍ତି। ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ଦେଶ ବିଦେଶରୁ ପର୍ଯ୍ୟଟକମାନେ ଆକାଶ ପଥରେ ହେଉ କିମ୍ବା ରେଳପଥରେ ପ୍ରଥମେ ଆସି ରାଜଧାନୀରେ ପହଞ୍ଚିଥାନ୍ତି। ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ ଗୌରବ ମଣ୍ଡିତ। ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ରାଜଧାନୀବାସୀଙ୍କୁ ବାଚସ୍ପତି ସୁରମା ପାଢୀ ଆହ୍ୱାନ ଦେଇଥିଲେ। ଶଷରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ଏହି ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ବିଭାଗ ପକ୍ଷରୁ ଏହି ପ୍ରଦର୍ଶନୀରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ପର୍ଯ୍ୟବେସିତ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର, ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଅଧିକାରୀ ଦୀପକ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦୁଇଦିନିଆ ପ୍ରଦର୍ଶନୀ ସୋମବାର ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।







## ଓଡ଼ିଆ ନବବର୍ଷ ଅବସରରେ ପିସିସି ସଭାପତିଙ୍କ ଶୁଭେଚ୍ଛା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତାକାଲି ମହାବିଷୁବ ସଂକ୍ରାନ୍ତୀ ତଥା ଓଡ଼ିଆ ନବବର୍ଷ। ଏହି ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା, ଅଭିନନ୍ଦନ ଏବଂ ଶୁଭକାମନା ଜଣାଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି ନୂତନ ଓଡ଼ିଆ ବର୍ଷ ରାଜ୍ୟବାସୀଙ୍କ ପାଇଁ ମଙ୍ଗଳମୟ ଓ ନ୍ୟାୟପଥର ବର୍ଷ ହେଉ। ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦରୁ ସଂକଳ୍ପ, ସମର୍ପଣର ମନୋଭାବ ନେଇ ରାଜ୍ୟବାସୀଙ୍କ ସେବା କରିବି ବୋଲି କହିବା ସହ ରାଜ୍ୟବାସୀଙ୍କ ସ୍ୱାର୍ଥ ରକ୍ଷା କରିବା ଓ ନ୍ୟାୟ ପ୍ରତିଷ୍ଠା ପାଇଁ ସଂଘର୍ଷ କରିବାକୁ ପଛେଇବୁ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର।

### ପୂର୍ବତନ ଧର୍ମଶାଳା ବିଧାୟକଙ୍କ ଉପରେ ସଂଘବଦ୍ଧ ଆକ୍ରମଣକୁ ବିଜେଡିର ଦୃଢ଼ ନିନ୍ଦା

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଛି। ଆରୁଅ ଗ୍ରାମରେ ହିଙ୍ଗୁଳା ମା'ଙ୍କର ଯାତ୍ରାକୁ ଗଲାବେଳେ ଭାରତୀୟ ଜନତା ପାର୍ଟିର କର୍ମୀ ଏବଂ ସ୍ଥାନୀୟ ବିଧାୟକ ହିମାଂଶୁ ସାହୁଙ୍କ ସହଯୋଗୀ ତଥା ଖଣି ମାଫିଆଙ୍କର ଦ୍ୱାରା ଏହି ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ସ୍ଥାନୀୟ ପୋଲିସ୍ ପ୍ରଶାସନ ଓ ଜେନାପୁର ଆଇଆଇସିଙ୍କ ଉପସ୍ଥିତିରେ ଏହି ଆକ୍ରମଣ ହେଉଥିବା ବେଳେ ଆଶ୍ଚର୍ଯ୍ୟଜନକ ଭାବରେ ଆକ୍ରମଣକାରୀଙ୍କୁ ଗିରଫ ନ କରି ଆକ୍ରମଣକାରୀଙ୍କ ଠାରୁ ଭୁଜାଲି, ଖଣ୍ଡା, ଠେଙ୍ଗା ଓ ବାଡି ପୋଲିସ୍ ଜବତ ଘଟଣାକୁ ଆଜି ଶଙ୍ଖ ଭବନର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଭୃଗୁ ବକ୍ସିପାତ୍ର ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଧର୍ମଶାଳାର ପୂର୍ବତନ ବିଧାୟକ ଶ୍ରୀ ବଳବନ୍ତରାୟଙ୍କ ଉପରେ ଘଟଣା ଘଟୁଥିବା ସମୟରେ ଶ୍ରୀ ବଳବନ୍ତରାୟ ଯାଜପୁର ଏସ୍ପିଙ୍କୁ ଭିଡିଓ କଲ କଲାପରେ ମଧ୍ୟ ଏସ୍ପିଙ୍କଠାରୁ କୌଣସି ଉତ୍ତର ମିଳିନଥିଲା। ଉଲ୍ଲେଖଯୋଗ୍ୟ ଯେ, ଘଟଣାର ଘଟିବାର ୨ ଘଣ୍ଟା ପୂର୍ବରୁ ଶ୍ରୀ ବଳବନ୍ତରାୟ ଘଟଣାର ଆଶଙ୍କା କରି ଯାଜପୁର ଏସ୍ପିଙ୍କୁ ମଧ୍ୟ ଜଣାଇଥିଲେ। ଆଜିର ଘଟଣାକୁ ମିଶାଇ ଶ୍ରୀ ବଳବନ୍ତରାୟଙ୍କ ଉପରେ ବିଧାୟକ ହିମାଂଶୁ ସାହୁଙ୍କ ଦ୍ୱାରା ପଞ୍ଚମଥର ଜୀବନରେ ମାରିଦେଲା ଭଳି ଆକ୍ରମଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ରାଜ୍ୟ ସରକାର ଏବଂ ପୋଲିସ୍ ପ୍ରଶାସନର ଏକପାଖିଆ କାର୍ଯ୍ୟକଳାପ ତଥା ଜନପ୍ରତିନିଧିଙ୍କ ଉପରେ ନିର୍ଦ୍ଦିଷ୍ଟ ଆକ୍ରମଣ ବିଷୟରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସରକାର ତୁରନ୍ତ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁରୋଧ କରିଛନ୍ତି। ବରିଷ୍ଠ ନେତା ତଥା ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ଅତିରିକ୍ତ ପୋଲିସ୍ ମହାନିର୍ଦ୍ଦେଶକ ସଞ୍ଜୟ କୁମାର ଦୁର୍ବୃତ୍ତଙ୍କୁ ଗିରଫ ପାଇଁ ଅନୁରୋଧ କରିଛନ୍ତି। ଯଦି ୪୮ ଘଣ୍ଟା ମଧ୍ୟରେ ଆକ୍ରମଣକାରୀଙ୍କୁ ଗିରଫ କରାନଯାଏ, ତେବେ ପୋଲିସ୍ ମହାନିର୍ଦ୍ଦେଶଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିବୁ ବୋଲି କହିଛନ୍ତି ଶ୍ରୀ ବକ୍ସିପାତ୍ର।

## ୬ ମାସରେ ୧୬ ହଜାର ୫୯ ପଦବୀ ସୃଷ୍ଟି କଲା ଗୃହ ବିଭାଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ମୁଖ୍ୟତଃ ଆଇନ ଶୃଙ୍ଖଳା ବଜାୟ ରଖିବା, ଅପରାଧ ରୋକିବା ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ପୋଲିସ ବହୁମୁଖୀ ଭୂମିକା ନିର୍ବାହ କରିଥାଏ। ଏଥିରେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଧରିବା ଏବଂ ଆଇନ ଶୃଙ୍ଖଳାକୁ ବଜାୟ ରଖିବା ଅନ୍ତର୍ଭୁକ୍ତ। ସେମାନେ ଜନଶୃଙ୍ଖଳା ରକ୍ଷଣାବେକ୍ଷଣ, ଆଭ୍ୟନ୍ତରୀଣ ନିରାପତ୍ତା ଏବଂ ବିପର୍ଯ୍ୟୟ ମୁକାବିଲା ଆଦି ସମସ୍ତ କ୍ଷେତ୍ରରେ ସକ୍ରିୟ ଯୋଗଦାନ କରିଥାନ୍ତି। ରାଜ୍ୟର ଏହିସବୁ ଗୁରୁଦାୟିତ୍ୱ ନିର୍ବାହ କ୍ଷେତ୍ରରେ କ୍ଷମତା ବୃଦ୍ଧି କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଗତ ଛଅ ମାସ ମଧ୍ୟରେ ଓଡ଼ିଶା ପୋଲିସରେ ୧୬,୦୫୯ଟି ନୂତନ ପଦବୀ ସୃଷ୍ଟି କରିବାକୁ ଘୋଷଣା କରିଛନ୍ତି।ଏ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ସାହୁ ଗୃହ ବିଭାଗରେ ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ପୋଲିସ ବାହିନୀର ବିଭିନ୍ନ ବିଭାଗକୁ ସୁଦୃଢ଼ କରିବା, ନୂତନ କ୍ରମବର୍ଦ୍ଧିଷ୍ଣୁ ସୁରକ୍ଷା ଆହ୍ୱାନର ମୁକାବିଲା କରିବା ଏବଂ ରାଜ୍ୟରେ ସାମଗ୍ରିକ ଆଇନଶୃଙ୍ଖଳାରେ ଉନ୍ନତି ଆଣିବା ଏହି ପଦବୀ ବୃଦ୍ଧିର ଲକ୍ଷ୍ୟ। ପୋଲିସ ବିଭାଗର ୯ଟି କ୍ଷେତ୍ରରେ ଏହି ନୂତନ ପଦବୀଗୁଡିକ ସୃଷ୍ଟି କରାଯାଇଛି। ସୂଚନାଯୋଗ୍ୟ, ୩୧୨୦ଟି ନୂଆ ପଦବୀ ମଧ୍ୟରେ ୨୦୪ଟି ପଦବୀ ରହିଛି, ଯାହାକୁ ଆଉଟସୋର୍ସିଂ ଭିତ୍ତିରେ ପୂରଣ କରାଯିବ। ରାଜ୍ୟ ଫରେନସିକ୍ ସାଇନ୍ସ ସର୍ଭିସ: ୨୦୨୫ ଏପ୍ରିଲ ୮ ତାରିଖରେ ରାଜ୍ୟ ଫରେନସିକ୍ ସାଇନ୍ସ ସର୍ଭିସେସରେ ୨୫୬ଟି ନୂଆ ପଦବୀ ସୃଷ୍ଟି କରାଯାଇଛି କ୍ଷ ବୈଜ୍ଞାନିକ ପ୍ରମାଣ ବିଶ୍ଳେଷଣ ପ୍ରଦାନ କରି ଅପରାଧିକ ତଦନ୍ତର ଗୁଣବତ୍ତା ଏବଂ ଗତିରେ ଉନ୍ନତି ଆଣିବା ପାଇଁ ଫରେନସିକ୍ କ୍ଷମତାର ଏହି ସୁଦୃଢ଼ୀକରଣ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ପବ୍ଲିକ୍ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟ: ୨୦୨୫ ଏପ୍ରିଲ ୮ରେ ପବ୍ଲିକ୍ ପ୍ରସିକ୍ୟୁସନ ନିର୍ଦ୍ଦେଶାଳୟରେ ୨୬୭ଟି ନୂଆ ପଦବୀ ସୃଷ୍ଟି କରାଯାଇଛି। ଅଦାଲତରେ ଅପରାଧିକ ମାମଲାଗୁଡ଼ିକର ଦକ୍ଷ ଏବଂ ପ୍ରଭାବଶାଳୀ ଶୁଣାଣି ସୁନିଶ୍ଚିତ କରିବା ପାଇଁ ପ୍ରସିକ୍ୟୁସନ୍ ଶାଖାରେ ଏହି ପଦବୀ ବୃଦ୍ଧି ଜରୁରୀ ଅଟେ, ଯାହା ପୋଲିସ ବାହିନୀର ବର୍ଦ୍ଧିତ ଅନୁସନ୍ଧାନ କ୍ଷମତାକୁ ପୂରଣ କରି ପାରିବ।

## ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ପାଇଁ ୨୦୦ ପ୍ଲାଟୁନ୍ ଫୋର୍ସ ମୁତୟନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆସନ୍ତା ୧୪ ତାରିଖ ଦିନ ସାରା ରାଜ୍ୟରେ ମହା ବିଷୁବ ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ ପାଳିତ ହେବାକୁ ଯାଉଛି। ଏହି ପର୍ବ ର ଶୃଙ୍ଖଳିତ ପାଳନ ଉପଲକ୍ଷେ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟରେ ରାଜ୍ୟର ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସମେତ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଆଇଜି(ଗୁଇନ୍ଦା) ଜୟ ନାରାୟଣ ପଙ୍କଜଙ୍କ ସମେତ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ ଆର୍‌ପି କୋଚେ, ସମସ୍ତ ରେଞ୍ଜର ଆଇଜି, ଡିଆଇଜି, ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଏସପି ପ୍ରମୁଖ ଆଭାସୀ ମାଧ୍ୟମରେ ଉପସ୍ଥିତ ଥିଲେ। ସର୍ବପ୍ରଥମେ ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବିଗତ ଦିନରେ ଶ୍ରୀ ରାମ ନବମୀକୁ ସାରା ରାଜ୍ୟରେ ଶୃଙ୍ଖଳିତ ଭାବେ ପାଳନ କରାଯାଇଥିବାରୁ ପୋଲିସ ବିଭାଗକୁ ସାଧୁବାଦ ଜଣାଇଥିଲେ। ସେହିପରି ଆସନ୍ତାକାଲି ପାଳନ ହେବାକୁ ଯାଉଥିବା ହନୁମାନ ଜୟନ୍ତୀକୁ ମଧ୍ୟ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ସମ୍ବେଦନଶୀଳ ଜିଲ୍ଲାରେ ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୃତାୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୦ ପ୍ଲାଟୁନ୍ ଫୋର୍ସ, ୪୦ ଡ୍ରୋନ୍, ୬୦୦ ସିସି କ୍ୟାମେରା ମୁତୟନ କରାଯାଇଛି। ସୋସିଆଲ ମିଡିଆ ଉପରେ କଡ଼ା ନଜର ମଧ୍ୟ ରଖାଯାଇଛି।

## ତାଳଦଣ୍ଡା କେନାଲ୍‌ରେ ନର୍ଦ୍ଦମା ପାଣି

କଟକ(ଭାସ୍କର ନ୍ୟୁଜ): ୫-ଟି ଯୋଜନାରେ ତାଳଦଣ୍ଡା କେନାଲର ସଂପ୍ରସାରଣ ଓ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟ ନିମନ୍ତେ କେନାଲର ଉଭୟ ପାର୍ଶ୍ୱରେ ସିନ୍ଥେଟିକ୍ ୱାଲ୍ ନିର୍ମାଣ କରାଯାଇ ଏହାର ସୌନ୍ଦର୍ଯ୍ୟକୁ ଦିଗୁଣିତ କରାଯାଇଥିଲା। ହେଲେ ବର୍ତ୍ତମାନ ସମୟରେ ତାଳଦଣ୍ଡା କେନାଲ୍‌ରେ ଅଳିଆ, ଆବର୍ଜନା ଭର୍ତ୍ତି ହୋଇଯାଇଛି। ସେହିପରି ତାଳଦଣ୍ଡା କେନାଲ୍‌ରେ ମଧ୍ୟ ନର୍ଦ୍ଦମା ପାଣି ମିଶିବାରେ ଲାଗିଛି। ଏକାଧିକ ସ୍ଥାନରେ ଡ୍ରେନ ପାଣି ସିଧାସଳଖ ତାଳଦଣ୍ଡା କେନାଲକୁ ଛଡ଼ାଯାଉଛି। ଏବେ ବି କେନାଲ ଭିତରେ ଛୋଟ ଛୋଟ ଥୁଣ୍ଟା ଗଛ, ପଥର ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପଡ଼ିଛି। ସୌନ୍ଦର୍ଯ୍ୟୀକରଣ ପାଇଁ କୋଟି କୋଟି ଟଙ୍କା ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ କାମ ସଂପୂର୍ଣ୍ଣ ହେବା ପୂର୍ବରୁ ତାହା କଳା ପଡ଼ିବା ଓ ସେଥିରେ ଘାସ ଉଠିବା ଯୋଗୁଁ କାମର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ସୌନ୍ଦର୍ଯ୍ୟୀକରଣ କାର୍ଯ୍ୟରେ ଏତେ ଟଙ୍କା ଖର୍ଚ୍ଚ ହେଉଥିଲେ ବି ତାହା ନଷ୍ଟ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ କଟକ ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଅବଗତ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଛତ୍ରବଜାର ନୂତନ ପିଣ୍ଡିରେ ବ୍ୟବସାୟୀମାନେ ବସି ବ୍ୟବସାୟ କରୁଥିଲେ ମଧ୍ୟ ଅଳିଆ ଆବର୍ଜନାକୁ କେନାଲ୍‌ରେ ଫିଙ୍ଗାଯାଉଛି। କେନାଲ୍ କଡରେ ଜାଲି ଲଗାଯାଇଥିଲେ ମଧ୍ୟ ବେପାରୀମାନେ କେନାଲ୍ ଭିତରକୁ ଅଳିଆ ଫିଙ୍ଗୁଛନ୍ତି। ଏହି ସ୍ଥାନରେ ସିସି ଟିଭି ଲଗାଇବାକୁ ଦାବୀ ହେଉଥିଲେ ମଧ୍ୟ ସିଏମ୍‌ସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ ଏହାର ସୁଫଳ ମିଳୁନାହିଁ। ସେହିପରି ବହୁ ସ୍ଥାନରେ କାମ ଶେଷ ନ ହୋଇ ଅଧାପନ୍ତରିଆରେ ପଡି ରହିଛି। ତାଳଦଣ୍ଡା କେନାଲ କାର୍ଯ୍ୟରେ ବିଗତ ବର୍ଷମାନଙ୍କୁ ମିଶାଇ ନିର୍ମାଣ ଖର୍ଚ୍ଚ ଖାଲି ବଢ଼ିଚାଲିଛି।

## ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପଦଯାତ୍ରାର ଆୟୋଜନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରବିବାର ଭାରତୀୟ ସମ୍ବିଧାନର ପ୍ରମୁଖ ବିଧାଣୀ ଡ଼. ଭୀମରାଓ ଆମ୍ବେଦକରଙ୍କ ଜନ୍ମଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଆଜି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ପଦଯାତ୍ରାର ଆୟୋଜନ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଶୋକ ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସଦୟ ଉପସ୍ଥିତିରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ଯୁବକ, ଯୁବତୀ ଏବଂ ସ୍ୱେଚ୍ଛାସେବୀମାନେ ଅତ୍ୟନ୍ତ ଉତ୍ସାହର ସହିତ ଏହି ପଦଯାତ୍ରାରେ ସାମିଲ୍ ହୋଇଥିଲେ। ଏଥିସହ ପଦଯାତ୍ରାର ଆୟୋଜନ ଅବସରରେ ଯୁବ ଏନଏସଏସ ସ୍ୱେଚ୍ଛାସେବୀ, କ୍ରୀଡ଼ାବିତ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଏହି ପଦଯାତ୍ରା ମାଧ୍ୟମରେ ସାମାଜିକ ସମତା ଓ ମୂଲ୍ୟବୋଧ ଏବଂ ସମ୍ବିଧାନର ଆଦର୍ଶକୁ ପ୍ରଚାର-ପ୍ରସାର କରିବା ସହିତ ଯୁବପିଢ଼ିଙ୍କ ମଧ୍ୟରେ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରେରଣ କରାଯାଇଥିଲା।



ପବିତ୍ର ମହାବିଷୁବ ସଂକ୍ରାନ୍ତିର ଶୁଭେଚ୍ଛା

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ପ୍ରେମିକାଙ୍କ ସହ ଚାଇନାରେ ଅମୀର | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪ Vol. 22 No-14 14 APRIL 2025 MONDAY BHUBANESWAR ସୋମବାର, ୧୪ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


### ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଓଡ଼ିଆ ନବବର୍ଷ କ୍ୟାଲେଣ୍ଡର ପ୍ରକାଶିତ

# ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ପୁରୀ/ଭୁବନେଶ୍ୱର, ୧୩।୪ (ଭାସ୍କର ନ୍ୟୁଜ): ଓଡିଆ ନବବର୍ଷ ଅବସରରେ ପ୍ରକାଶ ପାଇଛି ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର । ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବା ବେଳେ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହା ଲୋକାର୍ପିତ ହୋଇଅଛି । ସେହିପରି ପ୍ରଥମ ଥର ଲାଗି ପ୍ରକାଶିତ ଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକାର ମଧ ଲୋକାର୍ପଣ ହୋଇଛି । ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ଯ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ । ବର୍ଷ ତମାମ ( ୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତି ଠାରୁ ୨୦୨୬ ମସିହା ରାମାଭିଷେକ ନୀତି ପର୍ଯ୍ୟନ୍ତ) ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସଗୁଡିକର ସୂଚନା ଏହି ଆକର୍ଷଣୀୟ କ୍ୟାଲେଣ୍ଡରରେ ରହିଅଛି । ଶ୍ରୀମନ୍ଦିର ସେବକ ନିଯୋଗଗୁଡିକ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଞ୍ଜିକାରଙ୍କୁ ନେଇ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ପର୍ବପର୍ବାଣି ତିଥିଗୁଡିକ ସ୍ଥିରୀକୃତ ହୋଇଅଛି। ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରଗୁଡିକରେ ଏହି କ୍ୟାଲେଣ୍ଡର୍ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ । ଓଡିଆ ନବବର୍ଷ ଅବସରରେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପାଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

### ରାଜଧାନୀରେ ଶିଶୁ ଅସୁରକ୍ଷିତ

# ମା' କୋଳରୁ ଶିଶୁପୁତ୍ରକୁ ଝାମ୍ପିନେଲେ

**ରାଜଧାନୀରେ ଚାଞ୍ଚଲ୍ୟ, ପୋଲିସର ଛାନଭିନ୍**

**ମା'ର ଆକୁଳ ନିବେଦନ, ପୁଅକୁ ଫେରାଇ ଦିଅ**

**ପୋଲିସ କହିଲା, ଅଭିଯୋଗର ସତ୍ୟତା ଅଛି**



ଭୁବନେଶ୍ୱର, ୧୩।୪(ଭାସ୍କର ନ୍ୟୁଜ): ରାଜଧାନୀରେ ଅସୁରକ୍ଷିତ ଶିଶୁ। ରାଜଧାନୀ ଭୁବନେଶ୍ୱରରୁ ଆସିଲା ପିଲା ଚୋରିର ସାଂଘାତିକ ଅଭିଯୋଗ। ଭୁବନେଶ୍ୱର ଜନପଥରୁ ଦେଢବର୍ଷର ଶିଶୁପୁତ୍ରକୁ ଚୋରାଇ ନିଆଯାଇଥିବା ଅଭିଯୋଗ ହୋଇଛି। ଦେଢବର୍ଷର ଶିଶୁପୁତ୍ରକୁ ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ବିସ୍କୁଟ, ଜୁସ୍ ଓ ମୋବାଇଲର ଲୋଭ ଦେଖାଇ ଦୃଷ୍ଟିବାଧିତ ମା'ର ଶିଶୁପୁତ୍ରକୁ ନେଇଗଲେ ଦୁର୍ବୃତ୍ତ। ରାମମନ୍ଦିର ସମ୍ମୁଖରୁ ଶିଶୁଚୋରି ଭଳି ସାଂଘାତିକ ଅଭିଯୋଗ ଆସିଛି। ଏଭଳି ଅଭିଯୋଗ ଆଣିଛନ୍ତି ମନ୍ଦିର ସମ୍ମୁଖରେ ଭିକ୍ଷାବୃତ୍ତି କରୁଥିବା ଜଣେ ଦୃଷ୍ଟିବାଧିତ ମହିଳା। ଶନିବାର ବିଳମ୍ବିତ ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ଏହି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଦୃଷ୍ଟିହୀନ ମହିଳାଜଣକ ଏ ନେଇ ଖାରବେଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ରାମମନ୍ଦିର ସାମ୍ନାରେ ଶୋଇଥିବାବେଳେ ମହିଳାଙ୍କର ଯେତେବେଳେ ନିଦ ଭାଙ୍ଗିଲା ସେ ଆଉ ଶିଶୁପୁତ୍ରକୁ ପାଇ ନଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଅସହାୟା ମହିଳାଙ୍କ ପୁତ୍ରକୁ ଖୋଜିବା ପାଇଁ ପ୍ରୟାସ ଆରମ୍ଭ କରିଛି। ଏ ନେଇ ନିଖୋଜ ପିଲାର ମାଆ ସାଂଘାତିକ ଅଭିଯୋଗ ଆଣିଛନ୍ତି। ତାଙ୍କ ପିଲାକୁ ନେଇ କିଏ କିଛି ଟଙ୍କା ପାଇଁ ଅଙ୍ଗତସ୍କରୀ ନିମନ୍ତେ ଅପହରଣ କରିଥିବା ଅଭିଯୋଗ କରିଛନ୍ତି। ମୋ ପୁଅକୁ ଦୁର୍ବୃତ୍ତମାନେ ନେଇ ଯାଉଥିବାବେଳେ ଅନ୍ୟଜଣେ ଶିଶୁ ଏହା ଦେଖିଥିବା ସେ ପ୍ରକାଶ କରିଛନ୍ତି। ଦୁର୍ବୃତ୍ତମାନେ ଶିଶୁଟିକୁ ନେଇ ଏକ ଗାଡ଼ିରେ ଖାରବେଳନଗର ଥାନା ଅଞ୍ଚଳ ଦେଇ ଯାଉଥିବା ସିସିଟିଭିରୁ ଜଣାପଡ଼ିଛି। ପୋଲିସ ମଧ୍ୟ ସିସିଟିଭି ଯାଞ୍ଚ ପରେ ଅଭିଯୋଗର ସତ୍ୟତା ଥିବା କହିଛି। ତେବେ ଅସହାୟ ମହିଳାଜଣକ ଆକୁଳ ନିବେଦନକରି କହିଛନ୍ତି ଯେ ମୁଁ ଦେଖିପାରୁନି ବୋଲି ମୋ କ୍ଷୀରଖିଆ ଛୁଆକୁ କିଏ ଚୋରାଇ ନେଇଛି। ମୁଁ ହାତଯୋଡ଼ି ନିବେଦନ କରୁଛି, ମୋ ପୁଅକୁ ମୋତେ ଫେରାଇ ଦିଅ।


# ଭାରତ ରତ୍ନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀରେ ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ରାଷ୍ଟ୍ର

Government of India

**ଡକ୍ଟର ଆମ୍ବେଦକରଙ୍କ ସମାବେଶୀ ଭାରତର ସ୍ୱପ୍ନକୁ ମୋଦୀ ସରକାର କରୁଛନ୍ତି ସାକାର**

## ସୁଯୋଗ

- ଟ.୪୪୭୦୦+କୋଟିରୁ ଅଧିକ ଛାତ୍ରବୃତ୍ତି ଜରିଆରେ ପ୍ରାୟ ୮.୪କୋଟି ଏସସି/ଏସଟି ଛାତ୍ରଛାତ୍ରୀଙ୍କୁ ସହାୟତା
- ପିଏମ ମୁଦ୍ରା ଯୋଜନା ଅଧୀନରେ ଏସସି/ଏସଟି ହିତାଧିକାରୀଙ୍କୁ ଟ.୪.୬+ଲକ୍ଷ କୋଟି ଟଙ୍କାର ଋଣ

## ଶ୍ରଦ୍ଧାଞ୍ଜଳି

- ବାବାସାହେବଙ୍କ ଐତିହ୍ୟକୁ ସମ୍ମାନ ଦେବା ଲାଗି ପାଞ୍ଚଟି ପବିତ୍ର ସ୍ଥଳରେ ପଞ୍ଚତୀର୍ଥର ବିକାଶ : ଜନ୍ମଭୂମି (ମହୁ, ମଧ୍ୟପ୍ରଦେଶ), ଶିକ୍ଷାଭୂମି (ଲଣ୍ଡନ), ଦୀକ୍ଷା ଭୂମି (ନାଗପୁର), ମହାପରିନିର୍ବାଣ ଭୂମି (ଦିଲ୍ଲୀ), ଚୈତ୍ୟ ଭୂମି (ମୁମ୍ବାଇ)

## ସମ୍ମାନ

- ପିଏମ ଆବାସ ଯୋଜନା ଅଧୀନରେ, ଏସସି/ଏସଟି ହିତାକାରୀଙ୍କ ପାଇଁ ତିଆରି କରାଯାଇଛି ପ୍ରାୟ ୧.୫ କୋଟି ପକ୍କା ଘର
- ୩.୪ କୋଟି ଶୌଚାଳୟ ନିର୍ମାଣ ଦ୍ୱାରା ସ୍ୱଚ୍ଛତା ଓ ସମ୍ମାନ ସୁନିଶ୍ଚିତ
- ଉଜ୍ଜ୍ୱଳା ଯୋଜନା ଅଧୀନରେ ସ୍ୱଚ୍ଛ ରୋଷେଇ ଗ୍ୟାସ ଦ୍ୱାରା ୩ କୋଟିରୁ ଅଧିକ ପରିବାର ସଶକ୍ତ
- ଜଳ ଜୀବନ ମିଶନ ଅଧୀନରେ ୩ କୋଟିରୁ ଅଧିକ ଟ୍ୟାପ୍ ଜଳ ସଂଯୋଗ
- ଆୟୁଷ୍ମାନ ଭାରତ ଅଧୀନରେ ପ୍ରତିବର୍ଷ ଟ.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ଏସସି/ଏସଟିଙ୍କ ଉପରେ ଅତ୍ୟାଚାରକୁ ରୋକିବା ଲାଗି ୧୪୫୬୬ ହେଲ୍ପଲାଇନ



cbc 38101/13/0002/2526

**ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମରେ ଆପଣମାନଙ୍କୁ ସାଦର ଆମନ୍ତ୍ରଣ**

ତାରିଖ : ୧୪ ଏପ୍ରିଲ ୨୦୨୫ | ସମୟ : ସକାଳ ୯:୩୦ରୁ ଅପରାହ୍ଣ ୧୨:୩୦ ପର୍ଯ୍ୟନ୍ତ

ସ୍ଥାନ : ପ୍ରେରଣା ସ୍ଥଳ, ସଂସଦ ଭବନ ପରିସର

ପ୍ରବେଶ ଦ୍ୱାର : ପିଏଲବି ଗେଟ୍, ପଣ୍ଡିତ ପନ୍ତ ମାର୍ଗ


### ବେଆଇନ ବାଣ କାରଖାନାରେ ବିସ୍ଫୋରଣ

# ୮ ଶ୍ରମିକ ମୃତ



ହାଇଦ୍ରାବାଦ, ୧୩।୪: ରବିବାର ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀ ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ଏକ ବେଆଇନ ବାଣ କାରଖାନାରେ ବଡ଼ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୮ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨ଜଣ ମହିଳା ରହିଛନ୍ତି। ଅନ୍ୟ ୭ଜଣ ଆହତଙ୍କୁ ଚିକିତ୍ସାପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି। ସୂଚନା ଅନୁଯାୟୀ ରବିବାର ଅନକାପଲ୍ଲୀ ଜିଲ୍ଲାର କୋଟାବୁରାଟଲାରେ ବେଆଇନ ଭାବେ ଏକ ବାଣ କାରଖାନା ଚାଲିଥିଲା। ରବିବାର ୩୦ରୁ ଅଧିକ ଶ୍ରମିକ କାମ କରୁଥିଲେ। ତେବେ କାମ କରୁଥିବାବେଳେ ଅଚାନକ ବାରୁଦ ଗଦାରେ ନିଆଁ ଲାଗି ଯାଇଥିଲା। ଏହାପରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ପୁରା କାରଖାନାରେ ନିଆଁ ଲାଗି ଯାଇଥିଲା। ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ଏହି ବେଆଇନ ବାଣ କାରଖାନାରେ ବିସ୍ଫୋରଣବେଳେ ୩୦ରୁ ଅଧିକ ଶ୍ରମିକ ରହିଥିଲେ। ପୋଲିସ ଓ ଅଗ୍ନିଶମବାହିନୀ ୨୦ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆନ୍ଧ୍ରପ୍ରଦେଶ ଗୃହମନ୍ତ୍ରୀ ଘଟଣା ଉପରେ କଡ଼ା ନଜର ରଖିଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିପୂର୍ବରୁ ମଧ୍ୟପ୍ରଦେଶ ଓ ଗୁଜରାଟରେ ମଧ୍ୟ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା।

### ସମ୍ବଲପୁରରେ ଏନ୍‌କାଉଣ୍ଟର

# ଦୁର୍ଦ୍ଦାନ୍ତ ଅପରାଧୀ ସୀତାରାମ ଗୁରୁତର

ସମ୍ବଲପୁର, ୧୩।୪(ଭାସ୍କର ନ୍ୟୁଜ): ସମ୍ବଲପୁରରେ ଦୁର୍ଦ୍ଦାନ୍ତ ଅପରାଧୀ ସୀତାରାମ ଷଡ଼ଙ୍ଗୀକୁ ଏନ୍‌କାଉଣ୍ଟର। କୁଚିଣ୍ଡା ରଙ୍ଗିଆଟିକ୍ରାରେ ପୋଲିସ ଏହି ଦୁର୍ଦ୍ଦାନ୍ତ ଅପରାଧୀକୁ ଏନକାଉଣ୍ଟର କରିଛି। ସୀତାରାମ ନାମରେ ହତ୍ୟା, ଡକାୟତି, ଲୁଟ୍ ଭଳି ୨୫ରୁ ଅଧିକ ମାମଲା ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ରହିଛି। ଗୋବିନ୍ଦପୁର ଥାନାର ଏକ ମାମଲାରେ ପୋଲିସ ରବିବାର ସୀତାରାମକୁ ଗିରଫ କରିବାକୁ ଯାଉଥିବାବେଳେ ସୀତାରାମ ପୋଲିସ ଉପରକୁ ଗୁଳି ଚଳାଇଥିଲା। ଏହାର ପାଲଟା ଜବାବ ଦେଇଥିଲା ପୋଲିସ। ପୋଲିସ ଗୁଳି ସୀତାରାମର ବାମଗୋଡ଼ର ଆଣ୍ଠୁତଳେ ବାଜିଛି। ଏନକାଉଣ୍ଟର ପରେ ସୀତାରାମକୁ ପ୍ରାଥମିକ ଚିକିତ୍ସା ପାଇଁ ପ୍ରଥମେ କୁଚିଣ୍ଡା ମେଡ଼ିକାଲ ଓ ପରେ ବୁର୍ଲାକୁ ସ୍ଥାନାନ୍ତର କରାଯାଇଛି। ସୀତାରାମ ନିକଟରୁ ଦେଶୀ ପିସ୍ତଲ, ଗୋଟିଏ ଗୁଳି, ଦୁଇଟି କାର୍ଟ୍ରିଜ୍, ୧ ଲକ୍ଷ ଟଙ୍କା ଓ ନମ୍ବରବିହୀନ ବାଇକ୍ ଜବତ କରାଯାଇଛି। ତେବେ ପ୍ରଶ୍ନ ଉଠୁଛି, ଗତ ତିନିମାସରେ ପୋଲିସ ୧୫ଟି ଏନକାଉଣ୍ଟର କରି ସାରିଲାଣି। କିନ୍ତୁ କାହିଁକି ଏପରି ଏନକାଉଣ୍ଟର ହେଉଛି ସେ ନେଇ କିଛି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନଥିଲେ ମଧ୍ୟ ରାଜ୍ୟକୁ ଅପରାଧୀ ଓ ଅପରାଧମୁକ୍ତ କରିବା ପାଇଁ ପୋଲିସ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବା କୁହାଯାଉଛି। କ୍ରମାଗତ ଏନକାଉଣ୍ଟର ପରେ ଏଭଳି କିଛି ଚର୍ଚ୍ଚା ଜୋର ଧରିଛି। ଅପରାଧୀଙ୍କ ବିରୋଧରେ ଜବରଦସ୍ତ ଆକ୍ସନମୋଡ୍‌କୁ ଆସିଛି ପୋଲିସ । ସେ ଲୁଟେରା ହେଉ କି ନିଶା ବେପାରୀ ଅଥବା ଦୁଷ୍କର୍ମୀ କି ଅନ୍ୟ ଅପରାଧୀ। ଏମାନଙ୍କୁ ସାବାଡ଼ କରିବା ପାଇଁ ପୋଲିସ ସିଧା ଏନକାଉଣ୍ଟର କରୁଛି। ପ୍ରଥମେ ଭୁବନେଶ୍ୱର, ପରେ ଝାରସୁଗୁଡ଼ା ଏବଂ ତା ପରେ ସମ୍ବଲପୁରରେ ଏନକାଉଣ୍ଟର ହୋଇଛି।



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।

-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର

-ଭକ୍ତକବି ମଧୁସୂଦନ ରାଓ



### ଘୁଞ୍ଚି ଚାଲିଛି ଟ୍ରିବ୍ୟୁନାଲ୍ ପଦ୍ମ

## ଓଡ଼ିଶାରେ ଜଳସଙ୍କଟ ଆଶଙ୍କା

ଓଡ଼ିଶାର ଜୀବନରେଖା କୁହାଯାଉଥିବା ଦୀର୍ଘତମ ନଦୀ ମହାନଦୀର ଉତ୍ପତ୍ତିସ୍ଥଳ ଛତିଶଗଡ଼ର ରାୟପୁର ଅଞ୍ଚଳରେ ହୋଇଥିଲେ ମଧ୍ୟ ଏହା ଆମ ରାଜ୍ୟର ବିସ୍ତୃତ ଅଞ୍ଚଳରେ ପ୍ରବାହିତ ହୋଇ ପାରାଦୀପ ନିକଟରେ ବଙ୍ଗୋପସାଗରରେ ବିଲୀନ ହୋଇଛି । ଓଡ଼ିଶାର କୃଷି, ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ ଆଦି କ୍ଷେତ୍ରରେ ମହାନଦୀ ଏବଂ ଏଥିରୁ ବାହାରିଥିବା ବହୁ ଶାଖା ନଦୀର ବିପୁଳ ଅବଦାନ ରହିଛି। ଓଡ଼ିଶା ଭିତରେ ପ୍ରବେଶ କରିବା ପରେ ହୀରାକୁଦ ଠାରେ ମହାନଦୀର ଜଳକୁ ଅଟକାଯାଇ ନିର୍ମାଣ କରାଯାଇଥିବା ବୃହତ୍ ଜଳଭଣ୍ଡାର ଯୋଗୁଁ ରାଜ୍ୟର ଅର୍ଥନୀତି ସୁଦୃଢ଼ ହେବା ସହିତ ଜଳସେଚନ, ବନ୍ୟା ନିୟନ୍ତ୍ରଣ ଓ ବିଦ୍ୟୁତ୍ ଉତ୍ପାଦନ ଦିଗରେ ଏହା ବିଶେଷ ସହାୟକ ହୋଇଛି। ମାତ୍ର କ୍ଷୋଭର ବିଷୟ ଛତିଶଗଡ଼ ସରକାର ଗତ କିଛିବର୍ଷ ହେଲା ତାଙ୍କ ରାଜ୍ୟରେ ମହାନଦୀର ଉପରମୁଣ୍ଡରେ ଏକାଧିକ ବନ୍ଧ ଓ ଜଳଭଣ୍ଡାର ନିର୍ମାଣ କରି ନଦୀର ଜଳକୁ ଅଟକାଇବାରୁ ଓଡ଼ିଶାରେ ଗୁରୁତର ଜଳସଙ୍କଟ ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଓଡ଼ିଶାର ବିରୋଧ ଓ ପ୍ରତିବାଦକୁ ତିଳେମାତ୍ର ଭ୍ରୂକ୍ଷେପ ନକରି ସେଠାକାର ସରକାର ଏକତରଫା ଭାବରେ ସେହିସବୁ ଜଳ ପ୍ରକଳ୍ପ ନିର୍ମାଣ କରୁଥିବାରୁ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଉଗ୍ରରୂପ ଧାରଣ କରିଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର କିଛିବର୍ଷ ପୂର୍ବେ ଏକ ଟ୍ରିବ୍ୟୁନାଲ୍ ଗଠନ କରିଛନ୍ତି ଏବଂ ମାମଲା ଏବେ ବି ସେଠାରେ ବିଚାରାଧୀନ ରହିଛି। ଛତିଶଗଡ଼ ସରକାରଙ୍କ ଏହି ଅବିବେକୀ ପଦକ୍ଷେପ ଯୋଗୁଁ ବର୍ଷାଋତୁକୁ ବାଦ୍ ଦେଲେ ଅଧିକାଂଶ ସମୟରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକର ଶଯ୍ୟା ଶୁଷ୍କ ହୋଇପଡୁଛି। ଏପରିକି ହୀରାକୁଦ ଜଳଭଣ୍ଡାର ଭିତରକୁ ଜଳପ୍ରବାହ ହ୍ରାସ ପାଇବାରୁ ଏଥିରେ ଜଳସ୍ତର ହ୍ରାସ ପାଇ ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ବ୍ୟାହତ ହେବାକୁ ବସିଲାଣି। କିଛିଦିନ ପୂର୍ବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆମ ରାଜ୍ୟକୁ ଗସ୍ତରେ ଆସିଥିବା ବେଳେ ମହାନଦୀ ଜଳ ବିବାଦକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଦୁଇ ରାଜ୍ୟ ଭିତରେ ଥିବା ଜଳ ବିବାଦର ଆପୋଷ ସମାଧାନ ଶୀଘ୍ର ହେବା ନେଇ ଦୁଇ ମୁଖ୍ୟମନ୍ତ୍ରୀ ଏକମତ ହୋଇଥିଲେ। ନିଜେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ସୂଚନା ଦେବା ସଙ୍ଗେ ସଙ୍ଗେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିବାଦ ତୁଟାଇବାକୁ ରାଜି ଥିବାର ପ୍ରକାଶ କରିଥିଲେ। ବର୍ତ୍ତମାନ କେନ୍ଦ୍ର ଓ ଦୁଇ ରାଜ୍ୟରେ ଭାରତୀୟ ଜନତା ପାର୍ଟିର ସରକାର କ୍ଷମତାସୀନ ଥିବାରୁ ଟ୍ରିପଲ୍ ଇଞ୍ଜିନ୍ ସରକାର ଲୋକଙ୍କୁ ଉଚିତ୍ ସେବା ଯୋଗାଇ ଦେବ ବୋଲି ସେ କହିଥିଲେ। ଆମ ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟ ବିବାଦର ସମାଧାନ ପାଇଁ କିଛିଟା ଆଶା ସଞ୍ଚାର କରୁଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏହା କେତେଦୂର ସମ୍ଭବପର ହୋଇପାରିବ, ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ନଦୀଜଳ ବିବାଦ କେବଳ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ସୀମିତ ନୁହେଁ, ଦେଶର ବହୁ ରାଜ୍ୟରେ ବିଭିନ୍ନ ନଦୀର ଜଳ ବଣ୍ଟନକୁ ନେଇ ଟଣାଓଟରା ଲାଗି ରହିଛି। କେନ୍ଦ୍ର ସରକାର ଏ କ୍ଷେତ୍ରରେ ଯେତିକି ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରିବା କଥା, ତାହା କରୁନଥିବାରୁ ସ୍ଥିତି ଜଟିଳ ହେଉଛି। ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ୍‌ରେ ମାମଲା ବର୍ଷ ବର୍ଷ ଧରି ପଡି ରହିଥିଲେ ହେଁ ବିଚାର ପ୍ରକ୍ରିୟାରେ ବିଳମ୍ବ ଘଟି ଚାଲିଛି ଏବଂ ଟ୍ରିବ୍ୟୁନାଲ୍ ଅବଧିକୁ କେବଳ ବଢ଼ାଇ ଦିଆଯାଉଛି। ସେହି ଦୃଷ୍ଟିରୁ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଯଦି ପ୍ରକୃତରେ ନିଷ୍ଠା ଓ ଆନ୍ତରିକତାର ସହ ଆପୋଷ ସମାଧାନର ବାଟ ବାହାର କରନ୍ତି, ତାହା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ ପଦକ୍ଷେପ ହେବ। ପଦ୍ମ ଘୁଞ୍ଚିଘୁଞ୍ଚି ଯିବା ପରି ମହାନଦୀ ଟ୍ରିବ୍ୟୁନାଲ୍‌ରେ ମାମଲା ଯେପରି ଧୀରମନ୍ଥର ଗତିରେ ଚାଲିଛି, ତାହା ଆଗାମୀ ଦିନରେ ଓଡ଼ିଶାରେ ଭୟଙ୍କର ଜଳସଙ୍କଟ ସୃଷ୍ଟି କରିବା କିଛି ଅସମ୍ଭବ ନୁହେଁ।

# ଓଡିଆ ନୂଆବର୍ଷର ସଂକଳ୍ପ



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡିଶା**

ଆଜି ପବିତ୍ର ଓଡିଆ ନୂଆବର୍ଷ । ମହାବିଷୁବ ସଂକ୍ରାନ୍ତି । ମହାବୀର ହନୁମାନ ଜୟନ୍ତୀ । ଆଜି ଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରୁ ଓଡିଆ ପାଞ୍ଜିର ହେବ ଶୁଭାରମ୍ଭ। ଆଜି ଭାରତର ସମ୍ବିଧାନ ପ୍ରଣେତା, ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ, ଅବହେଳିତ, ଦଳିତଙ୍କ ସ୍ୱାର୍ଥ ଓ ସମ୍ମାନ ତଥା ସାମାଜିକ ସମରସତାର ମୂର୍ତ୍ତୀମନ୍ତ ପ୍ରତୀକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କର ଜନ୍ମଜୟନ୍ତୀ। ଆଜିର ଏହି ପବିତ୍ର ଶୁଭ ଦିନରେ ଆମ ରାଜ୍ୟର, ରାଜ୍ୟ ବାହାରେ ଏବଂ ସାରା ବିଶ୍ୱରେ ବସବାସ କରୁଥିବା ଓଡିଆ ମାନଙ୍କୁ ଅଭିନନ୍ଦନ ଜଣାଉଛି। ଆଗାମୀ ବର୍ଷ ଓ ଆଗକୁ ଆହୁରି ଅନେକ ଅନେକ ବର୍ଷ ଆପଣଙ୍କ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦର ହାତ ରହୁ ଏହା ହିଁ କାମନା କରୁଛି ।

ଗତ କିଛିଦିନ ତଳେ ଚଳିତ ଅପ୍ରେଲ ମାସ ୧ ତାରିଖରେ ଆମେ ଓଡିଶା ଦିବସ ପାଳନ କରିଛନ୍ତି । ଅପ୍ରେଲ ୧ ଓଡିଶା ଦିବସରୁ ଅପ୍ରେଲ ୧୪ ଓଡିଆ ନୂଆବର୍ଷ ପର୍ଯ୍ୟନ୍ତ ଆମେ ଓଡିଆ ଭାବରେ ଆମ ସ୍ୱାଭିମାନ, ପରିଚୟ ଓ ଅସ୍ମିତାରେ ଯୋଡି ହେବାପାଇଁ ଓ ଏଥିରୁ ପ୍ରେରଣା ନେବାପାଇଁ ପ୍ରତିଦିନ ଓଡିଆ ସ୍ୱତନ୍ତ୍ର ପରିଚୟର ଉତ୍ସବ ପାଳନ କରିଛେ । ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିକୁ ନେଇ ଗତ ୧୪ ଦିନ ଧରି ଆମ ପରିଚୟକୁ ଖୋଜିବା ସହ ନୂଆ ପୀଢି ପାଖକୁ ବାର୍ତ୍ତା ପହଁଞ୍ଚାଇବା ପାଇଁ ଚେଷ୍ଟା କରିଛେ । ଏହି ସମୟରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହୟସୀ ମାନଙ୍କୁ, ଯେଉଁମାନଙ୍କ ତ୍ୟାଗ, ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡିଶାର ଏକତ୍ରୀକରଣ, ସେମାନଙ୍କୁ ଯଥୋଚିତ ସମ୍ମାନ ଦେଉଛୁ ।

ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ୯୧ ତମ ପ୍ରତିଷ୍ଠା ଦିବସରୁ ଆଜି ୧୪ ଅପ୍ରେଲ ମହାବିଷୁବ ପଣାସଂକ୍ରାନ୍ତି ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡିଶାର ନୂଆ ଅବସର ପାଇଁ ସୁଯୋଗ ସୃଷ୍ଟି କରୁ, ଆଜି ଦିନରେ ଏହା ହିଁ କାମନା ।

ଆସନ୍ତୁ ମନ, ପ୍ରାଣ, ହୃଦୟରୁ ଓଡିଆ ହେବା । ଓଡିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମର ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡିଆ ଗଠନ କରିବାକୁ ସଂକଳ୍ପ ନେବା । ଓଡିଆ ଆଜି ଯାହା ଚିନ୍ତା କରେ, ସାରା ଦେଶ ଆଗାମୀ ଦିନରେ ସେହି ରାସ୍ତାରେ ଯାଏ । ସ୍ୱାଧୀନତା ପୂର୍ବରୁ ଆମ ଜାତି ଭାଷା ଆଧାରିତ ରାଜ୍ୟ ଗଠନ ପାଇଁ ଦୀର୍ଘ ଦଶନ୍ଧି ଧରି ଲଢେଇ କରିଥିଲା । ସ୍ୱାଧୀନତା ପରେ ଆମ ଦେଶରେ ରାଜ୍ୟ ଗଠନର ଆଧାର ହେଲା ଭାଷା। ଉତ୍କଳଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଦାସ, କର୍ମବୀର ଗୌରୀଶଙ୍କର, ସ୍ୱଭାବକବି ଗଙ୍ଗାଧର, ବ୍ୟାସକବି ଫକୀର ମୋହନ, ପାରଳାମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମୟୁରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏମିତି ଆହୁରି ଅନେକ ନେତୃତ୍ୱଙ୍କର ଦୂରଦୃଷ୍ଟିର ଓଡିଆ ଜାତି ହିଁ ଦାୟାଦ ।

ଥରେ ଭାବନ୍ତୁ- ଆମେ କଳିଙ୍ଗ ଯୁଦ୍ଧ ହାରିନଥିଲୁ। ବୀର ଓଡିଆଙ୍କ ଶକ୍ତି , ସାମର୍ଥ୍ୟ ଓ ସାହାସ ଆଗରେ ସମ୍ରାଟ ଅଶୋକଙ୍କ ମଥାନତ ହୋଇଥିଲା । ସଂସ୍କୃତ ପରେ ମହାଭାରତ ଓଡିଆ ଭାଷାରେ ହିଁ ପ୍ରଥମେ ରଚିତ ହୋଇଥିଲା । କାଳିଦାସ ତାଙ୍କ କାବ୍ୟ ମେଘଦୂତରେ କଳିଙ୍ଗର ରାଜାଙ୍କୁ ମହୋଦଧିପତି ଭାବରେ ଅବିହିତ କରିଥିଲେ । ବଳରାମ ଦାସଙ୍କ ଲକ୍ଷ୍ମୀପୁରାଣ ସାରା ବିଶ୍ୱରେ ମହିଳା ସଶକ୍ତିକରଣର ନୂତନ ବାର୍ତ୍ତା ଦେଇଥିଲା । ମା ଲକ୍ଷ୍ମୀ ତଥାକଥିତ ସମାଜର ପଛୁଆବର୍ଗର ମହିଳା ଶ୍ରୀୟାଘରକୁ ଯାଇ ସ୍ୱଚ୍ଛତାର ବାର୍ତ୍ତା ଉପରେ ମୋହର ଲଗାଇଥିଲେ । କୋଣାର୍କର ସୂର୍ଯ୍ୟମନ୍ଦିର କେବଳ ଭାସ୍କର୍ଯ୍ୟର ପେଣ୍ଠସ୍ଥଳୀ ନୁହେଁ ବରଂ ବାଳସୂର୍ଯ୍ୟ , ଉଦିତ ସୂର୍ଯ୍ୟ ଓ ଅସ୍ତଗାମୀ ସୂର୍ଯ୍ୟଙ୍କ ନିର୍ଦ୍ଦିଷ୍ଟ ସ୍ଥିତି ଓ ଅବସ୍ଥିତି ଓ ଗଣନା ଆଧାରରେ ଆଷ୍ଟ୍ରୋ ଫିଜିକ୍ସର ଓଡିଆଙ୍କ ପାରଙ୍ଗମତାର ନିଦର୍ଶନ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୮୦୦ ବର୍ଷ ପୁରୁଣା ମନ୍ଦିରର ଦୃଢତା ଓ ସ୍ଥାୟୀତ୍ୱ ଓଡିଆ ଜାତିର , ଷ୍ଟ୍ରକଚରାଲ ଇଂଜିନିୟରିଂ ଓ କେମିକାଲ ଇଂଜିନିୟରିଂ କ୍ଷେତ୍ରରେ ନୈପୁଣ୍ୟତାର ପ୍ରମାଣ । ଏହାକୁ ମାନିବାକୁ ହେବ । ଭୀମଭୋଇଙ୍କ ପ୍ରାଣୀଙ୍କ ଆରଣେ ଦୁଃଖ ଅପ୍ରମିତ କାଳଜୟୀ କବିତା ମହିମା ବିଚାର ଯେ, ବିଶ୍ୱର ସବୁଠୁ ବଡ ଦର୍ଶନ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାକୁ ହକଦାର୍ , ଏଥିରେ କେହି ଦ୍ୱିମତ ହେବେ ନାହିଁ । ସମ୍ବଲପୁର, କୋଟପାଡ, ପଶାପାଲି, ମାଣିଆବନ୍ଧ ସମେତ ପ୍ରାୟ ସବୁ ଜିଲ୍ଲାର ବସ୍ତ୍ର ଓ ହସ୍ତକଳାର ପ୍ରାଚୁର୍ଯ୍ୟ ତଥା ଆମର କଳା ଭାସ୍କର୍ଯ୍ୟ, ନୃତ୍ୟ, ସଙ୍ଗୀତ ବିଶ୍ୱକୁ ପ୍ରଭାବିତ କରିବା ପାଇଁ ବଡ ସମ୍ଭାବନା ରଖିଛି । ଏହାକୁ କେହି ବି ସ୍ୱୀକାର କରିବ ।

ଦିଲ୍ଲୀରେ ମୋଦିଜୀଙ୍କର ହେଉ ବା ଓଡିଶାରେ ତାଙ୍କ ମାର୍ଗ ଦର୍ଶନରେ ଚାଲିଥିବା ସରକାର ସବୁବେଳେ ଲୋକଙ୍କ ସରକାର । ଯଦି ପ୍ରତି ଓଡିଆ ପାଦେପାଦେ ଆଗକୁ ଚାଲିବେ ତାହାହେଲେ ଓଡିଶା ସାଢେ ୪କୋଟି ପାଦ ଆଗକୁ ଯିବ । କହିବାର ଉଦ୍ଦେଶ୍ୟ ଆମେ ଓଡିଶାବାସୀ ଓଡିଶାର ଭାଗ୍ୟ ନିର୍ଦ୍ଧାରକ । ଯଦି ଏ ଜାତି ଆଗକୁ ବଢିବା ପାଇଁ ଦୃଢ ନିଶ୍ଚିତ ହୁଏ ଏହାର ପ୍ରଗତୀକୁ କେହି ରୋକି ପାରିବେ ନାହିଁ । ଜଣେ ରାଜନୈତିକ କାର୍ଯ୍ୟକର୍ତ୍ତା ହିସାବରେ ଓ ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ମୁଁ ଯେତେବେଳେ ଯେତେବେଳେ ନୂଆ ଓଡିଶାର ନୂଆ ପୀଢି ସହ ମିଶିଛି ସେମାନଙ୍କ ଆଖିରେ ନିଜେ ବଡ ହେବାର ଓ ଆମ ମାତୃଭୂମିକୁ ପ୍ରଗତୀର ଶୀର୍ଷରେ ପହଁଞ୍ଚାଇବାର ଶପଥର ଝଲକକୁ ମର୍ମେ ମର୍ମେ ଅନୁଭବ କରିଛି ।

ଓଡିଶା ମାଟିତଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଅମାପ ଖଣିଜ ସମ୍ପଦ ଦେଇଛନ୍ତି । ଉଚ୍ଚମାନର ଲୁହାପଥର, ବକ୍ସାଇଟ, କ୍ରୋମାଇଟ୍, ମାଙ୍ଗାନିଜ, କୋଇଲା, ଚୂନପଥର, ଲାଇମଷ୍ଟୋନ୍ , ଡୋଲମାଇଟ୍, ଗ୍ରାଫାଇଟ୍ ର ଅମାପ ଭଣ୍ଡାର ଦେଇଛନ୍ତି ।

ଆମର ନଦନଦୀ, ଜଳଶକ୍ତିରେ ଓଡିଶାକୁ ବେଶ ସମୃଦ୍ଧ କରିଛି । ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ଆମର ଅନନ୍ୟ ସମ୍ପଦ । ନୀଳ ଅର୍ଥନୀତିର ବଡ ସମ୍ଭାବନାର ସୁଯୋଗ ଆମକୁ ଦେଇଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ । ଓଡିଶା ପାଖରେ ଅଛି ଅମାପ ଜଙ୍ଗଲ ସମ୍ପଦ । ଜଙ୍ଗଲ ସହିତ ଜଡିତ ଆଦିବାସୀ ଓ ବନଜାତ ଦ୍ରବ୍ୟ ଓ ଜଙ୍ଗଲ ସହିତ ଜଡିତ ଆର୍ଥିକ ବିକାଶର ଅନେକ ଦିଗ ବିକାଶର ବାଟରେ ଆମ ରାଜ୍ୟକୁ ଆଗେଇ ନେବାପାଇଁ ଅନେକ ସୁଯୋଗ ସୃଷ୍ଟି କରିଛି ।

ଓଡିଶା ଆଜି ଦିନରେ ଭୌତିକ ଦୃଷ୍ଟିରୁ ଦେଶର ଅନ୍ୟରାଜ୍ୟ ମାନଙ୍କ ତୁଳନାରେ ହୁଏତ ପଛରେ ଥାଇପାରେ । ମାତ୍ର ଆମ ଯୁବପୀଢିର ବୌଦ୍ଧିକ ଶକ୍ତି ଦେଶର କୌଣସି ବି ରାଜ୍ୟ ଠାରୁ ପଛରେ ନୁହେଁ ଏକଥା ମୁଁ ଦୃଢତାର ସହିତ କହିପାରିବି । ଭାରତର ବଡ ବୁଦ୍ଧି ଆଧାରିତ ସୂଚନା ଓ ପ୍ରଯୁକ୍ତି ବା ଆଇଟି ଶିଳ୍ପରେ ଓଡିଆ ନୂଆ ପୀଢିର ଯୋଗଦାନକୁ ଯେ କେହି ବି ସ୍ୱୀକାର କରିବ। ଓଡିଆ ଜାତି ପରିଶ୍ରମୀ । ଏକଥା ସତ ଆମ ମାଟିରେ ଆମ ଲୋକମାନଙ୍କୁ ରୋଜଗାରର ସୁଯୋଗ ଯୋଗାଇ ଦିଆଯାଇ ପାରିନାହିଁ । ମାତ୍ର ଦଶନ୍ଧି ଦଶନ୍ଧି ଧରି ଆମ ଲୋକମାନଙ୍କର ଝାଳରେ ଦେଶର ପଶ୍ଚିମ ଓ ଦକ୍ଷିଣ ପ୍ରଦେଶ ମାନେ ଯେ, ଆର୍ଥିକ ପ୍ରଗତୀର ଶୀର୍ଷକୁ ଯିବାପାଇଁ ସଫଳ ହୋଇଛନ୍ତି ଏଥିରେ କେହି ଦ୍ୱିମତ ହେବେ ନାହିଁ ।

ଏସବୁ ପ୍ରସଙ୍ଗ ଉଠାଇବା ପଛରେ ମୋ ମନରେ ଏକ ଆବେଗ ଅଛି । ଆମେ ଆମର ଅପାର ସମ୍ଭାବନାକୁ ସଠିକ୍ ଉପଯୋଗ ନକରିବା କାରଣରୁ ଆମେ ସାରା ଦେଶରେ ଅନ୍ୟ ରାଜ୍ୟ ଗୁଡିକ ତୁଳନାରେ ପ୍ରଗତୀର ମାପଦଣ୍ଡରେ ପଛରେ ପଡିଛେ । କାହାକୁ ଦୋଷ ଦେଇ ନିଜ ଦାୟିତ୍ୱରୁ ହଟିଯିବା ମୋ ଭଳି ଗରୀବ ପୃଷ୍ଠଭୂମିରୁ ସଂଘର୍ଷର ରାସ୍ତା ଆପଣାଇ ଏହି ସ୍ଥାନରେ ପହଁଞ୍ଚିଥିବା ମେହନତୀ ମଣିଷ ପକ୍ଷରେ ସମ୍ଭବ ନୁହେଁ।

ଭଗବାନ ଆମକୁ ଖଣି ଦେଇଛନ୍ତି । ଗତ କିଛି ବର୍ଷରେ ମୋଦି ସରକାରଙ୍କର ଖଣି ଓ ଖଣି ଆଧାରିତ ନୀତିରେ ପରିବର୍ତ୍ତନ ଓ ଖଣିଥିବା ରାଜ୍ୟକୁ ଏହାର ସବୁ ଫାଇଦା ଦେବା କାରଣରୁ ଓଡିଶାର ବଜେଟ ଆକାରକୁ ବହୁତ ବଢାଇଛି । ସରକାରଙ୍କର ବଜେଟ୍ ସାଇଜ ବଡ ହୋଇଛି ସତ କିନ୍ତୁ ଓଡିଆ ଲୋକଙ୍କର ରୋଜଗାର ଯେତିକି ବଢିବା କଥା ତାହା ବଢି ପାରିନାହିଁ ।

ଖଣି ଆଧାରିତ ରାଜ୍ୟ ରାଜସ୍ୱ ତ ମିଳିବ କିନ୍ତୁ ଆମକୁ ଖଣି ବାହାରେ ପୁରୁଷାର୍ଥ କରିବାକୁ ପଡିବ । କୃଷି, କୃଷି ଆଧାରିତ ଆନୁଷଙ୍ଗିକ କ୍ଷେତ୍ର ଓ କୃଷି ଉତ୍ପାଦର ପ୍ରକ୍ରିୟାକରଣର ସମ୍ଭାବନାକୁ ମୋ ସରକାର ପ୍ରାଥମିକତା ଦେଇଛି । ଓଡିଆ ଲୋକଙ୍କୁ ଚାକିରିଆ ନୁହେଁ ରୋଜଗାର ସୃଷ୍ଟି କରିବା ପାଇଁ ଉଦ୍ୟମୀ ହେବାପାଇଁ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ଆମେ ଉଦ୍ୟମରତ। ଶିଳ୍ପ, କ୍ଷୁଦ୍ର, ଲଘୁ ଉଦ୍ୟୋଗ ଏବଂ ଓଡିଶାର ପାରମ୍ପରିକ ଶିଳ୍ପ ଯଥା ବୟନଶିଳ୍ପ, ହସ୍ତକଳା ଆଦିକୁ ବିଶ୍ୱ ଦରବାରରେ ପହଁଞ୍ଚାଇବାର ବଡ ଯୋଜନାକୁ କ୍ରିୟାନ୍ୱିତ କରିବା ପ୍ରକ୍ରିୟାରେ ଆମେ ଲାଗି ପଡିଛୁ ।

ଦେଶ ଏବେ ଅମୃତକାଳରେ । ୨୦୪୭ରେ ଆମ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପାଳନ କରିବ। ମାତ୍ର ଏହାର ପୂର୍ବରୁ ୨୦୩୬ ମସିହାରେ ଓଡିଶା ଭାଷାଭିତ୍ତିକ ରାଜ୍ୟଭାବେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ଆମର ସଂକଳ୍ପ ଦେଶ ଯେତେବେଳେ ୧୦୦ ବର୍ଷ ପୂରଣ କରିବ ଦେଶକୁ ବିଶ୍ୱର ଏକ ନମ୍ବର ଅର୍ଥନୀତି କରିବାରେ ଓଡିଶା ଏକ ନିର୍ଣ୍ଣାୟକ ଭୂମିକା ନେବ । ସେଥିପାଇଁ ୨୦୩୬ ସୁଦ୍ଧା ଓଡିଶାକୁ ଖାଲି ଭାରତର ନୁହେଁ ବିଶ୍ୱର ଆର୍ଥିକ ଦୃଷ୍ଟିରୁ ଆଗୁଆ ଭୂଖଣ୍ଡ ଭାବେ ଗଢି ତୋଳିବା ପାଇଁ ଆମକୁ ଯୋଜନାରେ ସଫଳ ହେବାକୁ ପଡିବ । ହାତରେ ମାତ୍ର ୧୧ ବର୍ଷ, ମାନେ ୧୧ ଢ ୩୬୫ ମୋଟ ୪୦୧୫ ଦିନ । ଯୋଜନାବଦ୍ଧ କଠିନ ପରିଶ୍ରମ ହିଁ ଆମର ନିଷ୍ଠା

ଆମ ଆତ୍ମବିଶ୍ୱାସ ଆମର ଶକ୍ତି । ଆମ ରାଜାଙ୍କ ବିଜୟ ପାଇଁ କଳା ଧଳା ଘୋଡାରେ ଚଢି ଆମ ବଡ ଠାକୁର ଯୁଦ୍ଧ କ୍ଷେତ୍ରକୁ ଓହ୍ଲାଇବା ଓଡିଆଙ୍କ ଲୋକବିଶ୍ୱାସ। ଓଡିଆ ସାଧବପୁଅ ସାତ ଦରିଆ ତେର ନଇ ଡେଇଁ ସମୁଦ୍ର ପଥରେ ବେପାର ବଣିଜ କରି ଆମ ରାଜ୍ୟକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲା । ଓଡିଆଙ୍କ ଆତ୍ମବିଶ୍ୱାସକୁ ଆହୁରି ଦୃଢ କରି ଓଡିଶାକୁ ପ୍ରଗତୀର ଶୀର୍ଷରେ ପହଁଞ୍ଚାଇବା ପାଇଁ ଆଜି ଓଡିଆ ନୂଆବର୍ଷରେ ଆସନ୍ତୁ ଦୃଢ ସଂକଳ୍ପ ନେବା।

## ଆମ୍ବେଦକରଙ୍କ ଦର୍ଶନ ଓ ଭାରତ-ବିକାଶର ନକ୍ସା


**ସୁପ୍ରିୟା ମଲ୍ଲିକ୍**
malliksupriya3@gmail.com
ଭୁବନେଶ୍ୱର


ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକର କେବଳ ଭାରତର ନୁହନ୍ତି, ବିଶ୍ୱର ଜଣେ ଅନନ୍ୟ ବିଜ୍ଞବ୍ୟକ୍ତି। ସେ ହେଉଛନ୍ତି ଜଣେ ସାମାଜିକ କ୍ରାନ୍ତିକାରୀ ଓ ଆଇନଜ୍ଞ, ଯାହାଙ୍କର ଦୂରଦୃଷ୍ଟି, ଜ୍ଞାନ, ନିଷ୍ଠା ଓ ପରିଶ୍ରମରେ ଭାରତ ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରୂପେ ପରିଚିତି ହେଲା। ଭାରତସାରା ଆମ୍ବେଦକରଙ୍କର ପ୍ରାୟ ଦଶଲକ୍ଷରୁ ଅଧିକ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି। ଜାତିର ପିତା ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତିର ସଂଖ୍ୟାତୁଳନାରେ ତାହା ଅଧିକ। ଲଣ୍ଡନର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଲାଇବ୍ରେରୀ ସମ୍ମୁଖରେ ବିଶ୍ୱର ଦୁଇ ବିଶିଷ୍ଟ ଚିନ୍ତାନାୟକଙ୍କର ଫଟୋ ରହିଛି, ଜଣେ କାର୍ଲମାର୍କ୍ସ ଓ ଅନ୍ୟଜଣକ ଡ଼କ୍ଟର ଆମ୍ବେଦକର।

ଆଜିଠାରୁ ଗୋଟିଏ ଶତାବ୍ଦୀତଳେ, ଆମ୍ବେଦକର ଯେଉଁ ମାନବିକ ମର୍ଯ୍ୟାଦା ଓ ଅଧିକାରର ପ୍ରଶ୍ନକୁ ନେଇ ସାମାଜିକ ନ୍ୟାୟ ଆନ୍ଦୋଳନ ଚଳାଇଥିଲେ, ତାହାର ପ୍ରାସଙ୍ଗିକତା ଆଜିର ସମୟରେ ତୀବ୍ରତର ହୋଇଛି। ଭରତର ତତ୍କାଳୀନ ବୈଷମ୍ୟପୂର୍ଣ୍ଣ ଓ ବିଭାଜିତ ସମାଜ ପାଇଁ ସେ ଗଣତାନ୍ତ୍ରିକ ଆଦର୍ଶର ଆଧାରରେ ସମ୍ବିଧାନ ରଚନା କଲେ। ଗଣତନ୍ତ୍ର ହିଁ ଆଧୁନିକ ବିଶ୍ୱର ଏକ ଶକ୍ତିଶାଳୀ ମୂଲ୍ୟବୋଧ। ପ୍ରାଚୀନ ଭାରତର ବୌଦ୍ଧ ସଂଘର ଆଦର୍ଶ ଅନୁଯାୟୀ ସାମ୍ୟ, ମୈତ୍ରୀ, ବ୍ୟକ୍ତି ସ୍ୱାଧୀନତା ଓ ନ୍ୟାୟର ଆଧାରରେ ଦେଶ ପାଇଁ ଆଇନ୍ କାନୁନ୍ ଗଢ଼ା ହେଲା। ଗଣତାନ୍ତ୍ରିକ ସମ୍ବିଧାନରେ ସମାଜବାଦୀ ବିକାଶ ପାଇଁ ମଧ୍ୟ ସ୍ଥାନ ରହିଲା।

ଆମ୍ବେଦକରଙ୍କ ମତରେ ପଶୁ ଓ ମଣିଷ ଭିତରେ ପାର୍ଥକ୍ୟ ହେଉଛି, ପଶୁ ପାର୍ଥିବ ସୁଖରେହିଁ ମଣିଷ ମର୍ଯ୍ୟାଦାର ସହିତ ବଞ୍ଚିଲେ ବା ସଂସ୍କୃତି ସମ୍ପନ୍ନ ଜୀବନଯାପନ କଲେ ସୁଖୀହୁଏ। ଯଦି ମଣିଷ ନିକଟରେ ଆବଶ୍ୟକୀୟ ଅବସର ରହିବ ତେବେ ସେ ସଂସ୍କୃତିକୁ ଉପଲବ୍ଧି କରିପାରିବ। ଉତ୍ପାଦନ ପ୍ରକ୍ରିୟା ମେସିନ୍ ଦ୍ୱାରା ସମ୍ପାଦିତ ହେଲେ, ଶାରୀରିକ ଶ୍ରମରୁ କିଛି ପରିମାଣରେ ମୁକ୍ତହୋଇ ମଣିଷ ଅବସର ପାଇପାରିବ।

ଆମ୍ବେଦକର ଓ ମାର୍କ୍ସଙ୍କ ବିଚାରରେ କେତେକ ସାମଞ୍ଜସ୍ୟ ରହିଥିଲା। ଉଭୟ କହୁଥିଲେ ବିଶ୍ୱସୃଷ୍ଟିର ରହସ୍ୟକୁ ଉନ୍ମୋଚନ କରିବା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ଦର୍ଶନର। ତାହାହେଉଛି ସମାଜର ପୁନଃନିର୍ମାଣ କରିବା। ଉଭୟେ ଏକମତ ଥିଲେ ଯେ, ସମାଜରେ ଶ୍ରେଣୀ ଶ୍ରେଣୀ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହିଥାଏ। ବ୍ୟକ୍ତିଗତ ସମ୍ପତ୍ତି ରହିଲେ, ଗୋଟିଏ ଶ୍ରେଣୀର କ୍ଷମତା ବଢ଼େ। କ୍ଷମତାରୁ ହିଁ ଶୋଷଣ ସୃଷ୍ଟିହୁଏ। ଏଣୁ ଅନ୍ୟଶ୍ରେଣୀ ପାଇଁ ଦୁଃଖ ଓ ନିର୍ଯାତନା ବଢ଼େ। ଏଣୁ ସମ୍ପତ୍ତି ଉପରେ ବ୍ୟକ୍ତିଗତ ମାଲିକାନାକୁ ନିଷେଧ କରି ଦୁଃଖ ଦୂର କରିବା ଦ୍ୱାରା ସାମାଜିକ ମଙ୍ଗଳ ସମ୍ଭବ ହୋଇପାରିବ। 'ବୁଦ୍ଧ ଏବଂ ମାର୍କ୍ସ' ପ୍ରବନ୍ଧରେ ଆମ୍ବେଦକର ଲେଖନ୍ତି, ବୌଦ୍ଧ ସଂଘରେ ବ୍ୟକ୍ତିଗତ ସମ୍ପତ୍ତିର ନିଷେଧ କରାଯାଇଛି। ବୌଦ୍ଧଭିକ୍ଷୁମାନେ ଚୀବର, ପାଣିପାତ୍ର, ଛୁଞ୍ଚି ଓ ଭିକ୍ଷାପାତ୍ର ଭଳି ଅତ୍ୟାବଶ୍ୟକ ଜିନିଷ ଛାଡ଼ିଦେଲେ ଅନ୍ୟ ସମ୍ପତ୍ତି ଅଧିକାର କରୁନଥିଲେ। କ୍ଷମତା ଓ ଶୋଷଣ ଉଭୟକୁ ନିୟନ୍ତ୍ରିତ କରିବା ପାଇଁ ଦେଶରେ ବ୍ୟବସ୍ଥା ରହିଲେ ଭଲ। ଏଣୁ ଦେଶରେ ବ୍ୟକ୍ତିଗତ ସମ୍ପତ୍ତି ପାଇଁ ସୀମାନିର୍ଦ୍ଧାରଣ କରିବାକୁ ସେ ମତ ଦେଉଥିଲେ। ମାର୍କ୍ସବାଦୀମାନେ ସମୂହ ସମ୍ପତ୍ତି ଓ ସମାଜବାଦକୁ ଶୋଷିତ ଶ୍ରେଣୀର ମୁକ୍ତିପଥରୂପେ ଦେଖନ୍ତି। ସମାଜବାଦ ଶବ୍ଦଟିକୁ ପ୍ରୟୋଗନକରି ମଧ୍ୟ, ଆମ୍ବେଦକରଙ୍କ ବିଚାରରେ ସମାଜବାଦୀ ଅନ୍ତଃସ୍ୱର ରହିଥିଲା। ଅର୍ଥନୀତିର ଜାତୀୟକରଣ, ରାଷ୍ଟ୍ର-ସମାଜବାଦ ଓ ସଂସଦୀୟ ଗଣତନ୍ତ୍ର ଦ୍ୱାରା ଏକଛତ୍ରବାଦର ନିରାକରଣ କରିବାର ଲକ୍ଷ୍ୟ ସେ ରଖିଥିଲେ। ଶିଳ୍ପର ଅଭିବୃଦ୍ଧି ସହିତ ନାଗରିକର ବିକାଶ ଓ ସୁରକ୍ଷା ବ୍ୟବସ୍ଥା ରାଷ୍ଟ୍ର-ସମାଜବାଦ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ସେ ମତଦେଲେ।

୧୯୨୦ ବେଳକୁ ସେ ମାର୍କ୍ସବାଦୀ ବିଚାରକୁ ବିରୋଧ କଲେ। ପୁଞ୍ଜିବାଦୀ ଓ ଶ୍ରମିକଶ୍ରେଣୀର ସଂଘର୍ଷରେ ହିଂସାର ସ୍ୱରୂପ ହେତୁ ସେ ମାର୍କ୍ସଙ୍କ ବିଚାରକୁ ଗ୍ରହଣ କରିପାରିଲେ ନାହିଁ। ଭାରତୀୟ ମାର୍କ୍ସବାଦୀ ସଂଗଠନରେ ପାରମ୍ପରିକ ଜାତିବାଦୀ ବୈଷମ୍ୟ, ଘୃଣା ଜାରି ରହିଥିଲା। ଜାତିବାଦୀ, ବ୍ରାହ୍ମଣବାଦୀମାନେ ବୈଷମ୍ୟ ଓ ନିର୍ଯାତନାକୁ ପରମ୍ପରାକ୍ରମେ



ପାଳନ୍ତି ଓ ନିଜକୁ ପ୍ରଗତିଶୀଳ ଓ ଲୋକାଭିମୁଖୀ କହିବା ସତ୍ତ୍ୱେ ମଣିଷର ମର୍ଯ୍ୟାଦା ପାଇଁ କାମକରିପାରନ୍ତି ନାହିଁ। ଦଳିତ ଅସ୍ପୃଶ୍ୟ ମାନଙ୍କର ମର୍ଯ୍ୟାଦାପୂର୍ଣ୍ଣ ଜୀବନ ବଞ୍ଚିବାର ଅଧିକାରକୁ କମ୍ୟୁନିଷ୍ଟମାନେ କାର୍ଯ୍ୟକାରୀ କରୁନଥିଲେ ଏଣୁ ତାଙ୍କଠାରୁ ଆମ୍ବେଦ୍କର ଦୂରେଇ ଗଲେ।

ପୁଞ୍ଜିବାଦୀ ଶୋଷଣ ବିରୋଧରେ ଓ ନ୍ୟାଯ୍ୟ ଅଧିକାର ପାଇଁ ଶ୍ରମିକମାନେ ହରତାଳର ଅଧିକାର ପାଇବା ଉଚିତ୍ ବୋଲି ତାଙ୍କର ମତଥିଲା। ୧୯୪୨ରୁ ୧୯୪୬ ପର୍ଯ୍ୟନ୍ତ ଭାଇସ୍‌ରାୟଙ୍କ କାର୍ଯ୍ୟକାରୀ ପରିଷଦରେ ଶ୍ରମ ସଦସ୍ୟ ରୂପେ ସେ 'ଶ୍ରମିକ ମଙ୍ଗଳ ବିଲ୍' ଆଣିଥିଲେ। ସେହି ବିଲ୍‌ରେ ଥିବା ମୁଖ୍ୟ ବ୍ୟବସ୍ଥାଗୁଡ଼ିକର ଆଧାରରେ ଆଜିର ଭାରତ ସରକାରଙ୍କର ଖଣି ଆଇନ୍ ପରିଚାଳିତ।

ମହାତ୍ମାଗାନ୍ଧୀ 'ଗ୍ରାମ ସ୍ୱରାଜ' ପରିକଳ୍ପନା ଉପରେ ଦୃଢ଼ ରହିଥିବା ସ୍ଥଳେ, ଆମ୍ବଦକର କହୁଥିଲେ ଗ୍ରାମଗୁଡ଼ିକ ହେଉଛି କୁସଂସ୍କାରର ଗୁମ୍ଫା। ଏଣୁ ସହରୀକରଣ ଓ ଶିଳ୍ପ ବିକାଶ ଦ୍ୱାରା ନାଗରିକମାନଙ୍କର ମଙ୍ଗଳ ଓ ବିକାଶ ହୋଇପାରିବ। ଶିଳ୍ପରେ କାମକରୁଥିବା ଶ୍ରମଜୀବୀମାନେ ଗ୍ରାମର ପୁରୁଣା ପରିବେଶରୁ ଦୂରରେ ରହିବା ଦ୍ୱାରା ଜାତିଭେଦ କୋହଳ ହୋଇପାରିବ ବୋଲି ସେ ଆଶା ରଖିଥିଲେ।

ଧର୍ମର ନକାରାତ୍ମକ ଦିଗକୁ ଗୁରୁତ୍ୱଦେଇ ମାର୍କ୍ସବାଦୀ ବିଚାର କହୁଥିଲା ଯେ, ମଣିଷ ଓ ସମାଜ ପାଇଁ ଧର୍ମର ଆବଶ୍ୟକତା ନାହିଁ। ଆମ୍ବେଦକର କହିଲେ, ମଣିଷ ଓ ସମାଜ ମଧ୍ୟରେ ଏକ ସୁସ୍ଥ ଓ ସନ୍ତୁଳିତ ସମ୍ପର୍କ ପ୍ରତିଷ୍ଠା ଦିଗରେ ଧର୍ମର ଆବଶ୍ୟକତା ରହିଛି। ଧର୍ମ ଏକ ନୈତିକତା, ଏହା ମଣିଷର ଜୀବନ ଓ ସମାଜର ସଂହତି ଓ ବିକାଶ ପାଇଁ ଆବଶ୍ୟକ। ୧୯୫୬ ମସିହାରେ ଲକ୍ଷଲକ୍ଷ ସମର୍ଥକଙ୍କ ସହିତ ଆମ୍ବେଦକର ବୌଦ୍ଧ ଧର୍ମକୁ ଧର୍ମାନ୍ତରୀତ ହୋଇଥିଲେ।

ଆମ୍ବେଦକରଙ୍କର ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି 'ସାମାଜିକ ନ୍ୟାୟ ଆନ୍ଦୋଳନ' ଦ୍ୱାରା ଭାରତୀୟ ଜାତିବାଦୀ ସମାଜର ରୂପାନ୍ତରୀକରଣ ଦିଗରେ ଏକାଧିକ ପଥ ଉନ୍ମୁକ୍ତ ହୋଇଥିଲା। ବ୍ରିଟିଶ୍ ସରକାର, ଗାନ୍ଧୀ ଓ ଜାତୀୟ କଂଗ୍ରେସ ଦଳ ସାମାଜିକ ସଂହତି ଦିଗରେ କାର୍ଯ୍ୟକ୍ରମ ଓ ଆଇନ୍ କାନୁନ୍‌ମାନ ଗ୍ରହଣ କରିଥିଲେ। ପୁରୁଷ ତାନ୍ତ୍ରିକ ଭାରତୀୟ ସମାଜକୁ ସୁଧାରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ରୂପେ ଆମ୍ବେଦକର ପାର୍ଲିଆମେଣ୍ଟ୍‌ରେ ହିନ୍ଦୁବୋର୍ଡ଼ ବୋଲି ଉପସ୍ଥାପନ କରିଥିଲେ। ଯଦିଓ ତତ୍କାଳୀନ ରକ୍ଷଣଶୀଳ ସାଂସଦମାନେ ସେହି ବିଲ୍‌କୁ ବିରୋଧ କରିଥିଲେ, କିନ୍ତୁ ସେଥିରେ ଥିବା ବ୍ୟବସ୍ଥାମାନ ପରବର୍ତ୍ତୀ ସମୟରେ ଗୃହୀତ ହେଲା। ଭାରତୀୟ ନାରୀ ଜଣେ ମର୍ଯ୍ୟାଦାସମ୍ପନ୍ନ ନାଗରିକ ରୂପେ ସମସ୍ତ ମୌଳିକ ଅଧିକାର ପାଇବା ପାଇଁ ହକ୍‌ଦାର ହେଲା।

ବୌଦ୍ଧଧର୍ମର ମାନବ ମୁକ୍ତି ଓ ଅହିଂସା ଦ୍ୱାରା ପ୍ରଭାବିତ ଆମ୍ବେଦକର ତାଙ୍କ ଦ୍ୱାରା ସ୍ଥାପିତ ଓ ପରିଚାଳିତ ଅନୁଷ୍ଠାନରେ ମୌଳିକ ବୌଦ୍ଧ ଦର୍ଶନର ପ୍ରୟୋଗ କରିଯାଇଛନ୍ତି। ଭାରତର ଜାତୀୟ ଚିହ୍ନ 'ଅଶୋକ ଚକ୍ର', ସାମ୍ବିଧାନିକ ମୂଲ୍ୟବୋଧ ସମତା ଓ ମୈତ୍ରୀ ବୌଦ୍ଧ ସଙ୍କେତରୁ ଗୃହୀତ ହୋଇଛି। ଆମ୍ବେଦକର ସିଦ୍ଧାର୍ଥ କଲେଜ, ବମ୍ବେ ଓ ମିଲିନ୍ଦ ମହାବିଦ୍ୟାଳୟ, ଔରଙ୍ଗାବାଦରେ ସ୍ଥାପନ କରିଥିଲେ। ଉଭୟ ଶିକ୍ଷାନୁଷ୍ଠାନର ନାମ ବୌଦ୍ଧ ଉତ୍ସରୁ ଆସିଛି। ଜୀବନ ବିକାଶରେ ନାଗରିକ କେଉଁଭଳି ସ୍ୱୟଂଶାସିତ, ନୈତିକ ଓ ପ୍ରଗତିଶୀଳ ହୋଇପାରିବ, ସେଥିପାଇଁ ଶିକ୍ଷା, ସଚେତନତା ଓ ବୈଜ୍ଞାନିକ ମନୋଭାବର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନେହେରୁ ଓ ଆମ୍ବେଦକରଙ୍କର ମତ-ସାମଞ୍ଜସ୍ୟ ଓ ସମାନ ବିଚାର ହେତୁ, ସ୍ୱାଧୀନଭାରତ ପାଇଁ ଏକ ଧର୍ମନିରପେକ୍ଷ, ଶିଳ୍ପ-ସମୃଦ୍ଧ ଓ ବୈଜ୍ଞାନିକ ରାଷ୍ଟ୍ରର ପରିକଳ୍ପନା କରାଯାଇଥିଲା। ଆଧୁନିକ ବିଶ୍ୱସହିତ ତାଳଦେଇ ଚାଲିବା ପାଇଁ ଶିକ୍ଷିତ, ପ୍ରଗତିଶୀଳ ଓ ବୈଜ୍ଞାନିକ ବିଚାର ସମନ୍ୱିତ ସାର୍ବଭୌମ ଗଣତନ୍ତ୍ରର ବିକାଶ ଦିଗରେ ପଦକ୍ଷେପମାନ ନିଆଗଲା।

ଆମେରିକା, ଇଂଲଣ୍ଡ ଓ ଜର୍ମାନୀରେ ଉଚ୍ଚଶିକ୍ଷା ଲାଭ କରିଥିବା ଆମ୍ବେଦକରଙ୍କ ବ୍ୟକ୍ତିତ୍ୱରେ ଗଣତାନ୍ତ୍ରିକ ଭାବନାର ଅଙ୍କୁରଣ ବିଦେଶ ମାଟିରେ ହିଁ ଘଟିଥିଲା। କିନ୍ତୁ ସେ ଭାରତୀୟ ବୌଦ୍ଧ ମୂଲ୍ୟବୋଧର ଆଧାରରେ ସମ୍ବିଧାନ ରଚନା କରିଥିଲେ। ଏ ସମ୍ବନ୍ଧରେ ଏକାଧିକ ବାର ସେ ଲେଖିଛନ୍ତି ଓ କହିଛନ୍ତି। ଆଜିର ସମୟରେ ବିଦେଶ ଭୂମିରେ ଜଣେ ଭାରତୀୟ ଯେତେବେଳେ ନିଜକୁ ପରିଚିତ କରାଇବା ପାଇଁ କୁହନ୍ତି, 'ମୁଁ ବୁଦ୍ଧଙ୍କ ଦେଶରୁ ଆସିଛି,' ତଦ୍ୱାରା ମର୍ଯ୍ୟାଦାର ଅନୁଭୂତି ଆସେ। ବୁଦ୍ଧ ହେଉଛନ୍ତି ଜ୍ଞାନର ପ୍ରତୀକ। ଭାରତ ଏକଦା ବୌଦ୍ଧଭୂମି ଥିଲା। ଆଗାମୀ ସମୟରେ ମଧ୍ୟ ବୌଦ୍ଧ-ରାଷ୍ଟ୍ର ରୂପେ ସେ ବିଶ୍ୱ ଜ୍ଞାନଭଣ୍ଡାର ପାଇଁ ଉପଯୁକ୍ତ ଅବଦାନ ଦେଇ ପାରିବ। ଏହିଭଳି ଏକ ପରିକଳ୍ପନା ଭାରତୀୟ ସମ୍ବିଧାନର ଅନ୍ତଃସ୍ୱର ରୂପେ ଉପଲବ୍ଧ।

ଏକବିଂଶ ଶତାବ୍ଦୀର ଧର୍ମାନ୍ଧତା ଓ ପୁଞ୍ଜିବାଦୀ କମ୍ପାନୀ ପ୍ରତି ରାଷ୍ଟ୍ରୀୟ ପ୍ରୋତ୍ସାହନ ନୀତି ଭାରତୀୟ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରିଛି ଓ ସମ୍ବିଧାନର ମୌଳିକ ବିଚାରଗୁଡ଼ିକୁ କ୍ଷୁର୍ଣ୍ଣ କରୁଛି। ସମ୍ବିଧାନର ପ୍ରଥମ ଧାଡ଼ିଟିରେ ହିଁ ଏହି ସଙ୍କଟର ସମାଧାନ ଅବଶ୍ୟ ନିହିତ ରହିଛି - "We the people of India".

## ହଜି ନ'ଯାଉ ଓଡ଼ିଆ ନୂଆବର୍ଷ




**ରାକେଶ ପଣ୍ଡା**
ବନ୍ଦାଲୋ, ଟାଙ୍ଗୀ, କଟକ
ମୋ: ୯୩୩୭୮୯୭୬୫୦


ଆଜିର ପରିବର୍ତ୍ତିତ ସମୟରେ, ପାଶ୍ଚାତ୍ୟ ଦେଶର ଚାକଚକ୍ୟ ଓ ଆଧୁନିକତାର ସ୍ପର୍ଶରେ ଅଧିକାଂଶ ଉଚ୍ଚ ଶିକ୍ଷିତ ଓ ଆଧୁନିକ ଭାରତୀୟ ତଥା ଓଡ଼ିଶାବାସୀ କେଉଁ ଆଦିମ ସମୟରୁ ପ୍ରଚଳିତ ସୁନ୍ଦର, ମର୍ମ ଭରା ଓ ବୈଜ୍ଞାନିକ ସଙ୍ଗତ ତଥା ପ୍ରମାଣିତ ପରମ୍ପରା ଓ ସଂସ୍କୃତିକୁ ଭୁଲି ଇଂରାଜୀ କ୍ୟାଲେଣ୍ଡର ଆଧାରରେ ଜାନୁଆରୀ ମାସର ପ୍ରଥମ ଦିବସକୁ ନୂତନ ବର୍ଷ ଭାବରେ ଖୁବ ଧୁମ୍‌ଧାମ୍ ଓ ଆଡମ୍ବର ସହ ପାଳନ କରୁଛନ୍ତି। କିନ୍ତୁ, ନିଜର ସଂସ୍କୃତି ଆଧାରିତ ନବବର୍ଷ ପାଳନ କରିବାକୁ ଆଗ୍ରହ ପ୍ରକାଶ କରୁନାହାଁନ୍ତି ! ଠିକ୍ ଏହିପରି ଚିନ୍ତାଧାରା, ମାନସିକତା ଓ କାର୍ଯ୍ୟକଳାପ ଯୋଗୁଁ ଅନେକ କଳା, ପରମ୍ପରା ଓ ସଂସ୍କୃତି ଆଜି ଆମ ଗହଣରୁ ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି।

ତେବେ, ବସନ୍ତ ଋତୁର ପ୍ରସ୍ଥାନ ଏବଂ ଗ୍ରୀଷ୍ମର ଆଗମନ ଅବସରରେ, ପ୍ରଚଳିତ ପାରମ୍ପରିକ ଓଡ଼ିଆ ହିନ୍ଦୁ ତଥା ସୂର୍ଯ୍ୟ ପଞ୍ଜିକା ଅନୁଯାୟୀ, ଯେଉଁଦିନ ସକଳ ଶକ୍ତିର ଆଧାର 'ସୂର୍ଯ୍ୟ' ମେଷ ରାଶିରେ ପ୍ରବେଶ କରନ୍ତି, ସେହିଦିନ ମେଷ ସଂକ୍ରାନ୍ତି ପାଳନ କରାଯାଏ ଏବଂ ଏହି ଦିନ ଓଡ଼ିଆ ନୂଆବର୍ଷର ପ୍ରାରମ୍ଭ ଅଟେ। ପୂର୍ବ ବର୍ଷର ଶେଷ ଏବଂ ନୂତନ ବର୍ଷର ଆରମ୍ଭକୁ ପାଳନ କରିବା ନିମନ୍ତେ ପଣା ସଂକ୍ରାନ୍ତି ବା ମହା ବିଷୁବ ସଂକ୍ରାନ୍ତିର ସୃଷ୍ଟି। ଏହି ଅବସରରେ ଓଡ଼ିଶାର ଲୋକମାନେ ପରସ୍ପରକୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇଥାନ୍ତି। ଏହା ସହିତ ଫଳ, କଦଳୀ, ବେଲ ଏବଂ ଅନ୍ୟାନ୍ୟ ଜିନିଷରୁ ତିଆରି ପଣାକୁ ପିଇବାର ଏକ ନିୟମ ମଧ୍ୟ ରହିଅଛି। ଏହା ଭାରତର ବିଭିନ୍ନ ସ୍ଥାନରେ ବିଭିନ୍ନ ନାମ ସହିତ ପାଳନ କରାଯାଏ। ଉକ୍ତ ଦିନଟି ଅନେକ ଆନନ୍ଦ, ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ପ୍ରଦର୍ଶନ ସହିତ ପାଳନ କରାଯାଇଥାଏ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ବିଷୁବ ସଂକ୍ରାନ୍ତିକୁ ସୌର ବର୍ଷର ପ୍ରଥମ ଦିନ ଭାବେ ବିବେଚନା କରାଯିବାର ଏକ ନିର୍ଦ୍ଦିଷ୍ଟ କାରଣ ରହିଅଛି। ବର୍ଷକୁ କେବଳ ଦୁଇଥର, ମେଷ ସଙ୍କ୍ରମଣ ଏବଂ ତୁଳା ସଙ୍କ୍ରମଣ ହୋଇଥାଏ। ଯେଉଁ ସମୟରେ ସୂର୍ଯ୍ୟ ବିଷୁବ ରେଖା ଉପରେ ସଂପୂର୍ଣ୍ଣ ରୂପେ ସମତୁଲ ଭାବରେ ରହିଥାନ୍ତି। ଏହି ଦୁଇ ତାରିଖରେ, ଦିନ ଏବଂ ରାତିର ଲମ୍ବ ସମାନ ରହିଥାଏ। ଓଡ଼ିଆ ସୌର ମାସ 'ମେଷ', ଏହି ଦିନଠାରୁ ହିଁ ଆରମ୍ଭ ହୋଇଥାଏ। ଯାହାକି' ଚନ୍ଦ୍ର କ୍ୟାଲେଣ୍ଡର ଠାରୁ ସାମାନ୍ୟ ପାର୍ଥକ୍ୟ ଅଟେ। ଓଡ଼ିଶାର କିଛି ଅଧିବାସୀ ଚଳିତ ପୂର୍ଣ୍ଣିମା ପରଦିନଠାରୁ, ତା'ପର ପୂର୍ଣ୍ଣିମା ପର୍ଯ୍ୟନ୍ତ ଗୋଟିଏ ମାସ ଭାବରେ ହିସାବ କରିଥାନ୍ତି। ଉତ୍ତର ଭାରତରେ ପ୍ରଚଳିତ ପ୍ରଣାଳୀ ଅନୁଯାୟୀ, ଚନ୍ଦ୍ରର ବାର୍ଷିକ ଚକ୍ର ପୃଥିବୀର ଘୂର୍ଣ୍ଣନର ୩୬୫ ଦିନରୁ କମ୍ ଅଟେ ଏବଂ କିଛିବର୍ଷ ମଧ୍ୟରେ ତାହା ମଳ ମାସ ଭାବରେ ପଡିଥାଏ। ତେଣୁ, ଏକ ନିର୍ଦ୍ଦିଷ୍ଟ ଦିନ ସ୍ଥିର କରିବାକୁ ମେଷ ସଂକ୍ରମଣ ଦିନରୁ ନୂଆ ବର୍ଷ ଗଣନା କରାଯାଏ। ଏହି ଦିନଠାରୁ ନୂତନ ପାଞ୍ଜି ପ୍ରଚଳିତ ହୋଇଥାଏ। ଯେଉଁ ଦିବସରେ, ଲୋକମାନେ ସ୍ୱାସ୍ଥ୍ୟ ଏବଂ ଧନ ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତି। କୃଷକମାନେ ଭଲ ଅମଳ ଏବଂ ପ୍ରଚୁର ବର୍ଷା ପାଇଁ ଈଶ୍ୱରଙ୍କୁ ନିବେଦନ କରିଥାନ୍ତି।

ଏହି ଅବସରରେ ସ୍ୱତନ୍ତ୍ର ତୁଳସୀ ପୂଜା ଏବଂ ରୀତିନୀତି ଅନୁଷ୍ଠିତ ହୋଇଥାଏ। ଘରର ପ୍ରାଙ୍ଗଣରେ ଥିବା ତୁଳସୀ ବୃକ୍ଷ ଉପରେ ସାଧାରଣତଃ କଦଳୀ ପତ୍ରକୁ ବ୍ୟବହାର କରି ଏକ ଛାତ ସଦୃଶ ଦିଆଯାଇଥାଏ। ଛୋଟ ଛାତର ଉଦ୍ଦେଶ୍ୟ ହେଉଛି ତୁଳସୀ ଗଛକୁ ଆସୁଥିବା ଗ୍ରୀଷ୍ମ ଦାଉରୁ ରକ୍ଷା କରିବା। ଏହାଛଡା, ଉକ୍ତ ମହା ବିଷୁବ ତଥା ପଣା ସଂକ୍ରାନ୍ତି ତଥା ଏହି ନିର୍ଦ୍ଦିଷ୍ଟ ଦିନରେ, ପାଣି ଭର୍ତ୍ତି ଥିବା ଏକ ଛୋଟ ମାଟି ହାଣ୍ଡି କିମ୍ବା ମିଶ୍ରିର ମିଠା ପାନୀୟ ତୁଳସୀ ବୃକ୍ଷ ତଥା ମା' ବୃନ୍ଦାବତୀଙ୍କ ଉପରେ ଟାଙ୍ଗିବାର ଅନନ୍ୟ ପରମ୍ପରା ମଧ୍ୟ ରହିଅଛି। ଉକ୍ତ ହାଣ୍ଡିର ତଳେ ଏକ ଛିଦ୍ର ଥାଏ, ଯାହା ବର୍ଷାକୁ ପ୍ରତିନିଧିତ୍ୱ କରି ହାଣ୍ଡିରୁ ପାଣି ବୁନ୍ଦା ଖସିଯିବାକୁ ଦେଇଥାଏ। ଛତୁଆ, କଦଳୀ, ଗୁଡ, କଞ୍ଚା ଆମ୍ବରେ ପ୍ରସ୍ତୁତ ପଣାକୁ ବୃନ୍ଦାବତୀଙ୍କୁ ଅର୍ପଣ କରିବା ପରେ, ଓଡ଼ିଶାବାସୀ ଏହାକୁ ପ୍ରସାଦ ଭାବରେ ଗ୍ରହଣ କରିଥାନ୍ତି। ଶାଳଗ୍ରାମ, ଶିବଲିଙ୍ଗ, ହନୁମାନ ଏବଂ ଅନ୍ୟାନ୍ୟ ଦେବତାଙ୍କୁ ମଧ୍ୟ ଉକ୍ତ ପଣା ବିଶେଷ ଭାବରେ ଉତ୍ସର୍ଗ କରାଯାଏ। ଏହି ଦିନ ସାରା ରାଜ୍ୟରେ ଲୋକମାନେ ହନୁମାନଙ୍କୁ ମଧ୍ୟ ପୂଜା କରନ୍ତି ଏବଂ ଏହାକୁ ତାଙ୍କର ଜନ୍ମଦିନ ଭାବରେ ପାଳନ କରନ୍ତି। ପୁରୀରେ, ପାରମ୍ପରିକ ମଲ୍ଲଯୋଦ୍ଧାମାନେ ପ୍ରଭୁ ହନୁମାନଙ୍କ ପୂଜା କରିବା ପରେ ଜଗା ଘର, ଆଖଡ଼ା (ତାଲିମ ଗୃହ) ଏବଂ ବ୍ୟାୟାମଶାଳାରୁ ବାହାରକୁ ଆସି ସେମାନଙ୍କର କୁସ୍ତି ଦକ୍ଷତା ପ୍ରଦର୍ଶନ କରନ୍ତି। ଏହାଛଡା, ଓଡ଼ିଶାର ବିଭିନ୍ନ ଦେବୀ ପୀଠ ତଥା ମନ୍ଦିରଗୁଡ଼ିକରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଉତ୍ତର ଓଡ଼ିଶାରେ ଏହାକୁ ଚଡକ ମେଳା ବା ପରବ କୁହାଯାଏ। ଦକ୍ଷିଣ ଓଡ଼ିଶାରେ ଚୈତ୍ର ମାସର ଉକ୍ତ ଦିବସରେ ଅନୁଷ୍ଠିତ ଦଣ୍ଡ ନାଚର ସମାପ୍ତି ଭାବରେ ପାଳନ କରାଯାଏ।

ପୁରାଣ ବର୍ଣ୍ଣିତ ବିଷୟ ବସ୍ତୁ ଅନୁସାରେ,



ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ଦ୍ୱାରା ପରାସ୍ତ ହେବା ପରେ ଭୀଷ୍ମ ତୀର ଶଯ୍ୟାରେ ଉପରେ ଥିଲେ। ପାଣ୍ଡବ ଏବଂ କୌରବ ତାଙ୍କ ନିକଟରେ ଏକତ୍ରିତ ହେବା ସମୟରେ ସେ ସେମାନଙ୍କୁ କିଛି ପାଣି ମାଗିଥିଲେ। ତାହା ଶୁଣି, ଅର୍ଜୁନ ଏକ ତୀରକୁ ଲକ୍ଷ୍ୟ କରି ଭୂମି ମଧ୍ୟକୁ ନିକ୍ଷେପ କରିଥିଲେ ଏବଂ ତୀର ଦ୍ୱାରା ସୃଷ୍ଟି ହୋଇଥିବା ଖାଲରୁ ପବିତ୍ର ନଦୀ ଗଙ୍ଗା ଭୀଷ୍ମଙ୍କ ଶୋଷ ମେଣ୍ଟାଇବା ପାଇଁ ସେଠାରେ ଆବିର୍ଭାବ ହୋଇଥିଲେ। ସେହିଦିନ, ତୃପ୍ତି ଏବଂ କରୁଣାକୁ ଅନୁଭବ କରି ଭୀଷ୍ମ କହିଥିଲେ ଯେ ଯେଉଁମାନେ ଏହି ଦିନ ତୃଷାର୍ତ୍ତ ଲୋକଙ୍କୁ ଥଣ୍ଡା ପାଣି ପ୍ରଦାନ କରିବେ ସେମାନେ କେବଳ ସମସ୍ତ ପାପରୁ ମୁକ୍ତ ହେବେ ନାହିଁ ବରଂ ସେମାନଙ୍କ ପୂର୍ବପୁରୁଷଙ୍କ ଆତ୍ମା ତଥା ସ୍ୱର୍ଗରେ ଥିବା ଭଗବାନମାନେ ମଧ୍ୟ ଖୁସି ହେବେ। ଏହି ଦିନକୁ ସ୍ମରଣ କରି ଓଡ଼ିଶାର ଲୋକମାନେ ପଣା ନାମକ ଏକ ଲୋକପ୍ରିୟ ପାନୀୟ ବଣ୍ଟନ କରଥାନ୍ତି।

ତେବେ, ଏହି ପର୍ବ ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ। ଏହି ଦିନଟି ନୂତନ ବର୍ଷ ତଥା ପ୍ରତ୍ୟକ ଓଡ଼ିଆଙ୍କ ଭଲ ଭବିଷ୍ୟତ ନିମନ୍ତେ ଆଶା ଏବଂ ଆକାଂକ୍ଷା ଆଣି ଦେଇଥାଏ। ଅତଏବ, ଉକ୍ତ ସାମାଜିକ, ସାଂସ୍କୃତିକ ଓ ମାର୍ମିକ ପରମ୍ପରାକୁ ନିଜ ଅନ୍ତର ମଧ୍ୟରେ ଓ ନିଜ ଗହଣରେ ବଞ୍ଚେଇ ରଖିବା ଉଦ୍ଦେଶ୍ୟରେ, ଉକ୍ତ ପର୍ବକୁ ଅତ୍ୟନ୍ତ ଆନନ୍ଦ ଏବଂ ସ୍ପନ୍ଦନ ସହିତ ପ୍ରତ୍ୟକ ଓଡ଼ିଆ ପାଳନ କରିବା ଉଚିତ। ଯେଉଁ ଭଲ ଅଭ୍ୟାସ ଆଜି ଅନ୍ୟ ସମସ୍ତଙ୍କ ପାଇଁ ତଥା ଆସନ୍ତା କାଲି ଓ ଆଗାମୀ ପିଢୀ ନିମନ୍ତେ ପ୍ରେରଣାଦାୟୀ ସାଜିବ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ରବିବାର କେନ୍ଦୁଝର ସଦର ନିର୍ବାଚନ ମଣ୍ଡଳୀ ବିଜେପି ର ସକ୍ରିୟ କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ବିଶେଷ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସକ୍ରିୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଯୋଗଦେଇଥିବା ବେଳେ ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର, ସଦର ନିର୍ବାଚନ ମଣ୍ଡଳୀର ସଂଗଠନ ପ୍ରଭାରୀ ରାମଚନ୍ଦ୍ର ସାହୁ, ସଦର ନିର୍ବାଚନ ମଣ୍ଡଳୀ ର ସଂଯୋଜକ ବିବେକାନନ୍ଦ ମହାନ୍ତ, ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ ଏବଂ ଗୋପୀନାଥ ରାମ ପ୍ରମୁଖ ଉପସ୍ଥିତ ରହି ଦଳୀୟ ବିଚାର ଏବଂ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ କାର୍ଯ୍ୟକର୍ତ୍ତା ମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ସାଧାରଣ ଜନତା ତଥା ପଛରେ ରହିଯାଉଥିବା ପ୍ରତିଟି ବ୍ୟକ୍ତି ବା ପରିବାରକୁ ସରକାରଙ୍କ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବା ସହିତ ଲୋକଙ୍କୁ ଲାଭାନ୍ୱିତ କରାଇବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଉପସ୍ଥିତ ନେତୃତ୍ୱ ମାନେ କହିଥିଲେ। ଏହି ଅବସରରେ ବିକଶିତ ଗାଁ ବିକଶିତ ଓଡିଶା ବିକଶିତ ଭାରତର ପାଇଁ କାର୍ଯ୍ୟକରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଦୃଢ ସଂକଳ୍ପ ନେବାକୁ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଉପଦେଶ ଦେଇଥିଲେ।

## ପାରାଦ୍ୱୀପ ପିପିଏଲ୍ ଡିଏଭି ସ୍କୁଲରେ ୩୮ତମ ବାର୍ଷିକ ଉତ୍ସବ




ପାରାଦୀପ(ଭାସ୍କର ନ୍ୟୁଜ): ପିପିଏଲ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ର ୩୮ ତମ ବାର୍ଷିକ ଉତ୍ସବ ଆରମ୍ଭମ୍- ଉତ୍ସବ ଏକତାର ସର୍ଜନା ସ୍ମୃତିର ଗତ ୧୨-୦୪-୨୫ ଶନିବାର ଦିନ ବିଦ୍ୟାଳୟ ପରିସରରେ ମହା ସମାରୋହରେ ପାଳିତ ହୋଇଯାଇଛି। ପାରମ୍ପରିକ ଭାବେ କାର୍ଯ୍ୟକ୍ରମ ଉଦ୍‌ଘାଟନ ପରେ ପିପିଏଲର ସିଇଓ ପାଲାନିସାମି ଭେଲୁସାମି ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଅତିଥିଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ନିମନ୍ତ୍ରିତ ଗଣ୍ୟମାନ୍ୟ ଅତିଥିଙ୍କ ମଧ୍ୟରେ ପାରାଦ୍ୱୀପ ତୈଳ ବିଶୋଧନାଗାରର ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଡିଏଭିର ଐତିହ୍ୟ ଓ ସୁଖ୍ୟାତି ବିଷୟରେ ବର୍ଣ୍ଣନା କରିବା ସହିତ ଏହି ବିଦ୍ୟାଳୟର ଅତୀତ ଗୌରବକୁ କିପରି ଅକ୍ଷୁର୍ଣ୍ଣ ରଖା ଯାଇପାରିବ ସେ ଦିଗରେ ପ୍ରୟାସ ଜାରି ରଖିବା ପାଇଁ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କୁ ନିବେଦନ କରିଥିଲେ। ସମ୍ମାନିତ ଅତିଥି ରୂପେ ପାରାଦ୍ୱୀପସ୍ଥିତ ପୂର୍ବତଟ ରେଳବାଇର ଉପ ଆଞ୍ଚଳିକ ପରିଚାଳକ ଅର୍ଘ୍ୟ ପଟ୍ଟନାୟକ ଯୋଗ ଦେଇ ନିଜ ଛାତ୍ର ଜୀବନର ନିରନ୍ତର ସଂଘର୍ଷ ଓ ସଫଳତା ବିଷୟରେ ବର୍ଣ୍ଣନା କରିବା ସହ ପିପିଏଲ ତଥା ଆଖପାଖ ଅଞ୍ଚଳର ଲୋକେ ରେଳଫାଟକ ଯୋଗୁଁ ଭୋଗୁଥିବା ସମସ୍ୟା ଯୋଗୁଁ ସହାନୁଭୂତି ପ୍ରକଟ କରିଥିଲେ ଓ ଧୈର୍ଯ୍ୟ, ସହିଷ୍ଣୁତାର ସହିତ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ପରାମର୍ଶ ଦେଇଥିଲେ । ଏଥିରେ ପିପିଏଲର ସିଜିଏମ୍ ଏଚଆର୍ ଏବଂ ଆଇଆର୍ ସୁମିତ କୁମାର ସେନାପତି ଏବଂ ପିପିଏଲର ଅନେକ ବରିଷ୍ଠ ଅଧିକାରୀଗଣ ଯୋଗ ଦେଇଥିଲେ । ଭୁବନେଶ୍ୱର କ୍ଲଷ୍ଟର ମୁଖ୍ୟ ତଥା କଳିଙ୍ଗନଗର ଡିଏଭି ସ୍କୁଲ ଅଧ୍ୟକ୍ଷ ବଳରାମ ମହାପାତ୍ର, ଡିପିଏସ୍ (ପାରାଦ୍ୱୀପ ତୈଳ ବିଶୋଧନାଗାର)ର ଅଧ୍ୟକ୍ଷ ଯଜ୍ଞେଶ୍ୱର ବୋରା, ଇଫକୋ ଡିଏଭିର ଅଧ୍ୟକ୍ଷ ସମ୍ମିତ ସୁକୁମାର ଚିନାରା ଓ ପାରାଦ୍ୱୀପ ପୋର୍ଟ ଡିଏଭିର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ତଥା ପାରାଦ୍ୱୀପ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିଗଣ ଓ ଅଭିଭାବକ ଉପସ୍ଥିତ ଥିଲେ । ଅତିଥିଗଣ ୨୦୨୪-୨୫ ଶିକ୍ଷାବର୍ଷର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଏକାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ଓ ସଂଖ୍ୟାଧିକ କୃତି ଶିକ୍ଷାର୍ଥୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ । ସୁଲଳିତ ସଂଗୀତର ତାଳେ ତାଳେ ବିଭିନ୍ନ ଶ୍ରେଣୀର ପିଲାମାନଙ୍କ ଦ୍ୱାରା ପରିବେଷିତ ଲୋକ ନୃତ୍ୟ, ଆଧୁନିକ ନୃତ୍ୟ, ଏକାଙ୍କିକା ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଦର୍ଶକଙ୍କ କରତାଳିରେ ପରିବେଶ ବେଶ୍ ସରଗରମ ହୋଇଉଠିଥିଲା। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ସଂଯୋଜକ ବୃନ୍ଦାବନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଡିଏଭି ଓଡିଶା ଜୋନ୍‌ର ଆଞ୍ଚଳିକ ନିର୍ଦ୍ଦେଶକ କେଶବ ଚନ୍ଦ୍ର ଶତପଥୀ ତଥା ଆଞ୍ଚଳିକ ଅଧିକାରୀ ସୁଶ୍ରୀ ସୁଜାତା ସାହୁ ସୁନିୟୋଜିତ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ।

## ସମସ୍ୟାରେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର, ସେବା ନପାଇ ଫେରୁଛନ୍ତି ରୋଗୀ




ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ସେବା ବାଟବଣା । ଚିକିତ୍ସା ହୋଇ ନପାରି ଫେରୁଛନ୍ତି ରୋଗୀ । ଡ଼ାକ୍ତର ଅଭାବ ଦେଖା ଦେଇଥିବା ବେଳେ ଗୁରୁତର ରୋଗୀମାନେ ଏଠାରେ ଚିକିତ୍ସା ହୋଇପାରୁ ନାହାନ୍ତି। ଏକ୍ସରେ ମେସିନ୍ ଥିଲେ ମଧ୍ୟ ଏଠାରେ ଏକ୍ସରେ ହୋଇପାରୁ ନାହିଁ । ଯାହାକୁ ନେଇ ଦୀର୍ଘଦିନ ହେବ ଅସନ୍ତୋଷ ଦେଖା ଦେଇଛି। ନିରାମୟ ମେଡ଼ିସିନ୍ ଆସୁନି ରୋଗୀଙ୍କ ସେବାରେ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଗୋରୁଗାଈଙ୍କର ମେଳି ଦେଖିବାକୁ ମିଳିଛି । ଗୋବରର ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏଠାରେ ରୋଗୀ ସେବା ମୁଖ୍ୟ ସମସ୍ୟା ହୋଇଥିବା ବେଳେ କ'ଣ ପାଇଁ ବିଭିନ୍ନ ବିଭାଗର ଡ଼ାକ୍ତର ପଦବୀ ଖାଲି ପଡ଼ିଛି ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜ୍ୱର ରୋଗରେ ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା ମିଳୁ ନାହିଁ । ବାଧ୍ୟ ହୋଇ ରୋଗୀମାନେ ଭୁବନେଶ୍ୱର ଓ କଟକ ଚିକିତ୍ସା ପାଇଁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ସରାମ ରହିଥିଲେ ମଧ୍ୟ ତାହା ରୋଗୀଙ୍କ ସେବାରେ ଆସିପାରୁ ନାହିଁ । ଏହି ସମସ୍ୟା ଦୀର୍ଘଦିନ ହେବ ଲାଗି ରହିଛି । କ'ଣ ପାଇଁ ସରକାର ଏହାର ବିକଳ୍ପ ଚିନ୍ତା କରୁ ନାହାନ୍ତି ବୋଲି ଜନସାଧାରଣ ପ୍ରଶ୍ନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅଳିଆ ଆବର୍ଜନା ପଡ଼ିଥିବା ବେଳେ ଗୋବରର ଦୁର୍ଗନ୍ଧରେ ନାକ ଫାଟି ପଡୁଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସର ପାଲଟିଛି କୁକୁର ମାନଙ୍କର ଆଡ୍ଡାସ୍ଥଳୀ । ଏପରି ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ କ'ଣ ପାଇଁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଉ ନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ନିମାପଡ଼ାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଲକ୍ଷ ଲକ୍ଷ ରୋଗୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି । ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟା ଦୂର କରିବାକୁ ନିମାପଡ଼ାର ଜନସାଧାରଣ ଦାବି କରିଛନ୍ତି ।

## ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ଖାଦ୍ୟ ଦିବସ ପାଳିତ



ଭୁବନ(ଭାସ୍କର ନ୍ୟୁଜ): ଓଡ଼ିଆ ପକ୍ଷ ପାଳନ ଅବସରରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପାରମ୍ପରିକ ଖାଦ୍ୟ ଦିବସକୁ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମା' ଭଉଣୀ ମାନେ ଆଗ୍ରହର ସହିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରିବେଷଣ କରିଥିଲେ । ନଗରପାଳ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲୋକନାଥ ବେଜ, କାଉନସିଲର, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, ଶକ୍ତି ପ୍ରସାଦ ସାହୁ କନିଷ୍ଠ କିରାଣୀ ପ୍ରାଣକୃଷ୍ଣ ଓଝା, ଗୋଷ୍ଠୀ ସଂଗଠିକା ଚିକୁମିନା ପଟ୍ଟନାୟକ, ହିସାବ ରକ୍ଷକ ବିଶ୍ୱାସ ମହାନ୍ତି, ଏମଆଇଏସ ସଚିନ ମହାନ୍ତି, ଜେଏସଇ ଜ୍ୟୋତି ରଞ୍ଜନ ବେହେରା, ଟାସ୍କ କଲେକ୍ଟର ସନ୍ତୋଷ କୁମାର ମିଶ୍ର, ରବୀନ୍ଦ୍ର ବେହେରା, କୋଦଣ୍ଡଧର ପୋଥାଳ ଓ ସମସ୍ତ କର୍ମଚାରୀଙ୍କ ସମେତ ସ୍ୱଚ୍ଛ ସାଥୀ ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

### ନାବାଳକୁ କୁମ୍ଭୀର ଟାଣିନେବା ଘଟଣା

## ସନ୍ଧାନ ପାଇଲାନି ସର୍ଚ୍ଚ କ୍ୟାମେରା ଟିମ୍

ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ମୁଟୁରିଗଡ଼ ଗ୍ରାମ ନିକଟରେ ଥିବା ଗେଙ୍ଗୁଟି ନଦୀରେ ଗାଧୋଉଥିବା ବେଳେ ଶୁକ୍ରବାର ମଧ୍ୟାହ୍ନରେ କାଶିନାଥ ମାଝୀଙ୍କ ପୁଅ ଆକାଶ ମାଝୀ (୧୭)ଙ୍କୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଥିଲା। ଖବର ପାଇ ବନ ବିଭାଗ ଓ ପ୍ରଶାସନ ନଈ ନିକଟରେ ପହଞ୍ଚି ଅନୁଧ୍ୟାନ କରିବା ସହିତ ଖୋଜା ଖୋଜି କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ। ଶନିବାର ପୁଣି ଓଡ୍ରାଫ ଟିମ୍, ବନବିଭାଗ, ତିହିଡ଼ି ଓ ଗଦି ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ନାବାଳକର କୌଣସି ସନ୍ଧାନ ପାଇ ନଥିଲେ। ରବିବାର କଟକରୁ ସ୍ୱତନ୍ତ୍ର ସର୍ଚ୍ଚ କ୍ୟାମେରା ଟିମ୍ ଆସି ଗେଙ୍ଗୁଟି ନଦୀରେ କ୍ୟାମେରା ପକାଇ ଖୋଜା ଖୋଜି କରିଥିଲେ ମଧ୍ୟ ସନ୍ଧ୍ୟାସୁଦ୍ଧା ନାବାଳକର କୌଣସି ସନ୍ଧାନ ମିଳି ପାରିନଥିବା ଜଣାଯାଇଛି। ବାରସର ସରପଞ୍ଚ ଚକ୍ରଧର ଦାସ ତିନିଦିନ ହେବ ଘଟଣା ସ୍ଥଳରେ ରହି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ଓଡ୍ରାଫ, ଦମକଳ ବାହିନୀ, ବନ ବିଭାଗ ଓ ସର୍ଚ୍ଚ କ୍ୟାମେରା ଟିମ୍‌କୁ ସହଯୋଗ କରୁଥିବା ଜଣାଯାଇଛି।

## ମେରୁ ପର୍ବରେ ଓହଳ ତୋପ ଖେଳିଲେ ଦଣ୍ଡୁଆ



ବୋଲଗଡ(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ମା' ଦଣ୍ଡକାଳୀଙ୍କ ମନ୍ଦିର ଠାରେ ଚୈତ୍ର ମାସର ଆଜି ମେରୁ ପର୍ବରେ ଦଣ୍ଡୁଆ ଭକ୍ତ ମାନେ ଓହଳ ତୋପ ଖେଳିଅଛନ୍ତି । ପ୍ରାରମ୍ଭରେ ମା' ଦଣ୍ଡକାଳୀଙ୍କ ସହିତ ଦଣ୍ଡୁଆ ମାନେ ସ୍ନାନ ଅଭିମୁଖେ ବାହାରିଥିଲ ପୂର୍ବ ବିଧି ଅନୁସାରେ ଦଣ୍ଡୁଆ ମାନେ ଧୂଳି ଖେଳ କରି ପୋଖରୀରେ ସ୍ନାନ କାର୍ଯ୍ୟ, ପୂଜା ପାଠ, ଅଗ୍ନି ସଂଯୋଗ ଓ ଗ୍ରାମରେ ଭୋଗ ଲାଗି କରାଯାଇ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ସେଠାରେ ଯଜ୍ଞାଦି ପୁରୋହିତ ସୌମ୍ୟ ରଞ୍ଜନ ମିଶ୍ରଙ୍କ ଦ୍ୱାରା ପୂଜା ପାଠ, ହୋମ ଓ ଓହଳ ତୋପ ନିମନ୍ତେ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରଚଣ୍ଡ ଅଗ୍ନିର ଝାସରେ ଦାଣ୍ଡୁଆ ମାନଙ୍କ ଗୋଡ ବନ୍ଧାଯାଇ ଖେଳ କରାଯାଇଥିଲା। ପରେ ଅଗ୍ନି ଶାନ୍ତ କରାଯାଇଥିଲା। ଏହି ଓହଳ ତୋପ ଖେଳ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ ଲାଭ କରିଥିଲେ। ପରିଶେଷରେ ମେରୁ ଉପବାସ ଧାରି ମାନେ ଠାକୁରଙ୍କୁ ଦର୍ଶନ କରି ନିର୍ଜଳ ଉପବାସ ଭଙ୍ଗ କରିଥଲେ । ଏହି ଓହଳ ତୋପ ଉତ୍ସବ ବିରଳ ଦଣ୍ଡ କୋଠୀରେ ଦେଖିବାକୁ ମିଳେ ।

## କାଳବୈଶାଖୀର ତାଣ୍ଡବ ଲୀଳା



କେନ୍ଦୁଝର(ଭାସ୍କର ନ୍ୟୁଜ): ପାଟଣା ବ୍ଲକ ଅଞ୍ଚଳରେ କାଳ ବୈଶାଖୀ ଲାଗି ଅନେକ କ୍ଷୟକ୍ଷତି ହୋଇଛି। ବର୍ଷା ପବନ ସହ ଘଡଘଡି ଲାଗି ରହିଥିଲା। ଗୁଲୁଦିପଶି ଗ୍ରାମରେ ଅନେକ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ଖଜୁରୀଡିହା, ସାହାରପଡ଼ା ବେଗନା, ଢେଙ୍କିକୋଟ ରାସ୍ତାରେ ପୁରୁଣା ଗଛ ସବୁ ପଡ଼ିଥିବା ଦେଖି ଯାଇଛି। ସେଥିଲାଗି ରାସ୍ତାରେ ଗାଡ଼ି ମଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ ବାହିନୀର କର୍ମଚାରୀ ଆସି ଏକ ବିରାଟ ଆମ୍ବ ଗଛକୁ ମେସିନ ଦ୍ୱାରା କାଟି ଉଠେଇବା ପରେ ରାସ୍ତାରେ ଚଳାଚଳ ପୁନଃ ଆରମ୍ଭ ହୋଇଥିଲା।

## ଗହିରମଥା ସାମୁଦ୍ରିକ ଅଭୟାରଣ୍ୟରୁ ୭ ମତ୍ସ୍ୟଜୀବୀ କୋର୍ଟଚାଲାଣ




ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବନଖଣ୍ଡ ଅଧିନସ୍ଥ ଗହିରମଥା ସାମୁଦ୍ରୀକ ଅଭୟାରଣ୍ୟରୁ ବେନିୟମ ଭାବେ ମାଛମାରୁଥିବା ପ୍ରଭାତୀ-୩' ନାମକ ଟ୍ରଲର ସହ ୭ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏସିଏଫ ମାନସ ରଞ୍ଜନ ଦାସ ସୂଚନା ଦେଇଛନ୍ତି। ରାଜନଗର ବନଖଣ୍ଡ ଅଧୀନସ୍ଥ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବାରମ୍ବାର ବନବିଭାଗ ବେନିୟମ ମାଛମରା ଟ୍ରଲରକୁ ଯେତେ ସିଜ୍ କରି ମତ୍ସ୍ୟଜୀବୀଙ୍କୁ ଗିରଫ କରି ସଫଳତା ବୋଲି ଭାବୁଛି, ବେନିୟମ ଟ୍ରଲର ମାଲିକ ବନ ବିଭାଗକୁ ଚାଲେଞ୍ଜ ଦେଇ ସେହି ମାଲିକ ଓ ଟ୍ରଲର ପୁନର୍ବାର ବେନିୟମ ମାଛମାରି ବନ ବିଭାଗ ଦ୍ୱାରା ଧରାପଡିବା ନେଇ ସାଧାରଣରେ ନାନା ପ୍ରକାର ପ୍ରଶ୍ନ ଉଠୁଛି। କୌଣସି ବିଭାଗୀୟ ଗଳାବାଟ କିମ୍ବା କର୍ମଚାରୀଙ୍କ ପ୍ରୋତ୍ସାହନ ହୁଏତ ଏପରି ଅନୀୟମିତ କାର୍ଯ୍ୟର ଖୋରାକ ଯୋଗାଇ ଥାଇ ପାରେ ବୋଲି ପରିବେଶ ବିଲ୍ ମାନେ ସନ୍ଦେହ ସୃଷ୍ଟି କରିଛନ୍ତି। ଏକକୁଳା ସେକ୍ସନର ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଫରେଷ୍ଟ କର୍ମଚାରୀ ଟିମ୍ ସମୁଦ୍ରରେ ପେଟ୍ରୋଲିଂ କରୁଥିବା ବେଳେ ପ୍ରଭାତୀ-୩ ନାମକ ଟ୍ରଲର ବେନିୟମ ମାଛ ମାରୁଥିବା ଦେଖି ଟ୍ରଲର ସହ କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ମେରାଇନ ଥାନା ଅଞ୍ଚଳର ବୁଦ୍ଧ ଦେବଗିରି, ସୂର୍ଯ୍ୟକାନ୍ତ ଗିରି, ବିଶ୍ୱରଞ୍ଜନ ମଲିକ, ବାସୁଦେବ ବେରା, ମାଧବ ପଞ୍ଚା, ସୁଦର୍ଶନ ପ୍ରଧାନ, ମହେନ୍ଦ୍ର ଭୂୟାଁ ପ୍ରମୁଖ ମତ୍ସ୍ୟଜୀବୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଟ୍ରଲର ସହ ଭିଏଚପି-୧, ଜିପିଏସ-୧, ଫିସ୍ ଫାଇଣ୍ଡର-୧, ଟ୍ରଲି ନେଟ-୭, ମୋବାଇଲ ଫୋନ-୩, ମାଛ ପ୍ରାୟ ୩ କୁଇଣ୍ଟାଲ ଜବତ ହୋଇଥିବା ଏସିଏଫ୍ ମାନସ ଦାସ ସୂଚନା ଦେଇଛନ୍ତି।

## ଆୟୁଷ୍ମାନ ଯୋଜନା ବାଟବଣା, ଦ୍ୱନ୍ଦ୍ୱରେ ହିତାଧିକାରୀ



କାକଟପୁର(ଭାସ୍କର ନ୍ୟୁଜ): ସାରା ରାଜ୍ୟରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ରାଜ୍ୟ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସମ୍ବନ୍ଧିୟ ସଚେତନତା ପାଇଁ ପ୍ରତି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଜନସଚେତନତା ସୃଷ୍ଟି କରାଯିବାର ଲକ୍ଷ ନେଇ ରାଜ୍ୟ ରାଜକୋଷରୁ ପ୍ରତି ବ୍ଲକ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେ କାକଟପୁର ବ୍ଲକରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି । ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଚାରି ଗୋଟି ଉପ-କେନ୍ଦ୍ରରେ ଆୟୁଷ୍ମାନ ଯୋଜନାର ଶୁଭାରମ୍ଭ କରାଯାଇଥିଲେ ମଧ୍ୟ ନାମକୁ ମାତ୍ର କେତେଜଣ ହାତଗଣତି ପଞ୍ଚାୟତ ସ୍ତରୀୟ ନେତାଙ୍କୁ ଡାକି ବିନା ସଚେତନତାରେ କାର୍ଯ୍ୟକ୍ରମକୁ ଅତି ତରବରିଆ ଭାବେ ଲୋକାର୍ପଣ କରିଥିଲେ । ଗ୍ରାମାଞ୍ଚଳର ଗରିବ ହିତାଧିକାରୀମାନେ ବିଏସକେୱାୟୀ ଏବଂ ଆୟୁଷ୍ମାନ କାର୍ଡକୁ ନେଇ ଦ୍ୱନ୍ଦ୍ୱରେ ଥିବାବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ କେଉଁ କାର୍ଡ ଅଧିକ ସହାୟକ ହୋଇପାରିବ ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । କାକଟପୁର ବିଡ଼ିଓ କାକଟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇଥିବା କାର୍ଯ୍ୟକ୍ରମକୁ ପରିଚାଳନା କରୁଥିବା ବେଳେ ଅନ୍ୟ ଚାରିଗୋଟି କେନ୍ଦ୍ରରେ ସମ୍ପୃକ୍ତ ଡାକ୍ତରଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯିବା ଏବଂ ଏହି କାର୍ଯ୍ୟକ୍ରମରେ ଲକ୍ଷ ଲକ୍ଷ ଟଙ୍କା ଟଙ୍କା ତୋଷାରପାତ କରାଯାଇଥିବା କେତେକ ତଳିଆ କର୍ମଚାରୀମାନେ ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି ।

## ଘୋଷଣାରେ ସୀମିତ ଖେଳାର ଫାଣ୍ଡି, ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍‌ର ଚାରୋଟି ଅଞ୍ଚଳ ନିମାପଡ଼ା, ଚାରିଛକ, ବଳଙ୍ଗା ଓ ଖେଳାର ସମଗ୍ର ନିମାପଡ଼ା ବ୍ଲକ୍‌ର ବୃହତମ ଅଞ୍ଚଳ ଅଟେ । ଜନସଂଖ୍ୟା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ନିମାପଡ଼ା ହେଡ୍‌କ୍ୱାର୍ଟର ସମେତ ବଳଙ୍ଗାରେ ଥାନା ରହିଥିବା ବେଳେ ଚାରିଛକ ଫାଣ୍ଡିକୁ ଥାନାରେ ପରିଣତ କରାଯାଇଛି । କିନ୍ତୁ ଖେଳାରର ବହୁ ଦିନର ଦାବିକୁ ଫାଣ୍ଡି ପ୍ରତିଷ୍ଠା ବିଳମ୍ବ ହେବାରୁ ଅଞ୍ଚଳବାସୀଙ୍କର ସ୍ୱର ତୀବ୍ର ହେବାରେ ଲାଗିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଖେଳାର ବଜାର ଉପରେ ନିମାପଡ଼ା ବ୍ଲକ୍‌ର ଧନୁଆଁ, ରେଂଚ, ସାଇଁଶ ଶାସନ, ଅଲଣ୍ଡା, ଶଗଡ଼ା, ଗଡ଼ପଦନପୁର, ହରିପୁର ବାଲିପାଟଣା ବ୍ଲକ୍, ଶୁମଣା ଶାସନ, ରାଜସ ଆଦି ଅଞ୍ଚଳର ଲୋକମାନେ ନିର୍ଭରଶୀଳ ଅଟନ୍ତି । ପ୍ରତ୍ୟେହ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ବଜାର ଉପରେ ନିର୍ଭରଶୀଳ ଥିବା ବେଳେ ଖେଳାରରେ ସପ୍ତାହକୁ ଦୁଇଦିନ ହାଟ, ବାଣିଶ୍ରୀ କଲେଜ, ଚିନ୍ତାମଣି ବିଦ୍ୟାପୀଠ, ସରସ୍ୱତୀ ଶିଶୁ ମନ୍ଦିର, ଜ୍ଞାନଦେବୀ ଡ଼ିଗ୍ରୀ କଲେଜ ସହିତ ୩ଟି ବ୍ୟାଙ୍କ, ପୋଷ୍ଟ ଅଫିସ, ଆର.ଆଇ ଅଫିସ ଯୋଗୁ ବଜାର ସର୍ବଦା ଗହଳି ରହିଥାଏ । ହାଟପାଳି ଶନିବାର ଓ ମଙ୍ଗଳବାର ହାଟ ହେଉଥିବାରୁ ପ୍ରବଳ ଜନ ଗହଳି ଯୋଗୁ ଟ୍ରାଫିକ ସମସ୍ୟାକୁ ନ ଦେଖିଲା ଲୋକ ବିଶ୍ୱାସ କରିପାରିବେ ନାହିଁ। କୋଣାର୍କ ସୂର୍ଯ୍ୟମନ୍ଦିର, ଅଷ୍ଟରଙ୍ଗ ଜାହାନିଆ ପୀର, କାକଟପୁର ମଙ୍ଗଳା ମନ୍ଦିରକୁ ଯାଉଥିବା ପର୍ଯ୍ୟଟକମାନେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଖେଳାର ବଜାର ଏବେ ବୃହତକାଳୟ ବ୍ୟବସାୟ ଅଞ୍ଚଳ ହୋଇଥିବାରୁ ଜନ ସମାଗମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଆଇନ ଶୃଙ୍ଖଳା ଦୃଷ୍ଟିକୋଣରୁ ସ୍ଥାନୀୟ ଅଞ୍ଚଳରୁ ନିମାପଡ଼ା ଓ ବଳଙ୍ଗା ଥାନାରେ ପ୍ରତ୍ୟେହ ଏକାଧିକ କେସ୍ ଦରଜ ହେଉଅଛି । ସଂଧ୍ୟା ହେଲେ ନିଶାଡ଼ି ମାନଙ୍କର ଆଡ୍ଡାସ୍ଥଳୀ ପାଲଟି ଯାଉଛି ଖେଳାର ବଜାର ଓ ହାଟ ଚାଳି । ଦୀର୍ଘଦିନ ଧରି ଅଞ୍ଚଳବାସୀ ଖେଳାର ବଜାରରେ ଫାଣ୍ଡି ପ୍ରତିଷ୍ଠା ଲାଗି ଦାବି କରିଆସୁଥିଲେ। ୨୦୦୯ ପଞ୍ଚାୟତ ନିର୍ବାଚନ ସମୟରେ ତତ୍କାଳୀନ ନିମାପଡ଼ା ଏସ୍‌ଡ଼ିପିଓ ଅରୁଣ କୁମାର ଜେନା ଖେଳାର ବଜାରରେ ଏକ ପୋଲିସ ସହାୟତା କେନ୍ଦ୍ର ସ୍ଥାପନ କରିଥିଲେ। ଗୋଟିଏ ଅଫିସର ଓ ୨ଟି ହୋମ୍‌ଗାର୍ଡ଼କୁ ନେଇ କିଛିଦିନ ଚାଲିଲା ପରେ ଏବେ ସେ ଖତ ଖାଉଛି । ଏହି ଅଂଚଳର ଗରୀବ ଜନସାଧାରଣ ନିଜ ସମସ୍ୟା ନେଇ ନିମାପଡ଼ା ଯାଇ ଅଯଥା ଖର୍ଚ୍ଚାନ୍ତ ହୋଇ ନିରାଶ ହେଉଛନ୍ତି । ଲୋକମାନଙ୍କର ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଖେଳାର ବଜାରଠାରେ ଫାଣ୍ଡି ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ । ରାଜ୍ୟ ଗୃହ ବିଭାଗ ଏ ବିଷୟରେ ଅବଗତ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଫଳ ମିଳିପାରିନାହିଁ। ଫାଣ୍ଡି ପ୍ରତିଷ୍ଠା ହେବା ପାଇଁ ଅଂଚଳବାସୀ ଆଶାବାଦୀ ହୋଇ ରହିଛନ୍ତି ।

### ପାଞ୍ଚ ମାସ ହେବ ମିଳୁନି ଭତ୍ତା

## ସିଝା ଚାଉଳରେ ବିତୁଛି ଦିବ୍ୟାଙ୍ଗ ସନ୍ତୋଷଙ୍କ ଜୀବନ



ରାଜନଗର(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଗରିବ ଅସହାୟ, ନିରାଶ୍ରୟ ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣାରେ ବହୁ ବିଧ ଯୋଜନା କରି ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ ତାର ବ୍ୟତିକ୍ରମ ଦେଖା ଦେଇ ବାରମ୍ବାର ବ୍ଲକ କାର୍ଯ୍ୟାଳୟ ଦୌଡି ୫ ମାସର ଭତ୍ତା ଟଙ୍କା ନ ପାଇ ହାରାସ ହୋଇ ଫେରୁଛନ୍ତି ଦିବ୍ୟାଙ୍ଗ। ଭତ୍ତାଟଙ୍କା ନ ପାଇ ସରକାରଙ୍କର କେବଳ ଚାଉଳ ସିଝାଇ ମାସ ମାସ ଧରି ଖାଉଛନ୍ତି ଏହି ବ୍ଲକର ବ୍ରାହ୍ମଣ ସାହି ପଞ୍ଚାୟତ ପ୍ରହରାଜପୁରୁ ଗ୍ରାମର ୭୦ ବର୍ଷିଆ ଦିବ୍ୟାଙ୍ଗ ସନ୍ତୋଷ ବିଶ୍ୱାଳ । ସନ୍ତୋଷ ବେରୋଜଗାରୀ ହୋଇ ପରିବାର ଉପରେ ବୋଝ ସାଜିଥିଲା। ଯାହାଫଳରେ ପରିବାର ତାକୁ ଅଲଗା କରି ଦେଇଥିଲେ। ହେଲେ ଆଗରୁ ଦିବ୍ୟାଙ୍ଗ ଭତ୍ତା ଓ ୩୫ କେଜି ଚାଉଳ ପାଇ ପନିପରିବା, ତେଲ ଲୁଣ, ଲୁଗା ପଟା, ଔଷଧ ଆଦିରେ ଚଳି ଯାଉଥିଲା। ହେଲେ ସନ୍ତୋଷ କି ଅପରାଧ କଲା ଯେ, ତାକୁ ମଝିରେ କେତେମାସ ଚାଉଳ ବନ୍ଦ କରିଦେଇଥିଲେ । କିଛିମାସ ପରେ ଗ୍ରାମବାସୀଙ୍କ ଆପତ୍ତି ପ୍ରକାରେ ପୁନଃ ଚାଉଳ ଦେଇଥିଲେ। ଏବେ ପାଞ୍ଚ ମାସ ହେବ ଭତ୍ତା ଟଙ୍କା ମିଳି ନାହିଁ। ବାରମ୍ବାର ଦିବ୍ୟାଙ୍ଗ ବ୍ଲକ୍‌କୁ ଦୌଡି ଦୌଡି ନୟାନ୍ତ ହେଉଥିଲେ ମଧ୍ୟ ବିଭାଗୀୟ କର୍ମଚାରୀ ଟାଳଟୁଳ ନୀତି ଅବଲମ୍ବନ କରି ଭତ୍ତା ଟଙ୍କା ନ ଦେବା ଦ୍ୱାରା ସନ୍ତୋଷ ଚାଉଳ ସିଝାଇ ଖାଉଛି। ବ୍ଲକ କର୍ତ୍ତୃପକ୍ଷ ଯଦି ଏହାର ସୁବ୍ୟବସ୍ଥା କରି ଭତ୍ତା ଟଙ୍କା ନ ଦିଅନ୍ତି, ତେବେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଦିବ୍ୟାଙ୍ଗ ସନ୍ତୋଷ ବିଶ୍ୱାଳ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି।

## ନୂତନ ଶନି ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି ବୈଠକ



ଭୁବନ(ଭାସ୍କର ନ୍ୟୁଜ): ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱରଙ୍କ ପୀଠରେ ନୂତନ ଶନି ମନ୍ଦିର ନିର୍ମାଣ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ସୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ଶ୍ରୀଯୁକ୍ତ ନରହରି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ସମୀର କୁମାର ସାହୁ, ନଗରପାଳ ଶୁଭେନ୍ଦୁ କୁମାର ସାହୁ, ପୂର୍ବତନ ସଭାପତି ସନାତନ ସାହୁ, ଈଶ୍ୱର ଚନ୍ଦ୍ର ଅଗ୍ରୱାଲ, ଦିଲ୍ଲୀପ କୁମାର ଦାସ, କୁଞ୍ଜ ବିହାରୀ ଚିନରା, ଲକ୍ଷ୍ମଣ କୁମାର ସାହୁ, ବାସୁଦେବ ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନା କରିଥିଲେ । ନୂତନ ଶନି ମନ୍ଦିର ନିର୍ମାଣରେ ହାରାହାରି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଆସନ୍ତା ଅକ୍ଷୟ ତୃତୀୟା ଦିନ ଶିଳାନ୍ୟାସ କରାଯିବ ଏବଂ ଆସନ୍ତାବର୍ଷ ଅକ୍ଷୟ ତୃତୀୟା ଦିନ ଶୁଭ ଉନ୍ମୋଚନ ( ପ୍ରାଣ ପ୍ରତିଷ୍ଠା) କରାଯିବାକୁ ଲକ୍ଷ୍ୟ ରହିଛି । ଏଥିପାଇଁ ସମସ୍ତ ଶୈବଭକ୍ତ ତଥା ସମଗ୍ର ଭୁବନ ବାସୀ ମୁକ୍ତ ହସ୍ତରେ ଦାନ କରିବାକୁ ନିବେଦନ କରାଯାଇଥିଲା ।

## ୧ କ୍ୱିଣ୍ଟାଲ ଗଞ୍ଜେଇ ସହ ଅଟୋ ଜବତ, ଜଣେ କୋର୍ଟଚାଲାଣ



ମାଲକାନଗିର(ଭାସ୍କର ନ୍ୟୁଜ): ମାଲକାନଗିରି ଅବକାରୀ ଅଧିକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଅବକାରୀ ଥାନାର କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ସମୟରେ ଚାଲାଣଗୁଡା ଠାରୁ ସୁକୁମା ରାସ୍ତା ର ଟିଟିବେରି ନିକଟରେ ଏକ ଅଟୋକୁ ଯାଞ୍ଚ କରିବା ସମୟରେ ଅଟୋ ସହ ୧ କ୍ୟୁଣ୍ଟାଲ ଗଞ୍ଜେଇ ଜବତ କରିଛନ୍ତି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ୍ୟ ଟଙ୍କା ହେବ ବୋଲି ସୂଚନା ଦେଇଛନ୍ତି। ଚିତ୍ରକୋଣ୍ଡା ଥାନା ନିଳାପାରି ଅଞ୍ଚଳର ଅଟୋ ଡ୍ରାଇଭର ତଥା ମାଲିକ ପ୍ରଶାନ୍ତ ଖରାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ମାମଲା ରେ ଆଉ କେଉଁ ମାନେ ସାମିଲ ଅଛନ୍ତି ତାକୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଓଆଇସି ଅମିୟ କୁମାର ଖଞ୍ଜାକୁ ନିର୍ଦ୍ଦେଶ ଦେଇଛନ୍ତି ଅବକାରୀ ଅଧିକ୍ଷକ ଶ୍ରୀ ପଣ୍ଡା । ଏହି ପାଟ୍ରୋଲିଂ ଡ୍ୟୁଟି ସମୟରେ ଏସ ଆଇ ଅମିୟ କୁମାର ଖଞ୍ଜା, ଏଏସଆଇ ଜେମେସ ମାଲଖମ୍ ସାହୁ, କନଷ୍ଟେବଳ ଆନନ୍ଦ ପ୍ରଧାନ, ବିପୁଲ ଶେଖର ଯୋଦ୍ଧର, ପବିତ୍ର ଭତ୍ରା ଓ ଅନ୍ୟମାନେ ଉପସ୍ଥିତ ଥିବା ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

## ବରୁଣ୍ଡେଇ ଦୁର୍ଗା ମଣ୍ଡପରୁ ଚୋରିର ପରଦା ହଟିବ କେବେ ?

କୋରେଇ(ଭାସ୍କର ନ୍ୟୁଜ): କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମ ବଙ୍ଗାଳି ସାହି ଦୁର୍ଗା ମଣ୍ଡପରୁ ଗତ ଦୁର୍ଗାପୂଜା ଅର୍ଥାତ ନବମୀ ପୂଜାପରେ ବିଳମ୍ବିତ ରାତ୍ରୀରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା, ରୂପା ଗହଣା ଚୋରି ହେବା ଘଟଣା ସାରା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବା ବେଳେ ଘଟଣାକୁ ୮ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସୁରାଗ ପୋଲିସ ପାଇ ପାରୁନଥିବାରୁ ଅଞ୍ଚଳବାସୀ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି । ଖାଲି ଥାନାରେ କେଶ ନଂ ୩୮୮/୨୪ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପୋଲିସ କେବଳ ପୂଜକକୁ ଉଠେଇ ନେଇ ପଚରାଉଚରା କରି ଛାଡିଥିବା ବେଳେ ଘଟଣାରେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ । ଏଠାରେ ସୂଚନାଯୋଗ୍ୟ କି ବଙ୍ଗାଳୀ ସାହିର ଏହି ଦୁର୍ଗା ଅନୁଷ୍ଠାନ ପ୍ରାୟ ୧୦୦ ବର୍ଷ ପୁରୁଣା, ଘଟଣା ଦିନ ନବମୀ ପୂଜା ପରେ ପ୍ରସାଦ ସେବନ ହୋଇଥିଲା । ତା ପରେ ରାତି ପ୍ରାୟ ୧୨ ଟାରେ ମଣ୍ଡପର ଭିତର ପଟୁ ଚାବି ଦେଇ ପୂଜକ ଏବଂ କମିଟି ସଦସ୍ୟ ବିଶ୍ୱତୋଷ ସିଂହା ଶୋଇଥିଲେ ଏବଂ ଚାବିକାଠି କାନ୍ଥରେ ଟାଙ୍ଗିଥିଲେ ବୋଲି କମିଟି ସଦସ୍ୟ କହୁଛନ୍ତି । କିନ୍ତୁ ରାତ୍ରି ୨.୪୫ମିରେ ବିଶ୍ୱତୋଷ ଦେଖିଲେ କି ଚାବି ଖୋଲାଯାଇଛି । ପରେ ପୂଜକଙ୍କୁ ଡାକି ଦେଖିଲେ କି ମା'ଙ୍କ ସହ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତିରୁ ଅଳଙ୍କାର ଚୋରି ହୋଇଯାଇଛି । ଚାବି କାଠିଟି ଶୋଇଥିବା ବିଛଣାରେ ପଡିଛି । ସେ ସଙ୍ଗେ ସଙ୍ଗେ କମିଟିର ଅନ୍ୟ ସଦସ୍ୟଙ୍କୁ ଜଣାଇବା ସହିତ କୋରେଇ ଥାନାକୁ ଖବର ଦେଇଥିଲେ । କୋରେଇ ଥାନାରେ ସେତେବେଳର ଥାନା ଅଧିକାରୀ ସଂଜୟ ପରିଡା ନିଜେ ତଦନ୍ତ କରଥିଲେ । ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆଗକୁ ବଢା ଯାଇଥିଲା । କିନ୍ତୁ ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ପୋଲିସ ବିଭାଗ ଚୋରିର ଟେର ପାଇ ପାରିଲା ନାହିଁ । ଏହା ଭିତରେ କୋରେଇ ଥାନାରେ ନୂତନ ଭାବେ ଜଣେ ଦକ୍ଷ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଯୋଗ ଦେଇଥିବା ବେଳେ ଯାଜପୁର ଆରକ୍ଷୀ ଅଧିକାରୀ ଯସପ୍ରୀତି ଶ୍ରୀମଲବି ଜଣେ ଦକ୍ଷ ଅଫିସର ଭାବେ ଜଣାଶୁଣା । ବିଗତ ଦିନରେ ସେ ପାଣିକୋଇଲି ସୁନା ଦୋକାନ ଚୋରି ଓ କୁଆଖିଆ ସୁନା ଚୋରୀ କେଶରେ ବାହାର ରାଜ୍ୟରୁ ସଫଳତାର ସହିତ ଡକାୟତ ଧରିବାରେ ସଫଳତା ଅର୍ଜନ କରିଥିବା ବେଳେ କାହିଁକି ଏହି ଚୋରୀର ଟେର ପାଇପାରୁ ନାହାଁନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିସ ବିଭାଗର ଏପରି ଦକ୍ଷ ଅଫିସର ଏହି କେଶକୁ ପୁନଃ ତଦନ୍ତ ପରିସରକୁ ଆଣି ଦୁର୍ଗା ମାତାଙ୍କର ଗହଣା ଜବତ କରିବା ସହିତ ଚୋରଙ୍କୁ ଧରିଲେ ବରୁଣ୍ଡେଇ ଅଞ୍ଚଳର ଲୋକମାନଙ୍କର ପୋଲିସ ଉପରେ ଆସ୍ଥା ଫେରିଆସିବ ବୋଲି ବୁଦ୍ଧିଜିବି ମହଲରେ ଆଲୋଚନା ହେଉଛି ।

## ପାରାଦୀପ ପୌରପାଳିକା ପକ୍ଷରୁ ବେଳାଭୂମି ସାମୂହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ପାରାଦୀପ(ଭାସ୍କର ନ୍ୟୁଜ): ଉତ୍କଳ ଦିବସ ପରିପ୍ରେକ୍ଷୀରେ ଓଡ଼ିଆ ପକ୍ଷ ପାଳନ ଅବସରରେ ପାରାଦୀପ ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସମୁଦ୍ର ବେଳାଭୂମିରେ ରବିବାର ସକାଳେ ଏକ ସାମୁହିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାରାଦୀପ ଗ୍ରୀନ ଟ୍ରଷ୍ଟ, ମହାବିଦ୍ୟାଳୟ ଏନସିସି ଆଲୁମୁନି ଆସୋସିଏସନ,ଏନସିସି କ୍ୟାଡେଟ, କଳିଙ୍ଗ ମହିଳା ଶକ୍ତି, ସଉଭିକ ଫାଉଣ୍ଡେସନ ପ୍ରମୁଖ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସଂଗଠନର ସଦସ୍ୟ ଓ ସଦସ୍ୟାମାନେ ବହୁସଂଖ୍ୟାରେ ଯୋଗଦେଇ ସମୁଦ୍ର ବେଳାଭୂମିରେ ସଫେଇ କରିଥିଲେ । ମହାବିଷୁବ ପଣାସଂକ୍ରାନ୍ତି ମହୋତ୍ସବ ୨୦୨୫ ଅବସରରେ ପୌରପାଳିକା ପକ୍ଷରୁ ଦୁଇଦିନିଆ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ସକାଳେ ବେଳାଭୂମିର ସୌନ୍ଦର୍ଯ୍ୟ ଓ ସ୍ୱଚ୍ଛତା ରକ୍ଷା ପାଇଁ ସାମୁହିକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ବେଳାଭୂମିଠାରେ ଢୋଲ, ମହୁରୀ, ତେଲିଙ୍ଗୀ ବାଜା, ଖୋଳ ଓ ଝାଞ୍ଜ ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ପରିବେଷିତ ହୋଇଥିବା ବେଳେ ବୈଦିକ ପୂଜା ଅନୁଷ୍ଠିତ ହୋଇଥିଲା । ସେହିପରି ଖାଦ୍ୟ ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀ ଓଡ଼ିଆ ପାରମ୍ପରିକ ପୋଷାକ ପରିଧାନ କରି ବେଲ ପଣା, ଦହି ପଣା, ଲେମ୍ବୁ ସରବତ, ପୋଡ଼ପିଠା, ଆରିଷା ପିଠା, ବାଙ୍ଗ ମଣ୍ଡା ପିଠା, ମାଣ୍ଡିଆ ପିଠା, କାକରା ଓ ଛଣା ମଣ୍ଡା, ଦହିବରା-ଆଳୁଦମ, ଚକୁଳି ଓ ବାଡିଆ ଡାଲମା, ବରା-ଆଳୁଦମ, ମୁଢି ଖାସି ମାଂସ ଚକୁଳି ଖାସି ମାଂସ ଇତ୍ୟାଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ଉଦଘାଟନୀ ସଭାରେ ପାରମ୍ପରିକ ଓଡିଶୀ, ସମ୍ବଲପୁରୀ, ଲୋକନୃତ୍ୟ ଇତ୍ୟାଦି ପ୍ରଦର୍ଶିତ ହୋଇଥିଲା । ତେବେ ସୋମବାର ଦିନ ବାଲିଯାତ୍ରା ପଡିଆରେ ପଣା ସଂକ୍ରାନ୍ତି ମହୋତ୍ସବର ବହୁବିଧ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବାକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସାଧାରଣରେ ନିମନ୍ତ୍ରଣ କରିଛନ୍ତି । ତେବେ ପାରାଦୀପ ପୌରପାଳିକା ଓ ପୌରାଧକ୍ଷ ଶ୍ରୀ ବିଶ୍ୱାଳଙ୍କ ଏପରି ଉଦ୍ୟମକୁ ସାଧାରଣରେ ଉଚ୍ଚପ୍ରଶଂସା କରାଯାଉଛି ।



ତେନ୍ତୁଳିଖୁଣ୍ଟି, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ତେନ୍ତୁଳିଖୁଣ୍ଟି ବ୍ଲକର ବିଭିନ୍ନ ଗ୍ରାମରେ ବସବାସ କରୁଥିବା କ୍ଷେତ୍ରୀୟ ପରିବାର ସଦସ୍ୟ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳରେ ରହୁଥିବା ପ୍ରତ୍ୟେକ ପରିବାର ସହିତ ଯୋଗାଯୋଗ ସ୍ଥାପନ କରି ବିଭିନ୍ନ ସମସ୍ୟା ଓ ସମସ୍ତଙ୍କର ସୁଖ ଦୁଃଖରେ ସହଯୋଗ କରିବା ପାଇଁ ମତ ପ୍ରକାଶ ପାଇଥିଲା। ବ୍ଲକ ସ୍ତରରେ କିପରି ଭାବେ ସଂଗଠନ ସୁଦୃଢ଼ ହେବ ସେଥିପାଇଁ ଜିଲ୍ଲା କ୍ଷେତ୍ରୀୟ ସମାଜ ପକ୍ଷରୁ ଭୁବନେଶ୍ୱର ସୁର, ଅସିତ କୁମାର ଦେଓ, ଦେବୀ ପ୍ରସାଦ ସିଂହ, ସରଜ କୁମାର ପାଇଛା, ଡାବୁଗାଁରୁ କୈଳାଶ କୁମାର ସିଂ ଲାଲ, ସୁନୀଲ କୁମାର ପାତ୍ର, ଦିନେଶ କୁମାର ସିଂ ଉପସ୍ଥିତ ରହି ବ୍ଲକସ୍ତରୀୟ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା। ଏହି କମିଟିରେ ସଭାପତି ଭାବେ କିଶୋର ଚନ୍ଦ୍ର ସିଂହ, ଉପ ସଭାପତି ଭାବେ ବିଶ୍ୱନାଥ ସିଂହ, ଯୋଗେଶ୍ୱର ଭଞ୍ଜ, ସମ୍ପାଦକ ନୀଳକଣ୍ଠ ସିଂହ, ସହ ସମ୍ପାଦକ ଧରଣୀଧର ସିଂହ, ଗିରିଜା ପ୍ରସାଦ ସିଂହ, କୋଷାଧକ୍ଷ ସରୋଜ କୁମାର ସିଂହ, ତାରିଣୀ ପ୍ରସାଦ ସିଂହ ଉପଦେଷ୍ଟା ଭାବେ ରାଧା ମୋହନ ପାତ୍ର, କୃଷ୍ଣଚନ୍ଦ୍ର ସିଂହ, ମୃତ୍ୟୁଞ୍ଜୟ ସିଂହ, ତପନ କୁମାର ସିଂହ, ଲିଙ୍ଗରାଜ ଭଞ୍ଜ, ସୀମାଞ୍ଚଳ ପ୍ରସାଦ ସିଂହ, ରମେଶ ଚନ୍ଦ୍ର ସିଂହ, ପୁରୁଷୋତ୍ତମ ରାଜୁ, ଚନ୍ଦ୍ର ଶେଖର ଜେନାଙ୍କର ନାମ ସମସ୍ତଙ୍କର ସହମତିରେ ମୋନିନିତ କରା ଯାଇଥିଲା। ଏହି କାର୍ଯ୍ୟକ୍ରମ ତପନ କୁମାର ସିଂହଙ୍କର ପ୍ରଚେଷ୍ଟାରେ ଆୟୋଜିତ ହୋଇ ଥିବାବେଳେ ତେନ୍ତୁଳିଖୁଣ୍ଟି ଅଞ୍ଚଳର ସମସ୍ତ କ୍ଷେତ୍ରୀୟ ସମାଜର ସଦସ୍ୟ ମାନେ ସହଯୋଗ କରିଥିଲେ।



# ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ମା' ତାରିଣୀ

କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ସମଗ୍ର କେନ୍ଦୁଝର ଜିଲ୍ଲାର ଆରାଧ୍ୟା ଦେବୀ ହେଲେ ମାଆ ତାରିଣୀ। ଚୈତ୍ର ମାସରେ ତାଙ୍କର ସବୁଠାରୁ ବଡ଼ ପର୍ବ ଚଇତି ପର୍ବ ଆରମ୍ଭ ହୁଏ। ୭ ଦିନ ଚାଲିବାକୁ ଥିବା ଏହି ପର୍ବର ଶେଷରେ ପଣା ସଂକ୍ରାନ୍ତିରେ ମା' ସୁନା ବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ଚଳିତ ଅପ୍ରେଲ ୯ ତାରିଖରୁ ଘଟଗାଁ ସ୍ଥିତ ମାଆ ତାରିଣୀ ପୀଠରେ ଚଳିତ ବର୍ଷର ୮୯ ତମ ଚଇତି ପର୍ବ ଆରମ୍ଭ ହୋଇଯାଇଛି। ଉଲ୍ଲେଖଯୋଗ୍ୟ କି ୧୯୩୭ ମସିହାରୁ ଏଠାରେ ନିରବଚ୍ଛିନ୍ନ ଭାବେ ଚଇତି ପର୍ବ ଅନୁଷ୍ଠିତ ହେଉଛି। ରାଜ୍ୟ ଦେବୋତ୍ତର ବିଭାଗ, ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ମା' ତାରିଣୀ ମନ୍ଦିର ଟ୍ରଷ୍ଟ ମିଳିତ ଭାବେ ଏହି ପର୍ବ ପାଳନ କରୁଛନ୍ତି। ପ୍ରାକ୍ ପ୍ରସ୍ତୁତି ଅନୁସାରେ ମିଳିତ ସହଯୋଗରେ ଏହି ପର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହେଉଛି। ମନ୍ଦିର ବେଢ଼ାରେ ବାରିକେଟିଂ କରାଯାଇ ଲକ୍ଷାଧିକ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସମସ୍ତ ବ୍ୟବସ୍ଥା ହୋଇଛି। ଅସ୍ଥାୟୀ ଶୌଚାଳୟ, ପାନୀୟ ଜଳ ଯୋଗାଣ, ପରିଚ୍ଛନ୍ନତା, ଉପରେ ଛାଉଣୀ ହୋଇଛି। ଗେଟ୍ ପାଖରେ ଆଲୋକ ସଜ୍ଜିତ କରାଯାଇଛି। ବେଢ଼ା ଭିତରେ ମଞ୍ଚ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ଜିଲ୍ଲାର ତଥା ରାଜ୍ୟର ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ପାଲା, ଭଜନ, ପ୍ରବଚନ ଆଦି ବ୍ୟବସ୍ଥା ହୋଇଛି। ରାଜ୍ୟର ଅନ୍ୟତମ ପୁରୁଣା ପାଲା ପରିବେଷଣ କ୍ଷେତ୍ର ହେଲା ମାଆ ତାରିଣୀ ପୀଠ। ଜିଲ୍ଲା ତଥା ରାଜ୍ୟ ବାହାରୁ ବହୁ ଭକ୍ତ ଆସୁଛନ୍ତି ପ୍ରଥମ ଦିନରେ ୨୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥର ଜଣେ ଭକ୍ତ ବଜରଙ୍ଗ ଅଗ୍ରୱାଲ ମାଆଙ୍କ ଲାଗି ୫୦ ଲକ୍ଷ ଟଙ୍କାର ସୁନା ମୁକୁଟ ଓ ଅଳଙ୍କାର ପ୍ରଦାନ କରିଛନ୍ତି। ତେଣୁ ସୁନାବେଶରେ ମାଆଙ୍କୁ ସୁନା ମୁକୁଟ ସହ ଦେଖିବାକୁ ଲକ୍ଷାଧିକ ଭକ୍ତ ଆସିବେ ବୋଲି ଅନୁମାନ କରାଯାଉଛି। ଏଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି କେନ୍ଦୁଝର ପୋଲିସ ପକ୍ଷରୁ ଘଟଗାଁ ଥାନାର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି।

# ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ



ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରଙ୍କ ଅନୁପସ୍ଥିତି ଓ ନର୍ସଙ୍କ ଚିକିତ୍ସା ଅବହେଳାରୁ ଜଣେ ରୋଗୀର ମୃତ୍ୟୁ ହୋଇଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଖବର ମୁତାବକ କାଲିମେଲା ଥାନା ତେଲେରାଇ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଏମ୍‌ପିଭି ୭୧ ଗ୍ରାମର ୩୫ବର୍ଷୀୟ ଭଜନ ବାଲା ନାମକ ଜଣେ ବ୍ୟକ୍ତିଙ୍କ ଗତକାଲି ସଂନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହୋଇଥିବା ବେଳେ ସେ ନିଃଶ୍ୱାସ ନେଇ ପାରୁ ନଥିଲେ। ପରେ ଭଜନଙ୍କ ପରିବାର ଲୋକେ ତାଙ୍କୁ ତୁରନ୍ତ କାଲିମେଲା ମେଡିକାଲକୁ ଆଣିଥିବା ବେଳେ ସେଠାରେ ତାଙ୍କ ଦେହ ଅଧିକ ଅସୁସ୍ଥ ହେବାରୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଥିଲେ। ମୁଖ୍ୟ ଚିକିତ୍ସାଳୟରେ ପହଁଚିବା ପରେ ତାଙ୍କୁ ଜରୁରୀ କାଳୀନ ଚିକିତ୍ସା କକ୍ଷରେ ଭର୍ତ୍ତି କରିଥିଲେ ଡ଼ାକ୍ତର। ତେବେ ଡାକ୍ତର ନାହାନ୍ତି କହି ଡ୍ୟୁଟିରେ ଥିବା ନର୍ସ ଡ଼ାକ୍ତର ଆସିଲେ ଚିକିତ୍ସା କରିବୁ କହି ଗୋଟିଏ ସାଲାଇନ୍ ଲଗାଇ ଦେଇ ଥିବା ବେଳେ କିଛି ସମୟ ପରେ ଭଜନଙ୍କ ମୃତ୍ୟୁ ହୋଇଥିଲା। ଡାକ୍ତର ଓ ନର୍ସଙ୍କ ଅବହେଳା କାରଣରୁ ମୃତ୍ୟୁ ହୋଇଛି ବୋଲି ରୋଗୀଙ୍କ ସମ୍ପର୍କୀୟ ମାନେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଅବହେଳା କାରଣରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନେକ ଥର ରୋଗୀ ମୃତ୍ୟୁ ହୋଇଥିବା ମୃତ ବ୍ୟକ୍ତିଙ୍କ ପରିବାର ଲୋକେ କହିଛନ୍ତି। ଖବର ପାଇ ଗଣମାଧ୍ୟମର ପ୍ରତିନିଧି ମାନେ ପହଞ୍ଚି ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ପ୍ରତିକ୍ରିୟାରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଚିତ୍ରକୋଣ୍ଡା ଟୁରରେ ଥିବାର କହିଥିଲେ। ଅତିରିକ୍ତ ଦାୟିତ୍ୱରେ ଥିବା ସପନ କିମାର ଡିଣ୍ଡାଙ୍କୁ ଯୋଗାଯୋଗ କରିବା ପାଇଁ କହିଥିଲେ। ଅତିରିକ୍ତ ଦାୟିତ୍ୱରେ ଥିବା ଡ଼ାକ୍ତର ଡିଣ୍ଡାଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାଙ୍କ ସହ ଯୋଗାଯୋଗ ହୋଇପାରିନଥିଲା କି କୌଣସି ପ୍ରତିକ୍ରିୟା ମିଳିନଥିଲା। ହେଲେ ଏଇଠି ଏକ ପ୍ରଶ୍ନ ଉଠିଛି ଦିନରେ ଯେମିତି ସ୍ପେଶିଆଲିଷ୍ଟ ଡ଼ାକ୍ତର ମାନେ ରୋଗୀଙ୍କ ଚିକିତ୍ସା କରୁଛନ୍ତି ରତିରେ ମଧ୍ୟ ସ୍ପେଶିଆଲିଷ୍ଟ ଡ଼ାକ୍ତର ମାନଙ୍କୁ ଡିଉଟିରେ ରଖାଯାଇ ଥାଆନ୍ତା ତାହେଲେ ଅତି ଗୁରୁତର ରୋଗୀମାନେ ଶୁ ଚିକିତ୍ସା ପାଇ ଉପକୃତ ହୋଇ ପାରନ୍ତେ। ଜିଲ୍ଲା ଚିକିତ୍ସାଳୟର ଡ଼ାକ୍ତର ଏବଂ ନର୍ସ ମାନଙ୍କ ଏଭଳି ବ୍ୟବହାର ଉପରେ ଜିଲ୍ଲା ପ୍ରଶାସନର ନଜିର ରହିବା ନିହାତି ଜରୁରୀ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଥିବା ଦେଖିବାକୁ ମିଳିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ବଡ଼ପଦର ପଞ୍ଚାୟତ ଅନ୍ତର୍ଗତ ବାରଡ଼ାବନ୍ଧ ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତ ଯୁବକ ବାଲିମେଳା ନିକଟସ୍ଥ ଲାଙ୍ଗଗୁଡ଼ା ଗ୍ରାମର ରମେଶ ସୋମନାଥପୁର ପଞ୍ଚାୟତ ଆଲା ଚନ୍ଦ୍ର ଆଲାଙ୍ଗ ବୋଲି ଜଣାପଡ଼ିଛି। ବାରଡ଼ାବନ୍ଧ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଆଜି ସକାଳୁ ଗ୍ରାମର କିଛି ଲୋକେ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ଗାଁ ନିକଟ ପୋଲ ପାଖରେ ଏକ ଗଛରେ ଜଣେ ଯୁବକ ବେକରେ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ପାଇଥିଲେ। ଏଥିସହ ଗଛ ମୂଳେ ବ୍ୟାଗ୍ ଓ ଜୋତା ଥିବା ଦେଖିଥିଲେ। ତୁରନ୍ତ ବଡ଼ପଡ଼ର ସରପଞ୍ଚ ସ୍ୱପ୍ନା ଖିଲଙ୍କୁ ଜଣାଇବା ପରେ ସରପଞ୍ଚ ଚିତ୍ରକୋଣ୍ଡା ଥାନାକୁ ଜଣାଇଥିଲେ। ଏହାପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବ୍ୟାଗ୍ ଓ ଚପଲ ଜବତ କରିବା ସହ ବ୍ୟାଗରେ ଥିବା ଆଧାରକାର୍ଡରୁ ଯୁବକର ପରିଚୟ ଜାଣିବାକୁ ପାଇଥିଲେ। ଘଟଣା ସଂପର୍କରେ ପରିବାର ଲୋକଙ୍କୁ ଖବର ଦେବା ପରେ ପରିବାର ଲୋକେ ପହଞ୍ଚି ମୃତ ଯୁବକ ରମେଶ ଚନ୍ଦ୍ର ଆଲାଙ୍ଗ ବୋଲି ଚିହ୍ନଟ କରିଥିଲେ। ଅପରପକ୍ଷରେ ମୃତ ଯୁବକଙ୍କ ବାପା ଶୁକଦେବ ଆଲାଙ୍ଗ ତାଙ୍କ ପୁଅକୁ କେହି ହତ୍ୟା କରି ଗଛରେ ଟାଙ୍ଗିଦେଇଛି ବୋଲି ଅଭିଯୋଗ କରିଛନ୍ତି। ଦୁଇଦିନ ତଳେ ସେ ଘରୁ ବାଇକ୍ ଯୋଗେ ଦୁଇଜଣ ସାଙ୍ଗଙ୍କ ସହ କୁଆଡ଼େ ଗଲେ ଜାଣିନଥିବା ସେ କହିଥିଲେ। ଚିତ୍ରକୋଣ୍ଡା ପୋଲିସ ଘଟଣାର ତଦନ୍ତ କରିବା ସହ ନବରଙ୍ଗପୁରରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅନୁସନ୍ଧାନ କରିବା ପରେ ମୃତଦେହ ଓହ୍ଲାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ରିପୋର୍ଟ ଆସିବା ପରେ ଏହା ହତ୍ୟା ନା ଆତ୍ମହତ୍ୟା ଜଣାପଡ଼ିବ ବୋଲି ଚିତ୍ରକୋଣ୍ଡା ଏସଡିପିଓ ପ୍ରଦୋସ ପ୍ରଧାନ ସୂଚନା ଦେଇଛନ୍ତି ।

# କାଗେଜି ଲେମ୍ବୁ ଦର ଆକାଶ ଛୁଆଁ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : କେନ୍ଦୁଝରରେ କାଗେଜି ଲେମ୍ବୁ ଦର ଆକାଶ ଛୁଆଁ ହୋଇଛି। ଏପରିକି ଗୋଟା ପ୍ରତି ୫/୬ ଟଙ୍କାରୁ ଟପିଲାଣି। କେନ୍ଦୁଝର ଜିଲ୍ଲାରେ ଲେମ୍ବୁ ଉତ୍ପାଦନ ଆବଶ୍ୟକତା ଠାରୁ କମ୍ ଥିବାରୁ ଆନ୍ଧ୍ର, ଭୁବନେଶ୍ୱର ପ୍ରଭୃତି ଅଞ୍ଚଳରୁ ଏହା ଆମଦାନୀ କରାଯାଇଥାଏ। ଗତ କିଛିଦିନ ହେବ ଲେମ୍ବୁର ବଜାର ଦର ବଢିବାରେ ଲାଗିଛି। ଛୋଟ ଲେମ୍ବୁ ୨୦ ଟଙ୍କାରେ ୪/୫ ମିଳୁଥିବାବେଳେ ବଡ ଲେମ୍ବୁ ୨୦ ଟଙ୍କାରେ ମାତ୍ର ୩/୪ ମିଳୁଛି। ମାସେ ଦୁଇମାସ ତଳେ ୧୦ ଟଙ୍କାରେ ୪/୫ଟି ଲେମ୍ବୁ ମିଳୁଥିଲା। ଏବେ କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା। ଖରାଦିନେ ଅନ୍ୟ ଦିନ ଅପେକ୍ଷା ଅଧିକ ଲେମ୍ବୁ ଆବଶ୍ୟକତା ହୋଇଥାଏ। ଆଗକୁ ରାମନବମୀ, ମା' ତାରିଣୀଙ୍କ ଚଇତି ପର୍ବ, ପଣା ସଂକ୍ରାନ୍ତି, ଓଡିଆ ନବବର୍ଷ, ହନୁମାନ ଜୟନ୍ତୀ ଭଳି ପର୍ବପର୍ବାଣୀ ଆସୁଥିବାବେଳେ ଅନ୍ୟାନ୍ୟ ପର୍ବ ପର୍ବାଣୀ ରହିଛି। ଏଭଳି ଅବସ୍ଥାରେ କେନ୍ଦୁଝରରେ ଲେମ୍ବୁର ବଜାର ଦର ଆହୁରି ବଢିବ ବୋଲି ବ୍ୟବସାୟୀ ମାନେ ମତ ଦେଉଛନ୍ତି। ଲେମ୍ବୁର ଦର ବୃଦ୍ଧି ପାଇଥିବାରୁ ଗ୍ରାହକଙ୍କ ସଂଖ୍ୟା ମଧ ହ୍ରାସ ପାଇଛି। ଯେଉଁ ଗ୍ରାହକ ପ୍ରଥମେ ୫/୧୦ଟି ଲେମ୍ବୁ ନେଉଥିଲେ ସେମାନେ ଏବେ ୧/୨ ଟି ନେଇ ଯାଉଛନ୍ତି। ଫଳରେ ବ୍ୟବସାୟୀମାନେ ମଧ କ୍ଷତିଗ୍ରସ୍ତ ହେଉଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟ ଗୁଡିକରେ ଲେମ୍ବୁ ଦେବାକୁ ବ୍ୟବସାୟୀ ଅମଙ୍ଗ ହେଲେଣି । ସାଧାରଣତଃ ଖରା ଦିନରେ ଲେମ୍ବୁର ଦର ବୃଦ୍ଧି ହୋଇଥାଏ। କିନ୍ତୁ ଏବର୍ଷ ଭଳି କେବେ ଦର ବୃଦ୍ଧି ଦେଖା ଯାଇନଥିଲା। ଏପରିକି ସ୍ଥାନେ ସ୍ଥାନେ ବଡ ଲେମ୍ବୁ ଗୋଟା ୫/୬ ଟଙ୍କାରେ ବିକ୍ରି ହେଲାଣି। ପୂର୍ବରୁ ଯେଉଁ ବ୍ୟବସାୟୀ ମାନେ ଦୈନିକ ତିନି ଚାରି ବସ୍ତା ଲେମ୍ବୁ ବିକ୍ରି କରୁଥିଲେ ସେମାନେ ଏବେ ଦୈନିକ ଏକ ବସ୍ତା ଲେମ୍ବୁ ବିକିବା କଷ୍ଟକର ହୋଇ ପଡିଛି। ଆକାଶ ଛୁଆଁ ଦରରେ ସାଧାରଣ ଖାଉଟି ପେସି ହେଲେଣି। କେନ୍ଦୁଝର ଜିଲ୍ଲାରେ ପନିପରିବା ଅଧିକ ପରିମାଣରେ ଚାଷ ହେଉଥିଲେ ମଧ ଲେମ୍ବୁର ଉତ୍ପାଦନ କମ୍ ହେଉଥିବା ଚାଷୀ ମାନେ କହୁଛନ୍ତି। ତେଣୁ ବାହାରୁ ଆଣି ଲେମ୍ବୁର ଚାହିଦା ପୂରଣ କରାଯାଉଥିବାରୁ ଅଧିକ ଦର ପଡୁଛି ଓ ଏଭଳି ପରିସ୍ଥିତି ଦେଖାଯାଉଥିବା ଅନୁମାନ କରାଯାଉଛି।

# କେନ୍ଦୁଝର ଛାତ୍ର ସୌରଭଙ୍କ ସଫଳତା




କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଭୁବନେଶ୍ୱର ସ୍ଥିତ ଓଡିଶା ବୈଷୟିକ ଓ ଗବେଷଣା ବିଶ୍ୱ ବିଦ୍ୟାଳୟ(ଓୟୁଟିଆର୍) ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ କେନ୍ଦୁଝରର ସୌରଭ ଗିରିଙ୍କୁ ରାଜ୍ୟପାଳ ଡ଼ ହରିବାବୁ କମ୍ଭମପତି ପ୍ରଯୁକ୍ତି ବିଦ୍ୟା ପାଇଁ ସିଲଭର ମେଡାଲରେ ସମ୍ବର୍ଦ୍ଧିତ କରିଛନ୍ତି। ମାଷ୍ଟର ଅଫ୍ ଟେକ୍‌ନୋଲଜିରେ ଷ୍ଟ୍ରକଚରାଲ ଇଞ୍ଜିନିୟରିଂ କୋର୍ସର ଏମଟେକ୍ ଡିଗ୍ରୀ କରିବା ପରେ ସେ ଏବେ କ୍ୟାମ୍ପସରେ ଚୟନ ହୋଇ କଲିକତା ଟାଟା କନସଲଟିଂ ଇଞ୍ଜିନିୟରିଂ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଛନ୍ତି। ସୌରଭ ଓୟୁଟିଆର ଗାଇଡ ଶିକ୍ଷକ ଭାବେ ଡକ୍ଟର ପ୍ରଭାତ କୁମାର ପାରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ଗ୍ରହଣ କରି ଆସୁଥିଲେ। ସୌରଭ ଗୋବିନ୍ଦପୁରର ବାସିନ୍ଦା ପଞ୍ଚାନନ ଗିରି ଏବଂ ଅନ୍ନପୂର୍ଣ୍ଣା ଗିରିଙ୍କ ଉଦୀୟମାନ ସୁଯୋଗ୍ୟ ସନ୍ତାନ ଅଟନ୍ତି। ସୌରଭଙ୍କ ଏହି ସଫଳତା ପାଇଁ ବିଶ୍ୱ ବିଦ୍ୟାଳୟ ତରଫରୁ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରାଯାଇଛି। ସୌରଭ ଗିରି କେନ୍ଦୁଝର ଜିଲ୍ଲା ପାଇଁ ଏକ ଗୌରବ ଆଣିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଶିଷ୍ଟ ଅତିଥିଭାବେ ଏଆଇସିଟିଇର ଅଧକ୍ଷ ପ୍ରଫେସର ଟି.ଜି.ସୀତାରମଣ ଯୋଗ ଦେଇଥିବାବେଳେ ବିଶ୍ୱ ବିଦ୍ୟାଳୟର ଡିନ୍ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ରେଜିଷ୍ଟ୍ରାର ଆଶିଷ କୁମାର ଜେନା, ପିଜିଏସ୍ ଆଣ୍ଡ ଆର ଡିନ୍ ପ୍ରଫେସର ଅରୁଣା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରାଘାତରେ ଯୁବକଙ୍କ ମୃତ୍ୟୁ

ଭଂଜନଗର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ନେଟେଙ୍ଗା ରନ୍ପୁର ସାହିର ରାବିନ୍ଦ୍ରନାଥ ଗୌଡ଼( ୩୨) ବର୍ଷ ଶନିବାର ଅପରାହ୍ନରେ ଗାଁ ନିକଟ ଆମ୍ବତୋଟା ଠାରେ ଗାଈ ଚରାଉଥିବା ବେଳେ ହଠାତ୍ ବଜ୍ରାଘାତ ହେଇଥିଲା ତାହାରି ଫଳରେ ସେ ଟଳିପଡିଥିଲେ। ଏହି ଖବର ପାଇ ଗାଁ ଲୋକେ ଘଟଣାସ୍ଥଳରୁ ରବିନ୍ଦ୍ରଙ୍କୁ ଉଧାର କରି ଭଂଜନଗର ମେଡିକାଲ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଖବର ପ୍ରଚାରିତ ହେବା ପରେ ମେଡିକାଲରେ ସାଙ୍ଗ ପରିବାର କାନ୍ଦ ବୋବାଳିରେ ଫାଟିପଡ଼ିଥିଲା। ରବୀନ୍ଦ୍ରଙ୍କ ୬ ଭାଇ ରହିଥିବା ବେଳେ ଘରେ ପତ୍ନୀ ଓ ଦୁଇବର୍ଷର ଶିଶୁ ଟିଏ ରହିଛି। ରବୀନ୍ଦ୍ରଙ୍କ ମୃତ୍ୟୁ ଖବର ଗ୍ରାମବାସୀଙ୍କୁ ଗଭୀର ଦୁଃଖ ଦେଇଛି।

# ରାଇଘର ଠାରୁ କୁନ୍ଦେଇକୁ ସଂଯୋଗ କରୁଥିବା ରାସ୍ତା ସୁଧୁରିବ କେବେ ?



ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମା ଠାରୁ ସୀମାନ୍ତ କୁନ୍ଦେଇକୁ ସଂଯୋଗ କରୁଥିବା ରାସ୍ତାର ବହୁତ ସ୍ଥାନରେ ଖାଲ ଢିପ ହୋଇ ରହିଥିବା ବେଳେ ମରାମତି ଅଭାବରୁ ଶୋଚନୀୟ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ପ୍ରକାଶ ଥାଉ କି ଏହି ୪୦ନମ୍ବର ରାଜ୍ୟ ରାଜପଥ ସୀମାନ୍ତ ହାଟଭରାଣ୍ଡି, କୁନ୍ଦେଇ ଦେଇ ଛତିଶ ଗଡ଼ର ରାୟପୁରକୁ ସଂଯୋଗ କରୁଅଛି। ଏବଂ ବ୍ଲକ ଠାରୁ ମାତ୍ର ଅଳ୍ପ ଦୂରରେ ଥିବା ପେଟ୍ରୋଲ ପମ୍ପ ମାଉଲି ମା ମନ୍ଦିର, ଲାଲ ମାଟି ତଥା ଯୋଡିଙ୍ଗା, ଆଦି ବହୁତ ଜାଗାରେ ରାସ୍ତା ଉପରେ ଗର୍ତ୍ତ ହୋଇ ରହିଛି। ଗତ କିଛି ଦିନ ତଳେ ଖବର କାଗଜରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀ ପ୍ୟାଚ କରି ସମତୁଲ କରି କହିଲେ ଯେ ଟେଣ୍ଡର ହୋଇଛି। କାମ ଶୀଘ୍ର ହେବ। ବର୍ତ୍ତମାନ ଦିର୍ଘ ଦିନ ବିତି ଯାଇଥିଲେ ସୁଦ୍ଧା କାମ ଆରମ୍ଭ ହୋଇପାରିନାହିଁ। କାମ କେବେ ଆରମ୍ଭ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯୋଉ ଯୋଉ ଯାଗାରେ ପ୍ୟାଚ ପକା ଯାଇଥିଲା ତାହା ବର୍ତ୍ତମାନ ଉଠିଯାଇ ମରଣଜନ୍ତା ଅବସ୍ଥାରେ ପରିଣତ ହେଲାଣି। ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛି ଦିନ ପରେ ପୁଣି ପିଚୁ ଉଠିଯାଉଥିବା ଅଭିଯୋଗ ହେଉଛି। ତେଣୁ ବିଭାଗୀୟ ଅଧିକାରୀ ତଥା ଲୋକ ପ୍ରତିନିଧି ଏଥିପ୍ରତି ନଜର ଦେଇ ଏହାର ସମାଧାନ ନିମନ୍ତେ ସାଧାରଣରେ ଦାବି ହେଉଥିବା ଦେଖିବାକୁ ମିଳୁଛି।

# ଅନ୍ତର୍ଜାତୀୟ ସମବାୟ ରଥ ଉଦ୍‌ଘାଟିତ

ମାଲକାନଗିରି, (ଭାସ୍କର ନ୍ୟୁଜ୍ ) : ମାଲକାନଗିରି ଜିଲା ମାଥିଲି ବ୍ଲକରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଅବସରରେ ଶନିବାର ଏକ ରଥ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶିକା ସନ୍ତୋଷିନୀ ପରିଡା, ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ଖୁଡୁପିଆ ଓ ଲ୍ୟାମ୍ପସର କର୍ମଚାରୀ-ପ୍ରଶାନ୍ତ କୁମାର ନାୟକ, ସନ୍ତୋଷ ପଟ୍ଟନାୟକ, ଉମେଶ ଚୌଧରୀ ଉପସ୍ଥିତ ଥିଲେ। ପ୍ରତି ପଞ୍ଚାୟତ ରଥ ବୁଲିବା ଆରମ୍ଭ କରିଛି ଓ ରାଜ୍ୟ ସମବାୟ ବିଭାଗ ଆନୁକୂଲ୍ୟରେ ଏକ ବାର୍ଷିକ ସାଧାରଣ ସମବାୟ ବୈଠକ ପ୍ରତି ପଞ୍ଚାୟତରେ ମାର୍ଚ୍ଚ ୨୫ରେ ଅନୁଷ୍ଠିତ ହୋଇଥିଲା ଓ ପ୍ରଧାନମନ୍ତ୍ରୀ ଆନ୍ତର୍ଜାତିକ ସମବାୟ ବର୍ଷ ପାଇଁ ବିନା ସୁଧରେ କୃଷିଋଣ ଦେବା ଲାଗି ପଞ୍ଚାୟତ ଗୁଡିକରେ ବା ଗାଁ ଗାଁକୁ ସଚେନତା ବାର୍ତ୍ତା ଦଇଛନ୍ତି। ରଥ ପ୍ରତ୍ୟେକ ପଞ୍ଚାୟତକୁ ଯାଇ ଲୋକ କେମିତି ବିନା ସୁଧରେ ଋଣ ନେଇ ନିଜ ନିଜ ଜମିରେ ଚାଷ କରିବେ ସେ ନେଇ ବୁଝାଇଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟମାନଙ୍କୁ କୃଷି ଋଣ ରିହାତି, ଦୀର୍ଘମିଆଦୀ କୃଷି ଋଣ ପ୍ରଦାନ ସହିତ କ୍ଷୁଦ୍ର ଜଳସେଚନ ଉଦ୍ୟାନ କୃଷି, ଗୋପାଳନ ତଥା କୃଷି ଯନ୍ତ୍ରପାତି କ୍ରୟରେ ୭%ପର୍ଯ୍ୟନ୍ତ ସୁଦ୍ଧ ରିହାତି ପ୍ରଦାନ ଆଦି ରହିଛି।

# ବିଜେପି ପ୍ରତିଷ୍ଠା ଦିବସରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ମେଳା

ରାଇଘର, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା ରାଇଘର ଠାରେ ଭାରତୀୟ ଜନତା ପାର୍ଟି ପ୍ରତିଷ୍ଠା ଦିବସ ଉପଲକ୍ଷେ ପାରମ୍ପରିକ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଖାଦ୍ୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ସାଂସଦ ପ୍ରତିନିଧି ପ୍ରୀତି ମହାପାତ୍ର, ପୂର୍ବତନ ବ୍ଲକ ଉପାଧକ୍ଷ ବିଷ୍ଣୁ ସିଲ, ଆଇସିଡ଼ିଏସ୍, ସିଡ଼ିପିଓ ଗୀତାଞ୍ଜଳୀ ମିଶ୍ର, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି, ଏସ୍‌ଏସ୍‌ଜି ଗ୍ରୁପର ମହିଳା ପ୍ରମୁଖ, ଉପସ୍ଥିତ ଥିଲେ ସେଥି ମଧ୍ୟରୁ ଦୁଇଟି ଷ୍ଟଲ ଚିହ୍ନିତ କରି ପ୍ରଥମ ଓ ଦ୍ୱିତୀୟ ଚିହ୍ନଟ କରି ଘୋଷଣା କରାଯାଇଥିବା ଦେଖିବାକୁ ମିଳିଛି।

# ହୋମ ଯଜ୍ଞ ସହ ସମାପନ ହେଲା ମା ମୁତ୍ୟାଲୁମାଙ୍କ ଚୈତ୍ର ଯାତ୍ରା

ଗୁଣୁପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ଅଧିଷ୍ଠିତା ଦେବୀ ମା' ମୁତ୍ୟାଲୁମାଙ୍କ ୨୬ତମ ଶୀତଳ ଚୈତ୍ର ଯାତ୍ରା ଆଜି ମହାଆଡ଼ମ୍ବରରେ ଶେଷ ହୋଇଯାଇଛି। ଗତକାଲି ସକାଳେ ମାଙ୍କ ପଞ୍ଚାମୃତ ଅଭିଷେକ ହେବା ପରେ ଅଳଙ୍କାର ଦର୍ଶନ, ଆଳତୀ, ପୁଷ୍ପାଞ୍ଜଳି ହୋଇଥିଲା। ଆଜି ଚୈତ୍ର ପୂର୍ଣ୍ଣମା ହୋଇଥିବାରୁ ମନ୍ଦିର ପରିସରରେ ଭକ୍ତମାନଙ୍କ ପ୍ରବଳ ଭିଡ଼ ହୋଇଥିଲା। ଗତ ତିନଦିନ ଧରି ଚାଲିଥିବା ଏହି ଚୈତ୍ର ଯାତ୍ରାର ଶେଷ ଦିନ ହେଇଥିବାରୁ ଜଗତ କଲ୍ୟାଣ ନିମନ୍ତେ ହୋମଯଜ୍ଞ ଓ ପୂର୍ଣ୍ଣାହୂତି କରାଯାଇଥିଲା। ଏହି ହୋମଯଜ୍ଞ ପୂଜାକୁ ପୂଜକ ଭାବେ ଶିବାଶିଷ ପାଣିଗ୍ରାହୀ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିର ପୂଜକ ଭାବେ ବି କିଶୋର କୁମାର, ଏମ କିଷାନ ଓ ଏମ ରାଜା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଯାତ୍ରାକୁ ମନ୍ଦିର ଟ୍ରଷ୍ଟି ସଭ୍ୟ ଓ ଯୁବ ଗୋଷ୍ଠୀ ମାନଙ୍କ ସହଯୋଗରେ ମନ୍ଦିର ପରିସର ଭକ୍ତ ମାନଙ୍କ ପାଇ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଓଡ଼ିଶା ପକ୍ଷ ଅବସରରେ ବରପୁତ୍ରମାନଙ୍କ ସମ୍ପର୍କରେ ଆଲୋଚନାଚକ୍ର

କନ୍ଧମାଳ, (ଭାସ୍କର ନ୍ୟୁଜ୍ ) : ଓଡିଆ ପକ୍ଷପାଳନ ୨୦୨୫ ଅବସରରେ ଶନିବାର ଜିଲ୍ଲା ପ୍ରଶାସନ, କନ୍ଧମାଳ ଆନୁକୂଲ୍ୟରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ବନ୍ଦନୀୟ ବରପୁତ୍ର କାର୍ଯକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆମନ୍ତ୍ରିତ ଅତିଥିମାନେ ଓଡିଆ ବରପୁତ୍ରମାନଙ୍କ କାର୍ଯ୍ୟ, ଚିନ୍ତାଧାରା ଓ ସମାଜ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋଚନା କରିଥିଲେ। ଏବଂ ଏହି ବ୍ୟକ୍ତିତ୍ୱମାନଙ୍କ ଜୀବନରୁ ସେବା, ସଂଘର୍ଷ ଓ ସମର୍ପଣର ଶିକ୍ଷା ଗ୍ରହଣ କରି ଓଡ଼ିଶାକୁ ଆହୁରି ଉନ୍ନତ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି, ଜିଲ୍ଲା ଲେଖକ ସାମୁଖ ରବୀନ୍ଦ୍ରନାଥ ମିଶ୍ର, ଅଧ୍ୟାପକ, ଆଞ୍ଚଳିକ ମହାବିଦ୍ୟାଳୟ, ଶଙ୍କରାଖୋଲ ରାମକୃଷ୍ଣ ମହାନ୍ତି, ଅଧକ୍ଷ, ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ ଡ଼ ଚିତ୍ତରଞ୍ଜନ ମିଶ୍ର, ଅଧ୍ୟାପକ, ପଞ୍ଚାୟତ ମହାବିଦ୍ୟାଳୟ, ଫିରିଙ୍ଗିଆ ବିରଞ୍ଚି ନାରାୟଣ ସାହୁ, ଅଧ୍ୟାପକ, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଫୁଲବାଣୀ ଡ଼ ଚନ୍ଦ୍ରଶେଖର ଦାସ, ଡ଼ ପୁର୍ଣ୍ଣେନ୍ଦୁ ତ୍ରିପାଠୀ, ଡ଼ ତ୍ରୈଲକ୍ୟନାଥ ସେନାପତି, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ମନରେଗାରେ ମହା ଦୁର୍ନୀତି ଅଭିଯୋଗ

ସଇଁତଲା, (ଭାସ୍କର ନ୍ୟୁଜ୍ ) : ସଇଁତଲା ବ୍ଲକ ଅଧୀନରେ ଥିବା କେତୋଟି ପଞ୍ଚାୟତରେ ମନରେଗା ଯୋଜନାରେ ଶ୍ରମିକ ଓ ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଅଣ ଦେଖା କରି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ଅସାଧୁ ଜନପ୍ରତିନିଧିଙ୍କ ସହ ମିଶି ଯୋଜନା କରି ଚାଲିଥିବାର ଅଭିଯୋଗ ହେଉଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ଯୋଗୁଁ ବିଭିନ୍ନ ପଞ୍ଚାୟତରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନା ଅନୁସାରେ, ବଲାଙ୍ଗୀର ଜିଲ୍ଲାର ଦାଦନ ପ୍ରବଣ ବ୍ଲକ ଭାବେ ପରିଚିତ ସଇଁତଲା ବ୍ଲକର ସମସ୍ତ ପଞ୍ଚାୟତକୁ ମନରେଗା ଯୋଜନାରେ ପ୍ରତ୍ୟେକ ଆର୍ଥିକ ବର୍ଷରେ ସରକାରଙ୍କ ଠାରୁ କୋଟି କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥାଏ। ସରପଞ୍ଚ, ଜେଇ, ପିଇଓ ଓ ଏଡିଇଓଙ୍କ ମିଳିତ ମଧୁଚନ୍ଦ୍ରିକା ଯୋଗୁଁ ଏହି ଯୋଜନା ଏଠି ମୂଳ ଉଦ୍ଦେଶ୍ୟରୁ ବିଚ୍ୟୁତ ହେଉଥିବା ନେଇ ଅଭିଯୋଗ ହେଉଛି। ଯୋଜନାରେ ଚେକ ଡ୍ୟାମ ନିର୍ମାଣ, ରାସ୍ତା ଉନ୍ନୟନ, ପୋଖରୀ ପୁନର୍ବାର, ଚାଷ ଉପଯୋଗୀ ଜମି ଉନ୍ନତିକରଣ ଭଳି ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳୁଛି। କେତୋଟି ପଞ୍ଚାୟତରେ ମନରେଗା ଯୋଜନାର କାର୍ଯ୍ୟକାରିତାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। କାମ ନକରି ମିଥ୍ୟା ବିଲ ତିଆରି କରି ଆତ୍ମସାତ, ମିଥ୍ୟା ଭେଣ୍ଡରିଂ ବିଲ କରି ସାମଗ୍ରୀ ଅଂଶର ଅନୁଦାନ ହଡପ, କାର୍ଯ୍ୟରେ ନିୟୋଜିତ ନଥିବା ଶ୍ରମିକଙ୍କ ବ୍ୟାଙ୍କ ଖାତାକୁ ମନରେଗା ପ୍ରାପ୍ୟ ଯିବା, କାର୍ଯ୍ୟର ଭିଜିବିଲିଟି ଯାଞ୍ଚ ନକରି ପ୍ରସ୍ତାବକୁ ଅନୁମୋଦନ ଓ ଅନୁଦାନ ପ୍ରଦାନ, ସମୟ ସୀମା ମଧ୍ୟରେ ମନରେଗା କାର୍ଯ୍ୟ କରିବା, ନିର୍ଦ୍ଧାରିତ ଅଟକଳ ଓ କାର୍ଯ୍ୟ ଖସଡ଼ା ମୁତାବକ କାର୍ଯ୍ୟ ନକରିବା, କାର୍ଯ୍ୟ ଆରମ୍ଭ ପୂର୍ବରୁ କମ୍ ଉନ୍ନୟନ କାର୍ଯ୍ୟ ଜାରି ରହିଥିବା ଅବସ୍ଥାରେ ରହିଥିବା ସୂଚନାଫଳକରେ ସୂଚନା ନଦେବା, କାର୍ଯ୍ୟ ସମାପ୍ତ ନ ହେଉଣୁ ଫାଇନାଲ ବିଲ ଉଠାଣ, ତରବରିଆ ଓ ଅଧପନ୍ତରିଆ କାର୍ଯ୍ୟ କରି ସମ୍ପୂର୍ଣ୍ଣ ବିଲ ଉଠାଣ, ନିର୍ମାଣ କାର୍ଯ୍ୟରେ ନିମ୍ନମାନର ଉପକରଣ ବ୍ୟବହାର କରିବା ଭଳି ଅଭିଯୋଗ ହେଉଥିବା ବେଳେ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟରେ ୨୦ ପ୍ରତିଶତରୁ ଅଧିକ ପିସି କାରବାର ହେଉଥିବା ଅଭିଯୋଗ ହେଉଛି। ଏଭଳି ବିଭାଗୀୟ ଅନିୟମିତତା ଯୋଗୁଁ ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇ ପାରୁ ନଥିବା ବେଳେ ଗାଁ ସାଥୀଠୁ ଆରମ୍ଭ କରି ନିର୍ବାଚିତ ଜନପ୍ରତିନିଧି ଓ ଅଧିକାରୀମାନେ ହରିଲୁଟ କରି ଉପକୃତ ହେଉଛନ୍ତି। ଉନ୍ନୟନ କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହିତ ପୂର୍ବରୁ ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ତଦନ୍ତ କରିବା ପାଇଁ ଭିଜିଲାନ୍ସ ତଦନ୍ତ ଭୁକ୍ତ ହେଲେ ପ୍ରକୃତ ସତ୍ୟାସତ୍ୟ ଆସିବ ବୋଲି ସାଧାରଣରେ ଦାବି ହେଉଛି ।

# ବୈଶାଖୀ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ



ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍ ) : ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ସଭା ଗୃହ ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୁନିଲ କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମେଳା ତଥା ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିବା ବେଳେ ତିନି ଦିନ ବଦଳରେ ମେଳା ପାଞ୍ଚଦିନ ଧରି ଆୟୋଜନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ସେହିପରି ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ଖାଦ୍ୟ ଯୋଗାଣ, ହୋମ ଯଜ୍ଞ, ଭିଡ଼ ନିୟନ୍ତ୍ରଣ, ଉଠା ଦୋକାନ ସ୍ଥାନ ବଣ୍ଟନ, ସ୍ୱାସ୍ଥ୍ୟ ସେବା, ପୂଜା ନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା, ଅଭ୍ୟର୍ଥନା କମିଟି, ସ୍ମାରକୀ ପୁସ୍ତକ ଉପରେ ଆଲୋଚନା ହୋଇଥିଲା। ମହୋତ୍ସବ ଆଗାମୀ ମେ ମାସ ୮ ରୁ ୧୨ ତାରିଖ ଯାଏଁ ହେବାକୁ ଥିବାବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା। ଏହି ଅବସରରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବ୍ଲକ୍ ଅଧକ୍ଷା ନିରୁପମା ପଟେଲ, ପାଟଣାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପାଟଣାଗଡ ଆସିଷ୍ଟାଣ୍ଟ କଲେକ୍ଟର ପଦ୍ମ ନାଭ ମହାରଣା, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର, ପ୍ରଶାନ୍ତ ଦାଶ, ଡାକ୍ତର ଓମ୍ ପ୍ରକାଶ ଯୋଷୀ, ସୁନିଲ ଗୋଏଲ, ସଦାଶିବ ସରାଫ, ଲକ୍ଷ୍ମୀକାନ୍ତ ମିଶ୍ର,ରୋହିତ ମେହେର, ବିଶ୍ୱମ୍ବର ପାଣିଗ୍ରାହୀ, ବିପ୍ରବିଶି, ଗଜ ନାଗ, ବୈଦ୍ୟନାଥ ମିଶ୍ର, ସିମାଞ୍ଚଲ୍ ପୁରୋହିତ, ସୁମତି ପ୍ରଧାନ, ଦେବରାଜ ପ୍ରଧାନ ପ୍ରମୁଖ ସରପଞ୍ଚ, ସମିତି ସଭ୍ୟ, ଦେବୋତ୍ତର କମିଟି ସଦସ୍ୟ, ସବ କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ପାଟଣାଗଡ, ବେଲପଡ଼ା ଓ ଖପ୍ରାଖୋଲ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ଶେଷରେ ଦେବୋତ୍ତର କମିଟି ସଦସ୍ୟ ଡ. ଅଭୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସର୍କିଟ ହାଉସ୍ କେନ୍ଦୁଝର ଠାରେ ମାନ୍ୟବର ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକଙ୍କ ଦ୍ୱାରା ଲେବର କାର୍ଡ ବିତରଣ କରାଯାଇଥିଲା। ଦୀର୍ଘ ଦିନରୁ କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁର ପଞ୍ଚାୟତର ବ୍ୟକ୍ତି ସେମାନେ ଲେବର କାର୍ଡ଼ ପାଇବାରୁ ବଞ୍ଚିତ ହୋଇଥିଲେ ଯାହା ଫଳରେ ସେମାନେ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିଲେ। ଏହି ଲେବର କାର୍ଡ ପାଇବା ଦ୍ୱାରା ସେମାନେ ଖୁସି ପ୍ରକଟ କରିଥିଲେ। ଏଥିରେ ଆବଶ୍ୟକ ସାହାଯ୍ୟ ସୁବିଧା ସୁଯୋଗ ପାଇବେ ବୋଲି କହିଥିଲେ। ଉପସ୍ଥିତ ସ୍ୱତନ୍ତ୍ର ଅଭିଯୋଗ ଅଧିକାରୀ ଶରତ ଚନ୍ଦ୍ର ବାରିକ ଲେବର କାର୍ଡ ଦ୍ୱାରା ବିଭିନ୍ନ ସୁବିଧା ସୁଯୋଗ ପାଇବା ସମ୍ପର୍କରେ ବୁଝାଇଥିଲେ। ଏହି ଲେବର କାର୍ଡ ପାଇବା ଦ୍ୱାରା ସେମାନେ ମାନ୍ୟବର ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ୍ ଜ୍ଞାପନ କରିଛନ୍ତି। ଏହି ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ସହକାରୀ ଶ୍ରମ ଅଧିକାରୀ ଦୀପ୍ତିମୟୀ ରାଉଳ, ଉମ୍ବରୁଧର ମହାନ୍ତ ଉପସ୍ଥିତ ଥାଇ ଆବଶ୍ୟକ ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ।



# ଥାନାରୁ ନ୍ୟାୟ ନ ମିଳିବାରୁ ଏସ୍‌ପିଙ୍କୁ ଅଭିଯୋଗ କଲେ ମହିଳା

ରଘୁନାଥପୁର (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅଧିନ ତାରପୁର ପଞ୍ଚାୟତର ଗୋକୁଳପୁର ଗ୍ରାମର ସରୋଜ କୁମାର ସିଂହଙ୍କ ଘରେ ପସି ଗତ ଅପ୍ରେଲ ୪ ତାରିଖ ରାତିରେ ସେହି ଗ୍ରାମର ୧୨/୧୪ଜଣ ବ୍ୟକ୍ତି ଗ୍ରାମରେ ଚାଲିଥି ଠାକୁରାଣୀ ଯଜ୍ଞ ପାଇଁ ୨୦ହଜାର ଟଙ୍କା ଚାନ୍ଦା ଜୁଲମ କରିଥିଲେ। ଚାନ୍ଦା ନ ମିଳିବା ଓ ଏତେ ଟଙ୍କା ପାଇଁ ଯୁକ୍ତିତର୍କ ହେବାରୁ ସେମାନେ ଅଶ୍ଲିଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ କାଠ ଫାଳିଆରେ ସରୋଜଙ୍କୁ ପିଟି ମୁଣ୍ଡ ଫଟାଇ ଦେଇଥିଲେ। ସରୋଜଙ୍କ ପତ୍ନୀ ପାଟିତୁଣ୍ଡ କରିବାରୁ ପାଟିଶୁଣି ପଡୋଶୀ ଆସିଯିବାରୁ ସେମାନେ ସେଠାରୁ ପଳେଇଥିଲେ। ଘରଲୋକ ମାନେ ଚିକିତ୍ସା ପାଇଁ ସରୋଜଙ୍କୁ ତୁରନ୍ତ ରଘୁନାଥପୁର ମେଡିକାଲକୁ ଆଣିଥିଲେ। ଏବଂ ଗତ ୫ତାରିଖରେ ସରୋଜଙ୍କ ପତ୍ନୀ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଡାକ୍ତରଙ୍କ ପରାର୍ମଶ କ୍ରମେ ଅଧିକ ଚିକିତ୍ସା ନିମନ୍ତେ ସରୋଜଙ୍କୁ କଟକ ବଡ଼ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ। ଅଭିଯୋଗ

**ଧାରଣା ଚେତାବନୀ**

ଅନୁଯାୟୀ ଏହି ଘଟଣା ସମ୍ପର୍କରେ ଅଭିଯୋଗ ପାଇ ରଘୁନାଥପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ଚୁପ ବସି ପଡ଼ିଥିବା ବେଳେ ଏତେ ବଡ଼ ଘଟଣାରେ ସରୋଜଙ୍କୁ ନ୍ୟାୟ ନମିଳିବା, ଘଟଣା ଘଟିବାର ୭ଦିନ ବିତିଯାଇଥିଲେ ବି ଅଭିଯୁକ୍ତ ମାନଙ୍କୁ ପୋଲିସ ଗିରଫ ନ କରିବା, ଅଭିଯୁକ୍ତ ମାନେ ଖୋଲା ଆକାଶ ତଳେ ବୁଲି ତାଙ୍କ ପରିବାରକୁ ପୂର୍ଣ୍ଣବାର ଧମକ ଦେବାରୁ ପରିବାର ସୁରକ୍ଷାକୁ ଚିନ୍ତା କରି ସରୋଜଙ୍କ ପତ୍ନୀ ବନ୍ଦିତା ସିଂହ ଗତ ଅପ୍ରେଲ ୧୧ ତାରିଖରେ ନ୍ୟାୟ ପାଇଁ ଜଗତସିଂହପୁର ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ତ ହୋଇ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏହି ଅଭିଯୋଗ ପତ୍ରରେ ଶ୍ରୀମତୀ ସିଂହ ରଘୁନାଥପୁର ପୋଲିସ ଅଭିଯୁକ୍ତ ମାନଙ୍କ ସହିତ ହାତମିଳାଇ ସେମାନଙ୍କୁ ସୁରକ୍ଷା ଯୋଗାଇ ବା ସହିତ ରୁଜ କରିଥିବା ମାମଲାରେ ସେମାଙ୍କୁ ଛାଡିଦେବ ଭଳି ସଙ୍ଗୀନ ଅଭିଯୋଗ ଉଠାଇଛନ୍ତି। ଯଦି ତାଙ୍କ ପରିବାର ପ୍ରତି ଅଭିଯୁକ୍ତ ମାନେ କିଛି ଅଘଟଣ ଘଟାନ୍ତି ଏଥିପାଇଁ ଦାୟି କିଏ ରହିବ ବୋଲି ମଧ୍ୟ ସେ ପ୍ରଶ୍ନକରିଛନ୍ତି। ତେବେ ଦେଖାଯାଉ ଆକ୍ଷୀଅଧିକ୍ଷକ ବନ୍ଦିତାଙ୍କ ପରିବାରକୁ କି ନ୍ୟାୟପ୍ରଦାନ କରୁଛନ୍ତି।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗରେ କର୍ମଚାରୀ ସଙ୍କଟ

- ୩୫୫ ଷ୍ଟାଫ ନର୍ସ,୧୦୧ମହିଳା ସ୍ୱାସ୍ଥ୍ୟକର୍ମୀ ପଦ ଖାଲି
- ମୋଟ ୪୪୬ ସ୍ୱାସ୍ଥ୍ୟ ସହାୟକଙ୍କ ମଧ୍ୟରୁ ୧୯୬ପଦ ଖାଲି




କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲେ ଡାକ୍ତରଖାନାକୁ ଯାଇ ଚିକିତ୍ସିତ ହେଉଥିବାବେଳେ ଡାକ୍ତରଖାନା ଯେତେବେଳେ ବହୁବିଧ ସମସ୍ୟାରେ ଜର୍ଜରିତ ସେଠାରେ କେବଳ ଭଗବାନ ଭରଷା ବୋଲି ମତବ୍ୟକ୍ତ ହେଉଛି। ଏହି ସମସ୍ୟା ଏବେ କେନ୍ଦୁଝର ଜିଲ୍ଲାରେ। କେବଳ ଡାକ୍ତର ସମସ୍ୟା ନୁହେଁ ପାରାମେଡିକାଲ କର୍ମଚାରୀ ସଙ୍କଟରେ ଉବୁଟୁବୁ କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ। ନର୍ସ, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ପୁରୁଷ ସୁପର ଭାଇଜର, ଫାର୍ମାସିଷ୍ଟ ପରି ପଦବୀରେ ଅନେକ କର୍ମଚାରୀ ନ ଥିବାବେଳେ ଅନେକ ଯୋଜନା ପରେ ମଧ୍ୟ ସ୍ୱାସ୍ଥ୍ୟସେବା ସଠିକ ହେଉ ନ ଥିବା କଥା ଆଲୋଚନା ହେଉଛି। ମିଳିଥିବା ସଦ୍ୟତମ ସରକାରୀ ତଥ୍ୟ ଅନୁଯାୟୀ ଜିଲ୍ଲାରେ ଅନୁମୋଦିତ ୬୭୨ଟି ଡାକ୍ତର ମଧ୍ୟରୁ ୩୧୩ଜଣ ଡାକ୍ତର ଥିବାବେଳେ ୩୫୯ଟି ଡାକ୍ତର ପଦ ଖାଲି ରହିଛି। ରାଜ୍ୟରେ ଡାକ୍ତର ସମସ୍ୟା ସବୁ ଜିଲ୍ଲାରେ ଉତ୍କଟ ଥିବାବେଳେ କେନ୍ଦୁଝର ଜିଲ୍ଲାରେ ଏହାକୁ ନେଇ ସମସ୍ୟା ଲାଗି ରହିଛି। କେବଳ ଯେ, ଡାକ୍ତର ପଦ ଅର୍ଦ୍ଧାଧିକ ଖାଲି ରହିଛି ତାହା ନୁହେଁ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ ମଧ୍ୟ ବହୁ ସଂଖ୍ୟାରେ ଖାଲି ରହିଛି। ଦିନକୁ ଦିନ ଲୋକ ସଂଖ୍ୟା ଓ ରୋଗୀ ସଂଖ୍ୟା ବଢୁଥିବାବେଳେ ଅନୁମୋଦିତ ସ୍ୱାସ୍ଥ୍ୟ କର୍ମଚାରୀ ସଂଖ୍ୟା ବୃଦ୍ଧି ପାଉ ନ ଥିବା ଅଭିଯୋଗ ହୋଇଛି। ବିସ୍ମୟର କଥା ଅନୁମୋଦିତ ପଦ ମଧ୍ୟ ଦୀର୍ଘଦିନ ଧରି ପୂରଣ ହେଉନାହିଁ। ସ୍ୱାସ୍ଥ୍ୟସେବା ପରି ଏକ ଅତ୍ୟାବଶ୍ୟକୀୟ ବିଭାଗରେ ଏହି ପଦ ଖାଲି ରହିବା ଦ୍ୱାରା ସ୍ୱାସ୍ଥ୍ୟ ବିଭାଗ କୋମାରେ ରହିଥିବା କଥା ଆଲୋଚନା ହେଉଛି। ସରକାରୀ ସୁଚନା ମୁତାବକ ୫୮୭ ଅନୁମୋଦିତ ଷ୍ଟାଫ ନର୍ସ ପଦବୀରୁ ମାତ୍ର ୨୩୨ଜଣ ଷ୍ଟାଫ ନର୍ସ ବିଭିନ୍ନ ଚିକିତ୍ସାଳୟରେ କାର୍ଯ୍ୟ କରୁଥିବାବେଳେ ୩୫୫ଟି ଷ୍ଟାଫ ନର୍ସ ପଦ ଖାଲି ରହିଛି। ୧୩୭ଟି ଫାର୍ମାସିଷ୍ଟ ପଦ ମଧ୍ୟରୁ ୩୭ଟି ପଦ ଖାଲି ରହିଥିବାବେଳେ ୧୦୦ଟି ଫାର୍ମାସିଷ୍ଟ ପଦରେ କର୍ମଚାରୀ ରହିଥିବା କଥା ସରକାରୀ ଭାବେ କୁହାଯାଇଛି। ୨୪୫ଟି ଅନୁମୋଦିତ ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ପଦ ମଧ୍ୟରୁ ୩୦ଟି ପଦ ଖାଲି ରହିଛି। ପୁରୁଷ ସୁପରଭାଇଜର ପଦ ମୋଟ ୬୭ରୁ ୩୦ଟି ଖାଲି ରହିଛି। ମହିଳା ସୁପରଭାଇଜର ୬୨ଟି ମଧ୍ୟରୁ ୧୬ଟି ଖାଲି ରହିଛି। ତେବେ କେନ୍ଦୁଝର ଜିଲ୍ଲାରେ ମହିଳା ସ୍ୱାସ୍ଥ୍ୟକର୍ମୀ ୫୬୨ ମଧ୍ୟରୁ ୧୦୧ଟି ପଦ ଖାଲି ରହିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରକାଶିତ ଏକ ସଦ୍ୟତମ ରିପୋର୍ଟରେ ପ୍ରକାଶ କରାଯାଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦ ଶହେରୁ ଅଧିକ ଫାଙ୍କା ରହିଥିବାବେଳେ ମୋଟ ଅନୁମୋଦିତ ୪୪୬ଟି ପଦବୀ ରହିଥିବାବେଳେ ଏବେ ୨୫୦ଜଣ କାର୍ଯ୍ୟ କରୁଛନ୍ତି ଓ ୧୯୬ଟି ଚତୁର୍ଥ ଶ୍ରେଣୀ ପଦ ଖାଲି ରହିଛି। ୩୬ ଫାର୍ମାଷିଷ୍ଟ, ୩ଜଣ ସହକାରୀ ନର୍ସିଂ ଅଧିକ୍ଷକ, ୧୪ ଜୁନିୟର ରେଡିଓଗ୍ରାଫର, ୧୫ଜଣ ଡିଏସ କ୍ଲର୍କ, ୬ଜଣ ଓପଥାଲ ସହାୟକ, ୪ଜଣ ବ୍ଲକ ସଂପ୍ରସାରଣ ପ୍ରଶିକ୍ଷକ ଓ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧବକାରୀ ପଦ ଖାଲି ରହିଛି। ତେବେ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପଦରେ ଆଉଟସୋର୍ସିଂ ସଂସ୍ଥାମାନଙ୍କ ଜରିଆରେ ଅନେକ ବ୍ୟକ୍ତି ରହିଥିବାବେଳେ ଜିଲ୍ଲା ଭିତରର ଓ ବାହାରର ଅନେକ ପ୍ରାର୍ଥୀଙ୍କଠାରୁ ମୋଟାଙ୍କର ଟଙ୍କା ନେଇ ଭର୍ତ୍ତି କରାଯାଉଥିବା କଥା ଆଲୋଚନା ହେଉଛି। ଏହାର କ୍ରାଇମବ୍ରାଞ୍ଚ ତଦନ୍ତ କରାଗଲେ ଅନେକ ରହସ୍ୟ ପଦାକୁ ଆସିବା ସହିତ ରାଜ୍ୟ ସରକାର ଏବେ ଠିକା ନିଯୁକ୍ତି ହଟାଇଥିଲେ ମଧ୍ୟ ଏହି ଆଉଟସୋର୍ସିଂ ସାଧାରଣ ଯୁବକ ଓ ଯୁବତୀଙ୍କ ପାଇଁ କାଳ ସଦୃଶ୍ୟ ହୋଇଛି। ରାଜ୍ୟ ବାହାରର କିଛି ସଂସ୍ଥା ଏପରି ଆଉଟସୋର୍ସିଂ ସଂସ୍ଥା ଖୋଲି ମାଲେମାଲ ହେଉଥିବାବେଳେ ଏହା ଉପରେ ରାଜ୍ୟ ସରକାର ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ କଡା ନଜର ରଖି ଏମାନଙ୍କ କାର୍ଯ୍ୟକଳାପ, ନିଯୁକ୍ତି ପ୍ରକ୍ରିୟା ଓ ଦରମା ପ୍ରଦାନ ସମ୍ପର୍କରେ ତଦନ୍ତ ନ କଲେ ଶୋଷଣର ମାତ୍ରା ଦିନକୁ ଦିନ ଆହୁରି ବଢିଚାଲିବ ବୋଲି ମତବ୍ୟକ୍ତ ହୋଇଛି। ନିୟମିତ ନିଯୁକ୍ତି ମଧ୍ୟରେ ବିଭିନ୍ନ ପଦ ପୂରଣ ସାଙ୍ଗକୁ ରୋଗୀ ସଂଖ୍ୟାକୁ ଆକଳନ କରି ନିଯୁକ୍ତି ବୃଦ୍ଧି କରିବାକୁ ସାଧାରଣରେ ଦାବି ହେଉଛି।

# ଗୋପ କଲେଜରେ ରକ୍ତଦାନ ଶିବିର ପ୍ରହସନ

## ମାତ୍ର ୧୮ ୟୁନିଟ୍ ରକ୍ତ ସଂଗ୍ରହ, ସଚେତନତା ଅଭାବ ଅଭିଯୋଗ

ଗୋପ (ଭାସ୍କର ନ୍ୟୁଜ୍): ପ୍ରହସନ ପାଲଟିଛି ଗୋପ କଲେଜରେ ରକ୍ତଦାନ ଶିବିର। ଅଧକ୍ଷାଙ୍କ ସଚେତନତା ଅଭାବ ସାଙ୍ଗକୁ ଦୂରଦୃଷ୍ଟି ଅଭାବରୁ ଓଡିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ସହାୟତାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ କଲେଜରେ ଅଧୟନରତ୍ତ ୧୫୦୦ ଛାତ୍ରଛାତ୍ରୀ ଏବଂ ୫୦ରୁ ଉର୍ଦ୍ଧ କର୍ମଚାରୀ ଥିବା ବେଳେ ମାତ୍ର ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯିବା ପରିତାପର ବିଷୟ ହୋଇଛି। ଯାହାକୁ ନେଇ ଏହି ମେଗା ରକ୍ତଦାନ ଶିବିର ଫସରଫାଟିଯାଇଛି। ରକ୍ତଦାନ ଏକ ମହତଦାନ। ଗୋଟିଏ ୟୁନିଟ୍ ରକ୍ତ ଗୋଟିଏ ଜୀବନ ବଂଚାଇ ପାରେ ବୋଲି ସରକାର ସ୍ଲୋଗାନ ଦେଉଥିବା ବେଳେ ଗୋପ କଲେଜ ଅଧକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ଖାମଖିଆଲି ମନୋଭାବ ଓ ସଚେତନତା ଅଭାବରୁ ଏହି ଶିବିରକୁ ଛାତ୍ରଛାତ୍ରୀ ଆସି ନଥିବା ଅଭିଯୋଗ ହୋଇଛି। ଅଧକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ପୂର୍ବ ଯୋଜନା ଅନୁଯାୟୀ ଏହି ଶିବିର ସକାଳ ୯ ଟାରୁ ଆରମ୍ଭ ହୋଇ ଦିବା ୨ ଘଟିକା ପର୍ଯ୍ୟ' ଚାଲିଥିଲେ ମଧ୍ୟ ଛାତ୍ରଛାତ୍ରୀ ନଆସିବା ଅଧକ୍ଷାଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କ୍ୟାପିଟାଲ ହସ୍ପିଟାଲର ରକ୍ତ ଭଣ୍ଡାରର ମୁଖ୍ୟ ଡାକ୍ତର ଦେବାଶିଷ ମିଶ୍ରଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ଏହି ରକ୍ତ ସଂଗ୍ରହ କରିବାକୁ ଆସିଥିବା ବେଳେ ଆଶାତୀତ ଭାବେ ରକ୍ତ ୟୁନିଟ୍ ସଂଗ୍ରହ ହୋଇନପାରିବାରୁ ସେମାନେ ନିରାଶରେ ଫେରିଥିଲେ। ଏନେଇ ଅଧକ୍ଷା ଶ୍ରୀମତୀ ପଣ୍ଡାଙ୍କୁ ପଚାରିବାରେ ସେ କହିଥିଲେ ପୂର୍ବରୁ ଆମ୍ଭେ ରକ୍ତଦାନ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲୁ। ମାତ୍ର ଛାତ୍ରଛାତ୍ରୀମାନେ ଆସି ନଥିଲେ।

# ଦୁଇ ମଦ ବେପାରୀ ଗିରଫ

କଣ୍ଟାପଡା (ଭାସ୍କର ନ୍ୟୁଜ୍): ଓଲଟପୁର ପୋଲିସ କଣ୍ଟାପଡା ସ୍କୁଲ ଛକରେ ବାବୁଲା ଓରଫ ବାବୁଲି ରାଉଳ (୪୦)କୁ ଗିରଫ କରିଛି। ତା ପଖରୁ ୧୫ ଲିଟର ୬୦୦ବିଦେଶୀ ମଦ ଜବତ କରିବା ସହିତ ତା ନାମରେ ଓଲଟପୁର ଥାନାରେ ୪୩/ ୨୫ରେ ମାମଲା ରୁଜୁ ହୋଇଛି। ସେହିଭଳି ଉକ୍ତ ଥାନା ଅଧିନସ୍ତ କଣ୍ଟାପଡା ଗ୍ରାମର ତୋଫାନ ସ୍ୱାଇଁ (୪୩) କୁ ଓଲଟପୁର ପୋଲିସ ଗିରଫ କରିଛି। ତା ପାଖରୁ ୧୩ ଲିଟର ୪୦୦ ବିଦେଶୀ ମଦ ଜବତ ହୋଇଛି। ଏ ନେଇ ଓଲଟପୁର ଥାନାରେ ୪୪/୨୫ରେ ମାମଲା ରୁଜୁ ହୋଇଛି। ଦୀର୍ଘ ଦିନ ହେବ ଓଲଟପୁର ଥାନାରୁ ଏକ କିଲୋମିଟର ଦୂରରେ ବେଧଡ଼କ ଭାବରେ ମଦ ବିକ୍ରି କରି ଆସୁଥିଲେ।

# ବରୁଣ୍ଡେଇ ଦୁର୍ଗା ମଣ୍ଡପରୁ ହୋଇଥିବା ଚୋରିର ପରଦା ହଟିବ କେବେ ?

କୋରେଇ, (ଭାସ୍କର ନ୍ୟୁଜ୍) : କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମ ବଙ୍ଗାଳି ସାହି ଦୁର୍ଗା ମଣ୍ଡପରୁ ଗତ ଦୁର୍ଗାପୂଜା ଅର୍ଥାତ ନବମୀ ପୂଜା ପରେ ବିଳମ୍ବିତ ରାତ୍ରୀରେ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା, ରୂପା ଗହଣା ଚୋରି ହେବା ଘଟଣା ସାରା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଥିବା ବେଳେ, ଘଟଣାକୁ ୮ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସୁରାଗ ପୋଲିସ ପାଇ ପାରୁନଥିବାରୁ ଅଞ୍ଚଳବାସୀ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛନ୍ତି। ଖାଲି ଥାନାରେ କେଶ ନଂ ୩୮୮/୨୪ରେ ଏକ ମାମଲା ରୁଜ୍ଜୁ କରାଯାଇଥିବା ବେଳେ ପୋଲିସ କେବଳ ପୂଜକକୁ ଉଠେଇ ନେଇ ପଚରାଉଚରା କରି ଛାଡିଥିବା ବେଳେ ଘଟଣାରେ ଏ ପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନାହିଁ। ଏଠାରେ ସୂଚନା ଯୋଗ୍ୟ କି ବଙ୍ଗାଳୀ ସାହିର ଏହି ଦୁର୍ଗା ଅନୁଷ୍ଠାନ ପ୍ରାୟ ୧୦୦ ବର୍ଷ ପୁରୁଣା, ଘଟଣା ଦିନ ନବମୀ ପୂଜା ପରେ ପ୍ରସାଦ ସେବନ ହୋଇଥିଲା, ତା ପରେ ରାତି ପ୍ରାୟ ୧୨ ଟାରେ ମଣ୍ଡପର ଭିତର ପଟୁ ଚାବି ଦେଇ ପୂଜକ, ଏବଂ କମିଟି ସଦସ୍ୟ ବିଶ୍ୱତୋଷ ସିଂହା ଶୋଇଥିଲେ। ଏବଂ ଚାବିକାଠି କାନ୍ଥରେ ଟାଙ୍ଗିଥିଲେ ବୋଲି କମିଟି ସଦସ୍ୟ କହୁଛନ୍ତି। କିନ୍ତୁ ରାତ୍ରି ୨.୪୫ମିରେ ବିଶ୍ୱତୋଷ ଦେଖିଲେ କି ଚାବି ଖୋଲାଯାଇଛି। ପରେ ପୂଜକଙ୍କୁ ଡାକି ଦେଖିଲେ କି ମା'ଙ୍କ ସହ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତିରୁ ଅଳଙ୍କାର ଚୋରି ହୋଇଯାଇଛି। ଏବଂ ଚାବି କାଠିଟି ଶୋଇଥିବା ବିଛଣାରେ ପଡିଛି। ସେ ସଙ୍ଗେ ସଙ୍ଗେ କମିଟିର ଅନ୍ୟ ସଦସ୍ୟ ମାନଙ୍କୁ ଜଣାଇବା ସହିତ କୋରେଇ ଥାନାକୁ ଖବର ଦେଇଥିଲେ, କୋରେଇ ଥାନାରେ ସେତେବେଳର ଥାନା ଅଧିକାରୀ ସଂଜୟ ପରିଡା ନିଜେ ତଦନ୍ତ କରଥିଲେ। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ତଦନ୍ତ ଆଗକୁ ବଢା ଯାଇଥିଲା। କିନ୍ତୁ ଦୁଃଖର ବିଷୟ ଏ ପର୍ଯ୍ୟନ୍ତ ପୋଲିସ ବିଭାଗ ଚୋରିର ଟେର ପାଇ ପାରିଲା ନାହିଁ। ଏହାରି ଭିତରେ କୋରେଇ ଥାନାରେ ନୂତନ ଭାବେ ଜଣେ ଦକ୍ଷ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଯୋଗ ଦେଇଥିବା ବେଳେ, ଯାଜପୁର ଆରକ୍ଷୀ ଅଧିକାରୀ ଯଶ ପ୍ରୀତି ଶ୍ରୀମଲବି ଜଣେ ଦକ୍ଷ ଅଫିସର ଭାବେ ଜଣାଶୁଣା। ବିଗତ ଦିନରେ ସେ ପାଣିକୋଇଲି ସୁନା ଦୋକାନ ଚୋରି ଓ କୁଆଖିଆ ସୁନା ଚୋରି କେଶରେ ବାହାର ରାଜ୍ୟରୁ ସଫଳତାର ସହିତ ଡକାୟତ ଧରିବାରେ ସଫଳତା ଅର୍ଜନ କରିଥିବା ବେଳେ କାହିଁକି ଏହି ଚୋରିର ଟେର ପାଇପାରୁ ନାହାଁନ୍ତି ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ବିଭାଗର ଏପରି ଦକ୍ଷ ଅଫିସର ଏହି କେଶକୁ ପୁନଃ ତଦନ୍ତ ପରିସରକୁ ଆଣି ଦୁର୍ଗା ମାତାଙ୍କର ଗହଣା ଜବତ କରିବା ସହିତ ଚୋର ମାନଙ୍କୁ ଧରିଲେ ବରୁଣ୍ଡେଇ ଅଞ୍ଚଳର ଲୋକମାନଙ୍କର ପୋଲିସ ଉପରେ ଆସ୍ଥା ଫେରିଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଯୁବ ସମାଜସେବୀ ସତ୍ୟଜିତ ସମ୍ବର୍ଦ୍ଧିତ




ପରଜଙ୍ଗ (ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କଙ୍କିଳି ପଞ୍ଚାୟତର ଯୁବ ସମାଜସେବୀ ସତ୍ୟଜିତ ବିଶ୍ୱାଳ ପାଖରେ ସମାଜସେବାର ନିଆରା ନିଶା ଦେଖିବାକୁ ମିଳିଛି। ଯାହାଫଳରେ ସମ୍ବର୍ଦ୍ଧିତର ଦୃଶ୍ୟ ଦେଖିବାକୁ ମିଳିଥିଲା। ସୋସିଆଲ ମିଡ଼ିଆ ଏକ୍ସ ମାଧ୍ୟମରେ ନିଜ ଅଞ୍ଚଳର ସମସ୍ୟା ତଥା ଜିଲ୍ଲା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେଲେ ସାଙ୍ଗେ ସାଙ୍ଗେ ଖବର ସଂଗ୍ରହ କରି ମୁଖ୍ୟମନ୍ତ୍ରୀ ଓ ମୁଖ୍ୟସଚିବଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଟ୍ୱିଟ କରି ସମସ୍ୟା ବିଷୟରେ ଅବଗତ କରନ୍ତି। ତୁରନ୍ତ ସମାଧାନ ପାଇଁ ଅନୁରୋଧ କରିବା ସହ ଅଭିଯୋଗ ପ୍ରଦାନ ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ହେଲା ପର୍ଯ୍ୟନ୍ତ ପ୍ରୟାସ ଜରି ରଖିଥାନ୍ତି। ଏଭିଳି ଭାବେ ଦୁଇ ବର୍ଷ ମଧ୍ୟରେ ନିଜ ଅଞ୍ଚଳର ବିକାଶ ନିମନ୍ତେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନସଚିବ, ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ଦୁଇ ହଜାରରୁ ଅଧିକ ଟ୍ୱିଟ କରିସାରିଛନ୍ତି। ଆଜିର ଯୁବପିଢ଼ି ଅଧିକାଂଶ ସମୟରେ ନିଜର ମନୋରଞ୍ଜନ ନିମନ୍ତେ ସୋସିଆଲ ମିଡିଆକୁ ବ୍ୟବହାର କରୁଥିବା ବେଳେ, ଯୁବ ସମାଜସେବୀ ସତ୍ୟଜିତ ଏହାକୁ ସମାଜ ସେବା ନିମନ୍ତେ ଉପଯୋଗ କରି ବହୁ ଚର୍ଚ୍ଚାରେ ରହୁଛନ୍ତି। ଏହାପରେ ମଧ୍ୟ ଚାରାରୋପଣ ସହିତ ବିଭିନ୍ନ ସମୟରେ ରୋଗୀଙ୍କୁ ରକ୍ତ ଯୋଗାଇବା ଓ ବିଭିନ୍ନ ସଂଗଠନ ମାଧ୍ୟମରେ ଅଞ୍ଚଳର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ଭଳି ସତ୍ୟଜିତଙ୍କ ପାଖରେ ରହିଛି ଏକ ନିଆରା ଇଚ୍ଛା ଶକ୍ତି। ତାଙ୍କ ଟ୍ୱିଟ କାରଣରୁ ଅନେକ ସମସ୍ୟାର ସମାଧାନ ହେଉଥିବାରୁ ସେ ଏବେ ଅଞ୍ଚଳରେ ଟ୍ୱିଟର ବୟ ଭାବରେ ପରିଚିତ। ତାଙ୍କ ଟ୍ୱିଟ ଅନେକ ଅସହାୟ ଗରିବ, ବୃଦ୍ଧା, ଭିନ୍ନକ୍ଷମ, ବିଧବା ଓ ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟେଇ ପାରିଛି। ଚଳିତ ମାସ ୧୨ ତାରିଖରେ ପୁରୀ ଠାରେ ରାଜ୍ୟସ୍ତରୀୟ ଟ୍ୱିଟର ଆସୋସିଏସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସତ୍ୟଜିତଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିବାରୁ ସେ ଖୁସିହୋଇ ଏହି ଭଳି ସେବାର ପ୍ରୟାସ ଜାରି ରଖିବାକୁ ସୂଚନା ମିଳିଛି।

# ସ୍ୱାସ୍ଥ୍ୟକାର୍ଡ ପାଇଁ ଯାଇ ଟଳିପଡିଲେ ମହିଳା



ଗୋପ, (ଭାସ୍କର ନ୍ୟୁଜ୍): ସାରା ରାଜ୍ୟରେ ଆୟୁଷ୍ମାନ କାର୍ଡ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଗୋପ ବ୍ଲକର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଆୟୁଷ୍ମାନ କାର୍ଡ ବଂଟନର ଆୟୋଜନ କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ମେଳାରେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କର ଜୀବନ ଚାଲିଯାଇଛି। ଏପରି ଘଟଣା ଘଟିଛି ଗୋପ ବ୍ଲକ ବଡ଼ତରା ପଞ୍ଚାୟତରେ ଚାଲିଥିବା ସ୍ୱାସ୍ଥ୍ୟମେଳାରେ। ଏହି ମେଳାକୁ ମଲ୍ଲଗ୍ରାମର ୫୪ ବର୍ଷୀୟା ବୃଦ୍ଧା ଲକ୍ଷ୍ମୀପ୍ରିୟା ପଣ୍ଡା ମଧ୍ୟ ଯାଇଥିଲେ। ଗତକାଲି ଅତ୍ୟଧିକ ଖରା ଓ ଗୁଳୁଗୁଳି ଯୋଗୁଁ ସେହିଠାରେ ଲକ୍ଷ୍ମୀପ୍ରିୟା ନିଜକୁ ଅସୁସ୍ଥ ଅନୁଭବ କରିବା ସହିତ ସାଥିରେ ଯାଇଥିବା ଅନ୍ୟ ମହିଳା ମାନଙ୍କୁ ମଧ୍ୟ ଜଣାଇଥିଲେ। ସାଥି ମହିଳାମାନେ ଲକ୍ଷ୍ମୀପ୍ରିୟାଙ୍କୁ ପିଇବା ପାଣି ଦେବା ସହିତ ତାଙ୍କୁ ଘରକୁ ନେଇଯିବାକୁ ଅନ୍ୟମାନଙ୍କୁ କହିଥିଲେ। ଭୋକ ଉପାସରେ ଆଉଟୁପାଉଟୁ ହୋଇ ଅଖିଆ ଅପିଆ ଗୋଷ୍ଠୀର ମହିଳା ମାନେ ସେଠାରୁ ଲକ୍ଷ୍ମୀପ୍ରିୟାକୁ ନେଇ ପଳାଇ ଆସିଥିଲେ। ରାସ୍ତାରେ ସେ ଅଚେତ ହେବା ସହିତ ତାଙ୍କର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତର ହୋଇଯାଇଥିଲା। ପରେ ଘରୁ ମେଡିକାଲ ଆଣିବା ସମୟରେ ରାସ୍ତାରେ ହିଁ ତାଙ୍କର ପ୍ରାଣବାୟୁ ଚାଲିଯାଇଥିଲା। ଗୋପ ମେଡିକାଲରେ ଉପସ୍ଥିତ ଥିବା ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରିବା ସହିତ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ।

# ମେଡିକାଲ କଲେଜ ଆନ୍ଦୋଳନ ଜୋର୍‌ଦାର୍ କରିବାକୁ ବିଜେଡିର ପ୍ରସ୍ତୁତି




କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ବିଜୁ ଜନତା ଦଳର ଏକ ପ୍ରସ୍ତୁତି ବୈଠକ ବିଧାୟକ ଗଣେଶ୍ୱର ବେହେରାଙ୍କ ସଭାପତିତ୍ୱରେ କାକଟ ଲକ୍ ନିକଟସ୍ଥ ସ୍ୱୟଂ ସେଲିବ୍ରେସନ୍ ମଣ୍ଡପରେ ଅନୁଷ୍ଠିତ ହୋଇ ଆସନ୍ତା ଏପ୍ରିଲ ୧୬ରେ ମେଡିକାଲ କଲେଜ ଆନ୍ଦୋଳନକୁ ଜୋରଦାର କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ ସମେତ କେନ୍ଦ୍ରାପଡା ନଗର ବିଜେଡି ନେତାମାନେ ଏକାଠି ହୋଇ କେନ୍ଦ୍ରାପଡା ପ୍ରତି ମେଡିକାଲ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ଘୋର ଅବିଚାରର ଦୃଢ ଜବାବ ଦେବାକୁ ଘୋଷଣା କରିଥିଲେ। ରାଜ୍ୟ ସରକାର ଜଗତସିଂହପୁର, ଢେଙ୍କାନାଳ ଓ ଭଦ୍ରକ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରିବାର ନିଷ୍ପତ୍ତି ଘୋଷଣା କରିସାରିଥିବା ସ୍ଥଳେ କେନ୍ଦ୍ରାପଡା ପ୍ରତି ଅଣଦେଖା କରିଛନ୍ତି। ଜିଲ୍ଲାର ସ୍ୱାର୍ଥ ପାଇଁ ନିରବଚ୍ଛିନ୍ନ ଭାବେ ସଂଗ୍ରାମ କରିବାର ସଂକଳ୍ପ ନେଇଥିବା ବିଜେଡି ଏହି ଏପ୍ରିଲ୍ ୧୬ ଆନ୍ଦୋଳନର ସଫଳତା ପାଇଁ ସମସ୍ତ କର୍ମୀ, ନେତା ଓ ଶୁଭେଚ୍ଛୁମାନଙ୍କର ପୂର୍ଣ୍ଣ ସହଯୋଗ ଶ୍ରୀ ବେହେରା କାମନା କରିଥିଲେ। ପ୍ରସ୍ତୁତି ବୈଠକର ସର୍ବସମ୍ମତ ନିଷ୍ପତ୍ତି ଅନୁସାରେ ଗରାପୁର ବିଜେଡି କାର୍ଯ୍ୟାଳୟଠାରୁ ଏକ ବିଶାଳ ବାଇକ୍ ରାଲି ତିନିମୁହାଣୀ, ନୂଆ ବସ୍‌ଷ୍ଟାଣ୍ଡ ଓ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବ ଓ ସେଠାରେ ପ୍ରତିବାଦ ସଭା କରାଯିବ। ପ୍ରତିବାଦ ସଭାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଏହି ପ୍ରତିବାଦ ସମାରୋହକୁ ଜିଲ୍ଲାର ସମସ୍ତ ବିଜେଡି ବିଧାୟକଙ୍କ ସମେତ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ (ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବିଧାୟକ ଧ୍ରୁବ ଚରଣ ସାହୁ ଓ ବିଧାୟକ ଅରବିନ୍ଦ ମହାପାତ୍ର) ଅତିଥି ଭାବରେ ନିମନ୍ତ୍ରଣ କରିବାକୁ ସିଦ୍ଧାନ୍ତ ନିଆଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲ୍ଲା ସଭାପତି ଧିରେନ ସାହୁ, ଆଲୋକ ସାହୁ, ଯଯାତି ମହାନ୍ତି, ଯୁବନେତା ରାଜେଶ ପଣ୍ଡା, ପୌରାଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ମହେନ୍ଦ୍ର ମିଶ୍ର, ମହିଳା ସଭାପତି ରୋସ୍‌ନା ସାହୁ, ସ୍ୱୟଂପ୍ରଭା କର, ସେକ୍ ଚନ୍ଦନ, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ହିବଜୁର୍ ରହେମାନ, ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, କାଉନସିଲର ପ୍ରଦୀପ୍ତ ଜେନା, ଉମେଶ ନାୟକ, ରାଜେଶ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମିରଞ୍ଜନ ରାଉତ, ହିରଣ୍ୟ ପଣ୍ଡା, ସଞ୍ଜୟ ଜେନା, ମୁକ୍ତାର ଖାଁ, ସୌମେନ୍ଦ୍ର ପୃଷ୍ଟି, ସଞ୍ଜୟ ଜେନା, ଆକବରୀ ଖାତୁନ, ମୀର ମୁର୍ଶିଦ୍, ସଙ୍ଗମ ସାମଲ, ଲୋହିତ ମହାନ୍ତି, ଦାମୋଦର ଜେନା, ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଭାଗନେଇ ଆଲୋଚନାରେ ସାମିଲ ହୋଇଥିଲେ।

# ତାଳତୁମ ବୀଣାପାଣି ଶିଶୁମନ୍ଦିରର ବାର୍ଷିକ ଉତ୍ସବ



ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ତାଳତୁମ ବୀଣାପାଣି ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଶିକ୍ଷବିତ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପିଚୁକୁଳି ଜିଲ୍ଲାପରିଷଦ ସଦସ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସାନମାନିତ ଅତିଥିଭାବେ ସରପଞ୍ଚ ପ୍ରଦୀପ୍ତ ବାରିକ, ପରିଚାଳନା କମିଟି ସମ୍ପାଦକ ବିଜୟ କୁମାର ନାୟକ, ପରିଚାଳନା କମିଟି ସଭାପତି ପଞ୍ଚାନନ ରଥ, ବିଭୁତି ସାହୁ, ଶ୍ରୀଧର ସାହୁ, ପୁରୁଷତମ ସାହୁ, ରିଙ୍କୁ ସାର, ଗୋପାଳପୁର ଗ୍ରାମ ପଞ୍ଚାୟତ ବିଜେଡି ପ୍ରଦୀପସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର କୃତିପ୍ରତି ଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସାବରେ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ, ଗୁରୁମା ଉଷା ରାଣୀ ପଲେଇ, ମିଳି ରାଉତରାୟ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

# ରାଶିଫଳ

**ସୋମବାର, ୧୪ ଏପ୍ରିଲ ୨୦୨୫**



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ:** ଆଜି ଆପଣଙ୍କର ମିଶ୍ରର ଦିନ ଅଟେ। ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ। ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ୍ୟ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ। ଆଜି ଆପଣଙ୍କର ଆଚରଣ ସ୍ୱାଭାବିକ ହେବ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନବରଙ୍ଗପୁର (ଭାସ୍କର ନ୍ୟୁଜ): ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡ଼ା ନବରଙ୍ଗପୁରର ସ୍ୱନକ୍ଷତ୍ର ଉତ୍ସବ ୨୦୨୫ ଏବଂ ଶ୍ରୀତୁଳସୀ ପତ୍ରିକାର ଶୁଭ ଉନ୍ମୋଚନ ର ଏକ ଜିଲ୍ଲାସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସାହିତ୍ୟିକ କୈଳାଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବାବେଳେ ଅତିଥିଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପବିତ୍ର କୁମାର ହାଲଦାର, ବିଜୟ କୁମାର ପଟ୍ଟନାୟକ, ସାହିତ୍ୟିକ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ଚୌଧୁରୀ, ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାରସ୍ୱତ ସ୍ରଷ୍ଟା ସ୍ୱରଚିତ କବିତା ଗୁଡିକ ପାଠ କରିଥିଲେ । ଏହି କବିତା ପାଠ କାର୍ଯ୍ୟକ୍ରମକୁ ସାହିତ୍ୟିକ ଶୁଭେନ୍ଦୁ କୁମାର ଦାସ ଏବଂ ସ୍ୱର୍ଣ୍ଣଲତା ପଟ୍ଟନାୟକ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତାଭାବେ ଅମିତା ରାୟ ଯୋଗଦେଇ ସମାଜ ପରିବର୍ତ୍ତନରେ ସାହିତ୍ୟ ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ କବୟିତ୍ରୀ ବାସନ୍ତୀ ଲତା ଜେନାଙ୍କ ରଚିତ କବିତା ସଙ୍କଳନ 'ସ୍ମୃତି ଜହ୍ନ' ଏବଂ ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡ଼ାର ସପ୍ତଦଶ ସଂସ୍କରଣ 'ଶ୍ରୀ ତୁଳସୀ' ପତ୍ରିକାର ଶୁଭ ଉନ୍ମୋଚନ ହୋଇଥିଲା । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ 'ଆମ ଭାଷା ଓ ଆମ ଅସ୍ମିତା' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ବରେଣ୍ୟ ସାହିତ୍ୟିକ ରମେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ବଲ୍ଲଭ ରାଉତ ଉପସ୍ଥିତ ଥିଲେ।



# ବିକାଶ ଆବାସିକ ବିଦ୍ୟାଳୟରେ ଆଇଆଇଏମ୍ୟୁଏନ୍ କାର୍ଯ୍ୟକ୍ରମ ଉଦ୍‌ଘାଟିତ




ବରଗଡ଼,(ଭାସ୍କର ନ୍ୟୁଜ) : ବରଗଡ଼ ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ୍ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବରାଇଗୁଡ଼ାରେ ଥିବା ଅଡିଟୋରିଅମ ଠାରେ ଆଇଆଇ. ଏମ୍ୟୁଏନ୍‌ର ଦି ବରଗଡ଼ କନ୍‌ଫରେନ୍ସ କାର୍ଯ୍ୟକ୍ରମ ମହା ସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ସର୍ବପ୍ରଥମେ ଅତିଥିଗଣ ଦୀପ ପ୍ରଜ୍ଜ୍ୱଳନ ଓ ମାଲ୍ୟାର୍ପଣ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ସମୂହର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ଏହି କାର୍ଯ୍ୟକ୍ରମଟି ଛାତ୍ରଛାତ୍ରୀମାନଙ୍କର ବିଶ୍ୱସ୍ତରୀୟ ଚିନ୍ତାଧାରା, ନେତୃତ୍ୱ ନେବାର ଦକ୍ଷତା ଓ ସେମାନଙ୍କର ସାମଗ୍ରିକ ଉନ୍ନତିରେ ସହାୟକ ହେବ ବୋଲି କହିବା ସହିତ ବିକାଶ ଆବାସିକ ବିଦ୍ୟାଳୟ ସର୍ବଦା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଗୁଣାତ୍ମକ ଶିକ୍ଷା ପ୍ରଦାନରେ ତତ୍ପର ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତୀୟ ଖ୍ୟାତି ସଂପନ୍ନ ଏଥିଲେଟ୍ ରୋହନ ଶାହା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଉତ୍ସାହ, ଧୈର୍ଯ୍ୟ ଓ ପ୍ରାଥମିକତା ଏହି ତିନୋଟି ଗୁଣକୁ ପ୍ରାଧାନ୍ୟ ଦେଇ କଠିନ ପରିଶ୍ରମ କଲେ ଛାତ୍ରଛାତ୍ରୀ ମାନେ ନିଜର ଲକ୍ଷ୍ୟ ସ୍ଥଳରେ ନିଶ୍ଚୟ ପହଞ୍ଚିପାରିବେ ବୋଲି ମତ ଦେଇଥିଲେ । ଆଇଆଇଏମ୍. ୟୁ.ଏନ୍.ର ନିର୍ଦ୍ଦେଶକ ମିତେଶ ଭିଂଜୁଡ଼ା ବସୁଧୈବ କୁଟୁମ୍ବକମ୍ ଓ ବିଭିନ୍ନତା ମଧ୍ୟରେ ଏକତା ଭାବନା ଆମ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ। ପାରୁଲ ବିଶ୍ୱ ବିଦ୍ୟାଳୟର ଡିନ୍ ଡ.ଦିଗ୍‌ବିଜୟ ପାଣ୍ଡେ ସମୟର ସଦ୍‌ବ୍ୟବହାର, ଦକ୍ଷତା ବୃଦ୍ଧି ଓ ନୂତନ ଶିକ୍ଷାନୀତି ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପ୍ରକାଶ ଥାଉକି, ଏହି କାର୍ଯ୍ୟକ୍ରମରେ ଚାରୋଟି ବିଦ୍ୟାଳୟ (ବରଗଡ଼ର ବିକାଶ ଆବାସିକ ବିଦ୍ୟାଳୟ, କ୍ରୀଷ୍ଟା ବିକାଶ ଫାଷ୍ଟଷ୍ଟେପ୍, ସିମେଣ୍ଟ ନଗର ଇଂଲିସ୍ ମିଡିୟମ୍ ସ୍କୁଲ୍ ଓ ସମ୍ବଲପୁରର ଡିପିଏସ୍)ରୁ ୨୨୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ୧୧ ଅପ୍ରେଲ୍ ରୁ ୧୩ ଅପ୍ରେଲ୍ ୨୦୨୫ ପର୍ଯ୍ୟନ୍ତ ୩ଦିନ ଧରି ଅନୁଷ୍ଠିତ ହେଉଛି। ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ ଓ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଅତିଥିଗଣଙ୍କୁ ଉପଢୌକନ ଓ ସ୍ମୃତିଫଳକ ଦେଇ ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଚ୍ଚକୋଟୀର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। କ୍ରୀଷ୍ଟା ବିକାଶ ଶିକ୍ଷାନୁଷ୍ଠାନ ସମୂହ, ବରଗଡ଼ର ସମସ୍ତ ଶାଖାର ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଶିକ୍ଷକ-ଶିକ୍ଷୟିତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ଅଲେଖ ମହିମା ମନ୍ଦିର ପ୍ରତିଷ୍ଠା ଉତ୍ସବ

ଉମରକୋଟ(ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ନେଉର। ଗ୍ରାମ ପଞ୍ଚାୟତ ଅଧୀନ ରେ ଆସୁଥିବା ବଡ଼ ଗାଁ ଠାରେ ଅଲେଖ ଧର୍ମାବଲମ୍ବୀ ଲୋକଙ୍କ ଏକ ଚିତ୍ତାକର୍ଷକ ଅଲେଖ ମହିମା ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଦୀର୍ଘ ୩ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବ ରେ ଓଡ଼ିଶା ଓ ପଡୋଶୀ ଛତିଶଗଡ ରାଜ୍ୟରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଅଲେଖ ମହିମା ଧର୍ମର ଲୋକଙ୍କ ଉପସ୍ଥିତ ହେଇ ଥିଲା। ଯୋରନ୍ଦା ରୁ ବକଳ ଧାରି ବାଲ୍ୟ ବ୍ରହ୍ମଚାରୀ ମାନେ ଶତାଧିକ ସଂଖ୍ୟାରେ ଆସି ଯୋଗଦାନ କରିଥିଲେ। ଉକ୍ତ ବିଶ୍ୱଶାନ୍ତି ପାଇଁ ହୋମ ଯଜ୍ଞ ଅନୁଷ୍ଠିତ ହେଇ ଥିଲା। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପଡୋଶୀ ଛତିଶଗଡ ର ଜଗଦଲପୁର ବିଧାୟକ ଲୋକେଶ୍ୱର୍ ବାଘେଲ, ପୂର୍ବତନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ, ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମ କୁ ମନ୍ଦିର କମିଟି ର ଜଗେନ୍ଦ୍ର ମାଝି, ପବିତ୍ର ବିଷୋୟୀ, କର୍ପୁର ଚନ୍ଦ୍ର ନାୟକ, କମ ଭତ୍ରା, ଉଳଧର ଭତ୍ରା, କମୋଲୁ ଜାନି, ତୁଳସୀ ଭତ୍ରା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।ତେବେ ମନ୍ଦିର ର କାରୁକାର୍ଯ୍ୟ ଦେଖିକି ଭକ୍ତ ମାନେ ଆନନ୍ଦ ଅନୁଭବ କରୁଥିବା ଜଣାପଡ଼ିଛି।



# ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଶିକ୍ଷକ ସମୃଦ୍ଧି ସାପ୍ତାହିକ କର୍ମଶାଳା ଉଦ୍‌ଯାପିତ

ଗୁଣୁପୁର(ଭାସ୍କର ନ୍ୟୁଜ): ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଗତ ଏକ ସପ୍ତାହ ବ୍ୟାପୀ ଚାଲିଥିବା 'ବିଭେଦକ ସମୀକରଣ ଓ ଏହାର ପ୍ରୟୋଗ ସମ୍ବନ୍ଧିତ ଶିକ୍ଷକ ସମୃଦ୍ଧି କର୍ମଶାଳା' ଉଦ୍‌ଯାପିତ ହୋଇ ଯାଇଛି। ଏହି କର୍ମଶାଳା ଆଇଆଇଟି ବମ୍ବେ ଏବଂ ଟିଆଇଏଫ୍‌ଆର ବମ୍ବେ ଦ୍ୱାରା ପରିଚାଳିତ ଜାତୀୟ ଗଣିତ କେନ୍ଦ୍ରର ସହଯୋଗରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ଦ୍ୱାରା ଏହି କର୍ମଶାଳା ଆୟୋଜିତ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ନାଇଜରର ପ୍ରଫେସର ଡ଼ଃ ମାନସ ରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ହାଇଦ୍ରାବାଦ ସ୍ଥିତ ବିଆଇଟି ପିଲାନୀର ପ୍ରଫେସର ବିଭୁଦତ୍ତ ମିଶ୍ର ଯୋଗ ଦେଇ ଗଣିତ ଶିକ୍ଷାର ନୂତନତା ଓ ଆବଶ୍ୟକ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟର ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗଦେଇ ଇଂଜିନିୟରିଂ ଶିକ୍ଷା କ୍ଷେତ୍ର ରେ ଗଣିତର ଉପଯୋଗୀତା ଓ ଆବଶ୍ୟକତା ବିଷୟ ରେ ଆଲୋକପାତ କରିଥିଲେ।




କୁଳପତି ଡଃ ଏ ଭି ଏନ୍ ଏଲ୍ ଶର୍ମା ଯୋଗ ଦେଇ ବର୍ତମାନ ଶିକ୍ଷା ସମାଜରେ ଗଣିତର ଗୁରୁତ୍ୱ ଓ ସଫଳତା ବିଷୟରେ କହିଥିଲେ। ସ୍କୁଲ୍ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଡିନ ଡ. ଡୁଲୁ ପଟ୍ଟନାୟକ ଯୋଗ ଦେଇ କର୍ମଶାଳାର ଉପଯୋଗିତା ବିଷୟରେ କହିଥିଲେ। ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍ ବିଭାଗର ମୁଖ୍ୟ ଡ଼ଃ ପ୍ରତିଭା କର ଗଣିତର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଉପସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡାଙ୍କ ଦ୍ୱାରା ମୁଖ୍ୟ ଅତିଥିଙ୍କୁ ସମ୍ମାନୀତ କରା ଯାଇଥିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ଼ଃ ଏନଭିଜେ ରାଓ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ଅନୁଷ୍ଠାନର ଅଧ୍ୟାପକ,ଅଧ୍ୟାପିକା,ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀବୃନ୍ଦ ଯୋଗ ଦେଇଥିଲେ। ଆବାହକ ଡଃ ତାପସ ରଂଜନ ପାଣିଗ୍ରାହୀ ସ୍ୱାଗତ ଭାଷଣ ପରିବେଷଣ କରିଥିବାବେଳେ ସହ ଆବାହକ ଡଃ ଏନ୍ ଜଗନ୍ନାଧମ୍ ଧନ୍ୟବାଦ ଅର୍ପଣ କରିଥଲେ। ଅଧ୍ୟାପିକା ଘନିଷ୍ଠା ପୃଷ୍ଟିଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା। ଏହି ଅବସରରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ପ୍ରଫେସର ମାନେ ଯୋଗ ଦେଇ ଗଣିତ ବିଷୟରେ ସନ୍ଦର୍ଭ ମାନ ପାଠ କରିଥିଲେ।

# ବିଭିନ୍ନ ସ୍ଥାନରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ଶୁଭାରମ୍ଭ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲାରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ବିଧାୟକ ନରସିଂହ ମାଡକାମି ପଦ୍ମଗିରି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଶୁଭାରମ୍ଭ କରିଥିବା ବେଳେ ଓ ମାଲକାନଗିରି ସଦର ବ୍ଲକର ଏୟାରଷ୍ଟ୍ରିପ୍ ନିକଟରେ ଥିବା କଟେଲିଗୁଡ଼ା ନିକଟରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଶୁଭାରମ୍ଭ କରିଛନ୍ତି। ସେହିପରି ପାଙ୍ଗାମ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଗୋବିନ୍ଦପାଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ମୁଦୁଲିପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସି ଏଚ ଏମ୍. ଜଗନ୍ନାଥ ରାଓ, ଚିତ୍ରକୋଣ୍ଡା ବ୍ଲକ ଜାନବାଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ ଶୁଭାରମ୍ଭ କରିଛନ୍ତି। ସେହିପରି କାଲିମେଳା ବ୍ଲକ ପାପୁଲୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ଓ ମାଲକାନଗିରି ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମିଙ୍କ ସହ ମ୍ୟୁନିସିପାଲଟି ଅଧ୍ୟକ୍ଷ ମନୋଜ କୁମାର ବାରିକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ତେବେ ଅନ୍ୟ ୧୯ କେନ୍ଦ୍ର ଯଥା ପାଣ୍ଡିପାଣି ପଂଚାୟତର ବୀରଲକ୍ଷ୍ମଣପୁର, ମାଥିଲି ବ୍ଲକର ସାଲିମି, କିଆଙ୍ଗ, କାଳିଆଗୁଡା, ଭେଜାଗୁଡା, ଖଇରପୁଟ ବ୍ଲକର ପୋଡଘାଟ, ଚିତ୍ରକୋଣ୍ଡା ବ୍ଲକର ଜୋଡାମ୍ବ, ପାପୁଲୁର, କୋରୁକୋଣ୍ଡା ବ୍ଲକର ମାଟାପାକା, ତୁମୁସାପଲ୍ଲୀ ର ଏମ୍.ଭି,. ୪୭, ଏମ୍‌ଭି. ୧୯, ବାଲିମେଳା, କାଲିମେଳା ବ୍ଲକର କୋଇକୋଣ୍ଡା, ମାନ୍ୟମକୋଣ୍ଡା, ଏମ୍.ଭି. ୫୫, ପଡିଆ ବ୍ଲକର ଧରମପାଲ୍ଲୀ, ଏମ୍‌ଭି. ୭୯, ମୋଟୁ ଜନସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସେହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରମାନଙ୍କ ସହ ସ୍ଥାନୀୟ ଜନ ପ୍ରତିନିଧି ମାନେ ମିଶି ଶୁଭାରମ୍ଭ କରିଛନ୍ତି।




କନ୍ଧମାଳ(ଭାସ୍କର ନ୍ୟୁଜ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆୟୁଷ୍ମାନ କାର୍ଡ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲାର ସମସ୍ତ ୧୨ ଗୋଟି ବ୍ଲକ ଅନ୍ତର୍ଗତ ୪୦ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୧ ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉକ୍ତ କାର୍ଯ୍ୟକ୍ରମର ସିଧା ପ୍ରାସାରଣ ସହ ଜିଲ୍ଲାରେ ମଧ ଏହାର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଫୁଲବାଣୀ ପ୍ରାଥମିକ ସହରାଞ୍ଚଳ କେନ୍ଦ୍ର ଅନ୍ତର୍ଗତ କାର୍ଯ୍ୟକ୍ରମ କରୋନେସନ ପଡିଆ ଠାରେ ଆୟୋଜିତ ହୋଇଥିଲା । ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢି ସୂଚନା ଦେଇଥିଲେ ଯେ ଜିଲ୍ଲାରେ ମୋଟ ୩ ଲକ୍ଷ ୭ ହଜାର ୨୭୩ ଟି କାର୍ଡ ଓ ୩୬ ଲକ୍ଷ ୩୨ ହଜାର ୭୪୫ଟି କମ୍ବୋ କିଟ୍ ହସ୍ତଗତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା, ପୌର ପରିଷଦ, ଫୁଲବାଣୀ ପାୟଲ ବେହେରା, ଅଧ୍ୟକ୍ଷା, ପଞ୍ଚାୟତ ସମିତି, ଫୁଲବାଣୀ, ସସ୍ମିତା କହଁର, ଜିଲ୍ଲା ପରିଷଦ ସଦସ୍ୟା, ଫୁଲବାଣୀ ଚନ୍ଦ୍ରମା ମଲ୍ଲିକ, ସାଂସଦ ପ୍ରତିନିଧି ଜଗନ୍ନାଥ ସାହୁ, ସାଂସଦ ପ୍ରତିନିଧି ଅନିଲ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ସୌମ୍ୟରଞ୍ଜନ ପାତ୍ର, ମାନ୍ୟବର ବିଧାୟକ ପ୍ରତିନିଧି ରମେଶ ଚନ୍ଦ୍ର ମହାନ୍ତି , ମାନ୍ୟବର ସାଂସଦ ପ୍ରତିନିଧି ଶ୍ରୀ ଚନ୍ଦ୍ରଶେଖର ପଣ୍ଡା, ମେଡ଼ିକାଲ ଅଫିସର ଡାକ୍ତର ମନୀଷା ମଲ୍ଲିକ, ଆଶା କର୍ମୀ, ଅଙ୍ଗନବାଡି କର୍ମୀ , ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

କୋଷାଗୁମୁଡା (ଭାସ୍କର ନ୍ୟୁଜ୍): କୋଷାଗୁମୁଡ଼ା ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ୬ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ତଥା କୋଟାଗାଁ, ମୋତିଗାଁ,କୋଡ଼ିଙ୍ଗା,ସାନ ଗୁମୁଡ଼ା, ଆସଙ୍ଗା, ବଡ଼ ଆମ୍ବଡାର ଉପସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଗ୍ରାମର ପ୍ରାୟ ୩୦ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ଯୋଜନାର କାର୍ଡ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ କୋଷାଗୁମୁଡ଼ା ବ୍ଲକ ର ମୋତିଗାଁ, କୋଡ଼ିଙ୍ଗା ଓ କୋଟାଗାଁ ରେ ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ ଶୁଭାରମ୍ଭ କରିଥିବା ବେଳେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ର ଆସଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ରଞ୍ଜିତ ପାଢ଼ୀ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା-ଆଦିତ୍ୟ ବେହେରାଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିପିଏମ-ମାନସ ରଥ, ପିଇଓ-ଅଜିତ କୁମାର ନନ୍ଦ, ଟିକିଚନ୍ଦ୍ର ନାୟକ, ଜିପିଡିଓ-ତ୍ରିଲୋଚନ ଛନ୍ନାଣ,ବରିଷ୍ଠ ସମାଜସେବୀ ବଦ୍ରି ନାରାୟଣ ସିଂ,ରାଜୋଡା ସରପଞ୍ଚ ବନମାଳୀ ଭତ୍ରା, କର୍ଚ୍ଚା ମାଳ ସରପଞ୍ଚ ଉମାଦେବୀ ନାୟକ,ବାମୁଣି ସରପଞ୍ଚ ଧନପତି ଭତ୍ରା, ଚିର୍ମା ସରପଞ୍ଚ,କୋଡ଼ିଙ୍ଗା ସରପଞ୍ଚ ସେବୀକା ମାଝୀ, ବଡ଼ ଆମ୍ବଡା ସରପଞ୍ଚ ଶିଶୁପାଳ ରନ୍ଧାରୀ, ମୋତିଗାଁ ସରପଞ୍ଚ , ଜିଲାପରିଷଦ ସଭ୍ୟ କ୍ଷୀରୋଦ ନାୟକ,ଆସଙ୍ଗା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଡ଼. ଆଦିୟାରଶ୍ମି ସ୍ୱାଇଁ ପ୍ରମୁଖଙ୍କ ସହ ସମସ୍ତ ପିଇଓ, କନିଷ୍ଠ ଯନ୍ତ୍ରୀ, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନବାଡି କର୍ମୀଙ୍କ ସହ ୫ଗୋଟି ଉପସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରାୟ ୭ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା ।

# ସମୃଦ୍ଧି ଓ ପ୍ରଗତିର ପଥ: ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ

ଭାରତୀୟ ରାଜନୈତିକ ଆଲୋଚନାରେ 'ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ'ର ଚର୍ଚ୍ଚା ଗତ କିଛିଦିନ ହେବ ଯଥେଷ୍ଟ ଲୋକଲୋଚନରେ ଏକ ଆଲୋଡ଼ନ ସୃଷ୍ଟି କରିଛି । ଏହି ଚିନ୍ତାଧାରା ଲୋକସଭା (ସଂସଦର ନିମ୍ନ ସଦନ) ଏବଂ ସମସ୍ତ ରାଜ୍ୟ ବିଧାନସଭାର ନିର୍ବାଚନ ଚକ୍ରକୁ ସମନ୍ୱିତ କରିବାର ପରିକଳ୍ପନା ଉପରେ ପର୍ଯ୍ୟବେଶିତ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କି ଏହି ନିର୍ବାଚନ ଦ୍ୱାରା ଏକସଙ୍ଗରେ ସମସ୍ତ ନିର୍ବାଚନର ଆୟୋଜନ କରିବା, ଯାହା ଦ୍ୱାରା ବର୍ତ୍ତମାନର ନିର୍ବାଚନ ପ୍ରକ୍ରିୟା ଯୋଗୁଁ ଶାସନରେ ବାରମ୍ବାର ଯେଉଁ ବାଧା ସୃଷ୍ଟି ହେଉଛି ତାହା ଦୂର ହେବ। ଏହା କାର୍ଯ୍ୟକାରୀ ହେଲେ ଖର୍ଚ୍ଚ ହ୍ରାସ, ପ୍ରଶାସନିକ ଦକ୍ଷତା ଏବଂ ରାଜନୈତିକ ବ୍ୟବସ୍ଥାର ସାମଗ୍ରିକ ସ୍ଥିରତା ଦୃଷ୍ଟିରୁ ଯଥେଷ୍ଟ ଲାଭ ମିଳିପାରିବ। ଶାସନ ବ୍ୟବସ୍ଥାରେ ସ୍ଥିରତା ରହିଲେ ସରକାରୀ ପ୍ରଶାସନ ଓ ନୀତି ପ୍ରଣୟନରେ ନିରନ୍ତର ଧାରା ବଜାୟ ରହିବ। ରାଜନୈତିକ ସ୍ୱାର୍ଥ ହାସଲ ଲାଗି ନେତାମାନେ ଯେଉଁ ଲୋଭନୀୟ ଓ ସ୍ୱଳ୍ପ ଲାଭ ଦେଉଥିବା ଯୋଜନା ଘୋଷଣା କରୁଛନ୍ତି ତାହା ମଧ ବନ୍ଦ ହେବ। ସ୍ଥାୟୀ ଓ ଦୀର୍ଘକାଳୀନ ଲାଭ ପ୍ରଦାନ କରୁଥିବା ଯୋଜନାଗୁଡ଼ିକୁ ଗୁରୁତ୍ୱ ମିଳିବ ଯାହା ଦେଶର ଅର୍ଥନୀତିକୁ ଦ୍ରୁତଗତିରେ ଆଗକୁ ବଢ଼ାଇ ଭାରତକୁ ଶୀଘ୍ର ଏକ ବିକଶିତ ଦେଶରେ ପରିଣତ କରିପାରିବ, ଫଳରେ ତାହାର ଲାଭ ଦେଶର ପ୍ରତିଟି ଲୋକମାନଙ୍କ ପାଖରେ ପହଞ୍ଚି ପାରିବ, ଯଦ୍ୱାରା ସେମାନେ ନିଜକୁ ସଶକ୍ତ ମନେ କରିବେ।

ଗୋଟିଏ ରାଷ୍ଟ୍ର ଗୋଟିଏ ନିର୍ବାଚନର ଆଉ ଏକ ମୁଖ୍ୟ ଉପଲବ୍ଧି ହେଉଛି ଅର୍ଥନୀତିରେ ସ୍ଥିରତା। ଦେଶର ବ୍ୟବସାୟ ପରିବେଶ ଉପରେ ଉଭୟ ଦେଶ ଓ ବିଦେଶୀ ନିବେଶକମାନଙ୍କ ଭରସା ରହିବ। ଯାହାଫଳରେ ସେମାନେ ନିଶ୍ଚିତ ହୋଇ ପୁଞ୍ଜିନିବେଶ କରିପାରିବେ। ପ୍ରଶାସନିକ କଳର ଦକ୍ଷତା ମଧ ବୃଦ୍ଧି ପାଇବ, ଯାହାଦ୍ୱାରା ସରକାରୀ ଯୋଜନା ପ୍ରଣୟନ ଅଧପନ୍ତରିଆ କିମ୍ବା ଅସମ୍ପୂର୍ଣ୍ଣ ରହିବ ନାହିଁ। ସରକାରୀ ବାବୁମାନେ ଫଳାଫଳ ଭିତ୍ତିକ ଯୋଜନା ପ୍ରଣୟନ କରିପାରିବେ। ଏକ ଉତ୍ତରଦାୟୀ ପ୍ରଶାସନିକ ବ୍ୟବସ୍ଥାର ଅଭ୍ୟୁଦୟ ହୋଇପାରିବ।

ବର୍ତ୍ତମାନ ଏହି ଆଲୋଚନା ଆଗକୁ ଆସିବାର ମୁଖ୍ୟ କାରଣ ହେଉଛି, ଗତ କିଛିଦିନ ତଳେ ପୂର୍ବରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଉଚ୍ଚସ୍ତରୀୟ କମିଟିର 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ସମ୍ପର୍କିତ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରି ମିଳିଛି । ଏହା ସହିତ ବର୍ତ୍ତମାନ ଏହି ସମ୍ବନ୍ଧୀୟ ବିଲ୍ ଲୋକସଭାରେ ଉପସ୍ଥାପନା କରାଯାଇଛି ଯାହାକି ବର୍ତ୍ତମାନ ଯୁଗ୍ମ ସଂସଦୀୟ କମିଟିର ଅନୁଧ୍ୟାନରେ ଅଛି। ତେବେ ଏକକ ନିର୍ବାଚନର ଏହି ଚିନ୍ତାଧାରା ଭାରତ ପାଇଁ ନୂଆ ନୁହେଁ। ୧୯୫୧-୫୨ରେ ପ୍ରଥମ ସାଧାରଣ ନିର୍ବାଚନ ହେବା ପରଠାରୁ ୧୯୬୭ ପର୍ଯ୍ୟନ୍ତ ଦେଶରେ ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ଏକାସାଙ୍ଗରେ ଅନୁଷ୍ଠିତ ହେଉଥିଲା। ରାଜନୈତିକ ଅସ୍ଥିରତା କାରଣରୁ ପରେ ଏହି ପ୍ରଥା ବାଧାପ୍ରାପ୍ତ ହୋଇଥିଲା, ଯାହାଫଳରେ ବିଭିନ୍ନ ସମୟରେ କେତେକ ରାଜ୍ୟ ବିଧାନସଭା ଏବଂ ଲୋକସଭା ଭଙ୍ଗ ହୋଇଥିଲା । ସେବେଠାରୁ ପୃଥକ ଭାବେ ନିର୍ବାଚନ ଅନୁଷ୍ଠିତ ହେଉଥିବାରୁ ଦେଶରେ ବର୍ଷ ତମାମ କୌଣସି ନା କୌଣସି ରାଜ୍ୟରେ ନିର୍ବାଚନ ପ୍ରଚାର ଓ ମତଦାନ ଚାଲିଛି, ଯାହାର ଶାସନ ଓ ବିକାଶ ଉପରେ ଯଥେଷ୍ଟ ପ୍ରଭାବ ପଡୁଛି। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ମଧ ଗୋଟିଏ ଦେଶ ଗୋଟିଏ ନିର୍ବାଚନର ଦୃଢ଼ ସମର୍ଥକ ଥିଲେ। ଏହି ପ୍ରସଙ୍ଗକୁ ନେଇ ଅନେକ ଥର ଆଲୋଚନା ହୋଇଥିବା ବେଳେ, ନିର୍ବାଚନ କମିଶନ, ଲ' କମିସନ ଓ ନିତି ଆୟୋଗ ତଥା ବିଭିନ୍ନ ସଂସଦୀୟ ସମିତି ଏହାର ଅନୁଶୀଳନ ମଧ କରିଛନ୍ତି।



**ଡଃ. ତପନ ଚାନ୍ଦ**
**ପୂର୍ବତନ ଅଧ୍ୟକ୍ଷ, ନାଲ୍‌କୋ**

ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ସାରା ବିଶ୍ୱ ପାଇଁ କୌଣସି ନୂଆ ଚିନ୍ତାଧାରା ନୁହେଁ। ଆମେରିକା, ବ୍ରାଜିଲ, ଦକ୍ଷିଣ ଆଫ୍ରିକା, ସ୍ୱିଡେନ, ବେଲଜିୟମ୍, ଇଣ୍ଡୋନେସିଆ ଓ ମେକ୍ସିକୋରେ ଏହି ଧରଣର ନିର୍ବାଚନ ବ୍ୟବସ୍ଥା ସଫଳତାର ସହ ଦୀର୍ଘଦିନ ଧରି ଚାଲିଆସୁଛି। ନିର୍ବାଚନ ପ୍ରକ୍ରିୟାକୁ ସଂଗଠିତ କରିବା, ଖର୍ଚ୍ଚ ହ୍ରାସ ଓ ପ୍ରଶାସନିକ ବ୍ୟବସ୍ଥା ଉପରୁ ଚାପ ଦୂର କରିବା ଲାଗି ଏହି ଦେଶଗୁଡ଼ିକ ଏକସଙ୍ଗେ ଦେଶର ନିର୍ବାଚନ କରୁଛନ୍ତି। ମାତ୍ର ପ୍ରତିଟି ଦେଶର ଆହ୍ୱାନ ଅଲଗା ଅଲଗା। ଭାରତର ରାଜନୈତିକ ଦୃଶ୍ୟପଟ୍ଟ ବେଶ ଜଟିଳଥିବାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ପ୍ରତିଟି କ୍ଷେତ୍ରରେ ଉତ୍ତରଦାୟିତ୍ୱ ଭାବର ଆବଶ୍ୟକତା ରହିଛି।

ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପଛର ଯୁକ୍ତି ହେଉଛି ନିର୍ବାଚନ ପ୍ରକ୍ରିୟାକୁ ତା'ର ମୂଳ ସମନ୍ୱୟକୁ ଫେରାଇ ଆଣିବା। ବାରମ୍ବାର ନିର୍ବାଚନ ଯୋଗୁଁ ଆଦର୍ଶ ଆଚରଣ ବିଧି ଲାଗୁ ହେବାର କ୍ରମାଗତ ଚକ୍ର ଚାଲିଥାଏ, ଯାହା ସରକାରଙ୍କ ନୀତି କାର୍ଯ୍ୟକାରୀ କରିବା ଏବଂ ନିଷ୍ପତି ନେବାର କ୍ଷମତାରେ ବାଧା ସୃଷ୍ଟି କରିଥାଏ। ଫଳରେ ଅନେକ ସମୟରେ ଅଟକି ରହିଥିବା ଉନ୍ନୟନମୂଳକ ପ୍ରକଳ୍ପ, ନୀତି ପ୍ରଣୟନରେ ବିଳମ୍ବ ଏବଂ ଶାସନରେ ସାମଗ୍ରିକ ମାନ୍ଦାବସ୍ଥା ଦେଖାଦେଇଥାଏ। ଏକକାଳୀନ ନିର୍ବାଚନ ଏହି ବାଧାକୁ ହ୍ରାସ କରିବାର ଏକ ବଳିଷ୍ଠ ଉପାୟ ଯାହା ଏକ ଅଧିକ ସ୍ଥିର ଏବଂ ନିରନ୍ତର ଶାସନ ଢ଼ାଞ୍ଚା ସୃଷ୍ଟି କରିବ।

ଏକକାଳୀନ ନିର୍ବାଚନ ସପକ୍ଷରେ ସବୁଠାରୁ ବଡ଼ ଯୁକ୍ତି ହେଉଛି ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ସଞ୍ଚୟ। ଭାରତରେ ନିର୍ବାଚନ ଏକ ବ୍ୟୟବହୁଳ ବ୍ୟାପାର, ଯେଉଁଥିରେ ଲଜିଷ୍ଟିକ୍, ନିରାପତ୍ତା ଏବଂ ପ୍ରଶାସନିକ ବ୍ୟବସ୍ଥା ଉପରେ ଯଥେଷ୍ଟ ଖର୍ଚ୍ଚ ହୋଇଥାଏ। ଅନେକ ବର୍ଷ ମଧ୍ୟରେ ଏକାଧିକ ନିର୍ବାଚନ କରାଇବା ଦ୍ୱାରା ଏହି ଖର୍ଚ୍ଚ ଦ୍ରୁତଗତିରେ ବୃଦ୍ଧି ପାଇଥାଏ। ଏକ ସମନ୍ୱିତ ନିର୍ବାଚନ ପ୍ରକ୍ରିୟା ବ୍ୟୟକୁ ସୁବ୍ୟବସ୍ଥିତ କରିବ, ଯାହା ସମ୍ଭବତଃ ହଜାର ହଜାର କୋଟି ଟଙ୍କା ସଞ୍ଚୟ କରିବ। ସେହି ଟଙ୍କାକୁ ବିକାଶମୂଳକ ପ୍ରକଳ୍ପ ଏବଂ ସାମାଜିକ କଲ୍ୟାଣ ଯୋଜନା ପାଇଁ ବିନିଯୋଗ କରାଯାଇପାରିବ। ଏକ ଆନୁମାନିକ ଆକଳନ ଅନୁଯାୟୀ ଏକ ରାଷ୍ଟ୍ର ଏବଂ ନିର୍ବାଚନ ୪.୫ ଲକ୍ଷ କୋଟିର ପୁଞ୍ଜିକୁ ଅପବ୍ୟୟ ଖର୍ଚ୍ଚରୁ ବଞ୍ଚାଯାଇ ଜନତାଙ୍କ କଲ୍ୟାଣମୂଳକ କାର୍ଯ୍ୟରେ ଲଗାଯାଇ ପାରିବ, ଏହି ରାଶି ଜିଡିପିର ୧.୫% ଅଟେ। ଏକସଙ୍ଗରେ ନିର୍ବାଚନ କଲେ ପ୍ରଶାସନିକ ଓ ସୁରକ୍ଷା ବାହିନୀ ଉପରେ ବୋଝ କମିବ। ବର୍ତ୍ତମାନର ବ୍ୟବସ୍ଥା ଅନୁଯାୟୀ ଅଳ୍ପ ବ୍ୟବଧାନରେ ଏକାଧିକ ଥର ସମଗ୍ର ଦେଶରେ କର୍ମଚାରୀଙ୍କୁ ଏକାଠି କରିବାର ଆବଶ୍ୟକତା ରହୁଛି। ଏହା କେବଳ ସମ୍ବଳକୁ ପ୍ରଭାବିତ କରୁନାହିଁ ବରଂ ସରକାରୀ ଏଜେନ୍ସିଗୁଡ଼ିକର ନିୟମିତ କାର୍ଯ୍ୟରେ ମଧ ବାଧା ସୃଷ୍ଟି କରୁଛି। ଏକକ ନିର୍ବାଚନ କାର୍ଯ୍ୟସୂଚୀ ଦ୍ୱାରା ଉନ୍ନତ ଯୋଜନା ଏବଂ ସମ୍ବଳ ଆବଣ୍ଟନ ହୋଇପାରିବ ଯାହା ପ୍ରଶାସନିକ ବ୍ୟବସ୍ଥା ଉପରେ ଚାପ ହ୍ରାସ କରିବ।

ବାରମ୍ବାର ନିର୍ବାଚନ ହେଲେ ରାଜନୈତିକ ପ୍ରଚାରର ନିରନ୍ତର ଚକ୍ର ଜାରି ରହିଥାଏ, ଯେଉଁଥିରେ ନିର୍ବାଚିତ ପ୍ରତିନିଧିମାନଙ୍କ ଧ୍ୟାନ ଶାସନରୁ ହଟି ନିର୍ବାଚନୀ ପ୍ରଚାରକୁ ଚାଲିଆସେ। ନିର୍ବାଚନ ସମୟରେ କାର୍ଯ୍ୟକାରୀ ହେଉଥିବା ଆଦର୍ଶ ଆଚରଣବିଧି ନୂଆ ନୀତି କିମ୍ବା ପ୍ରକଳ୍ପ ଘୋଷଣା ଉପରେ ପ୍ରତିବନ୍ଧକ ଲଗାଇଥାଏ ଯାହା ସରକାରଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥାଏ। ଏକସଙ୍ଗରେ ନିର୍ବାଚନ ଆୟୋଜନ ଦ୍ୱାରା ସରକାର ବିନା ବାଧାବିଘ୍ନରେ ଶାସନ ଓ ନୀତି କାର୍ଯ୍ୟକାରିତା ଉପରେ ଅଧିକ ଗୁରୁତ୍ୱ ଦେଇପାରିବେ।

ଏକାସାଙ୍ଗରେ ନିର୍ବାଚନ ହେଲେ ମତଦାନ ହାରରେ ଉନ୍ନତି ଆସିପାରିବ। ବର୍ତ୍ତମାନ ଭୋଟରମାନେ ନିର୍ବାଚନର ବାରମ୍ବାରତା କାରଣରୁ 'ନିର୍ବାଚନ ଥକ୍କାପଣ' ଅନୁଭବ କରିପାରନ୍ତି। ଏହା ଫଳରେ ଅଂଶଗ୍ରହଣ ହାର କମ୍ ହୋଇଥାଏ। ଏକ ସମନ୍ୱିତ ନିର୍ବାଚନ କାର୍ଯ୍ୟସୂଚୀ ଏହି ପ୍ରକ୍ରିୟାକୁ ସରଳ କରିବ, ନାଗରିକମାନଙ୍କ ପାଇଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ସହଜ ହେବ ଓ ନିର୍ବାଚନ ଫଳାଫଳର ବୈଧତା ଏବଂ ପ୍ରତିନିଧିତ୍ୱ ବୃଦ୍ଧି ପାଇବ।

ନିର୍ବାଚନ ପ୍ରକ୍ରିୟା ଅନେକ ସମୟରେ ଜାତିଗତ ଏବଂ ସାମ୍ପ୍ରଦାୟିକ ଉତ୍ତେଜନାକୁ ବଢ଼ାଇଥାଏ। କାରଣ ରାଜନୈତିକ ଦଳମାନେ ଭୋଟ ଜିତିବା ପାଇଁ ପରିଚୟ ଭିତ୍ତିକ ରାଜନୀତି କରନ୍ତି । ଏକକାଳୀନ ନିର୍ବାଚନ ପ୍ରକ୍ରିୟା ଏଭଳି ଧ୍ରୁବୀକରଣ ଅଭିଯାନର ବାରମ୍ବାରତାକୁ ସୀମିତ କରି ଅଧିକ ପ୍ରସଙ୍ଗ ଭିତ୍ତିକ ଏବଂ ବିକାଶଭିତ୍ତିକ ରାଜନୈତିକ ଆଲୋଚନାକୁ ପ୍ରୋତ୍ସାହିତ କରିବା ସହ ଏହି ବିଭାଜନକାରୀ ରଣନୀତିର ତୀବ୍ରତାକୁ ହ୍ରାସ କରିପାରିବ। ଏହି ସଂସ୍କାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବା ସହ ଏକକାଳୀନ ନିର୍ବାଚନ ଲକ୍ଷ୍ୟକୁ ପୂରଣ ମଧ କରାଯାଇପାରିବ।

ରାଜ୍ୟ ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡ଼ିକର ଦୁର୍ବଳତା ବିଷୟରେ ରହିଥିବା ଉଦ୍‌ବେଗ ସମାଧାନ ପାଇଁ, ରାଜନୈତିକ ଆଲୋଚନାରେ ଆଞ୍ଚଳିକ ଉଦ୍‌ବେଗଗୁଡ଼ିକ ଯେପରି ପର୍ଯ୍ୟାପ୍ତ ଭାବରେ ଉପସ୍ଥାପିତ ହୋଇପାରିବ ତାହା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା ସ୍ଥାପନ କରାଯାଇପାରିବ। ଏଥିରେ ନିର୍ବାଚନ ପ୍ରକ୍ରିୟା ସମୟରେ ରାଜ୍ୟ ସରକାରମାନେ ସେମାନଙ୍କ ସମସ୍ୟାକୁ ସ୍ପଷ୍ଟ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ କରିପାରିବେ।

ଏକକାଳୀନ ନିର୍ବାଚନ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ସଂଶୋଧନର ଆବଶ୍ୟକତା ରହିଛି। ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭାର ସର୍ତ୍ତାବଳୀକୁ ସମନ୍ୱିତ କରିବାକୁ ପଡ଼ିବ, ଯାହା ବିଭିନ୍ନ ରାଜ୍ୟର ରାଜନୈତିକ ଦୃଶ୍ୟପଟ୍ଟକୁ ଦୃଷ୍ଟିରେ ରଖି ଆହ୍ୱାନମୂଳକ ହୋଇପାରେ। ଏହି ପ୍ରକ୍ରିୟାରେ ଏକ ବ୍ୟାପକ ରାଜନୈତିକ ସହମତିର ଆବଶ୍ୟକ ଅଛି, ଯାହା ଏକ କଷ୍ଟକର କାର୍ଯ୍ୟ ହେଲେ ମଧ ଏହାକୁ ସଫଳ କରିବା ପାଇଁ ଏକ ସ୍ୱତନ୍ତ୍ର ସାଂଗଠନିକ ଚିନ୍ତାଧାରାର ଆବଶ୍ୟକତା ରହିଛି।

ଭାରତ ଭଳି ବିଶାଳ ଓ ବିବିଧ ଦେଶରେ ନିର୍ବାଚନ କରାଇବା ଏକ କଠିନ କାର୍ଯ୍ୟ। ଏକକାଳୀନ ନିର୍ବାଚନ ପାଇଁ ସୁରକ୍ଷା କର୍ମୀ, ନିର୍ବାଚନ ଅଧିକାରୀ ଏବଂ ଲଜିଷ୍ଟିକ ବ୍ୟବସ୍ଥା ସମେତ ବ୍ୟାପକ ସମ୍ବଳ ମୁତୟନ ଆବଶ୍ୟକ ହେବ। ଏଭଳି ପ୍ରକ୍ରିୟାର ବ୍ୟାପକତା ଏହାର ସମ୍ଭାବ୍ୟତା ଏବଂ ଏହାକୁ ପ୍ରଭାବଶାଳୀ ଭାବେ ପରିଚାଳନା କରିବାରେ ନିର୍ବାଚନ କମିଶନଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ରାଜନୈତିକ ସହମତି ହାସଲ କରିବା ବୋଧହୁଏ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ବିଭିନ୍ନ ରାଜନୈତିକ ଦଳର ଆଞ୍ଚଳିକ ଓ ଜାତୀୟ ସ୍ୱାର୍ଥକୁ ଆଧାର କରି ଭିନ୍ନ ଭିନ୍ନ ଦୃଷ୍ଟିକୋଣ ରହିଛି। ବିଶେଷକରି ଛୋଟ ଛୋଟ ଆଞ୍ଚଳିକ ଦଳଗୁଡ଼ିକ ଆଶଙ୍କା କରୁଛନ୍ତି ଯେ ଏକକାଳୀନ ନିର୍ବାଚନ ଦ୍ୱାରା ନିର୍ବାଚନୀ ପ୍ରସଙ୍ଗଗୁଡ଼ିକର ଜାତୀୟକରଣ ହୋଇପାରେ, ସେମାନଙ୍କ ପ୍ରଭାବ ହ୍ରାସ ପାଇବ ଏବଂ ସ୍ଥାନୀୟ ସମସ୍ୟା ସହ ଜଡ଼ିତ ପ୍ରତିନିଧିତ୍ୱ ହ୍ରାସ ପାଇବ। ଏହାସହ ଭୋଟର ମାନେ ନିର୍ବାଚିତ ଜନପ୍ରତିନିଧିଙ୍କ ଉପରେ ବିଭିନ୍ନ ସମୟରେ ସମସ୍ୟା ସମାଧାନକୁ ନେଇ ଚାପ ପ୍ରୟୋଗର ଅସ୍ତ୍ର ହରାଇବାର ଆଶଙ୍କା ସୃଷ୍ଟି ହୋଇଛି।

ଗୋଟିଏ ଦେଶ ଗୋଟିଏ ନିର୍ବାଚନ ପାଇଁ ସବୁଠୁ ବଳିଷ୍ଠ ଯୁକ୍ତି ହେଉଛି ଖର୍ଚ୍ଚରେ ହେଉଥିବା ସଞ୍ଚୟ ଯାହାକୁ ଅର୍ଥନୈତିକ କାର୍ଯ୍ୟରେ ପୁନଃ ବିନିଯୋଗ କରିବାର ସୁଯୋଗ। ୨୦୧୯ରେ ହୋଇଥିବା ଲୋକସଭା ନିର୍ବାଚନରେ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଯଦି ରାଜ୍ୟଗୁଡ଼ିକରେ ହୋଇଥିବା ନିର୍ବାଚନ ବିଚାରକୁ ନିଆଯିବ ଏହି ସଂଖ୍ୟା ଆହୁରି ଅଧିକ ହେବ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ଏକ ପ୍ରତିଶତ ରାଶିକୁ ଏଭଳି ସରକାର ଚୟନ ଭଳି କାମରେ ନିୟମିତ ଭାବେ ଅପଚୟ କରିବା ବଦଳରେ ତାହାକୁ ଯଦି ଅର୍ଥନୈତିକ ଓ ସାମାଜିକ ଉତ୍‌ଥାନ ଲାଗି ବିନିଯୋଗ କରାଯିବ ତେବେ ଦେଶର ବହୁ ଅନଗ୍ରସର, ଅବହେଳିତ ବର୍ଗ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ସମସ୍ତଙ୍କ ପାଖରେ ପୁଞ୍ଜି ପହଞ୍ଚିଲେ ଅର୍ଥନୈତିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେବ ଯାହାଫଳରେ ବର୍ତ୍ତମାନ ବାର୍ଷିକ ୭.୮ ପ୍ରତିଶତ ହାରରେ ଆଗକୁ ବଢୁଥିବା ଭାରତୀୟ ଅର୍ଥନୀତି ଦୁଇଅଙ୍କ ବିଶିଷ୍ଟ (୧୦ ପ୍ରତିଶତରୁ ଅଧିକ) ଅଭିବୃଦ୍ଧି ହାସଲ କରିପାରିବ। ଏହି ହାରରେ ଆଗକୁ ଗଲେ ଭାରତ ନିର୍ଦ୍ଧାରିତ ସମୟ ୨୦୪୭ ପୂର୍ବରୁ ଏକ ବିକଶିତ ଦେଶ ହେବା ସହ ଆମେରିକା, ବ୍ରିଟେନ୍, ଜର୍ମାନୀ ଭଳି ବିକଶିତ ଦେଶ ଲିଗ୍‌ରେ ସାମିଲ ହୋଇପାରିବ, ଯେଉଁମାନେ ଜାତିସଂଘ ଧାର୍ଯ୍ୟ କରିଥିବା ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟର ପ୍ରତିଟି ବର୍ଗରେ ଭାରତ ଅନ୍ୟ କୌଣସି ଦେଶ ତୁଳନାରେ ଦୁର୍ବଳ ରହିବ ନାହିଁ।

**'ଏକ ରାଷ୍ଟ୍ର, ଏକ ନିର୍ବାଚନ' ଗଢ଼ି ତୋଳିବ 'ଏକ ଭାରତ, ଶ୍ରେଷ୍ଠ ଭାରତ'।**



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ଆଉ ଗଡ଼ିବନି ପୁରୁଣା ଗାଡ଼ି । ରେଖା ସରକାର ପୁରୁଣା ଯାନ ଉପରେ ପ୍ରତିବନ୍ଧକ ଲଗାଇବାକୁ ନୂଆ ଗାଇଡ୍ ଲାଇନ୍ ଜାରି କରିଛନ୍ତି । ପରିବହନ ବିଭାଗ ଦ୍ୱାରା ଜାରି ହୋଇଥିବା ଅଧିସୂଚନା ଅନୁଯାୟୀ, ୨୦୨୪ରୁ ଦିଲ୍ଲୀ ରାଜପଥରେ ଗଡୁଥିବା ୧୦ବର୍ଷ ପୁରୁଣା ଡିଜେଲ ଓ ୧୫ ବର୍ଷ ପୁରୁଣା ପେଟ୍ରୋଲ ବା ସିଏନଜି ଗାଡ଼ିଗୁଡ଼ିକର ପଞ୍ଜୀକରଣ ରଦ୍ଦ କରିଦିଆଯାଇଛି । ଫଳରେ ୫୫ ଲକ୍ଷରୁ ଅଧିକ ଗାଡ଼ି ସ୍କ୍ରାପରେ ପରିଣତ ହୋଇଛି । ତେବେ ଏଣ୍ଡ ଅଫ୍ ଲାଇଫ୍ ଗାଡ଼ିର ସୂଚୀ ପରିବହନ ବିଭାଗ ୱେବସାଇଟ୍ ଅପଡେଟ୍ କରିଦେଇଛି । ଦିଲ୍ଲୀ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ନିର୍ଦ୍ଦେଶନାମାରେ ସାର୍ବଜନିକ ସ୍ଥାନ, ଯେଉଁଥିରେ ଘର ବାହାରେ ଛିଡ଼ା କରାଯାଉଥିବା ଗାଡ଼ିଗୁଡ଼ିକୁ ମଧ୍ୟ ସାମିଲ୍ କରାଯାଇଛି । ବାହାର ପାର୍କିଂ ହେଉଥିବା ଯାନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି ଦିଲ୍ଲୀ ସରକାର । ଅନ୍ୟପଟେ ପଞ୍ଜୀକରଣ ରଦ୍ଦ ହୋଇଥିବା ଗାଡ଼ିଗୁଡ଼ିକ ଗଡ଼ିଲେ ଜରିମାନା ଦେବେ।



## ବିଦେଶୀଙ୍କ ପାଇଁ ନୂଆ ନିୟମ ଲାଗୁ କଲେ ଟ୍ରମ୍ପ



ନୂଆଦିଲ୍ଲୀ: ଟ୍ରମ୍ପ ସରକାର ଆମେରିକାରେ ବିଦେଶୀ ନାଗରିକଙ୍କ ପାଇଁ ଏକ ନୂତନ ନିୟମ ଲାଗୁ କରିଛନ୍ତି। ଏହି ନିୟମ ଅନୁଯାୟୀ, ୩୦ ଦିନରୁ ଅଧିକ ସମୟ ପାଇଁ ଆମେରିକାରେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ନିଜକୁ ପଞ୍ଜୀକରଣ କରିବାକୁ ପଡିବ। ଯଦି ସେମାନେ ଏହା କରିବାରେ ବିଫଳ ହୁଅନ୍ତି, ତେବେ ସେମାନଙ୍କୁ ଜରିମାନା ହୋଇପାରେ କିମ୍ବା ଜେଲ ମଧ୍ୟ ଯିବାକୁ ପଡ଼ିପାରେ। ଏହା ସହିତ, ସେମାନଙ୍କୁ ଦେଶରୁ ନିର୍ବାସିତ ମଧ୍ୟ କରାଯାଇପାରିବ। ଗୃହ ସୁରକ୍ଷା ବିଭାଗ ଏକ ନୂତନ ନିର୍ଦ୍ଦେଶ ଜାରି କରିଛି, ଯାହା ଅନୁଯାୟୀ ୩୦ ଦିନରୁ ଅଧିକ ସମୟ ପାଇଁ ଆମେରିକାରେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ନିଜକୁ ପଞ୍ଜୀକୃତ କରିବାକୁ ପଡିବ। ଏପରି ନ କଲେ ତାହାକୁ ଅପରାଧ ବୋଲି ବିବେଚନା କରାଯିବ। ଟ୍ରମ୍ପ ରାଷ୍ଟ୍ରପତି ହେବା ପରଠାରୁ, ସରକାର ଆମେରିକାରେ ଅବୈଧ ଭାବରେ ରହୁଥିବା ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଆସୁଛନ୍ତି।

## ଦିଲ୍ଲୀ ଚଳାଉଛନ୍ତି ରେଖାଙ୍କ ସ୍ୱାମୀ: ଆତିଶୀ



ନୂଆଦିଲ୍ଲୀ: ରାଜଧାନୀ ଦିଲ୍ଲୀରେ ସରକାର ଚଳାଉଛନ୍ତି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସ୍ୱାମୀ ମନିଷ ଗୁପ୍ତା। ଏପରି ଅଭିଯୋଗ ଆଣିଛନ୍ତି ଦିଲ୍ଲୀ ବିରୋଧୀ ଦଳ ନେତା ଆତିଶୀ ମରଲେନ୍ । ଆମ ଆଦମୀ ପାର୍ଟି ନେତ୍ରୀ ତଥା ବିରୋଧୀ ଦଳ ନେତା ଆତିଶୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସ୍ୱାମୀଙ୍କୁ ଅଣଆନୁଷ୍ଠାନିକ ଭାବରେ ଦିଲ୍ଲୀ ସରକାର ପରିଚାଳନା କରୁଥିବା ଅଭିଯୋଗ କରିଛନ୍ତି । ସୋସିଆଲ ମିଡିଆରେ ଏକ ପୋଷ୍ଟ ଜାରି କରି କିଛି ଏପରି ମନ୍ତବ୍ୟ କରିଛନ୍ତି ଆତିଶୀ । ଆତିଶୀ ତାଙ୍କ ପୋଷ୍ଟରେ ଏକ ଫଟୋ ଜଡିତ କରିଥିଲେ । ଯେଉଁଥିରେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସ୍ୱାମୀ ମନୀଷ ଗୁପ୍ତା, ଏମସିଡି, ଡିଜେବି, ପିଡବ୍ଲୁଡି, ଏବଂ ଡିୟୁଏସଆଇବି ସମେତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଏକ ବୈଠକରେ ନଜର ଆସିଥିବା ବେଳେ ସେ ବୈଠକର ଅଧ୍ୟକ୍ଷତା କରୁଛନ୍ତି ବୋଲି ଦାବି କରିଛନ୍ତି ଆତିଶୀ । ଏନେଇ ସେ ଲେଖିଥିଲେ, ପୂର୍ବରୁ ଆମେ ଶୁଣିଥିଲୁ ଯେ ଯଦି ଗାଁରେ ଜଣେ ମହିଳା ସରପଞ୍ଚ ନିର୍ବାଚିତ ହୁଅନ୍ତି, ତେବେ ସମସ୍ତ ସରକାରୀ କାମ ତାଙ୍କ ସ୍ୱାମୀ ପରିଚାଳନା କରିବେ । ଆହୁରି ମଧ୍ୟ ରାଜଧାନୀରେ ବଢୁଥିବା ବିଦ୍ୟୁତ୍ ବିଭ୍ରାଟ ଏବଂ ବର୍ଦ୍ଧିତ ଘରୋଇ ସ୍କୁଲ ଫିସ୍ ଭଳି ପ୍ରଶାସନିକ ବିଫଳତାକୁ ରେଖା ଗୁପ୍ତାଙ୍କ ଅଭିଜ୍ଞତାର ଅଭାବ ସହିତ ଜଡିତ କରି ସେ ପ୍ରଶ୍ନ କରିଛନ୍ତି । ଏହାର କଡା ଜବାବ ରଖିଛି ବିଜେପି । ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚଦେବ ଆତିଶୀଙ୍କ ଏଭଳି ସବୁ ପ୍ରଶ୍ନ ଅପମାନଜନକ ବୋଲି କହିଥିଲେ । ରେଖା ଗୁପ୍ତାଙ୍କ ରାଜନୈତିକ ଯାତ୍ରାକୁ ସମର୍ଥନ କରି ସଚଦେବ କହିଛନ୍ତି, ଆତିଶୀ ନିଜେ ଜଣେ ମହିଳା ହୋଇ ଅନ୍ୟ ଜଣେ ମହିଳା ନେତାଙ୍କୁ ଅପମାନିତ କରୁଛନ୍ତି, ଏହା ଆଶ୍ଚର୍ଯ୍ୟଜନକ । ରେଖା ଗୁପ୍ତା ଡିୟୁଏସୟୁ ସଚିବରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ପହଞ୍ଚିଛନ୍ତି । ତାଙ୍କ ସ୍ୱାମୀ ତାଙ୍କୁ ସମର୍ଥନ କରିବା ବେଆଇନ କିମ୍ବା ଅନୈତିକ ନୁହେଁ । ଏଥିସହିତ କେଜ୍ରିୱାଲଙ୍କ ପତ୍ନୀଙ୍କ ଉଦାହରଣ ଦେଇଛନ୍ତି ସଚଦେବ। ସେ କହିଛନ୍ତି, ଯେମିତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପରେ ତାଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜନସାଧାରଣଙ୍କ ସମ୍ବୋଧିତ କରିଥିଲେ, ଏହା କ'ଣ ଗଣତନ୍ତ୍ରର ଅପମାନ ନଥିଲା ବୋଲି ସେ ପାଲଟା ପ୍ରଶ୍ନ କରିଥିଲେ ।

## ଛତିଶଗଡ ବନବିକାଶ ନିଗମ ନୂତନ ଅଧ୍ୟକ୍ଷଙ୍କ ପଦଭାର ଗ୍ରହଣ ସମାରୋହରେ ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ରବିବାର ନୂଆ ରାୟପୁରରେ ଛତିଶଗଡର ଜଙ୍ଗଲ ବିକାଶ ନିଗମର ନବନିଯୁକ୍ତ ଅଧ୍ୟକ୍ଷ ରାମସେବ ପେକରାଙ୍କ ପଦଭାର ଗ୍ରହଣ ଏବଂ ଅଭିନନ୍ଦନ ସମାରୋହରେ ସାମିଲ ହୋଇଥିଲେ। ଶ୍ରୀ ସାଏ ମୁଖ୍ୟ ଅତିଥିରୂପେ ଯୋଗଦେଇ ଶ୍ରୀ ପେକରାଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କ ଦାୟିତ୍ୱରେ ଜଙ୍ଗଲ ବିକାଶ ନିଗମର ବିକାଶ ଘଟିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ଡ. ରମଣ ସିଂ ଯୋଗଦେଇ ଶ୍ରୀ ପେକରାଙ୍କୁ ବଧାଇ ଜଣାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଥିଲେ, ପେକରା ଜଣେ ବରିଷ୍ଠ ରାଜନେତା ଏବଂ ତାଙ୍କ ସାମାଜିକ ଜୀବନର ଲମ୍ବା ଅନୁଭବ ରହିଛି। ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସୁଚାରୁରୂପେ ସଂପାଦନ କରିଛନ୍ତି। ଆଦିବାସୀ ଏବଂ ବନବାସୀ ସମୁଦାୟଙ୍କ ପ୍ରତି ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଶ୍ରୀ ସାଏ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଯେ, ଛତିଶଗଡର ୪୦ପ୍ରତିଶତ ଜମିରେ ଜଙ୍ଗଲ ରହିଛି। ଜୈବ ବିବିଧତା, ପର୍ଯ୍ୟାବରଣ ତଥା ଆଦିବାସୀ ସଂସ୍କୃତି ଏବଂ ସେମାନଙ୍କ ଜୀବନଶୈଳୀ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। କେନ୍ଦୁପତ୍ର ତୋଳାଳିଙ୍କ ପାରିଶ୍ରମିକ ୪ହଜାରଟଙ୍କାରୁ ବୃଦ୍ଧି ପାଇଁ ୫,୫୦୦ଟଙ୍କାରେ ପହଞ୍ଚିଛି। ଚଳିତବର୍ଷ ୪କୋଟି ଚାରା ରୋପଣ ଏବଂ ବିତ୍ତରଣର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୩୧୦କୋଟି ଟଙ୍କା ବଜେଟରେ ବ୍ୟୟବରାଦ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏକ ପେଡ ମା'ଙ୍କ ନାମ ଯୋଜନାରେ ୩କୋଟି ୫୦ଲକ୍ଷ ଚାରା ଲଗାଯାଇସାରିଛି। ଏହି ଅବସରରେ କୃଷି ମନ୍ତ୍ରୀ ରାମବିଚାର ନେତମ୍, ଜଙ୍ଗଲ ମନ୍ତ୍ରୀ କେଦାର କଶ୍ୟପ, ମହିଳା ଏବଂ ଶିଶୁବିକାଶ ମନ୍ତ୍ରୀ ଲକ୍ଷ୍ମୀ ରାଜୱାଡେ, ବିଧାୟକ ପୁରନ୍ଦରା ମିଶ୍ରା ସାମିଲ ଥିଲେ।

## ଜଳୁଛି ପଶ୍ଚିମବଙ୍ଗ: ଗୁଳିକାଣ୍ଡରେ ୨ ଶିଶୁ ଆହତ

### ଇଣ୍ଟରନେଟ୍ ସେବା ବନ୍ଦ



କୋଲକାତା: ୱକ୍‌ଫ ସଂଶୋଧନ ଆଇନକୁ ବିରୋଧ କରି ପଶ୍ଚିମବଙ୍ଗର ମୁସଲମାନ ବହୁଳ ମୁର୍ଶିଦାବାଦ ଜିଲାରେ ଆରମ୍ଭ ହୋଇଥିବା ବିକ୍ଷୋଭ ଉଗ୍ରରୂପ ନେଇଛି। ରବିବାର ପୁଣି ଥରେ ଧୂଳିଆନରେ ଗୁଳିକାଣ୍ଡ ଘଟିଥିବା ବେଳେ ୨ ଜଣ ଶିଶୁ ଆହତ ହୋଇଛନ୍ତି। ବିକ୍ଷୋଭକାରୀମାନେ ବିଏସ୍‌ଏଫ୍ ଉପରେ ମଧ୍ୟ ଆକ୍ରମଣ କରିଛନ୍ତି। ପଶ୍ଚିମବଙ୍ଗ ଡିଜିପି ରାଜୀବ କୁମାର ହିଂସା ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ନିୟନ୍ତ୍ରଣରେ ଥିବା କହିଥିବା ବେଳେ ଆଜି ସକାଳେ ଏଠାରେ ପୁଣି ଗୁଳିଚାଳନା ହୋଇଛି। ୱକଫ୍ ଆଇନ ପ୍ରତିବାଦରେ ପଶ୍ଚିମବଙ୍ଗ ହିଂସାର ନିଆଁରେ ଜଳୁଛି। ମୁର୍ଶିଦାବାଦରେ ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ହିଂସାରେ ଏପର୍ଯ୍ୟନ୍ତ ୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଶହ ଶହ ଲୋକ ଆହତ ହୋଇଛନ୍ତି। ହିଂସା ଯୋଗୁ ଏପର୍ଯ୍ୟନ୍ତ ୧୩୮ ଜଣଙ୍କୁ ଗିରଫ କରାଯାଇଛି। ଶନିବାର ହିଂସା ଯୋଗୁ ମୁର୍ଶିଦାବାଦରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଥିଲା। ହିଂସା ପରେ ଧୂଳିଆନ ଏବଂ ଶମସେରଗଞ୍ଜ ସମେତ ପ୍ରମୁଖ ଅଞ୍ଚଳରେ ଅଶାନ୍ତିର ବାତାବରଣ ରହିଛି। ମୁସଲିମ ସଂଗଠନଗୁଡ଼ିକ ୱାକଫ ଆଇନ ବିରୋଧରେ ନିରନ୍ତର ପ୍ରତିବାଦ କରୁଛନ୍ତି। ଶୁକ୍ରବାର ମୁର୍ଶିଦାବାଦରେ ହିଂସା ଘଟିଥିଲା। ସେବେଠାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଏହି ପ୍ରତିବାଦ ମଧ୍ୟରେ ଗତକାଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଏକ ବୟାନ ମଧ୍ୟ ପ୍ରକାଶ ପାଇଛି। ପଶ୍ଚିମବଙ୍ଗରେ ୱକଫ୍ ଆଇନ ଲାଗୁ ହେବ ନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ମମତା ଲୋକମାନଙ୍କୁ ଶାନ୍ତ ରହିବା ଏବଂ ଉତ୍ତେଜନା ନ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ଆମେ କୌଣସି ହିଂସାତ୍ମକ କାର୍ଯ୍ୟକଳାପକୁ ସମର୍ଥନ କରୁନାହୁଁ। କିଛି ଦଳ ରାଜନୈତିକ ଲାଭ ପାଇଁ ଧର୍ମର ଅପବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ସେମାନଙ୍କ ଦ୍ୱାରା ଭ୍ରମିତ ହୁଅନ୍ତୁ ନାହିଁ। ପ୍ରତ୍ୟେକ ମଣିଷ ଜୀବନ ମୂଲ୍ୟବାନ; ରାଜନୀତି ପାଇଁ ଦଙ୍ଗାକୁ ଉସୁକାନ୍ତୁ ନାହିଁ। ଯେଉଁମାନେ ଦଙ୍ଗା ସୃଷ୍ଟି କରୁଛନ୍ତି, ସେମାନେ ସମାଜର କ୍ଷତି କରୁଛନ୍ତି ବୋଲି ସେ କହିଛନ୍ତି।

## ୟୁକ୍ରେନ ଉପରେ ରୁଷର ଆକ୍ରମଣ
## ୨୧ ମୃତ, ୮୩ ଆହତ



ନୂଆଦିଲ୍ଲୀ: ଗୋଟିଏ ପଟେ ଯୁଦ୍ଧ ବିରତି ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରୁଷ ସହିତ ଆଲୋଚନା ଜାରି ରଖିଥିବାବେଳେ ଅନ୍ୟପଟେ ରୁଷ ୟୁକ୍ରେନ ଉପରେ ଆକ୍ରମଣକୁ ଜୋରଦାର କରିବାରେ ଲାଗିଛି। ରବିବାର ରୁଷ ପକ୍ଷରୁ ୟୁକ୍ରେନର ସୁମି ସହର ଉପରେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଯାହାଫଳରେ ୨୧ ଜଣଙ୍କ ପ୍ରାଣହାନି ଘଟିଛି। ଏହି ଆକ୍ରମଣରେ ଅନ୍ୟ ୮୩ ଜଣ ଗୁରୁତର ଆହତ ହୋଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଆକ୍ରମଣ ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଶେୟାର କରି ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସାରା ବିଶ୍ୱର ରୁଷର ଏଭଳି କାର୍ଯ୍ୟର ଜବାବ ଦେବାକୁ ଜେଲେନ୍‌ସ୍କି ଅନୁରୋଧ କରିଛନ୍ତି। ୟୁକ୍ରେନ ପକ୍ଷରୁ କୁହାଯାଇଛି ଯେ, ସୁମି ସହରର କେନ୍ଦ୍ର ସ୍ଥଳରେ ଲୋକଙ୍କ ଭିଡ଼ ରହିଥିବା ସମୟରେ ରୁଷ ବାଲିଷ୍ଟିକ କ୍ଷେପଣାସ୍ତ୍ର ଦ୍ୱାରା ଆକ୍ରମଣ କରିଛନ୍ତି। ଆହତଙ୍କ ମଧ୍ୟରେ ୭ ଜଣ ଶିଶୁ ରହିଛନ୍ତି। ଏଥିରେ ଅନେକ କାର ଜଳିପୋଡ଼ି ନଷ୍ଟ ହୋଇଯାଇଛି।

## ହିମାଚଳ ପ୍ରଦେଶରେ ଭୂମିକମ୍ପ

ନୂଆଦିଲ୍ଲୀ : ହିମାଚଳ ପ୍ରଦେଶରେ ଭୂକମ୍ପ ଝଟକା । ମଣ୍ଡି ଜିଲ୍ଲାର ସୁନ୍ଦରନଗର ରବିବାର ସକାଳ ପ୍ରାୟ ୯.୧୫ ସମୟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୪ ଥିଲା। ଭୂମିକମ୍ପ ଅନୁଭୂତ ହେବା ମାତ୍ରେ ଲୋକମାନେ ଘରୁ ଏବଂ ଦୋକାନରୁ ବାହାରକୁ ଆସିବାକୁ ଲାଗିଲେ। ଜିଲ୍ଲା ପ୍ରଶାସନ ଏକ ବିବୃତ୍ତି ଜାରି କରି ଏହାକୁ ନିଶ୍ଚିତ କରିଛି। ଭୂମିକମ୍ପ ହେବା ମାତ୍ରେ ଲୋକମାନେ ଘରୁ ବାହାରକୁ ଆସିବା ଆରମ୍ଭ କଲେ। ଏହି ସମୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ଚିତ୍କାର କରୁଥିବାର ଦେଖାଯାଇଥିଲା। ଗତ କିଛି ଦିନ ଧରି ଭୂମିକମ୍ପର ନିରନ୍ତର ଖବର ଯୋଗୁଁ ଲୋକମାନେ ଭୟଭୀତ।

## ପୁଣି ଥରିଲା ମ୍ୟାଁମାର

ନୂଆଦିଲ୍ଲୀ: ମ୍ୟାଁମାରରେ ପୁଣି ଥରେ ଭୂକମ୍ପ ଝଟକା ଲାଗିଛି। କେନ୍ଦ୍ରୀୟ ମ୍ୟାନ୍‌ମାରର ମେଇକତିଲା ସହର ନିକଟରେ ରବିବାର ଏହି ଭୂକମ୍ପ ଅନୁଭୂତ ହୋଇଛି, ଯାହାର ତୀବ୍ରତା ରିକ୍ଟର ସ୍କେଲରେ ୫.୭ ରହିଥିଲା। ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସଜିଏସ) ପକ୍ଷରୁ ଏ ନେଇ ସୂଚନା ଦିଆଯାଇଛି। ମାଣ୍ଡାଲେ ଏବଂ ନ୍ୟାପିତ ମଧ୍ୟଭାଗ ଅଞ୍ଚଳର ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି କୁହାଯାଇଛି। ଗତ ମାର୍ଚ୍ଚ ୨୮ ତାରିଖରେ ଦେଶରେ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା। ଯେଉଁଥିରେ ବହୁ ବଡ଼ ବଡ଼ କୋଠା ଭୁଶୁଡ଼ି ଧୂଳିସାତ ହୋଇଯାଇଥିବାବେଳେ ୩୫୦୦ରୁ ଅଧିକ ନାଗରିକ ପ୍ରାଣ ହରାଇଥିଲେ। ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ରହିଥିବା ୭.୭ । ମାଣ୍ଡାଲେ, ନ୍ୟାପିତ, ମେଇକତିଲା ସମେତ ଅନେକ ସହର ଏହାଦ୍ୱାରା କ୍ଷତିଗ୍ରସ୍ତ ହୋଇଥିଲା। ବଡ଼ ବଡ଼ ସରକାରୀ କୋଠା ଭୁଶୁଡ଼ି ବହୁ ଧନଜୀବନ ହାନି ହୋଇଥିଲା।

# ବାଣିଜ୍ୟ




ନୂଆଦିଲ୍ଲୀ: ମୁକେଶ ଅମ୍ବାନୀଙ୍କ କମ୍ପାନୀ ରିଲାଏନ୍ସ ଜିଓର ଶସ୍ତା ଠାରୁ ମହଙ୍ଗା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ପ୍ରିପେଡ ଏବଂ ପୋଷ୍ଟପେଡ ପ୍ଲାନ ରହିଛି। ଏହି ପ୍ଲାନ ମଧ୍ୟରୁ ଏକ ଶସ୍ତା ରିଚାର୍ଜ ପ୍ଲାନ ରହିଛି। ଏହି ପ୍ଲାନର ମୂଲ୍ୟ ୬୦୧ ଟଙ୍କା। ଏହି ପ୍ଲାନର ବିଶେଷ କଥା ହେଉଛି ଯେ ଏହା ନିଜ ପାଇଁ କିମ୍ବା ଏହି ପ୍ଲାନକୁ ଆପଣଙ୍କ ପ୍ରିୟଜନଙ୍କୁ ଉପହାର ମଧ୍ୟ ଦେଇପାରିବେ। ଏହି ପ୍ଲାନର ଅସୀମିତ ୫ଏ ଡାଟା ପାଇବେ, କିନ୍ତୁ ଏହି ପ୍ଲାନ ସହିତ ଏକ ସର୍ତ୍ତ ଯୋଡ଼ି ହୋଇଛି ଯାହାକୁ ପାଳନ କରିବାକୁ ପଡିବ। ରିଲାଏନ୍ସ ଜିଓର ଅଫିସିଆଲ ୱେବସାଇଟ ଅନୁଯାୟୀ, ୬୦୧ ଟଙ୍କାର ରିଲାଏନ୍ସ ଜିଓ ପ୍ଲାନ ଉପଭୋକ୍ତାଙ୍କ ଅଣ-୫ଏ ପ୍ଲାନ ୧ ବର୍ଷ ପାଇଁ ଅସୀମିତ ୫ଏ ପ୍ଲାନରେ ଅପଗ୍ରେଡ କରେ। ଏହି ଭାଉଚରର ସର୍ତ୍ତ ହେଉଛି ଯେ ଆପଣଙ୍କ କିମ୍ବା ଆପଣ ଯାହାକୁ ଭାଉଚର ଉପହାର ଦେଉଛନ୍ତି ତାଙ୍କ ଔସକ୍ଟ ନମ୍ବରରେ ଅତି କମରେ ୧.୫ ଜିବି ଡାଟା ସହିତ ଏକ ପ୍ଲାନ ସକ୍ରିୟ ହେବା ଉଚିତ। ଏହାର ଅର୍ଥ ହେଉଛି ଯେଉଁ ଉପଭୋକ୍ତାମାନଙ୍କ ପାଖରେ ପୂର୍ବରୁ ୧ଡିବି ଦୈନିକ ଡାଟା କିମ୍ବା ୧୮୯୯ ଟଙ୍କାର ବାର୍ଷିକ ପ୍ଲାନ ଅଛି, ସେମାନଙ୍କୁ ୬୦୧ ଟଙ୍କାର ପ୍ଲାନର ଲାଭ ମିଳିବ ନାହିଁ।

## ପଲ୍‌ସ ଗୋଲମୋଲର ଶୁଭାରମ୍ଭ




ନୂଆଦିଲ୍ଲୀ: ଏଏଫଏମସିଜି ସଂଗଠନ, ଧରମପାଲ ସତପାଲ ଗ୍ରୁପ (ଡିଏସ ଗ୍ରୁପ) ଏହାର ନୂଆ ଉତ୍ପାଦ ଶୃଙ୍ଖଳ-ପଲ୍ସ ଗୋଲମୋଲ ଇମିଲି ଫ୍ଲେଭର ଗୋଳିର ଶୁଭାରମ୍ଭ ଘୋଷଣା କରିଛି। ପିଢି ପିଢି ଧରି ଲୋକଙ୍କୁ ଆମୋଦିତ କରୁଥିବା ପରିଚିତ ତେନ୍ତୁଳି (ଇମିଲି) ସ୍ୱାଦ ଦ୍ୱାରା ଅନୁପ୍ରାଣିତ ହୋଇ ପଲ୍‌ସ ଗୋଲମୋଲର ଶୁଭାରମ୍ଭ କରିଛି। ଯାହାର ପ୍ରତି ପାଉଚ ପାଇଁ ମୂଲ୍ୟ ମାତ୍ର ୧ ଟଙ୍କା ରହିଛି। ଉଚ୍ଚ ଗୁଣମାନର ଉପାଦାନରୁ ତିଆରି ପଲ୍ସ ଗୋଲମୋଲ ଇମିଲି ଗୋଳି ପ୍ରାକୃତିକ ତେଁତୁଳିରୁ ପ୍ରସ୍ତୁତ, ଯାହା ପାଚନ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଆୟୁର୍ବେଦ ଗୁଣଲାଗି ଜଣାଶୁଣା। ଏହା ଟାଙ୍ଗୀ ଓ ମିଠା ସ୍ୱାଦର ଏକ ସ୍ୱତନ୍ତ୍ର ମିଶ୍ରଣ ପ୍ରଦାନ କରିଥାଏ ଓ ଅନ୍ୟ ସବୁଠାରୁ ଅଲଗା ବାରି ହୋଇପଡ଼େ। ଉଦଘାଟନ ବିଷୟରେ ଡିଏସ ଗ୍ରୁପର କନଫେକ୍ସନାରୀ ବିଜନେସ ହେଡ ଜ୍ୟୋତିରୂପ ବରୁଆ କହିଛନ୍ତି ଯେ, 'ଡିଏସ ଗ୍ରୁପ ଏହାର ନୂଆ ଅଫର ପଲ୍ସ ଗୋଲମୋଲକୁ ଉନ୍ମୋଚନ କରି ଉତ୍ସାହିତ। ପ୍ରତ୍ୟେକ ଟାଙ୍ଗି ତେନ୍ତୁଳି ଟ୍ରିଟ ଖୋଜୁଥିବା ପଲ୍ସ ସ୍ୱାଦରେ ଭରପୁର। ପଲ୍ସ ଏଚବିସି ବର୍ଗରେ ବଜାର ଅଗ୍ରଣୀ ଓ ଆମର ମୁଖ୍ୟ ପଲ୍ସ ଉତ୍ପାଦ ଗୁଡ଼ିକ ପରି ଆମେ ଆଶା କରୁଯେ ଏହା ଆମ ଗ୍ରାହକଙ୍କ ମଧ୍ୟରେ ବେଶ ଆଦୃତ ହେବ ଓ ଆମର ସ୍ଥିତିକୁ ମଜବୁତ କରିବ। ପଲ୍ସ ଗୋଲମୋଲ ଇମଲି ଗୋଳିର ସଫଳ ଶୁଭାରମ୍ଭ ସୁନିଶ୍ଚିତ କରିବା ଲାଗି ଡିଏସ ଗ୍ରୁପ ଗ୍ରାହକମାନଙ୍କୁ ସ୍ମୃତି ସାଉଁଟିବା ପାଇଁ ଏକ ବହୁମୁଖୀ ଅଭିଯାନ ଆରମ୍ଭ କରୁଛି। ପ୍ରାକ ଶୁଭାରମ୍ଭ ଅବସରରେ ମୁଖ୍ୟ ଟର୍ନପଏଂଟ ଗୁଡ଼ିକ ପ୍ରତି ଧ୍ୟାନ ଦିଆଯିବ। ସଂପ୍ରତି ଡିଏସ ଗ୍ରୁପର ମିଠା ବିଭାଗ ୨୦୨୩-୨୪ ଆର୍ଥିକ ବର୍ଷରେ ବାର୍ଷିକ କାରବାରରେ ଟ୧୦୦୦ କୋଟି ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଂଟରେ ପହଁଚିଛି। ଭାରତରେ ଡିଏସ ଗ୍ରୁପ ଅଣ ଚକୋଲେଟ ବର୍ଗରେ ଦ୍ୱିତୀୟ ସର୍ବ ବୃହତ ମିଠା ଖେଳାଳୀ ଓ କଠିନ ବକ୍କ କ୍ୟାଣ୍ଡି ଓ ଭାରତୀୟ ଜାତିଗତ ମିଠା ବିଭାଗରେ ନେତୃତ୍ୱ ନେଇଛି ଓ ଭାରତୀୟ ମଠା ଖେଳଳିଙ୍କ ମଧ୍ୟରେ ଅନ୍ୟତମ ଭାବେ ରହିଛି। ସ୍ଥାୟିତ୍ୱ ପ୍ରୟାସକୁ ସମର୍ଥନ କରି ୮୦୦+ ବୈଦ୍ୟୁତିକ ଯାନର ଏକ ଦୃଢ ଫ୍ଲିଟ ମିଠା ଉତ୍ପାଦ ବଂଟନରେ ନିୟୋଜିତ ହୋଇଛି, ଯାହ ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରୁଛି। ଇସିଜି ସ୍ଥାନରେ ଯୋଜନାବଦ୍ଧ ତୀବ୍ର ନିବେଶ ସହ ଗୋଷ୍ଠୀ ଦାୟିତ୍ୱପୂର୍ଣ୍ଣ ବିସ୍ତାର ଦିଗରେ ଅଗ୍ରସର ହେଉଛି । କଂପାନି ଏହାର ପ୍ରମୁଖ ବ୍ରାଣ୍ଡ ଯଥା ପଲ୍ସ, ପାସ ପାସ, ରଜନୀଗନ୍ଧା ପଲ୍ସ, ଚିଙ୍ଗଲ୍ସ, ଓ ପଲ୍ସରେ ଆକର୍ଷଣୀୟ ବ୍ରାଣ୍ଡ ଯୋଡିବାକୁ ଯୋଜନା ରଖିଛି। କଠିନ କ୍ୟାଣ୍ଡି ବଜାରର ପ୍ରତିଯୋଗିତାମୂଳକ ପ୍ରକୃତି ସତ୍ତ୍ୱେ ଏହାର ବ୍ରାଣ୍ଡ ପଲ୍ସ ଗତ ୮ ବର୍ଷ ଧରି ବଜାରରେ ଅଗ୍ରଣୀ ସ୍ଥିତି ବଜାୟ ରଖିଛି। ଡିଏସର ଲୋକପ୍ରିତାକୁ ଧ୍ୟାନ ଦେଇ ନୂଆ ନୂଆ ଉତ୍ପାଦ ପ୍ରସ୍ତୁତି ପ୍ରତି ଧ୍ୟାନ ଦେଉଛି।

## ସେୟାର ବଜାର ୨ ଦିନ ବନ୍ଦ ରହିବ



ମୁମ୍ବାଇ : ଗତ ସପ୍ତାହରେ ଆମେରିକା ଓ ଚୀନ୍ ମଧ୍ୟରେ ଟାରିଫ ୱାର ଭାରତୀୟ ବଜାରକୁ ହଲଚଲ କରିଥିଲା। ଏବେ ଆଗାମୀ ସପ୍ତାହରେ ବଜାରର ମିଜାଜ କିପରି ରହିବ ତାହା ଦେଖିବାର କଥା। ତେବେ ଆଗାମୀ ସପ୍ତାହରେ ସେୟାର ବଜାରରେ ଟ୍ରେଡିଂ ଡେ ସଂଖ୍ୟା କମ ରହିବ। ଏହି ସପ୍ତାହରେ ୨ ଦିନ ଛୁଟି ଯୋଗୁ ସେୟାର ବଜାର ବନ୍ଦ ରହିବ। ବିଏସଇ ଓ ଏନଏସଇ ୱେବସାଇଟ ରେ ସେୟାର ବଜାର ୨୦୨୫ ଛୁଟି ଅନୁସାରେ ସୋମବାର ଓ ଶୁକ୍ରବାର କାରବାର ବନ୍ଦ ରହିବ। ସୋମବାର ଡ.ବାବାସାହେବ ଆମ୍ବେଦକର ଜୟନ୍ତୀ ଲାଗି ଛୁଟି ରହିବ। ସେହିପରି ଗୁଡ ଫ୍ରାଇଡେ ଲାଗି ଆଗାମୀ ଶୁକ୍ରବାର ସେୟାର ବଜାରରେ କାରବାର ହେବ ନାହିଁ। ଏନଏସଇ ଓ ବିଏସଇରେ ସୋମବାର ଓ ଶୁକ୍ରବାର ବ୍ୟାପାରିକ ଗତିବିଦ୍ଧି ନିଲମ୍ବିତ ରହିବ। ସେହିପରି ଇଲେକ୍ଟ୍ରୋନିକ ଗୋଲ୍ଡ ରିସିଟସ୍ (ଇଜିଆର) ସେଗମେଣ୍ଟରେ ମଧ୍ୟ ଟ୍ରେଡିଂ ବନ୍ଦ ରହିବ। ୨୦୨୫ ସେୟାର ବଜାର ଛୁଟି ଅନୁସାରେ ମୋଟ ୧୪ଟି ବ୍ୟବସାୟୀକ ଛୁଟି ରହିଛି। ଏହି ୧୪ଟି ବ୍ୟବସାୟୀକ ଛୁଟି ମଧ୍ୟରୁ ଶେଷ ଛୁଟିଟି ୧୦ ଏପ୍ରିଲ ୨୦୨୫ରେ ମହାବୀର ଜୟନ୍ତୀରେ ପଡିଥିଲା। ୧୪ ଏପ୍ରିଲ ୨୦୨୫ ପରେ ଜାରି ବର୍ଷରେ ସେୟାର ବଜାରର ଆଉ ୯ଟି ଛୁଟି ରହିବ। ଗତ ଶୁକ୍ରବାର ବିଏସଇର ୩୦ ସେୟାରର ସୂଚକାଙ୍କ ସେନସେକ୍ସ ୧,୩୧୦.୧୧ ପଏଣ୍ଟ ଅର୍ଥାତ ୧.୭୭ ପ୍ରତିଶତ ବୃଦ୍ଧି ସହ ୭୫,୧୫୭.୨୬ରେ ବନ୍ଦ ହୋଇଥିଲା। ସେହିପରି ଏନଏସଇ ସୂଚକାଙ୍କ ୧.୯୨ ପ୍ରତିଶତ ବଢି ୨୨,୮୨୮.୫୫ରେ ପହଞ୍ଚିଥିଲା।

## ୨୦ ସାମଗ୍ରୀ ଉପରେ ଶୁଳ୍କ ଛାଡ କଲେ ଟ୍ରମ୍ପ



ୱାଶିଂଟନ୍: ଟ୍ରମ୍ପ ପ୍ରଶାସନ ରବିବାର ଏକ ବଡ଼ ନିଷ୍ପତ୍ତି ନେଇଛି। ଲାପ୍‌ଟପ୍, ସ୍ମାର୍ଟଫୋନ, ଚିପ୍ ସମେତ ୨୦ଟି ସାମଗ୍ରୀ ଉପରେ ପାଲଟା ଶୁଳ୍କକୁ ଆମେରିକା ପ୍ରଶାସନ ବାଦ୍ ଦେଇଛି। ପାଲଟା ଶୁଳ୍କ ଫଳରେ ଆମେରିକାରେ ସାମଗ୍ରୀ ମହଙ୍ଗା ହେବ ବୋଲି ବଡ଼ ବଡ଼ ଆମେରିକୀୟ ପ୍ରଯୁକ୍ତି କମ୍ପାନି ଆଶଙ୍କା ବ୍ୟକ୍ତ କରିବା ପରେ ଟ୍ରମ୍ପ ପ୍ରଶାସନ ଏଭଳି ପଦକ୍ଷେପ ନେଇଛି। ପାଲଟା ଶୁଳ୍କରୁ ୨୦ଟି ସାମଗ୍ରୀକୁ ବାଦ୍ ଦିଆଯାଇଛି। ଏଥିରୁ ଅଧିକାଂଶ ସାମଗ୍ରୀ ଆମେରିକାରେ କ୍ୱଚିତ୍ ଉତ୍ପାଦନ ହୋଇଥାଏ। ଆମେରିକାର ସୀମା ଶୁଳ୍କ ଏବଂ ସୀମା ସୁରକ୍ଷା ବିଭାଗର ଏକ ନୋଟିସ୍ ଅନୁଯାୟୀ, ଏହି ଉତ୍ପାଦଗୁଡ଼ିକ ଚୀନ୍ ଉପରେ ଲାଗୁ ହୋଇଥିବା ବର୍ତ୍ତମାନର ୧୪୫ ପ୍ରତିଶତ ଶୁଳ୍କ କିମ୍ବା ଅନ୍ୟ କୌଣସି ଦେଶ ପାଇଁ ଲାଗୁ ୧୦ ପ୍ରତିଶତ ସର୍ବନିମ୍ନ ଶୁଳ୍କ ପରିସରଭୁକ୍ତ ହେବ ନାହିଁ। ଏହା ଆମେରିକାରେ ପ୍ରବେଶ କରୁଥିବା କିମ୍ବା ଏପ୍ରିଲ୍ ୫ ତାରିଖ ସୁଦ୍ଧା ଗୋଦାମରୁ ହଟାଯାଇଥିବା ଉତ୍ପାଦଗୁଡ଼ିକ ପାଇଁ ପ୍ରଯୁଜ୍ୟ। ବଡ଼ ପ୍ରଯୁକ୍ତି କମ୍ପାନି ଗୁଡ଼ିକ ଗେଜେଟ୍‌ର ମୂଲ୍ୟ ଆକାଶ ଛୁଆଁ ହେବ ବୋଲି ଚିନ୍ତା ପ୍ରକଟ କରିଥିବାବେଳେ ଏହି ସମୟରେ ଟ୍ରମ୍ପ ପ୍ରଶାସନର ଏଭଳି ଘୋଷଣା ନିଶ୍ଚିତ ଭାବେ ଆପଲ୍, ସାମସଙ୍ଗ୍ ଏବଂ ଏନଭିଡିଆ ଭଳି ଚିପ୍ ନିର୍ମାତାଙ୍କୁ ଲାଭ ଦେବ। ତେବେ ନୋଟିସ୍‌ରେ ଟ୍ରମ୍ପ ପ୍ରଶାସନର ଏଭଳି ପଦକ୍ଷେପ ସଂକ୍ରାନ୍ତରେ କୌଣସି ବିସ୍ତୃତ ସୂଚନା ନାହିଁ। ଏକ ଆମେରିକୀୟ ଏଜେନ୍ସିର ଆକଳନ ଅନୁଯାୟୀ ଆପଲ୍‌ର ଆଇଫୋନ ଉତ୍ପାଦନ ଏବଂ ଆସେମ୍ବଲିର ପ୍ରାୟ ୮୦ ପ୍ରତିଶତ ଚୀନରେ ହୋଇଥାଏ ଏବଂ ବାକି ୨୦ ପ୍ରତିଶତ ଭାରତରେ ତିଆରି ହୋଇଥାଏ। ଟେଲିକମ୍ ଉପକରଣ, ଚିପ୍ ତିଆରି ଯନ୍ତ୍ରପାତି, ରେକର୍ଡିଂ ଡିଭାଇସ୍, ଡାଟା ପ୍ରକ୍ରିୟାକରଣ ମେସିନ୍ ଏବଂ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଆସେମ୍ବଲି ଭଳି ଅନ୍ୟାନ୍ୟ ଟେକ୍ନୋଲୋଜି ଉତ୍ପାଦଗୁଡ଼ିକୁ ମଧ୍ୟ ଶୁଳ୍କରୁ ବାଦ୍ ଦିଆଯାଇଛି। ବିଶେଷଜ୍ଞମାନେ ସୂଚିତ କରିଛନ୍ତି ଯେ ଏହି ଉତ୍ପାଦଗୁଡ଼ିକର ଘରୋଇ ଉତ୍ପାଦନ ସୁବିଧା ସ୍ଥାପନ କରିବାକୁ ଆମେରିକାକୁ କିଛି ବର୍ଷ ଲାଗିବ। ସୂଚନାଯୋଗ୍ୟ ଯେ ଆମେରିକା ସହିତ ବାଣିଜ୍ୟ ଅସନ୍ତୁଳନ ଅଭିଯୋଗ ଆଣି ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ବ୍ୟାପକ ପାଲଟା ଶୁଳ୍କ ଘୋଷଣା କରିଥିଲେ। ଏପ୍ରିଲ ୯ ତାରିଖରେ, ଶୁଳ୍କ ଲାଗୁର ମାତ୍ର ୧୩ ଘଣ୍ଟା ପରେ, ସେ ଚୀନ୍ ବ୍ୟତୀତ ଅନ୍ୟ ଦେଶ ପାଇଁ ୯୦ ଦିନ ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖିଥିଲେ।

## ୮୦ ହଜାରରୁ ଅଧିକ ଯୁବାଙ୍କୁ ସଶକ୍ତ କରିଛି ଭୂମି ଏବଂ ରିଅଲ୍‌ମି



ନୂଆଦିଲ୍ଲୀ: ଯୁବ ସଶକ୍ତିକରଣ ଏବଂ ସାମାଜିକ ପରିବର୍ତ୍ତନ ପାଇଁ ସମର୍ପିତ ଭାରତର ଅନ୍ୟତମ ଅଗ୍ରଣୀ ଅଣଲାଭକାରୀ ଅନୁଷ୍ଠାନ ଭୂମି, ବିଭିନ୍ନ ଶିକ୍ଷାଗତ ଏବଂ ଗୋଷ୍ଠୀ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ଏହାର ପ୍ରଭାବ ବିସ୍ତାର କରିବା ପାଇଁ ଭାରତୀୟ ଯୁବକମାନଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲମି ସହିତ ସହଭାଗିତା କରିଛି। ଏହି ସହଭାଗୀତା ଜରିଆରେ ରିଅଲମି ଅଧିକରୁ ଅଧିକ ଯୁବଗୋଷ୍ଠୀଙ୍କୁ ଏକ ଉଜ୍ଜ୍ୱଳ, ଅଧିକ ଆଶାଜନକ ଭବିଷ୍ୟତ ଗଠନ କରିବା ପାଇଁ ଉପଯୁକ୍ତ କୌଶଳ, ସମ୍ବଳ ଏବଂ ସୁଯୋଗ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଭୂମିକୁ ଏକ ବୃହତ ସମୁଦାୟ ନିକଟରେ ପହଂଚିବା ଏବଂ ସମର୍ଥନ କରିବାରେ ସକ୍ଷମ କରିବ ଏବଂ ସେମାନଙ୍କୁ ଏକ ସଫଳ ମାର୍ଗ ନିର୍ମାଣ କରିବା ପାଇଁ ଆବଶ୍ୟକ ଉପକରଣ ପ୍ରଦାନ କରିବ । ଭୂମି ଏହି ସହଭାଗିତା ମାଧ୍ୟମରେ ଭୂମି ଫେଲୋସିପ୍, ସାମାଜିକ ଏବଂ ଭାବନାତ୍ମକ ଶିକ୍ଷା (ଏସ୍‌ଇଏଲ୍) କାର୍ଯ୍ୟକ୍ରମ, ସ୍କୁଲ ଅଫ ଏକ୍ସିଲେନ୍ସ, ଇଗ୍ନାଇଟ ଆଶ୍ରୟସ୍ଥଳୀ ଏବଂ ଭୂମି କ୍ଲବ୍ ଭଳି ପ୍ରମୁଖ ପଦକ୍ଷେପକୁ ସୁଦୃଢ଼ କରିବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଶିକ୍ଷା, ନେତୃତ୍ୱ ଏବଂ ନାଗରିକ ସଂପୃକ୍ତି ବୃଦ୍ଧି, ଉପରେ ଗୁରୁତ୍ୱାରୋପ କରି ଅବହେଳିତ ଯୁବକମାନଙ୍କ ର ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେବ । ରିଅଲମି ଯୁବକମାନଙ୍କୁ ସଠିକ ଉପକରଣ, ସମ୍ବଳ ଏବଂ ଜ୍ଞାନ ସହିତ ସଶକ୍ତ କରି ଏକ ଉଜ୍ଜ୍ୱଳ, ଅଧିକ ସମାବେଶୀ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରୁଛି । ୨୦୨୦ ମସିହାରୁ ଏହି କାର୍ଯ୍ୟକ୍ରମରେ ୨୧ ଜଣ ଅଧ୍ୟାପକ ନିୟୋଜିତ ହୋଇଥିବା ବେଳେ ୫୩୫୨ ଜଣ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ଭୂମିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୈଷ୍ଣବୀ ଶ୍ରୀନିବାସନ କହିଛନ୍ତି ଯେ, 'ଭୂମିରେ ଆମେ ସ୍ଥାୟୀ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷାର ଶକ୍ତିରେ ବିଶ୍ୱାସ କରୁ ଏବଂ ରିଅଲମି ସହିତ ଆମେ ଏହି ମିଶନକୁ ପରବର୍ତ୍ତୀ ସ୍ତରକୁ ନେବାରେ ସକ୍ଷମ ହୋଇଛୁ। ଏହି ସହଭାଗିତା ଉପରେ ମତବ୍ୟକ୍ତ କରି ରିଅଲମି ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ତାଓ ଝାଙ୍ଗ କହିଛନ୍ତି ଯେ, 'ଭୂମି ସହ ଆମର ସହଭାଗିତା ଏହି ଦୃଷ୍ଟିକୋଣକୁ ପ୍ରତିଫଳିତ କରେ; ଶିକ୍ଷା, ଦକ୍ଷତା ଏବଂ ସୁଯୋଗ ର ଉପଲବ୍ଧତା ସହିତ ଯୁବକମାନଙ୍କୁ ସଶକ୍ତ କରିବା ଯାହା ପ୍ରକୃତରେ ସେମାନଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମଗ୍ର ଭାରତରେ ୭୦,୦୦୦ରୁ ଅଧିକ ସ୍କୁଲ ପିଲା ଏବଂ ୧୦,୦୦୦ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା, ଅତ୍ୟାବଶ୍ୟକ ଜୀବନ ଦକ୍ଷତା ଏବଂ ନେତୃତ୍ୱ ସୁଯୋଗ ରେ ସଶକ୍ତ କରାଯାଇଛି । ଭୂମି ଏବଂ ରିଅଲମି ମିଳିତ ଭାବେ ସାମାଜିକ ପ୍ରଗତି ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ଏବଂ ଏକ ଅଧିକ ସମାବେଶୀ ଏବଂ ସମାନ ସମାଜ ଗଠନରେ ଶିକ୍ଷା ଏବଂ ଯୁବ ସଶକ୍ତୀକରଣ ଅଗ୍ରଣୀ ରହିବ ବୋଲି ସୁନିଶ୍ଚିତ କରିଛନ୍ତି।

## ୪୦୦କୋଟି ଟଙ୍କାର ଟିକସ ଦେଇଛି ରାମମନ୍ଦିର



ନୂଆଦିଲ୍ଲୀ: ଭାରତ ସରକାର ବିଭିନ୍ନ କ୍ଷେତ୍ରରୁ କୋଟିକୋଟିର ଟିକସ ଆଦାୟ କରିଥାନ୍ତି। ଏପରି କ୍ଷେତ୍ରରେ ଅଯୋଧ୍ୟାର ରାମ ମନ୍ଦିର ପ୍ରଥମରେ ଅଛି। ଏହା ଭାରତର ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରୁ ଗୋଟିଏ। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ଗତ ପାଞ୍ଚ ବର୍ଷ ମଧ୍ୟରେ ସରକାରଙ୍କୁ ପ୍ରାୟ ୪୦୦ କୋଟି ଟଙ୍କାର ଟିକସ ଦେଇଛି। ଏଥିମଧ୍ୟରୁ କେବଳ ୨୭୦ କୋଟି ଟଙ୍କା କେବଳ ଜିଏସ୍‌ଟି ଆକାରରେ ଅଛି। ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ଦେବସ୍ଥାନମ ମଧ୍ୟ ଦେଶର ସବୁଠାରୁ ଧନୀ ମନ୍ଦିର ଟ୍ରଷ୍ଟ ମଧ୍ୟରୁ ଗୋଟିଏ। ଏହି ମନ୍ଦିର ୨୦୨୩ ଆର୍ଥିକ ବର୍ଷରେ ୩୨.୧୫ କୋଟି ଟଙ୍କା ଟିକସ ଦେଇଥିଲା। ଯେତେବେଳେ ୨୦୨୫ ଆର୍ଥିକ ବର୍ଷରେ ବାର୍ଷିକ ୪୭୭୪ କୋଟି ଟଙ୍କା ଆୟ ଆକଳନ କରାଯାଇଛି। ବୈଷ୍ଣୋଦେବୀ ମନ୍ଦିର ମଧ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ। ମନ୍ଦିରଟି ୨୦୨୪ ମସିହାରେ ଉଦଘାଟନ ହେବ। ଏହା ୬୮୩ କୋଟି ଟଙ୍କା ଥିଲା, ଯେଉଁଥିରୁ ୨୫୫ କୋଟି ଟଙ୍କା କେବଳ ନୈବେଦ୍ୟରୁ ଆସିଥିଲା। ଯଦି ଆମେ ଦେଶର ଐତିହାସିକ କୋଠାଗୁଡ଼ିକରୁ ହେଉଥିବା ଆୟକୁ ଦେଖିବା, ତେବେ ତାଜମହଲ ପ୍ରଥମ ସ୍ଥାନରେ ଅଛି। ରିପୋର୍ଟ ଅନୁଯାୟୀ, ୨୦୧୩ ରୁ ୨୦୧୬ ମଧ୍ୟରେ ଦେଶ ତାଜମହଲ ଟିକେଟରୁ ୬୭.୭ କୋଟି ଟଙ୍କା ଲାଭ କରିଥିଲା। ପ୍ରତିବର୍ଷ ପ୍ରାୟ ୯ ରୁ ୧୦ ଲକ୍ଷ ପର୍ଯ୍ୟଟକ ଏହାକୁ ଦେଖିବାକୁ ଆସନ୍ତି। ଦିଲ୍ଲୀର କୁତବ ମିନାର ମଧ୍ୟ ପର୍ଯ୍ୟଟକଙ୍କ ମଧ୍ୟରେ ବହୁତ ଲୋକପ୍ରିୟ। ପ୍ରତିବର୍ଷ ପ୍ରାୟ ୧୦୫ କୋଟି ଟଙ୍କା ବାର୍ଷିକ ଆୟ କରିଥାଏ। ଆଗ୍ରା ଦୁର୍ଗ ସମ୍ରାଟ ଆକବରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ଏହା ମାଧ୍ୟମରେ ସରକାର ପ୍ରତିବର୍ଷ ପ୍ରାୟ ୧୦୬ କୋଟି ଟଙ୍କା ଲାଭ ପାଉଛନ୍ତି। ପ୍ରତିବର୍ଷ ୩ ରୁ ୪ ଲକ୍ଷ ପର୍ଯ୍ୟଟକ ମହାରାଷ୍ଟ୍ରର ଔରଙ୍ଗାବାଦରେ ଅବସ୍ଥିତ ଅଜନ୍ତା ଏଲୋରା ଗୁମ୍ଫା ଦେଖିବାକୁ ଆସନ୍ତି। ଏଠାରୁ ବାର୍ଷିକ ପ୍ରାୟ ୩ କୋଟି ଟଙ୍କା ଆୟ ହୁଏ।

ଓଡ଼ିଶା ଭାସ୍କର
ଖେଳ ଖବର





ନୂଆଦିଲ୍ଲୀ: ଭାରତୀୟ କୁସ୍ତିରେ ଫୋଗଟ ପରିବାର ଯୋଗଦାନ ସର୍ବଦା ଆଗରେ ରହିବ । ମହାବୀର ସିଂ ଫୋଗଟଙ୍କ ପରେ ବବିତା ଓ ଗୀତା ମଧ୍ୟ ଦେଶ ପାଇଁ ବେଶ ନାମ କମାଇଥିଲେ । ତେବେ ଏହି ଦୁଇ ଭଉଣୀ ଏବଂ ସେମାନଙ୍କ ଦାଦାଙ୍କ ଝିଅ ତଥା ପ୍ରତିଷ୍ଠିତ ରେସଲର ଭିନେଶଙ୍କ ମଧ୍ୟରେ ସର୍ବଦା ବିବାଦ ଉପୁଜିଛି । ଏହାର ମୂଖ୍ୟ କାରଣ ଉଭୟ ଅଲଗା ଅଲଗା ରାଜନୈତିକ ପାର୍ଟି ସହିତ ଜଡିତ ରହୁଛନ୍ତି । ଭିନେଶ କୁସ୍ତି ଛାଡି ଏବେ ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିଛନ୍ତି । ନିକଟରେ ରେସଲର ତଥା କଂଗ୍ରେସ ନେତ୍ରୀ ଭିନେଶଙ୍କୁ ହରିୟାଣା ସରକାରଙ୍କ ପକ୍ଷରୁ ୪ କୋଟି ଟଙ୍କା ଏବଂ ଏକ ପ୍ଲଟ ପ୍ରଦାନ କରାଯାଇଛି। ବବିତା ଏହାକୁ ନେଇ କହିଛନ୍ତି ଯେ, ମୋଦୀ ସରକାରଙ୍କ ସମୟରେ ଯେଉଁ ସୁବିଧା ମିଳୁଛି ତାହାକୁ ଯେତେ ପ୍ରଶଂସା କରାଯିବ କମ ହେବ । ମୋ ସମୟରେ ଯଦି ଏହି ସୁବିଧା ମିଳିଥାନ୍ତା ତେବେ ମୋତେ ଖେଳ ଛାଡିବାକୁ ପଡି ନ ଥାନ୍ତା । ପରେ ଭିନେଶ ଏହାର ଜବାବରେ ଲେଖିଥିଲେ ୨ ଟଙ୍କା ନେଇ ଟୁଇଟ କରୁଥିବା ଓ ମୁକ୍ତରେ ଜ୍ଞାନ ବାଂଟୁଥିବାଙ୍କୁ ମୁଁ କହି ରଖୁଛି ଯେ, କୋଟି କୋଟି ଟଙ୍କାର ବିଜ୍ଞାପନର ଅଫର ପ୍ରତ୍ୟାଖାନ କରିଛି । ମୁଁ ମୋ ପୂର୍ବପୂରୁଷଙ୍କଠାରୁ ଶିଖିଛି ଆତ୍ମ ସମ୍ମାନ ମାଗିଲେ ମିଳେନି । ଏହି ଅବସରରେ ସେ କହିଛନ୍ତି ଯେ, ମୁଁ ଏହି ଅର୍ଥରେ ଏକ ଆନ୍ତର୍ଜାତୀୟ ସ୍ପୋର୍ଟ୍ସ ଏକାଡେମୀ ଖୋଲିବି ।

## ୨୮ତମ ମ୍ୟାଚ୍ | ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ

# ଆର୍‌ସିବି ୯ ୱିକେଟ୍‌ରେ ବିଜୟୀ



ଜୟପୁର : ଜୟପୁରର ସୱାଇ ମାନସିଂ ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୫ର ୨୮ତମ ମ୍ୟାଚ ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଆର୍‌ସିବି ୯ୱିକେଟ୍‌ରେ ଜିତି ନେଇଛି। ଏହି ମ୍ୟାଚରେ ବେଙ୍ଗାଲୁରୁ ଟସ ଜିତି ପ୍ରଥମେ ବୋଲିଂ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ୪ ୱିକେଟ ହରାଇ ୧୭୩ ରନ କରିଥିଲା। ରାଜସ୍ତାନ ପକ୍ଷରୁ ପାଳି ଆରମ୍ଭ କରିଥିଲେ ଅଧିନାୟକ ସଞ୍ଜୁ ସାମସନ ଓ ଜୟସ୍ୱାଲ। ଉଭୟ ଭଲ ଆରମ୍ଭ କରିଥିଲେ ମଧ୍ୟ ଅଧିନାୟକ ସାମସନ୍ ମାତ୍ର ୧୫ ରନ୍ କରି ଆଉଟ ହୋଇଯାଇଥିଲେ। କିନ୍ତୁ ଯୁବ ବ୍ୟାଟର ଜୟସ୍ୱାଲ ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୪୭ ବଲରୁ ୨ଛକା ଓ ୧୦ଚୌକା ସହାୟତାରେ ସର୍ବାଧିକ ୭୫ ରନ୍ କରି ଆଉଟ ହୋଇଥିଲେ। ସେହିପରି ଧ୍ରୁବ ଜୁରେଲ ୩୫ ରନ ଓ ରିୟାନ ପରାଗ ୩୦ ରନ କରିଥିଲେ । ବେଙ୍ଗାଲୁରୁ ପକ୍ଷରୁ ଭୁବନେଶ୍ୱର କୁମାର, ଯଶ ଦୟାଲ, କ୍ରୁନାଲ ପାଣ୍ଡ୍ୟା ଓ ଜସ ହଜେଲଉଡ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଅପରପକ୍ଷରେ ଆର୍‌ସିବି ୧୭୪ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା। ପାଳି ଆରମ୍ଭ କରିଥିଲେ ଫିଲ୍‌ପ ସଲ୍ଟ ଓ ଭେଟେରାନ୍ ବିରାଟ କୋହଲି। ଉଭୟ ପ୍ରଥମରୁ ଆକ୍ରମକ ବ୍ୟାଟିଂ କରିଥିଲେ। ଫିଲିପ୍ ସଲ୍ଟ ମାତ୍ର ୩୩ ଟି ବଲ୍ ଖେଳି ୬ଛକା ଓ ୫ ଚୌକା ବଳରେ ୬୫ରନ୍ କରି ଆଉଟ୍ ହୋଇଥିଲେ। ମାତ୍ର ବିରାଟ କୋହିଲି ଓ ଦେବଦୂତ ପାଡିକଲ ଶେଷ ପର୍ଯ୍ୟନ୍ତ ରହି ମ୍ୟାଚ୍ ଜିତି ନେଇଥିଲେ। କୋହଲି ମାତ୍ର ୪୫ଟି ବଲ୍ ଖେଳି ୨ଛକା, ୪ଚୌକା ସହାୟତାରେ ୬୨ରନ୍ କରିଥିଲେ। ସେହିପରି ଦେବଦୂତ ପାଡିକଲ ୨୮ଟି ବଲ୍ ଖେଳି ୧ଛକା ଓ ୫ଚୌକା ସହାୟତାରେ ୪୦ରନ୍ କରିଥିଲେ। ଦଳ ୧୭.୩ ଓଭରରେ ମାତ୍ର ଗୋଟିଏ ୱିକେଟ ହରାଇ ୧୭୫ ରନ କରି ବିଜୟୀ ହୋଇଥିଲା। ରାଜସ୍ତାନ ରୟାଲସ ପକ୍ଷରୁ ଏକମାତ୍ର ବୋଲର ଜୋଫ୍ ଆର୍‌ଚର ୧ଗୋଟିଏ ଅକ୍ତିଆର କରିଥିଲେ।

## ୨୯ତମ ମ୍ୟାଚ୍ | ଦିଲ୍ଲୀ କ୍ୟାପିଟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ

# ମୁମ୍ବାଇ ଇଣ୍ଡିଆନ୍ସ ୧୨ରନ୍‌ରେ ବିଜୟୀ



ନୂଆଦିଲ୍ଲୀ : ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ରବିବାର ଖେଳାଯାଉଥିବା ଆଇପିଏଲର ୨୯ତମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୧୨ରନ୍‌ରେ ବିଜୟ ଲାଭ କରିଛି। ଦିଲ୍ଲୀ କ୍ୟାପିଟାଲ୍ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯାହାଫଳରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ନିର୍ଦ୍ଧାରିତ ୨୦ ଓଭରରେ ୨୦୫ ରନ କରିଥିଲା। ରୋହିତ ଶର୍ମା ଓ ରିୟାନ ରିକେଲଟନ ଆରମ୍ଭରୁ ସତର୍କତାର ସହ ବ୍ୟାଟିଂ କରି ଦଳକୁ ଏକ ଭଲ ଆରମ୍ଭ ଦେଇଥିଲେ। ତେବେ ରୋହିତ ଶର୍ମା ପୁଣି ବଡ ସ୍କୋର କରିବାରେ ବିଫଳ ହୋଇଥିଲେ। ସେ ମାତ୍ର ୧୮ ରନ କରି ଆଉଟ ହୋଇଥିବାବେଳେ ରିକେଲଟନ ୪୧ ରନ କରିଥିଲେ। ତେବେ ତିଳକ ବର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ହୋଇଥିଲା। ତିଳକ ବର୍ମା ଲଢୁଆ ବ୍ୟାଟିଂ କରି ୫୯ ରନ କରିଥିବାବେଳେ ସୂର୍ଯ୍ୟକୁମାର ୪୦ ରନ କରିଥିଲେ। ସେହିପରି ନମନ ଧୀର ୩୮ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ଓ ବିପ୍ରାଜ ନିଗମ ୨ଟି ଲେଖାଏଁ ୱିକେଟ ନେଇଥିଲେ। ୨୦୬ରନ୍‌ର ଟାର୍ଗେଟ ନେଇ ପଡିଆକୁ ଓହ୍ଲାଇଥିଲା ଦିଲ୍ଲୀ କ୍ୟାପିଟାଲ୍ସ। ଜାକ୍ ଫ୍ରାସର-ମାକ୍‌ଗୁର୍କ ଓ ଅବିଷେକ ପୋରେଲ ପାଳି ଆରମ୍ଭ କରିଥିଲେ। ଜାକ୍ ଫ୍ରାସ୍‌ର ଜିରୋରେ ଆଉଟ ହେବାରୁ ଦଳକୁ ଶକ୍ତ ଧକ୍କା ଲାଗିଥିଲା। ଅବିଷେକ ପୋରେଲ ଓ କରୁନ ନାୟରଙ୍କ ମଧ୍ୟରେ ଭଲ ପାର୍ଟନରସିପ୍ ହୋଇଥିଲା। ଅବିଷେକ ପୋରେଲ ୩୩ ଓ କରୁଣ ନାଏର ସର୍ବାଧିକ ୮୯ରନ୍ କରିଥିଲେ। ସେ ବିସ୍ଫୋରଣ ବ୍ୟାଟିଂ କରି ମାତ୍ର ୪୦ବଲ୍‌ରେ ୫ଛକା ଓ ୧୨ଚୌକା ବଳରେ ୮୯ରନ୍ କରିଥିଲେ। ଗତ ମ୍ୟାଚର ଚାମ୍ପିଅନ୍ ୱିକେଟକିପର କେଏଲ୍ ରାହୁଲ ଆଜି କରିସ୍ମା ଦେଖାଇ ପାରିନଥିଲେ। ସେ ମାତ୍ର ୧୫ରନ୍ କରି ଆଉଟା ହେବା ଫଳରେ ଦଳ ବ୍ୟାକ୍‌ଫୁଟକୁ ଚାଲିଯାଇଥିଲା। ଶେଷ ଖେଳାଳିଙ୍କ ନୈରାଶ ପ୍ରଦର୍ଶନ ପାଇଁ ଦଳ ଏହି ମ୍ୟାଚ୍‌ରେ ହାରି ଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଅକ୍ଷର ପଟେଲ ୯, ତ୍ରିଷା ଷ୍ଟୁବ୍ସ ୧, ଆଶୁତୋଷ ଶର୍ମା ୧୭, ଭିପରାଜ ନିଗମ ୧୨, ମିଚାଲ ଷ୍ଟ୍ରାସ୍ ୧, କୁଲଦୀପ ଯାଦବ ୧, ମୋହିତ ଶର୍ମା ଶୂନ୍‌ରେ ଆଉଟ ହେବାରୁ ଦଳ ୧୯ଓଭରରେ ୧୯୩ରନ୍ କରିବାକୁ ସକ୍ଷମ ହୋଇଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଦୀପକ ଚହର ୧, ଜଶପ୍ରୀତ ବୁମ୍‌ରା ୧, ମିଚେଲ ସାଣ୍ଟନେର ୨ ଓ କାମ୍ ଶର୍ମା ୩ ୱିକେଟ୍ ଅକ୍ତିଆର କରିଥିଲେ।

## ସ୍ୱତନ୍ତ୍ର ଜର୍ସି ପିନ୍ଧି ଖେଳିଲେ ଆର୍‌ସିବି



ନୂଆଦିଲ୍ଲୀ: ଆଇପିଏଲର ୨୮ତମ ମ୍ୟାଚ୍ ରାଜସ୍ଥାନ ରୟାଲ୍ସ ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ସୱାଇ ମାନସିଂହ ଷ୍ଟାଡିୟମ (ଜୟପୁର)ରେ ଅନୁଷ୍ଠିତ ହୋଇଥିବାବେଳେ ଆର୍‌ସିବି ସବୁଜ ରଙ୍ଗର ଜର୍ସି ପିନ୍ଧି ଖେଳୁଥିବାର ଦେଖାଯାଇଥିଲା। ଏହା ସେମାନଙ୍କର 'ଗୋ ଗ୍ରୀନ୍' ପ୍ରୟାସର ଏକ ଅଂଶ, ଯେଉଁଥିରେ ସେମାନେ ପ୍ରତ୍ୟେକ ସିଜିନରେ ଗୋଟିଏ ମ୍ୟାଚ୍ ପାଇଁ ସବୁଜ କିଟ୍ ପିନ୍ଧି ଖେଳିଥାନ୍ତି। ଏହି ଜର୍ସି ପିନ୍ଧିବାର ଉଦ୍ଦେଶ୍ୟ ହେଉଛି ପରିବେଶକୁ ସଫା ରଖିବା, ଯଥାସମ୍ଭବ ଗଛ ଲଗାଇବା ଇତ୍ୟାଦି। ମ୍ୟାଚ୍ ପୂର୍ବରୁ ସୋସିଆଲ ମିଡିଆରେ ସୂଚନା ଦେଇ ଆରସିବି ଲେଖିଥିଲା, 'ସମସ୍ତ ଆରସିବି ଜର୍ସି ୯୫% କପଡ଼ା ଏବଂ ପଲିଷ୍ଟରରୁ ତିଆରି ହୋଇଥାଏ, ଏବଂ ଏହାକୁ ଅନେକ ଥର ପୁନଃବ୍ୟବହାର କରାଯାଇପାରିବ। 'ସବୁଜ କିଟ୍ ?ରେ ଆରସିବିର ରେକର୍ଡ ସେତେଟା ଭଲ ନୁହେଁ। ଦଳଟି ୨୦୧୧ ପରଠାରୁ ସବୁଜ ଜର୍ସି ପିନ୍ଧି ୧୪ଟି ମ୍ୟାଚ୍ ଖେଳିଛି। ଏଥିମଧ୍ୟରୁ ଦଳ କେବଳ ୪ଟି ମ୍ୟାଚ୍ ଜିତିଛି ଯେତେବେଳେ ୯ଟି ମ୍ୟାଚ୍ ରେ ପରାଜୟର ସମ୍ମୁଖୀନ ହୋଇଛି। ଅନ୍ୟପଟେ ବିରାଟ କୋହଲିଙ୍କ ରେକର୍ଡ ଏଥିରେ ଭଲ ରହିଛି, ସେ ଏହି ସ୍ୱତନ୍ତ୍ର କିଟ୍‌ରେ ୧୩ଟି ମ୍ୟାଚ୍ ଖେଳିଛନ୍ତି। ସେ ଏହି ଜର୍ସିରେ ୪ଟି ଅର୍ଦ୍ଧଶତକ ଏବଂ ୧ ଶତକ ମଧ୍ୟ ଖେଳିଛନ୍ତି।

## କର୍ପୋରେଟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ମିଡ଼ିଆ ଟିମ୍ ବିଜୟୀ



ପାରାଦୀପ (ଭାସ୍କର ନ୍ୟୁଜ୍) : ପାରାଦୀପ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଚାଲିଥିବା ଚତୁର୍ଥ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅବସରରେ ଶନିବାର ଅପରାହ୍ନରେ ପାରାଦୀପ ବନ୍ଦର ପ୍ରାଧିକାରଣ ଏବଂ ପାରାଦୀପ ମିଡ଼ିଆ କ୍ରିକେଟ ଟିମ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଟସ ଜିଣି ପ୍ରଥମେ ବ୍ୟାଟିଙ୍ଗ ନିଷ୍ପତ୍ତି ନେଇ ପାରାଦୀପ ପୋର୍ଟ ଟିମର କ୍ୟାପଟେନ ଡା.ଦୁର୍ଗା ପ୍ରସାଦ ସେଠୀଙ୍କ ନେତୃତ୍ୱରେ ଦଳ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୬୩ ରନ ସ୍କୋର କରିଥିଲା। ଜବାବରେ ମିଡ଼ିଆ କ୍ରିକେଟ ଟିମର କ୍ୟାପଟେନ ପ୍ରଭାକର ସାହୁଙ୍କ ନେତୃତ୍ୱରେ ଦଳ ୮ ଓଭର ୨ ଟି ବଲରେ ୪ ଉଇକେଟ ହରାଇ ୬୪ ରନ ସଂଗ୍ରହ କରି ବିଜୟଲାଭ କରିଥିଲେ। ଏହି ମ୍ୟାଚକୁ ପାରାଦୀପ ବନ୍ଦର କ୍ରୀଡା ଉପଦେଷ୍ଟା ତଥା କ୍ରୀଡା ସଂଗଠକ ରବୀନ୍ଦ୍ର ଦାସ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅମ୍ପାୟାର ଭାବେ ବିଭୁତି ବରାଳ ଓ ଅଜିତ ଦାସ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ମୁଖ୍ୟ ଅର୍ଥ ପରାମର୍ଶଦାତା ଡ଼ଃ. ଡି.ଏନ.ସୋଢୀ ମୁଖ୍ୟ ଅତିଥି ଓ ପୌରାଧକ୍ଷ ବସନ୍ତ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ମିଡ଼ିଆ କ୍ରିକେଟ ଟିମକୁ ସିଲ ପ୍ରଦାନ କରିଥିବା ବେଳେ ଏହି ଖେଳ ଆୟୋଜନରେ ସହଯୋଗ କରିଥିବା କ୍ରୀଡା ସଂଗଠକ ଶ୍ରୀ ଦାସଙ୍କୁ ମିଡ଼ିଆ ଟିମ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସିନିଅର ଡିଟିଏମ ଅକ୍ଷୟ କୁମାର ସାହୁ, ଲୋକସମ୍ପର୍କ ଅଧିକାରୀ ରତିକାନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

## ସର୍ବଭାରତୀୟ ପୋଲିସ ହକି

## ସେମିରେ ପଞ୍ଜାବ, ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆଇଟିବିପି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): କଳିଙ୍ଗ ଷ୍ଟାଡିୟମ ଚାଲିଥିବା ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପର ସେମିଫାଇନାଲରେ ପଞ୍ଜାବ, ବିଏସଏଫ, ସିଆରପିଏଫ ଓ ଆଇଟିବିପି ପ୍ରବେଶ କରିଛନ୍ତି । ପ୍ରଥମ କ୍ୱାର୍ଟର ଫାଇନାଲରେ ପଞ୍ଜାବ ସମ୍ପୂର୍ଣ୍ଣ ଏକତରଫା ମ୍ୟାଚରେ କର୍ଣ୍ଣାଟକକୁ ୬-୦ରେ ପରାସ୍ତ କରିଛି । ବିଏସଏଫ ଓ ଉତରପ୍ରଦେଶ ମଧ୍ୟରେ ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ବେଶ ରୋମାଂଚକପୂର୍ଣ୍ଣ ହୋଇଥିଲା । ବିଏସଏଫ ୪-୩ରେ ବିଜୟୀ ହୋଇଥିଲା ।



ତୃତୀୟ ମୁକାବିଲାରେ ସିଆରପିଏଫ ୫-୧ ଗୋଲରେ ମଣିପୁରକୁ ହରାଇଥିଲା । ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆଇଟିବିପି ୩-୨ ଗୋଲରେ ସିଆଇଏସଏଫକୁ ପରାସ୍ତ କରି ପରବର୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଯତୀନ୍ଦ୍ର କୋୟଲ, ଆଇଜି ଜୟନାରାୟଣ ପଙ୍କଜ, ସାର୍ଥକ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ବ୍ୟାଡ ମିଣ୍ଟନରେ ତାଲିମ ପାଇଁ ଓମ୍ ପ୍ରକାଶ ମନୋନୀତ




ଭୁବନ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜୁ ପଟ୍ଟନାୟକ ଖେଳ ଭବନର ଛାତ୍ର ଓମ୍ ପ୍ରକାଶ ସାହୁ ସାଇ (ସ୍ପୋର୍ଟସ ଏକାଡେମୀ ଅଫ୍ ଇଣ୍ଡିଆ ) ଅନ୍ତର୍ଗତ ଆର୍ ବି ଏ ( ରିଜିଓନାଲ ବ୍ୟାଡ ମିଣ୍ଟନ ଏକାଡେମୀ ) ରେ ତାଲିମ ପାଇବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ଗତ ୨୦୨୩-୨୪ ବର୍ଷରେ ବିଜୁ ପଟ୍ଟନାୟକ ଖେଳ ଭବନର କ୍ରୀଡ଼ା ପ୍ରଶିକ୍ଷକ ହଳଧର ବେହେରାଙ୍କ ନିକଟରୁ ତାଲିମ ନେଇ ଏହି ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ସେ ୧୩ ବର୍ଷ ରୁ କମ ବର୍ଗରେ ରାଜ୍ୟ ଓ ଜାତୀୟ ସ୍ତରରେ ବ୍ୟାଡମିଣ୍ଟନ ଖେଳରେ ସଫଳତା ପୂର୍ବକ ଅଂଶ ଗ୍ରହଣ କରିଥିଲେ। ତାଙ୍କର ଏହି ସଫଳତା ଖବର ପାଇ ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ ବ୍ୟାଡମିଣ୍ଟନ କିଟ୍ ପ୍ରଦାନ କରିବା ସହିତ ଅଭିନନ୍ଦନ, ଶୁଭେଚ୍ଛା ଜଣାଇ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନ ଏନ୍‌ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ବାସିନ୍ଦା ଦିଲ୍ଲିପ କୁମାର ସାହୁ ଓ ଶୁଭଶ୍ରୀ ସାହୁଙ୍କ ଏକମାତ୍ର ପୁତ୍ର ଓମ୍ ପ୍ରକାଶ ସାହୁ ବର୍ତ୍ତମାନ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବେଳେ ତାଙ୍କର ଏହି ସଫଳତାରେ ପରିବାର , ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡା ପ୍ରଶିକ୍ଷକ ଏବଂ ସାଥି କ୍ରୀଡା ଛାତ୍ର ଛାତ୍ରୀ ମାନେ ଅତ୍ୟନ୍ତ ଖୁସିବ୍ୟକ୍ତ କରିଛନ୍ତି ।

## ବିରାଟଙ୍କ ଫୋନ୍ ଦାମ ୧.୯୦ ହଜାର କୋଟି

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମ୍‌ର ଷ୍ଟାର ଖେଳାଳି ବିରାଟ କୋହଲି କେବଳ ତାଙ୍କର ଚମତ୍କାର ଖେଳ ପାଇଁ ନୁହେଁ ବରଂ ତାଙ୍କର ଜୀବନଶୈଳୀ ପାଇଁ ଖବର ଶୀର୍ଷରେ ରହିଥାନ୍ତି। ୨୦୨୩ ବିଶ୍ୱକପ ସମୟରେ, ବିରାଟ କୋହଲିଙ୍କୁ ଏକ ଆଇଫୋନ ସହିତ ଦେଖିବାକୁ ମିଳିଥିଲା। ଯଦି ରିପୋର୍ଟଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ସେ ଆଇଫୋନ୍‌ର ୧୫ ପ୍ରୋ (୧ ଟିବି ଭାରିଆଣ୍ଟ) ବ୍ୟବହାର କରନ୍ତି, ଯାହାର ମୂଲ୍ୟ ଭାରତରେ ପ୍ରାୟ ୧,୯୦,୦୦୦ ଟଙ୍କା। ଏହି ମଡେଲଟି ଆପଲର ଏପର୍ଯ୍ୟନ୍ତର ସବୁଠାରୁ ମହଙ୍ଗା ସ୍ମାର୍ଟଫୋନ। ବିରାଟଙ୍କୁ ଅନେକ ଥର ଆଇଫୋନ ସହିତ ଦେଖିବାକୁ ମିଳିଥାଏ, ଯାହା ସ୍ପଷ୍ଟ କରେ ଯେ ଆଇଫୋନ ତାଙ୍କର ପ୍ରାଥମିକ ଡିଭାଇସ। ବିଶେଷକରି କ୍ୟାମେରା ଗୁଣବତ୍ତା, କାର୍ଯ୍ୟଦକ୍ଷତା ଏବଂ ଗୋପନୀୟତା ଭଳି ବୈଶିଷ୍ଟ୍ୟ ଯୋଗୁଁ, ଆପଲର ସ୍ମାର୍ଟଫୋନ ସେଲିବ୍ରିଟିଙ୍କ ପ୍ରଥମ ପସନ୍ଦ ହୋଇ ରହିଛି।ତାଙ୍କୁ ଭିଭୋ ସ୍ମାର୍ଟଫୋନ ସହିତ ଅନେକ ଥର ଦେଖାଯାଇଛି। ମାର୍ଚ୍ଚ ୨୦୨୩ରେ, ତାଙ୍କୁ ଭିଭୋର ଫୋଲଡ୍‌ବେଲ ସ୍ମାର୍ଟଫୋନ X Fold Plus ସହିତ ବିମାନବନ୍ଦରରେ ଦେଖାଯାଇଥିଲା। ବିରାଟ କୋହଲି ଚାଇନା ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ସହିତ ଏକ ଅନୁମୋଦନ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ସେଥିପାଇଁ ତାଙ୍କୁ ବିଭିନ୍ନ ଭିଭୋ ଫୋନ ସହିତ ସାର୍ବଜନୀନ ସ୍ଥାନରେ ଦେଖାଯାଏ। ବ୍ରାଣ୍ଡ ଆମ୍ବାସାଡର ହେବା ଦ୍ୱାରା, ବିରାଟ କମ୍ପାନୀର ନୂତନ ଭାବରେ ଲଞ୍ଚ ହୋଇଥିବା ଡିଭାଇସଗୁଡ଼ିକୁ ପରୀକ୍ଷା ଏବଂ ପ୍ରୋତ୍ସାହନ କରିବାର ସୁଯୋଗ ପାଆନ୍ତି।



## ଅଭିଷେକଙ୍କୁ ପ୍ରଶଂସା କଲେ ପ୍ରୀତି ଜିଣ୍ଟା




ନୂଆଦିଲ୍ଲୀ: ବିପକ୍ଷ ଦଳର ଖେଳାଳିଙ୍କୁ ପ୍ରଶଂସା କରିଛନ୍ତି ପ୍ରୀତି ଜିଣ୍ଟା । ଗତ ୧୨ ତାରିଖରେ ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ଶତକୀୟ ପାଳି ଖେଳିଥିଲେ ସନ୍‌ରାଜର୍ସ ହାଇଦ୍ରାବାଦର ଖେଳାଳି ଅଭିଷେକ ଶର୍ମା। ଯାହା ପଞ୍ଜାବ କିଙ୍ଗ୍ସକୁ ପରାଜୟ ମୁଖକୁ ଠେଲି ଦେଇଥିଲା। କିନ୍ତୁ ଏସବୁ ଭିତରେ ଶତକ ହାସଲ କରିବା ପରେ ତାଙ୍କର ସେଲିବ୍ରେଶନକୁ କେହି କିପରି ଭୁଲିପାରିନାହାନ୍ତି। ଅଭିଷେକଙ୍କ ସିଗ୍ନେଚର ସେଲିବ୍ରେଶନ ଦେଖି ପ୍ରୀତି ଜିଣ୍ଟା ତାଙ୍କର ଫ୍ୟାନ ହୋଇଯାଇଥିଲେ ଏବଂ ମ୍ୟାଚ ପରେ କିଛି ସମୟ ପାଇଁ ତାଙ୍କ ସହିତ ଗପସପ କରୁଥିବାର ଦେଖାଯାଇଥିଲା। ମ୍ୟାଚ ପରେ, ପ୍ରୀତି ଜିଣ୍ଟାଙ୍କୁ କେବଳ ପଡ଼ିଆରେ ଅଭିଷେକ ଶର୍ମାଙ୍କୁ ଭେଟିବାର ଦେଖାଯାଇ ନ ଥିଲା ବରଂ ସେ ନିଜେ ତାଙ୍କର ସିଗ୍ନେଚର ସେଲିବ୍ରେସନ ମଧ୍ୟ କରିଥିଲେ। ପଡ଼ିଆରେ ଦେଖାଯାଇଥିବା ସେହି ଦୃଶ୍ୟର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଅଭିଷେକ ଶର୍ମା ୫୫ ବଲରେ ୧୪୧ ରନ କରିଥିଲେ। ୨୫୬.୩୬ ଷ୍ଟ୍ରାଇକ ରେଟ୍‌ରେ ସେ ଖେଳିଥିଲେ। ତାଙ୍କ ଇନିଂସରେ ୧୦ଟି ଛକା ଏବଂ ୧୪ଟି ଚୌକା ଥିଲା। ଏହି ଇନିଂସରେ ସେ ମାତ୍ର ୪୦ ବଲରେ ତାଙ୍କର ଶତକ ପୂରଣ କରିଥିଲେ, ଯାହା ଆଇପିଏଲ୍‌ର ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ଲଗାଯାଇଥିବା ଦ୍ୱିତୀୟ ଦ୍ରୁତତମ ଶତକ ଥିଲା। ସୂଚନାଯୋଗ୍ୟ, ପ୍ରଥମେ ବ୍ୟାଟିଂ କରି, ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗସ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୨୪୬ ରନର ଟାର୍ଗେଟ ଦେଇଥିଲା, ଯାହାକୁ ସେମାନେ ୯ ବଲ ବାକିଥାଇ ହାସଲ କରି ନେଇଥିଲେ। ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ସବୁଠାରୁ ବଡ଼ ଟାର୍ଗେଟ ଥିଲା

## ଉତ୍କଳ କରାଟେ ସ୍କୁଲ୍‌ରେ ଗ୍ରେଡିଂ ପରୀକ୍ଷାରେ ୩୫୦ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ



ଭୁବନେଶ୍ୱର : (ଭାସ୍କର ନ୍ୟୁଜ୍) : ରବିବାର ଉତ୍କଳ କରାଟେ ସ୍କୁଲ ଭୁବନେଶ୍ୱର ଠାରେ ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ବେଲ୍ଟ ପରୀକ୍ଷାରେ ମୋଟ ୩୫୦ କରାଟେ ଛାତ୍ରଛାତ୍ରୀ ଭାଗ ନେଇ ଉତ୍ତିର୍ଣ୍ଣ ହୋଇଛନ୍ତି। ଭୁବନେଶ୍ୱରର ସତ୍ୟନଗର, ଡୁମଡୁମା, ରଶ୍ମିବିହାର, ପଟିଆ, ଚନ୍ଦ୍ରଶେଖରପୁର, ଉରାଳି, ଟଙ୍କପାଣି, ରସୁଲଗଡ, କଳ୍ପନା ଓ ଡେକାଥଲନ ଓ ମୁଖ୍ୟ କାର୍ଯ୍ୟାଳୟରୁ ପିଲାମାନେ ବ୍ରାଉନ, ବ୍ଲୁ, ଗ୍ରୀନ, ଅରେଞ୍ଜ ୟେଲୋ ବେଲ୍ଟ ରେ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସେନସେଇ ଖାରବେଳ ମଲ୍ଲିକ, ଦୀପକ ସାମନ୍ତରା, ସନ୍ତୋଷ ମହାରଣା, ରାହୁଲ ପ୍ରଧାନ, ଆଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ୍: ଫାଓ ଏକାଦଶ ବିଜୟୀ




ରାଉରକେଲା (ଭାସ୍କର ନ୍ୟୁଜ୍) : ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତାରେ ଫାଓ ଏକାଦଶ (କଟକ) ବିଜେତା ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦଳ ୧-୦ ଗୋଲରେ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ (ଆରଏସ୍‌ଏ)କୁ ପରାସ୍ତକରି ଚାମ୍ପିଅନ ହୋଇଛି। ଶନିବାର ସନ୍ଧ୍ୟାରେ ସ୍ଥାନୀୟ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ମ୍ୟାଚ୍ ଆରମ୍ଭରୁ ଉଭୟ ଦଳର ଖେଳାଳି ଆକ୍ରମଣାତ୍ମକ ଶୈଳୀ ଆପଣେଇଥିଲେ ମଧ୍ୟ କେହି କାହାରିକି ଗୋଲ୍ ଦେବାରେ ସକ୍ଷମ ହୋଇନଥିଲେ। ତେବେ ମ୍ୟାଚ୍‌ର ୫୨ତମ ମିନିଟ୍‌ରେ ଫାଓ ବାଜିମାରି ନେଇଥିଲା। ଦଳର ରାହୁଲ ମୁଖୀ ଏକ ଆକର୍ଷଣୀୟ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ଗୋଲ୍ ପରିଶୋଧ ପାଇଁ ଆରଏସ୍‌ଏ ଆକ୍ରମଣକୁ ଶାଣିତ କରିଥିଲା। ତେବେ ଫାଓ ଏକାଦଶର ଖେଳାଳି ସମସ୍ତ ପ୍ରୟାସକୁ ବିଫଳ କରି ବିଜୟଲାଭ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଶିବଶଙ୍କର ପଣ୍ଡା, ଦିଲୀପ ରାଉତ, ଲିଙ୍ଗରାଜ ପ୍ରଧାନ ଓ ରୋଶନ ଖାନ ପରିଚାଳନା କରିଥିଲେ। ରାହୁଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ରୋଶନ ପାନ୍ନା(ଫାଓ ଏକାଦଶ) ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ଅମତି ତନ୍ତୀ(ଆରଏସ୍‌ଏ) ଶ୍ରେଷ୍ଠ ଗୋଲ୍ ରକ୍ଷକ, ଆଉଗ୍ୱିନ ତିର୍କି (ଆରଏସ୍‌ଏ) ଶ୍ରେଷ୍ଠ ସ୍କୋରର ପୁରସ୍କାର ପାଇଛନ୍ତି। ସ୍ୱତନ୍ତ୍ର ଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ପୂର୍ବତନ ଭାରତୀୟ ମହିଳା ଫୁଟବଲ ଖେଳାଳି ଭାରତୀ ମିଶ୍ର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ଆରଏସ୍‌ପିର ପୂର୍ବତନ ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଯୋଗଦେଇ ବିଜେତା ଦଳକୁ ଟ୍ରଫିସହ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଆରଏସ୍‌ଏର ସଭାପତି ମିହିର ରାୟ, ସାଧାରଣ ସମ୍ପାଦକ ସୁବାଷ ଚନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା।



ଖରାଦିନେ ତରଭୁଜର ଚାହିଦା କାହିଁରେ କେତେ ରହିଥାଏ। ଏହା ଏମିତି ଏକ ଫଳ ଯାହାକୁ ଖାଇଲେ କିମ୍ବା ତା'ର ଜୁସ୍ ପିଇଲେ, ଶରୀରକୁ ବେଶ୍ ଫୂର୍ତ୍ତି ଅନୁଭବ ହୁଏ। ଏଥିରେ ଭିଟାମିନ୍-ଏ ରହୁଥିବାରୁ ଏହା ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ଲାଭଦାୟକ ହୋଇଥାଏ। ସେହିପରି ଏଥିରେ ଲାଇକୋପିନ୍‌ର କିଛି ମାତ୍ରା ରହୁଥିବା ଯୋଗୁ ଏହା ତ୍ୱଚାରେ ଚମକ ଆଣିବାରେ ବି ସହାୟକ ହୋଇଥାଏ। ହୃଦ୍ ସମ୍ବନ୍ଧୀୟ ରୋଗରୁ ମଧ୍ୟ ଉପଶମ ଦେବାରେ ତରଭୁଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ। ସେହିପରି କୁହାଯାଏ, ନିୟମିତ ତରଭୁଜ ଖାଇଲେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିବା ସହ ଶରୀରରେ ରକ୍ତର ପରିମାଣ ବି ବୃଦ୍ଧି ହୁଏ। ଏହାକୁ କେବଳ ଖାଇପାରିବେ ତାହା ନୁହେଁ, ଏହାକୁ ତ୍ୱଚାରେ ମସାଜ୍ କଲେ ବ୍ଲାକ୍‌ହେଡ୍ସ କମିବା ସହ ଚେହେରାରେ ଚମକ ଆସିଥାଏ। ଏହାର ମଞ୍ଜି ବି ବହୁତ ଲାଭଦାୟକ ହୋଇଥାଏ। ଏହାକୁ ବାଟି ତ୍ୱଚାରେ ଲଗାଇଲେ ତ୍ୱଚାର ଚମକ ବୃଦ୍ଧି ପାଇବା ସହ ମୁଣ୍ଡ ବିନ୍ଧା ସମସ୍ୟାରୁ ବି ମୁକ୍ତି ମିଳିଥାଏ। ସବୁଠୁ ବଡ଼ କଥା ହେଉଛି, ଶରୀରର ମୋଟାପଣ କମ୍ କରିବାରେ ବି ତରଭୁଜକୁ ଏକ ପୌଷ୍ଟିକ ଫଳ ଭାବେ ସାଧାରଣରେ ବିବେଚନା କରାଯାଇଥାଏ।

## ମହାବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ଓ ହନୁମାନଙ୍କ ପୂଜାର ମହତ୍ତ୍ୱ

### ବିପଦରୁ ଉଦ୍ଧାର କରନ୍ତି

ଭାରତୀୟ ସଂସ୍କୃତିରେ ଜୀବନର ପ୍ରତ୍ୟେକ କ୍ଷଣ ପର୍ବ, ଉତ୍ସବ ଏବଂ ଆନନ୍ଦ ଉଲ୍ଲାସରେ ପରିପୂର୍ଣ୍ଣ। ଏହି ପର୍ବ ସମ୍ପୂର୍ଣ୍ଣ ସଂସ୍କୃତିକୁ ନେତୃତ୍ୱ ଦେଇଥାଏ। ଜନଜୀବନରେ ଉଲ୍ଲାସ ଭରିଦିଏ। ବ୍ୟଷ୍ଟି ଓ ସମଷ୍ଟି ମଧ୍ୟରେ ଏକତା ସୃଷ୍ଟିକରେ। ମିଳିତ ଭାବରେ ଆନନ୍ଦ ଉଲ୍ଲାସରେ ସମସ୍ତେ ଖୁସି ମନାନ୍ତି। କାରଣ ମନୁଷ୍ୟ ସର୍ବଦା ଆନନ୍ଦର ସନ୍ଧାନୀ। ତା'ର ସ୍ୱରୂପ ମଧ୍ୟ ସଚ୍ଚିଦାନନ୍ଦ। ପର୍ବର ଅର୍ଥ ସନ୍ଧିକାଳ। ହିନ୍ଦୁପର୍ବ ସାଧାରଣତଃ ସନ୍ଧି ସମୟରେ ପଡ଼ିଥାଏ । ପୂର୍ଣ୍ଣିମା ଅମାବାସ୍ୟା ଇତ୍ୟାଦି ସୂର୍ଯ୍ୟ ସଂକ୍ରମଣରେ ପରିବର୍ତ୍ତନ ହେବାରୁ ସଂକ୍ରାନ୍ତି ମଧ୍ୟ ବଡ଼ ପର୍ବରୂପରେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତି ଠାରୁ ବର୍ଷ ଆରମ୍ଭ ହେଉଥିବାରୁ ସେ ଦିନ ଦେବଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ଭୋଗ, ପୂଜା, ହୋମ ଇତ୍ୟାଦି କରାଯାଏ। ସୂର୍ଯ୍ୟ ସକଳ ଶକ୍ତିର ଆଧାର ଓ ଆଲୋକର ଉତ୍ସ ଏବଂ ସୃଷ୍ଟିରେ ସକଳ ଜୀବଜନ୍ତୁ ଓ ବୃକ୍ଷଲତା ତାଙ୍କ ଦ୍ୱାରା ଜୀବନ ଧାରଣ କରୁଥିବାରୁ ହିନ୍ଦୁଧର୍ମରେ ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର ଭାବେ ପୂଜାର୍ଚ୍ଚନା କରାଯାଏ। ପ୍ରତ୍ୟେକ ଗ୍ରହ ଓ ରାଶି ସହିତ ସୂର୍ଯ୍ୟଙ୍କର ପ୍ରଭାବ ଓ ସମ୍ପର୍କ ଥିବାରୁ ପଞ୍ଚଦେବତା ଉପାସନା ମଧ୍ୟରେ ସୂର୍ଯ୍ୟଙ୍କର ଉପାସନା ଅନ୍ୟତମ। ଏହି ବିଷୁବ ସଂକ୍ରାନ୍ତିରେ ସୂର୍ଯ୍ୟ ବିଷୁବ ରେଖାରେ ରହୁଥିବାରୁ ଦିନରାତି ସମାନ ରହେ। ସୂର୍ଯ୍ୟ କର୍କଟ କ୍ରାନ୍ତିରେ ରହୁଥିବାରୁ ସୂର୍ଯ୍ୟଙ୍କର ତାପ ପ୍ରଖର ହୁଏ। ପଣା ସଂକ୍ରାନ୍ତି ସମୟକୁ ସୂର୍ଯ୍ୟଙ୍କର କିରଣ ବୃଦ୍ଧି ହୋଇଥାଏ। ଏହି ସମୟରେ ପ୍ରତ୍ୟେକ ଦେବଦେବୀ ମନ୍ଦିରରେ ପଞ୍ଚଶସ୍ୟରେ ପ୍ରସ୍ତୁତ ଛତୁଆ ଓ ବେଲପଣା ଭୋଗ କରାଯାଏ। ସେହିପରି ଶ୍ରୀମଦ୍ ରାମାୟଣରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଓ ମା' ସୀତାଙ୍କ ପରେ ହନୁମାନଙ୍କର ସ୍ଥାନ ରହିଛି ତୃତୀୟରେ। କୁହାଯାଏ ହନୁମାନ ଶିବଙ୍କ ଅଂଶରୁ ଜନ୍ମ ବା ଶିବ ହିଁ ହନୁମାନ ରୂପରେ ବିଷ୍ଣୁ ଅବତାରରେ ଆସିଥିଲେ। ଶିବଙ୍କର ଅନ୍ୟଗୋଟି ନାମ ହେଉଛି ପଞ୍ଚାନନ କାରଣ ତାଙ୍କର ପାଞ୍ଚଟି ମୁଖ ରହିଛି। ଶାସ୍ତ୍ରରେ ପଞ୍ଚମୁଖୀ ହନୁମାନ ହେଉଛନ୍ତି ମହାରୁଦ୍ରଙ୍କ ସ୍ୱରୂପ ଓ ସେ ପ୍ରତ୍ୟକ୍ଷ ସର୍ବଶକ୍ତିମାନ। ରାମାୟଣରେ ବର୍ଣ୍ଣିତ ରହିଛି ଯେ, ଅହି ରାବଣ ସମ୍ମୁଖରେ ବୀର ଶ୍ରୀ ହନୁମାନ ରୁଦ୍ରଙ୍କର ଭୟଙ୍କର ପ୍ରଳୟ ରୂପ ପଞ୍ଚମୁଖ ନେଇ ଆର୍ବିଭୂତ ହୋଇଥିଲେ ଓ ତା'ର ବିନାଶ କରି ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପାତଳପୁରରୁ ଉଦ୍ଧାର କରିଥିଲେ। କଳିଯୁଗରେ ଅନେକ ଲୋକ ନିଜର ଶୁଭଫଳ ପ୍ରାପ୍ତ ପାଇଁ ବୀର ହନୁମାନଙ୍କର ପୂଜା, ସଂକଳ୍ପ ଓ ଆରାଧନା କରିଥାନ୍ତି। ହନୁମାନଙ୍କର ପଞ୍ଚମୁଖ ହେଉଛି କପିମୁଖ, ନରସିଂହମୁଖ, ଗରୁଡ଼ ମୁଖ, ବରାହମୁଖ, ଅଶ୍ୱ ବା ହୟଗ୍ରୀବମୁଖ। ଲୋକବିଶ୍ୱାସ ରହିଛି ଯେ, ଜଣେ ଗୃହସ୍ଥ ତା'ର ଗୃହର ପ୍ରବେଶ ପଥରେ ପଞ୍ଚମୁଖୀ ହନୁମାନଙ୍କ ବିଗ୍ରହ ରଖିଲେ ବାସ୍ତୁଦୋଷ ଖଣ୍ଡନ ହୋଇଥାଏ। କେବଳ ସେତିକି ନୁହେଁ ପରିବାରରେ ସୁଖଶାନ୍ତି ନିତ୍ୟ ବିରାଜମାନ କରିବା ସହିତ ଧନସମ୍ପତ୍ତି ବଢ଼ିଥାଏ। ଗୃହର ପ୍ରତିକୂଳ ବା ଅଶୁଭଫଳ ଲାଘବ ହେବା ସହ ସର୍ବଶାନ୍ତି ବିରାଜମାନ କରିଥାଏ।



### ରୁଦ୍ର ସ୍ୱରୂପ ପଞ୍ଚମୁଖୀ ହନୁମାନ

## ପ୍ରେମିକାଙ୍କ ସହ ଚାଇନାରେ ଅମୀର





ବଲିଉଡର ପରଫେକ୍ସନିଷ୍ଟ ଆମିର ଖାନ ତାଙ୍କ ୬୦ତମ ଜନ୍ମଦିନ ଅବସରରେ ନିଜର ପ୍ରେମିକାଙ୍କୁ ନେଇ ବଡ଼ ଘୋଷଣା କରିଥିଲେ। ଗୌରୀ ନାମକ ଜଣେ ମହିଳାଙ୍କୁ ସେ ଡେଟ୍ କରୁଥିବା ସ୍ପଷ୍ଟ କରିଥିଲେ। ଏହି ଖୁଲାସା ପରଠାରୁ ଦୁହେଁ ସେମାନଙ୍କ ପ୍ରେମ ଜୀବନକୁ ନେଇ ଶିରୋନାମାରେ ଅଛନ୍ତି। ଏବେ ଉଭୟଙ୍କୁ ପ୍ରଥମ ଥର ପାଇଁ ଏକ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ଆମିରଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ଚାଇନାର। ଭିଡିଓରେ ଦୁହେଁ ଏକାଠି ବହୁତ ସୁନ୍ଦର ଦେଖାଯାଉଛନ୍ତି। ଆମିରଙ୍କୁ କଳା କୁର୍ତ୍ତା ପିନ୍ଧିଥିବାର ଦେଖାଯାଉଛି। ଏହା ସହିତ ସେ ଏକ ଶାଲ ଘୋଡ଼ାଇ ହୋଇଛନ୍ତି। ଗୌରୀ ଶାଢ଼ି ପିନ୍ଧିଥିବାର ନଜର ଆସୁଛନ୍ତି। ଆମିର ଏବଂ ଗୌରୀ ମକାଉ ଆନ୍ତର୍ଜାତୀୟ କମେଡି ଫିଲ୍ମ ଫେଷ୍ଟିଭାଲରେ ଯୋଗଦେବା ପାଇଁ ଚାଇନା ଯାଇଥିଲେ। ଭିଡିଓରେ ଦୁହେଁ ଏକାଠି ଇଭେଣ୍ଟରେ ପ୍ରବେଶ କରୁଥିବାର ଦେଖାଯାଉଛି। ଆମିର ଗୌରୀଙ୍କ ହାତ ଧରି କ୍ୟାମେରା ସାମ୍ନାରେ ପୋଜ୍ ଦେଉଛନ୍ତି। ଏବେ ସେହି ଘଟଣାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭିଡିଓରେ ଆମିର ଏବଂ ଗୌରୀଙ୍କ ସହ ଅଭିନେତ୍ରୀ ମାଲି ଏବଂ ଅଭିନେତା ସେନ ତେଙ୍ଗ ମଧ୍ୟ ନଜର ଆସୁଛନ୍ତି। ତେବେ ଚାଇନାରେ ଅମିରଙ୍କର ମଧ୍ୟ ପ୍ରଶଂସକ ଅଛନ୍ତି। ସେଠାରେ ତାଙ୍କର ଫିଲ୍ମଗୁଡ଼ିକୁ ବହୁତ ପସନ୍ଦ କରାଯାଏ। ଅମିରଙ୍କ 'ଦଙ୍ଗଲ' ଏବଂ 'ସିକ୍ରେଟ ସୁପରଷ୍ଟାର' ସେଠାରେ ବହୁତ ଭଲ ରୋଜଗାର କରିଥିଲା। ଆମିରଙ୍କ ଅଭିନୟ ବିଷୟରେ କହିବାକୁ ଗଲେ, ଲାଲ ସିଂହ ଚଡ୍ଡା ପରଠାରୁ ସେ କୌଣସି ଫିଲ୍ମରେ ଦେଖାଯାଇନାହାନ୍ତି। ହେଲେ ସେ ଏହି ବର୍ଷ ଏକ ଚଳଚ୍ଚିତ୍ର ନେଇ ଆସିବେ। ଯାହାର ନାମ ହେଉଛି 'ସୀତାରେ ଜମିନ ପର୍' । ଏହି ଫିଲ୍ମର ରିଲିଜ ତାରିଖ ଏ ପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ। ତେବେ ଗୌରୀଙ୍କ ବିଷୟରେ କହିବାକୁ ଗଲେ ସେ ହେଉଛନ୍ତି ବାଙ୍ଗାଲୋରର ବାସିନ୍ଦା। ତାଙ୍କର ସେଲୁନ ବ୍ୟବସାୟ ଅଛି ଏବଂ ସେ ଆମିର ଖାନଙ୍କ ପ୍ରଯୋଜନା କମ୍ପାନୀରେ ମଧ୍ୟ କାମ କରନ୍ତି। ଦୁହେଁ ପରସ୍ପରକୁ ୨୫ ବର୍ଷ ଧରି ଜାଣନ୍ତି। ହେଲେ ଦୁହେଁ ଗତ ଦେଢ଼ବର୍ଷ ଧରି ପରସ୍ପରକୁ ଡେଟ୍ କରୁଛନ୍ତି। ଗୌରୀଙ୍କ ପ୍ରଥମ ବିବାହରୁ ତାଙ୍କର ଏକ ୬ ବର୍ଷର ପୁଅ ମଧ୍ୟ ଅଛି।

## 'ନଶା' ପାଇଁ ୧ କୋଟି ନେଲେ ତମନ୍ନା



ତମନ୍ନା ଭାଟିଆ ଫିଲ୍ମ 'ରେଡ୍ -୨'ର ଆଇଟମ୍ ଗୀତ 'ନଶା'ରେ ନିଜର ଚମତ୍କାର ନୃତ୍ୟ ଏବଂ ଗ୍ଲାମରସ୍ ଲୁକ୍ ସହିତ ପୁଣିଥରେ ପ୍ରଶଂସକଙ୍କ ହୃଦୟ ଜିତିଛନ୍ତି। ଅଜୟ ଦେବଗନ ଏବଂ ରିତେଶ ଦେଶମୁଖଙ୍କ ଅଭିନୀତ ଏହି ଫିଲ୍ମର ଏହି ଡ୍ୟାନ୍ସ ନମ୍ବର ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ପୂର୍ବରୁ ସେ 'ସ୍ତ୍ରୀ-୨'ର 'ଆଜ କି ରାତ' ଗୀତରେ ସମାନ ପ୍ରକାରର ହଇଚଇ ସୃଷ୍ଟି କରିଥିଲେ। ରିପୋର୍ଟ ଅନୁସାରେ, ତମନ୍ନା ଏହି ଗୀତ ପାଇଁ ଅଧିକ ଫି' ନେଇଛନ୍ତି। ଏହି ଗୀତ ପାଇଁ ତମନ୍ନା କେତେ ଟଙ୍କା ନେଇଛନ୍ତି ଆସନ୍ତୁ ଜାଣିବା। ଦକ୍ଷିଣ ଚଳଚ୍ଚିତ୍ର ଶିଳ୍ପରେ ସଫଳତା ପରେ, ତମନ୍ନା ବଲିଉଡରେ ଏଣ୍ଟ୍ରି କରିଥିଲେ। ହେଲେ ହିନ୍ଦୀ ଚଳଚ୍ଚିତ୍ରରେ ତାଙ୍କର ଯାତ୍ରା ଆରମ୍ଭରେ ଧୀର ଥିଲା, କିନ୍ତୁ ସେ ସ୍ୱତନ୍ତ୍ର ଡ୍ୟାନ୍ସ ନମ୍ବର ମାଧ୍ୟମରେ ଅପାର ଲୋକପ୍ରିୟତା ହାସଲ କରିଥିଲେ। ଏବେ ତମନ୍ନା ଆଉ ଏକ ଦମଦାର ନୃତ୍ୟ ନମ୍ବର - 'ନଶା' ସହିତ ଫେରିଛନ୍ତି। ଯାହା ଆଗାମୀ ଫିଲ୍ମ 'ରେଡ୍ ୨'ର ଏକ ଅଂଶ। ଏହି ଫିଲ୍ମରେ ଅଜୟ ଦେବଗନ ଏବଂ ରିତେଶ ଦେଶମୁଖ ମୁଖ୍ୟ ଭୂମିକାରେ ଅଛନ୍ତି। ପୀୟୁଷ-ଶାଜିଆଙ୍କ ଦ୍ୱାରା କୋରିଓଗ୍ରାଫ କରାଯାଇଥିବା ଏହି ଗୀତରେ ତମନ୍ନାଙ୍କ ହଟ୍ ଅବତାର ଇଣ୍ଟରନେଟରେ ଭାଇରାଲ ହେଉଛି। ତେବେ ତମନ୍ନା 'ନଶା' ଗୀତ ପାଇଁ ୧ କୋଟି ଟଙ୍କା ନେଇଛନ୍ତି। ଯାହା ସେ ପୂର୍ବରୁ 'ଆଜ କି ରାତ' ପାଇଁ ନେଇଥିଲେ।





## ପଙ୍ଖା ଓ କୁଲର୍ ବାଣ୍ଟିଲେ ତାପସୀ

ମୁମ୍ବାଇର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ପହଞ୍ଚିଛି। ଏହି ସମୟରେ, ଗରମକୁ ମୁକାବିଲା କରିବା ପାଇଁ, ଅଭିନେତ୍ରୀ ତାପସୀ ପନ୍ନୁ ବସ୍ତିରେ ରହୁଥିବା ପରିବାରଗୁଡ଼ିକୁ ପଙ୍ଖା ଏବଂ କୁଲର ବଣ୍ଟନ କରିଥିଲେ। ଏହି ମହତ କାର୍ଯ୍ୟ ପାଇଁ ତାପସୀ ହେମକୁଣ୍ଟ ଫାଉଣ୍ଡେସନ ସହିତ ହାତ ମିଳାଇଛନ୍ତି। ଏକ ମହାନ କାମ କରି ଖୁସି ଅନୁଭବ କରୁଥିବା ଏହି ଅଭିନେତ୍ରୀ କହିଛନ୍ତି, 'ଆମେ ପ୍ରାୟତଃ ଫ୍ୟାନ କିମ୍ବା କୁଲର ଭଳି ମୌଳିକ ସୁବିଧାକୁ ହାଲୁକା ଭାବରେ ନେଇଥାଉ କିନ୍ତୁ ଅନେକ ଲୋକଙ୍କ ପାଇଁ, ବିଶେଷକରି ଏହି ଅସହ୍ୟ ଗରମରେ, ହାଲୁକା ପବନ ମଧ୍ୟ ଏକ ଆଶୀର୍ବାଦ।' ମୁଁ ଏହି ପଦକ୍ଷେପ ଦ୍ୱାରା ପ୍ରଭାବିତ ଏବଂ ଏହାର ଏକ ଅଂଶ ହୋଇ ମୁଁ ବହୁତ ଖୁସି। ଏହା କେବଳ ଦେବା ବିଷୟରେ ନୁହେଁ - ଏହା ଲୋକଙ୍କ ସହିତ ଠିଆ ହେବା, ସେମାନଙ୍କ ଯନ୍ତ୍ରଣା ବୁଝିବା ଏବଂ ଏହାକୁ ଦୂର କରିବା ପାଇଁ ଆମେ ଯାହା କରିପାରିବା ତାହା କରିବା ବିଷୟରେ। ଯେତେବେଳେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରେ, ବସ୍ତିରେ ରହିବା ପ୍ରାୟ ଅସମ୍ଭବ ହୋଇଯାଏ, ହେମକୁଣ୍ଟ ଫାଉଣ୍ଡେସନର ନିର୍ଦ୍ଦେଶକ ହାରତୀର୍ଥ ସିଂହ କହିଛନ୍ତି। ଏଗୁଡ଼ିକ ସଂକୀର୍ଣ୍ଣ, ପ୍ରାୟତଃ ଏଠାରେ ବାୟୁଚଳାଚଳ ହୋଇନଥାଏ। ଏଠାରେ ଲୋକମାନେ ଫ୍ୟାନ କିମ୍ବା କୁଲର ବିନା ସମ୍ପୂର୍ଣ୍ଣ ଦିନ କଷ୍ଟରେ ବିତାଇବାକୁ ବାଧ୍ୟ ହେଉଛନ୍ତି ଏବଂ ଆମେ ଲୋକଙ୍କ ଏହି ଯନ୍ତ୍ରଣାକୁ ବୁଝିପାରିଲୁ ଏବଂ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଚିନ୍ତା ଆମ ମନକୁ ଆସିଲା। ସେ ଆହୁରି କହିଛନ୍ତି ଯେ ଏହା ବାର୍ତ୍ତା ଦେବାକୁ ଯେ ସେ ଏକା ନୁହଁନ୍ତି। ଏହା ଛୋଟ ଛୋଟ ଉପାୟରେ ମାନବତା ପାଇଁ ଆଗକୁ ଆସିବା ଏବଂ ଲୋକଙ୍କ ଯନ୍ତ୍ରଣାକୁ ବୁଝିବା ବିଷୟରେ। ସୂଚନାଯୋଗ୍ୟ, ତାପସୀ ପନ୍ନୁଙ୍କ ଆଗାମୀ ଫିଲ୍ମ ଗାନ୍ଧାରୀର ସୁଟିଂ ଶେଷ ହୋଇଛି। ନିକଟରେ, ଇଶ୍ୱକ ସିଂହ, ଲେଖିକା କନିକା ଢିଲୋନ ଏବଂ ନିର୍ଦ୍ଦେଶକ ଦେବାଶିଷ ମାଖିଜାଙ୍କ ଫଟୋ ପୋଷ୍ଟ କରିବା ସମୟରେ, ଅଭିନେତ୍ରୀ କହିଥିଲେ ଯେ ସେ ଏହି ଫିଲ୍ମ ପାଇଁ ବହୁତ କଠିନ ପରିଶ୍ରମ କରିଛନ୍ତି। ତାପସୀ ପନ୍ନୁ କନିକା ଢିଲୋନଙ୍କ ସହ ଅନେକ ଫିଲ୍ମରେ କାମ କରିଛନ୍ତି। ଗାନ୍ଧାରୀ ହେଉଛି ସେମାନଙ୍କର ଏକା ସାଙ୍ଗରେ ଷଷ୍ଠ ଚଳଚ୍ଚିତ୍ର। ଦୁହେଁ ମନମର୍ଜିୟାଁ, ହସିନ ଦିଲରୁବା ଏବଂ ତା'ପରେ ଫିର ଆଇ ହସିନ ଦିଲରୁବା ଭଳି ଫିଲ୍ମରେ ଏକାଠି ନଜର ଆସିଛନ୍ତି।

## ବିଶ୍ୱର ସବୁଠୁ ଛୋଟ ଡାକ୍ତର

### ଉଚ୍ଚତା ୩ ଫୁଟ୍



ପୃଥିବୀରେ ଏମିତି କିଛି ଲୋକ ଅଛନ୍ତି ଯେଉଁମାନେ କି ନାନା ବାଧାବିଘ୍ନ ସହି ସଫଳତା ହାସଲ କରନ୍ତି ଓ ଇତିହାସ ରଚନ୍ତି। ସେମିତି ଜଣେ ବ୍ୟକ୍ତି ହେଉଛନ୍ତି ଗୁଜରାଟ, ତଲାଜା ଥାଲୁକାର ୨୩ ବର୍ଷୀୟ ଗଣେଶ ବରେୈୟା। ଗଣେଶଙ୍କ ଉଚ୍ଚତା ମାତ୍ର ୩ ଫୁଟ। ଏହି ଉଚ୍ଚତା ପାଇଁ ଛୋଟବେଳୁ ତାଙ୍କୁ ଅନେକ ତାଚ୍ଛଲ୍ୟ ଓ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡ଼ିଛି। ତଥାପି କଠିନ ପରିଶ୍ରମ କରି ସେ ହୋଇପାରିଛନ୍ତି ଡାକ୍ତର। ଆଉ ପୃଥିବୀର ସବୁଠାରୁ ଛୋଟ ଡାକ୍ତର ଭାବେ ପରିଚିତ ହେଉଛନ୍ତି। ପିଲାଦିନେ କମ୍ ଉଚ୍ଚତା ଓ ବଡ଼ ମୁଣ୍ଡ ପାଇଁ ସହପାଠୀମାନେ ଚିଡାଉଥିଲେ। ବାପା ବିଠଲ୍ ଭାଇ ଜଣେ କୃଷକ ଥିଲେ। ସ୍ୱଳ୍ପ ରୋଜଗାରରେ ଘର ଚଳୁଥିଲା। ଥରେ ଏକ ସର୍କସ ପାର୍ଟି ଗଣେଶଙ୍କୁ ନେବା ପାଇଁ ବାପା ବିଠଲ୍‌ଙ୍କୁ ଏକ ଲକ୍ଷ ଟଙ୍କାର ଅଫର୍ ଦେଇଥିଲେ। ଏଥିରେ ଗଣେଶଙ୍କ ବାପା ବହୁତ ଦୁଃଖିତ ହୋଇଥିଲେ। ପୁଅକୁ କୁଆଡ଼େ ବି ଏକା ଯିବାକୁ ଦେଇ ନଥିଲେ। ଗଣେଶ ଭଲ ପଢୁଥିଲେ। ତେଣୁ ସଫଳତାର ସହ ଆଗକୁ ବଢ଼ି ଚାଲିଲେ। ପିଲାଦିନୁ ଡାକ୍ତର ହେବାର ସ୍ୱପ୍ନ ଥିଲା। ତେଣୁ ସେ ଦିଗରେ ପଢିବାକୁ ଲାଗିଲେ। ପରେ ଏମ୍‌ବିବିଏସ୍ ପାଇଁ ଆବେଦନ କଲେ। ହେଲେ ମେଡିକାଲ କାଉନସିଲ୍ ଅଫ୍ ଇଣ୍ଡିଆ ତାଙ୍କ କମ୍ ଉଚ୍ଚତା ପାଇଁ ଆବେଦନ ରଦ୍ଦ କରିଦେଲେ। ଏହା ତାଙ୍କ ପ୍ରତି ଅନ୍ୟାୟ ବୋଲି ମନେ କରି ସେ ନିଜ ସ୍କୁଲ ପ୍ରିନ୍ସିପାଲଙ୍କ ସାହାଯ୍ୟରେ କଲେକ୍ଟର, ରାଜ୍ୟ ଶିକ୍ଷା ମନ୍ତ୍ରୀ ଏବଂ ଗୁଜରାଟ ହାଇକୋର୍ଟ ପର୍ଯ୍ୟନ୍ତ ଗଲେ। ହେଲେ କେଉଁଠାରୁ ସାହାଯ୍ୟ ମିଳି ନଥିଲା। ପରେ ସେ ସୁପ୍ରିମକୋର୍ଟ ଗଲେ। ୨୦୧୮ରେ ସୁପ୍ରିମକୋର୍ଟ ଗଣେଶଙ୍କ ସପକ୍ଷରେ ରାୟ ଶୁଣାଇଲେ। ୨୦୧୯ରେ ଗଣେଶ ଏମ୍‌ବିବିଏସ୍‌ରେ ଆଡ୍‌ମିଶନ ହେଲେ। ପରେ ଭବାନୀ ନଗରର ସିଟି ହସ୍ପିଟାଲରେ ଇଣ୍ଟର୍ନଶିପ କଲେ। ଗଣେଶ କହନ୍ତି,"ପ୍ରଥମେ ତ ରୋଗୀ ମତେ ଦେଖି ଚକିତ ହୋଇ ଯାଉଥିଲେ। ଡାକ୍ତର ବୋଲି ବିଶ୍ୱାସ କରୁ ନ ଥିଲେ। ହେଲେ ଯେବେ ମୋର ରୋଗୀ ଦେଖିବା ଶୈଳୀ ଓ ପ୍ରତିଭା ଜାଣିଲେ ମୋ ପ୍ରତି ସେମାନଙ୍କ ମନୋଭାବ ବଦଳିଲା।"



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଏନଏସିରେ ଓଡ଼ିଆ ପକ୍ଷ କାର୍ଯ୍ୟକ୍ରମର ପାରମ୍ପରିକ ଖାଦ୍ୟ ପ୍ରତିଯୋଗୀତା ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆହାର କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ କୃଷ୍ଣଚନ୍ଦ୍ର ପଣ୍ଡା, କାଉନସିଲର ଭାସ୍କର ବେହେରା, କାଉନସିଲର ଭବାନୀ ଶଙ୍କର ନାହକ, କାଉନସିଲର ପ୍ରତିନିଧି କାହ୍ନୁଚରଣ ତ୍ରୀପାଠୀ, ପ୍ରତିନିଧି ବିଶ୍ୱଭୂଷଣ ମହାପାତ୍ର, ପ୍ରତିନିଧି ଭାଗିରଥି ବେହେରା, ଯୋଗଦେଇ ଓଡ଼ିଆ ଅସ୍ମିତାର ପର୍ବ ପାଳନ କରିଥିଲେ। ସ୍ୱଚ୍ଛ ସାଥୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଗହଣରେ ବସି ପଖାଳଭାତ ଖାଇ ପରମ୍ପରାକୁ ବଜାୟ ରଖିବା ସହ ସଚେତନତା କରାଇଥିଲେ। ଅଫିସର ମୁଖ୍ୟ କିରାଣି ରାକେଶ କୁମାର ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପବିତ୍ରା ପ୍ରଧାନ, ସିଇଓ ରଞ୍ଜିତା ପଣ୍ଡା, ବଳରାମ ପାଢ଼ୀ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସାହାଯ୍ୟ ଓ ସହଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ଓଡ଼ିଆ ପକ୍ଷ ପାଳନର ୧୩ ଦିନରେ ପାରମ୍ପାରିକ ଖାଦ୍ୟ ପଖାଳ ଦିବସକୁ ଆଡ଼ମ୍ବରରେ ପାଳନ କରିଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ'



ନବରଙ୍ଗପୁର, (ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ରୁଚି ଆମ ଖାଦ୍ୟ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। 'ଆମ ରୁଚି ଆମ ଖାଦ୍ୟ' ଓଡ଼ିଆ ଘରର ପାରମ୍ପରିକ ରନ୍ଧା ଖାଦ୍ୟ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ଆମେ ବହୁ କାଳରୁ ଖାଇଆସୁଛୁ ଏବଂ ଧୀରେ ଧୀରେ ହାଣ୍ଡିଶାଳରୁ ଉଭାନ ହୋଇଯାଉଛି ତାକୁ ଆମେ ପୁନର୍ବାର ଆତ୍ମସ୍ଥ କରାଇବା ଓ ଏହାର ବିଶେଷ ପ୍ରଚାର, ପ୍ରସାର କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ମଞ୍ଚରେ ସିଡିଏଓ ପିଠି ଗଣେଶ ରାଓ, ସିଡିପିଓ ରାଧେଶ୍ୟାମ ଲାଇକ, ଡିଏସଏସଓ ସୁଧାଂଶୁ ପାତ୍ର, ଡିଏସଡବ୍ଲୁଓ ଦୌପଦୀ କହଁର, ଡିଆଇପିଆରଓ ମନୋଜ କୁମାର ବେହେରା, ତହସିଲଦାର କୈଳାସ ତ୍ରିପାଠୀ, ଡିପିଓ ଗାର୍ଗି ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ପ୍ରଦର୍ଶନକାରୀ ଭାବେ ଆମିଷ ଖାଦ୍ୟ ୧୧ ଟି ଷ୍ଟଲ୍ ଏବଂ ନିରାମିଷ ୧୩ ଟି ଷ୍ଟଲ୍ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରି ବିଚାରକ ମଣ୍ଡଳୀଙ୍କ କୁଆଡ଼େ ଏବଂ ବିଚାରକ ପ୍ରତ୍ୟେକ ଷ୍ଟଲ ପରିଦର୍ଶନ କରି ମାର୍କ ଦେଇ ବିଚାର ରଖିଥିଲେ। ନିରାମିଷ ଓ ଆମିଷ ଖାଦ୍ୟରେ ଚକୁଳି, ଚକ୍ଳକଣି, ମାଣ୍ଡିଆ ଜାଉ, କାଙ୍ଗୁ ଖିରି, ମଣ୍ଡା, କାକୁଲ ଛିଞ୍ଚା, କାକରା ପିଠା, ଆରିଷା ପିଠା, ହାଣ୍ଡି ମାଂସ, କଙ୍କଡା ଏଭଳି ବହୁ ପାରମ୍ପରିକ ରନ୍ଧା ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ଏହି ରନ୍ଧା ଖାଦ୍ୟ ନିରାମିଷ ପ୍ରତିଯୋଗିତାରେ ନନ୍ଦାହାଣ୍ଡିର ମା' ସରସ୍ୱତୀ ଏସଏଚଜି ପ୍ରଥମ, ତେନ୍ତୁଲିଖୁଣ୍ଟିର ମା' ମାଣିକେଶ୍ୱରୀ ଏସଏଚଜି ଦ୍ୱିତୀୟ ଏବଂ ସ୍ମିତା ନାୟକ ତୃତୀୟ ପୁରସ୍କାର ଏବଂ ଆମିଷ ଖାଦ୍ୟରେ ହେମଲତା ଦଣ୍ଡସେନା ପ୍ରଥମ, ଅମ୍ରିତା ଭୂଷଣ ଦ୍ୱିତୀୟ, ପାର୍ବତୀ ନାୟକ ତୃତୀୟ ପୁରସ୍କାର ଲାଭ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ପରିଚୟ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ଏବଂ ସମାଜ କଲ୍ୟାଣ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ।

## ବିର୍ଷାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ନିୟମଗିରି ପାହାଡରେ ଆଦିବାସୀଙ୍କ ମେଳି। ସହିଦ ବିର୍ଷାମୁଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମଚନ ସହ ନିୟମଗିରି ଆନ୍ଦୋଳନରେ ପ୍ରାଣ ହରାଇଥିବା ଦୁଇଜଣ ଡଙ୍ଗରିଆଙ୍କ ପ୍ରତିମୂର୍ତ୍ତି ଉନ୍ମଚନ ସହ ସହୀଦ ସ୍ତମ୍ଭ ସ୍ଥାପନ ହୋଇଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମଟି ନିୟମଗିରି ସୁରକ୍ଷା ସମିତି ଦ୍ୱାରା ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ନିୟମଗିରି ପାରସଲି ପଞ୍ଚାୟତର ଲାଖ ପଦର ଗାଁ'ରେ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ବିଭନ୍ନ ଆଦିବାସୀ ସଂଗଠନ ତଥା ଗନ୍ଧମର୍ଦନ ସୁରକ୍ଷା ସମିତି, ଖଣ୍ଡୁଆଲମଳି, ସିଝିମଳି ସୁରକ୍ଷା ସମିତି ସହ ବିଭିନ୍ନ ସଂଗ୍ରାମୀ ସଂଗଠନ ସାମିଲ



ହୋଇଥିବା ନିୟମଗିରି ସୁରକ୍ଷା ସମିତି ଆବାହକ ସିକକା ଲଦ ସୂଚନା ଦେଇଛନ୍ତି।

# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ




କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଗୁଆଳି ସ୍ଥିତ ଓଡ଼ିଶା ମାଇନିଂ କର୍ପୋରେସନ ରିକ୍ରେସନ କ୍ଲବ ଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆପୋଲୋ ହସ୍ପିଟାଲ ଭୁବନେଶ୍ୱର, ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର, ଧରଣୀଧର ମେଡିକାଲ କଲେଜ କେନ୍ଦୁଝର, ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏସନ୍ ଦ୍ୱାରା ନ୍ୟୁରୋଲୋଜି, କାର୍ଡିଓଲୋଜି, ଚର୍ମ, ଆଖି ଏବଂ ଦାନ୍ତ ବିଭାଗର ଡାକ୍ତର କୁମାର ଅଭିଷେକ, ଡାକ୍ତର ଦୀପ୍ତିରଞ୍ଜନ ବେହେରା, ଡାକ୍ତର ଶାଶ୍ୱତ କେତନ ପଟ୍ଟନାୟକ, ଡାକ୍ତର ସଞ୍ଜୀବ କୁମାର ଓତା, ଡାକ୍ତର ଏ. ବାସ୍କେ ଓ ଡାକ୍ତର ବିଷ୍ଣୁ କଲ୍ୟାଣ ଦେବଗନ ଯୋଗଦେଇ ରୋଗୀ ପରୀକ୍ଷା କରିଥିଲେ ଏବଂ ପରାମର୍ଶ ଦେଇଥିଲେ। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଥିଲା। ଏଥିସହ ୬୫ ଜଣଙ୍କର ଠାରେ ଇସିଜି ପରୀକ୍ଷା କରାଯାଇଥିଲା। ଏହାକୁ ଗୁଆଳି ଓଏମ୍ସି ଆଞ୍ଚଳିକ ପରିଚାଳକ ଅନୁରାଗ ଓଝା ଏବଂ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଏଭଳି ମହତ କାର୍ଯ୍ୟ ପାଇଁ ସେମାନେ ସମସ୍ତ ସଂସ୍ଥାକୁ ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ରୋଟାରିୟାନ୍ ପ୍ରଶାନ୍ତ କୁମାର ସ୍ୱାଇଁ, ମହେଶ ପ୍ରସାଦ ଚାଉଡା, ଭଏସ୍ ଅଫ୍ କେନ୍ଦୁଝରର ଚେୟାରମ୍ୟାନ ଡ. ସଦାପ ପଟ୍ଟନାୟକ ଉପସ୍ଥିତ ଥିଲେ। ଏଭଳି ସ୍ୱାସ୍ଥ୍ୟ ଶିବିର ଆଗକୁ ମଧ୍ୟ କରାଯିବ ବୋଲି ରୋଟାରିୟାନ୍ ତଥା କେନ୍ଦୁଝର ଜିଲ୍ଲାର ସୁମନମଧବ୍ୟ ଡାକ୍ତର ସଞ୍ଜୀବ କୁମାର ଓତା କହିଥିଲେ। ଏଥିରେ ରୋଟାରୀ କ୍ଲବ କେନ୍ଦୁଝର, ୱାର୍କସ୍ କ୍ଲବ କେନ୍ଦୁଝର ଓ ରୁରାଲ ହେଲଥ୍ ଆଣ୍ଡ୍ ଡେଭଲପମେଣ୍ଟ ଫାଉଣ୍ଡେସନ କେନ୍ଦୁଝର ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିଲେ।

# ବନ୍ଦ ଘରୁ ପୋଲିସ କନେଷ୍ଟବଳଙ୍କ ମୃତଦେହ ଉଦ୍ଧାର





ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ବନ୍ଧ କୋଠରୀ ମଧ୍ୟରୁ ଓଡ଼ିଶା ପୋଲିସ କନେଷ୍ଟବଳ ତଥା ଥାନା ଗାଡିଚାଳକ ସନ୍ତୋଷ କୁମାର ସେଠୀଙ୍କ ମୃତଦେହ ଉଦ୍ଧାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ ସାମୁଦ୍ରିକ ଥାନାରେ ଗତ ୬ ମାସ ହେବ କାର୍ଯ୍ୟରତ ଗାଡି ଚାଳକ ତଥା କନେଷ୍ଟବଳ ସନ୍ତୋଷକୁମାର ସେଠୀଙ୍କ ମୃତଦେହ ରବିବାର ସକାଳୁ ରାଇକଣା ସ୍ଥିତ ନିଜ ବାସଭବନରୁ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ରାଇକଣା ଗ୍ରାମର ପୋଲିସ କନେଷ୍ଟବଳ ସନ୍ତୋଷ କୁମାର ସେଠୀ ବିଭିନ୍ନ ସମୟରେ ମାନସିକ ଚିନ୍ତାରେ ରହୁଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତ୍ରରେ ପରିବାର ସଦସ୍ୟଙ୍କୁ ନିକଟସ୍ଥ ଗ୍ରାମରେ ଚାଲୁଥିବା ଯାତ୍ରା ଦେଖିବାକୁ ବାଧ କରିଥିଲେ। ଏହା ପରେ ପରିବାର ସଦସ୍ୟଙ୍କ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହୋଇଥିଲା। ପରେ ପୋଲିସ କନେଷ୍ଟବଳ ସନ୍ତୋଷ କୁମାର ସେଠୀ ନିକଟସ୍ଥ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିଲେ, କିନ୍ତୁ କେତେବେଳେ ଯାତ୍ରାରୁ ଫେରିଛନ୍ତି କାହା ପାଖରେ ସୂଚନା ନାହିଁ। ପରିବାର ସଦସ୍ୟ ସକାଳ ହେବାରୁ ଘର କବାଟ ଖୋଲା ନ ହେବାରୁ ସମ୍ପର୍କୀୟ ସିଡ଼ିଘର ପଟେ ଯାଇ ଉକ୍ତ ଘରଭିତରକୁ ପ୍ରବେଶ କରି ଦେଖିଥିଲେ ସନ୍ତୋଷ ସେଠୀ ଏକ ଲୁଗାରେ ଫ୍ୟାନରେ ଝୁଲି ପଡ଼ିଥିଲେ। ସମ୍ପର୍କୀୟ ରବିବାର ପୂର୍ବାହ୍ନ ୯ଘ ୩୦ମିନିଟ ସମୟରେ ଉକ୍ତ ବନ୍ଧ କୋଠରୀ ମଧ୍ୟରେ ପଛପାର୍ଶ୍ୱକୁ ଭାଙ୍ଗି ପ୍ରବେଶ କରି ଝୁଲନ୍ତା ଅବସ୍ଥାରେ ଥିବା ସମୟରେ ଖୋଲି ଖଟରେ ଶୁଆଇ ଦେଇଥିଲେ। କିନ୍ତୁ ସେ କାହିଁକି ମୃତ୍ୟୁବରଣ କଲେ ସନ୍ତୋଷ ତାହା ସ୍ୱଷ୍ଟ ହୋଇ ନଥିବା ବେଳେ ଖବର ପାଇ ରବିବାର ମଧ୍ୟାହ୍ନ ସମୟରେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ, କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ସନ୍ତୋଷ ଯଦି ଝୁଲନ୍ତା ଅବସ୍ଥାରେ ଥିଲେ କାହିଁକି ଖୋଲୁଥିଲ ବୋଲି ପ୍ରଶ୍ନ କରିଥିଲେ। ଦୁଇ ଥାନା ଅଧିକାରୀ ସନ୍ତୋଷଙ୍କ ମୃତ୍ୟୁ ଦେହକୁ ତନଖି ଦେଖିବା ସହ କେଉଁଠି ଚିହ୍ନ କିଛି ରହିଛି ବୋଲି ଅନୁଧ୍ୟାନ କରିଥିଲେ। ଏହା ସହ ସନ୍ତୋଷଙ୍କ ପତ୍ନୀ, ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ଠାରୁ ଘଟଣା ସମ୍ପର୍କରେ ବୁଝିବା ସହ ବିଶେଷ ସୂତ୍ରରୁ ପୋଲିସ ଲାଇଭି ଭିଡ଼ିଓ ସୂଚନା ପାଇଁ ସନ୍ତୋଷ କୁମାର ସେଠୀଙ୍କ ସ୍ମାର୍ଟ ଫୋନ୍ ଜବତ କରିଛି ପୁଲିସ। ଏହା ସହ ରବିବାର ଅପରାହ୍ନରେ ପୁରୀ ସାଇଣ୍ଟିଫିକ ଟିମ୍‌ର ୩ ଜଣିଆ ଟିମ୍ ମଧ୍ୟରେ ସାଇଣ୍ଟିଫିକ ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକ, କ୍ୟାମେରା ମ୍ୟାନ ରମେଶ ଚନ୍ଦ୍ର ବାରିକ, ଲ୍ୟାବଆଟେଣ୍ଡାଣ୍ଟ ବିଶ୍ୱଜିତି ସାହୁ ପହଞ୍ଚି ଯାଞ୍ଚ କରିଥିଲେ। କିନ୍ତୁ ଏଠାରେ ପ୍ରଶ୍ନ ଉଙ୍କିମାରୁଛି କାହିଁକି ଓ କିପରି ମୃତ୍ୟୁ ବରଣ କଲେ ପୋଲିସ କନେଷ୍ଟବଳ ସନ୍ତୋଷ କୁମାର ସେଠୀ (୩୫)। ପାରିବାରିକ କଳହ ନାଁ ଆଉ କିଛି, ଯାହାକୁ ନେଇ ଅସ୍ତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି। ଏହାସହ ମୃତଦେହକୁ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇଛନ୍ତି। ସାମୁଦ୍ରିକ ଥାନାରେ କାର୍ଯ୍ୟରତ ସନ୍ତୋଷ ସେଠୀଙ୍କ ମୃତ୍ୟୁଖବର ପାଇ ନୂଆଗଡ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ସହ ଅନ୍ୟ କର୍ମଚାରୀ ପହଞ୍ଚିଥିଲେ ସନ୍ତୋଷଙ୍କ ବାସଭବନ ରାଇକଣା ଗ୍ରାମରେ।

# ହୋମଗାର୍ଡଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ପରଜଙ୍ଗ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନରେ ଦୀର୍ଘ ୩୫ବର୍ଷ ଧରି ହୋମଗାର୍ଡ ପଦବୀରେ ନିୟୋଜିତ ରହିଥିବା ବୈଷ୍ଣବ ଚରଣ ସାହୁ ନିଜ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଥାନାରେ ନିୟୋଜିତ ଥିବା ସମସ୍ତ ହୋମଗାର୍ଡ କର୍ମଚାରୀମାନଙ୍କ ନେତୃତ୍ୱରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସମ୍ବର୍ଦ୍ଧିତ ଉତ୍ସବରେ ଥାନା ଆଇଆଇସିଙ୍କ କାର୍ଯ୍ୟାଳୟ ପରିସରରେ ସାହୁଙ୍କୁ ଆଇଆଇସି ଧିରେନ ବେହେରା ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲା ବେଳେ, ସମ୍ବର୍ଦ୍ଧନା ଉତ୍ସବରେ ଏସଆଇଡି, ମହାନ୍ତି, ଏଏସଆଇ ରମେଶ ଚନ୍ଦ୍ର ସ୍ୱାଇଁ ଓ ଯୁଗଳ କିଶୋର ପ୍ରଧାନ ଉପସ୍ଥିତ ରହି ସାହୁଙ୍କ ଗୁଣ ଗାନ କରିଥିଲେ। ୧୯୮୯ ମସିହାରେ ହୋମଗାର୍ଡ଼ ପଦବୀରେ ସାହୁ ନିଜ କର୍ମମୟ ଜୀବନ ଆରମ୍ଭ କରିଥିବା ବେଳେ, ବର୍ତ୍ତମାନ କର୍ମମୟ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ କାର୍ଯ୍ୟରତ ହୋମଗାର୍ଡ କର୍ମଚାରୀଙ୍କ ମଧ୍ୟରେ ମକୁନ୍ଦ ମଲ୍ଲିକ, ସୁବ୍ରତ କୁମାର ଦଳବେହେରା (ଚଗଲା), ସିଦ୍ଧାର୍ଥ ଶଙ୍କର ସାହୁ, ରମେଶ ବିଶ୍ୱାଳ, ନରେନ୍ଦ୍ର ସାହୁ, କାଳନ୍ଦୀଚରଣ ଭୂତିଆ, ବଟକୃଷ୍ଣ ସାହୁ, ମନୋରଞ୍ଜନ ସାହୁ, ନିମାଇଁ ଚରଣ ନାଏକ, ନିରଞ୍ଜନ ପରିଡା, ଝିଲି ନାୟକ, ଲିଙ୍ଗରାଜ ବର୍ମା, ଜିତେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ଓ ପୋଲିସ କର୍ମଚାରୀ ଉପସ୍ଥିତ ରହି ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନାରେ ସାମିଲ ହୋଇଥିଲେ।

## ବୀଣାପାଣି ଶିଶୁମନ୍ଦିର ବାର୍ଷିକ ଉତ୍ସବ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଅନ୍ତର୍ଗତ ତାଳତୁମ ବୀଣାପାଣି ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ଶିକ୍ଷାବିତ ପ୍ରଦୀପ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ଭାବେ ପିଚୁକୁଳି ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ୍ତ କିଶୋର ଛୋଟରାୟ, ସାନମାନିତ ଅତିଥିଭାବେ ସରପଞ୍ଚ ପ୍ରଦୀପ୍ତ ବାରିକ, ପରିଚାଳନା କମିଟି ସମ୍ପାଦକ ବିଜୟ କୁମାର ନାୟକ, ପରିଚାଳନା କମିଟି ସଭାପତି ପଞ୍ଚାନନ ରଥ, ବିଭୁତି ସାହୁ, ଶ୍ରୀଧର ସାହୁ, ପୁରୁଷତମ ସାହୁ, ରିଙ୍କୁ ସାର, ଗୋପାଳପୁର ଗ୍ରାମପଞ୍ଚାୟତ ବିଜେଡି ପ୍ରଦୀପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସାବରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦାସ, ଗୁରୁମା' ଉଷାରାଣୀ ପଲେଇ, ମିଲି ରାଉତରାୟ ପ୍ରମୁଖ ସହଯୋଗ କରି ପରିଚାଳନା କରିଥିଲେ।

# ତିହିଡ଼ି ବ୍ଲକ ପକ୍ଷରୁ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ରବିବାର ତିହିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେଥିବା ମିଶନ ଶକ୍ତି କାଫେରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ଖାଦ୍ୟର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ଅଚକ, କୋହ୍ଲ, ଭାଟପଡ଼ା, ଫତେପୁର, ବାମନବିନ୍ଧା ପଞ୍ଚାୟତର ବିଭିନ୍ନ ମହିଳା ଗୋଷ୍ଠୀ କର୍ମକର୍ତ୍ତାମାନେ ଭିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ। ସେମାନଙ୍କୁ ଏମବିକେ, ସିଆରପି, ଓଏଲଏମ ମାନେ ସହଯୋଗ କରିଥିଲେ। ଏବିଡିଓ ମାନସ କୁମାର ଜେନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, ଜୀବିକା ମିଶନ ପକ୍ଷରୁ ନନ୍ଦିନୀ ନାୟକ, ବ୍ଲକ ମହିଳା ମହାସଂଘ ସମ୍ପାଦିକା କଲ୍ୟାଣି ଦାସ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ରାଜ୍ୟପାଳଙ୍କ ଗଞ୍ଜାମ ଗସ୍ତ



ଛତ୍ରପୁର, (ଭାସ୍କର ନ୍ୟୁଜ): ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପତି ନିଜ ପତ୍ନୀଙ୍କ ସହ ଗଞ୍ଜାମ ଋଷିକୁଲ୍ୟା ମୁହାଣ ନିକଟ ପୋଡ଼ମପେଟା ସମୁଦ୍ର ବେଳାଭୁମି ଯାଇ ଅଣ୍ଡାରୁ ବାହାରି ସମୁଦ୍ର ମୁହାଁ ହେଉଥିବା କୁନି ଅଲିଭ ରିଡଲେ କଇଁଛ ଶାବକଙ୍କୁ ଦେଖି ଖୁସି ବ୍ୟକ୍ତ କରିଥିଲେ। ଗଞ୍ଜାମ ଜିଲାର ଋଷିକୁଲ୍ୟା ମୁହାଁଣି ଅଞ୍ଚଳ ସମୁଦ୍ର ବେଳାଭୂମିରୁ ଅଲିଭ ରିଡଲେ ସାମୁଦ୍ରିକ କଇଁଚ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଛି। ଦୈନିକ ଏବେ ଅଣ୍ଡାରୁ ଛୁଆ ବାହାରି ସମୁଦ୍ର ମୁହାଁ ହେଉଛନ୍ତି ଏହି କୁନି ଶାବକ। ତେବେ ଖାସ କରି ଏହି ଅଲିଭ ରିଡଲେ କଇଁଛ ଶାବକଙ୍କୁ ଦେଖିବା ପାଇଁ ମହାମହିମ ରାଜ୍ୟପାଳ ଗତକାଲି ଠାରୁ ଗଞ୍ଜାମରେ ରାତ୍ରି ଯାପନ କରିଥିଲେ, ଆଜି ଭୋର ସକାଳୁ ବେଳାଭୁମି ଯାଇ ଏହି ବିରଳ ଦୃଶ୍ୟ ଦେଖି ଖୁସି ଅନୁଭବ କରିବା ସହ କିଭଳି ସୁରକ୍ଷିତ ଭାବେ ଏହି କୁନି ଶାବକ ଘରମୁହାଁ ହେବେ ଏଥି ପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଗଞ୍ଜାମ ଜିଲ୍ଲାପାଳ ଏବଂ ବ୍ରହ୍ମପୁର ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ରକ୍ତଦାନ ଶିବିର



ବେତନଟୀ, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ଅବସରରେ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ଯୋଗଦେଇ ଉଦଘାଟନ କରି ନିଜ ବକ୍ତବ୍ୟରେ ରକ୍ତ ଦାନ ଏକ ମହତ ଦାନ ବୋଲି କହିଥିଲ। ଏହି ମହତ କାର୍ଯ୍ୟ ପାଇଁ ଆୟୋଜକ କମିଟିକୁ ପ୍ରଶଂସା ମଧ୍ୟ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅମ୍ବିକା ବାରିକ, ବେତନଟୀ ସମିତି ସଭ୍ୟ ରଣଜିତ ସିଂ, ଯୁବ ସାମ୍ବାଦିକ ଶାନ୍ତନୁ ପଣ୍ଡା, ଦଳର ବରିଷ୍ଠ ସଦସ୍ୟ ମନୋରଞ୍ଜନ ରାଉତ, ବରିଷ୍ଠ ସଦସ୍ୟ ରବିନ୍ଦ୍ର ମହାନ୍ତି, ନିରଞ୍ଜନ ମହାନ୍ତି, ହିମାଂଶୁ କବାଟ, ମହିଳା ମୋର୍ଚ୍ଚା ସଭାପତି ମିନା ମହାନ୍ତି, ମହିଳା ମୋର୍ଚ୍ଚା ସଦସ୍ୟ ମନ୍ଦାକିନୀ ସାହୁ, ପଦ୍ମମାଳୀ ମହିଳା ସଂଗଠନର ସମ୍ପାଦିକା ପ୍ରଭାତି ମହାନ୍ତି, ଗିତାଞ୍ଜଳୀ ଭୂୟାଁ, ପିଙ୍କି ସ୍ୱାଇଁ, ରଞ୍ଜିତା କର ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ବାରିପଦା ରକ୍ତ ଭଣ୍ଡାର ଅଧିକାରୀ ନିର୍ଲେସ ଦାସ , ନର୍ସିଂ ଅଫିସର ଛବି ମହାନ୍ତି, ପ୍ରଫୁଲ୍ଲ ମାଝୀ, ସକୁନ୍ତଳା ମହାନ୍ତ, କରୁଣାକର ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୪୨ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓକିଲ ରଣଜୀତ ଗନ୍ତାୟତ, ଓକିଲ ଅର୍ନବ ଘୋଷ, ବିରକିଶୋର ବିଶ୍ୱାଳ, ଭାଗିରଥୀ ମିସ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଯୁବ ସଂଗଠକ ଚନ୍ଦ୍ର ଶେଖର ବେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମୃତକଙ୍କ ନାମରେ ଚାଉଳ ଲୁଟ୍

ନିଆଳି, (ଭାସ୍କର ନ୍ୟୁଜ୍): ରାସନ ସାମଗ୍ରୀ ଲୁଟ୍‌କୁ ରୋକିବାକୁ ରାଜ୍ୟରେ ନୂଆ ସରକାର କଡାକଡି ନିୟମ ଜାରି କରିଛନ୍ତି। ଆଖି, ଟିପଚିହ୍ନ ନଦେଲେ ହିତାଧିକାରୀଙ୍କୁ ଚାଉଳ ମିଳିବା କଷ୍ଟ। ଏପରିକି ଓଜନ କଣ୍ଟା ଅନଲାଇନରେ ସଂଯୋଗ ସହ ଆଖି ଚିହ୍ନଟ ହେଲେ ଯାଇ ରାସନ ମିଳିବାର ବ୍ୟବସ୍ଥା ରହିଛି। ହେଲେ ଆଖି ଟିପ ଚ୍ହିନ୍ନ ନେଲେ ମଧ ହିତାଧିକାରୀ ମାନଂକୁ ଚାଉଳ ମିଳୁ ନାହିଁ। ବାରମ୍ବାର ଦଉଡିବାକୁ ପଡୁଛି। କେବଳ ଏହି ଅଭିଯୋଗ ନୁହେଁ ମୃତକଙ୍କ ନାମରେ ଚାଉଳ ଲୁଟ ହେଉଥିବା ଅଭିଯୋଗ ଆସିଛି। ଏମିତିକି ବିବାହିତ ଝିଅ ନାଁ'ରେ ଅନ୍ତୋଦୟ ଯୋଜନା କରାଯାଇଥିବା ଜଣାପଡିଛି। ଏଭଳି ଚଞ୍ଚକତା କଟକ ଜିଲ୍ଲା ନିଆଳି ବ୍ଲକ ଅନର୍ଗତ ଶଗଡ଼ାଇଲୋ ପଞ୍ଚାୟତ, ଏରଞ୍ଚ ପଞ୍ଚାୟତ, ଅଁଳ ଓ ସଡ଼ାନ୍ଦ ପଞ୍ଚାୟତରୁ ଆସିଛି। ଦୀର୍ଘଦିନ ହେବ ବିଗତ ସରକାରଙ୍କ ସମୟରେ ଯେଉଁଭଳି ଭାବରେ ରାସନ ଚାଉଳ ଲୁଟୁଥିଲେ ଏବେ ପୁନର୍ବାର ସେହିଭଳି କାର୍ଯ୍ୟ କରୁଥିବା ଅଭିଯୋଗ ଆସିଛି। ପଳଶୁଦା ଡିଲର ଅଧୀନରେ ୬ ଜଣ ହିତାଧିକାରୀ ମୃତ୍ୟୁ ବରଣ କରିଥିଲେ ମଧ ସେମାନଙ୍କ ରାସନ କିଏ ନେଉଛି। ସେହିଭଳି ସାଡ଼ାନ୍ଦ ପଞ୍ଚାୟତରେ ଜଣେ ଡିଲର କାର୍ଡ ନଂ.୧୧୧, ୧୩ ଓ ୨୧ କାର୍ଡ ହିତାଧିକାରୀଙ୍କ ଚାଉଳ କିଏ ନେଉଛି। ସେହିଭଳି ବିନିସପୁର ପଞ୍ଚାୟତର ଜଣେ ଡିଲର ୩ଜଣ ହିତାଧିକାରୀଙ୍କ ଚାଉଳ ଉଠଉଥିଲେ ମଧ ସେମାନଙ୍କ ଚାଉଳ କୁଆଡେ ଯାଉଛି। ହିତାଧିକାରୀଙ୍କୁ ସମ୍ପୃକ୍ତ ଡିଲର ମାର୍ଚ୍ଚ ମାସରେ କାର୍ଡ କଟିଯାଇଥିବା କଥା କହୁଛନ୍ତି। ଏହିଭଳି ଅନେକ ହିତାଧିକାରୀଙ୍କ ଚାଉଳ ହଡପ ହେଉଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅଭିଯୋଗ କରିବା ପାଇଁ ଆସୁଥିବା ବହୁ ହିତାଧିକାରୀ ନିଆଳି ବ୍ଲକ ଯୋଗାଣ ବିଭାଗ ଅଧିକାରୀ ବହୁତ ସମୟ ଅନୁପସ୍ଥିତ ରହୁଥିବାରୁ ହିତାଧିକାରୀ ଅଭିଯୋଗ କରି ନପାରି ଫେରିଯାଉଛନ୍ତି। ଏ ନେଇ ଯୋଗାଣ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ଼, (ଭାସ୍କର ନ୍ୟୁଜ୍): ରାୟଗଡ଼ା ବ୍ଲକ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଆମ ରୁଚି, ଆମ ଖାଦ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ସିଡିପିଓ ମୀନାକ୍ଷୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ସାହୁ, ଜିପିଇଓ ଗୋପାଳ ପଣ୍ଡା ଓ ମିଶନ ଶକ୍ତି ସଂଯୋଜିକା ପ୍ରିୟଙ୍କା ମୁଲିୟାଙ୍କ ଉପସ୍ଥିତିରେ ଏହି ଆୟୋଜିତ ହୋଇଥିଲା। ଏଥିରେ ସାତଗୋଟି ଚୟନକୃତ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଉତ୍ତମ ଗୁଣବତ୍ତା ଖାଦ୍ୟର ଷ୍ଟଲ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ସେଥିମଧ୍ୟରୁ ଅଞ୍ଚଳର ପାରମ୍ପରିକ ଖାଦ୍ୟସାମଗ୍ରୀ ଯଥା ମାଣ୍ଡିଆ ଲଡୁ, ମଣ୍ଡାପିଠା, ଆରିଷା, କାକରା, ପୋଡ଼ପିଠା ଆଦି ସ୍ଥାନୀତ ହୋଇଥିଲା। ଆଜିକାଲିର ଖାଦ୍ୟ ତୁଳନାରେ ପାରମ୍ପରିକ ଖାଦ୍ୟରେ ଅଧିକ ପୋଷଣ ଥାଏ। ଏହି ଖାଦ୍ୟର ଓଡ଼ିଆ ଜାତିର ପ୍ରିତି, ଅସ୍ମିତା, ସଂସ୍କୃତି ଓ ପରମ୍ପରାର ବାସ୍ନା ବାରିହୁଏ ବୋଲି ଅତିଥିଗଣ କହିଥିଲେ। ଶେଷରେ ଉପସ୍ଥିତ ସମସ୍ତ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ଓ ଜିପିଡିଓ ଗୋପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସମବାୟବିତ୍‌ଙ୍କ ପରଲୋକ



ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଭଣଗାଁ ଗ୍ରାମର ବିଶିଷ୍ଟ ସମବାୟବିତ୍ ନିଶାମଣୀ ବେହେରା (୭୪)ଙ୍କର ଶୁକ୍ରବାର ବିଳମ୍ବିତ ରାତିରେ କଟକର ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି । ସ୍ୱର୍ଗତ ବେହେରା ଦାନପୁର ସେବା ସମବାୟ ସମିତିରେ ଦୀର୍ଘବର୍ଷ ଧରି ନିରବଚ୍ଛିନ୍ନ ଭାବେ ପରିଚାଳନା ପରିଷଦର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇ ଆସୁଥିବା ବେଳେ ଲଗାତାର ଭାବେ ୧୦ ବର୍ଷ ପରିଚାଳନା ପରିଷଦର ସଭାପତି ଭାବେ ନିର୍ବାଚିତ ହୋଇ ଚାଷୀମାନଙ୍କର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଏଥିସହିତ ସେ ଚାନ୍ଦୋଳ ବଜାର ବ୍ୟବସାୟୀ ସଂଘର ସମ୍ପାଦକ ଓ ପରେ ସଭାପତି ଭାବେ ଦୀର୍ଘ ବର୍ଷ ଦାୟିତ୍ୱ ନିର୍ବାହ କରିଥିଲେ । ସ୍ଥାନୀୟ ଅଂଚଳରେ ସେ ଜଣେ ଜଣାଶୁଣା କଳାକାର ଭାବରେ ସାହିତ୍ୟ, ସଙ୍ଗୀତ, ମଞ୍ଚ ନାଟକରେ ବେହେଲା ବାଦନ କରିବା ସହିତ ସୁନ୍ଦର ଭକ୍ତିସଙ୍ଗୀତ ଓ ସଂକୀର୍ତ୍ତନ ଗାନ କରିପାରୁଥିଲେ । ଚାନ୍ଦୋଳ ବଜାରର ଜଣେ ପ୍ରତିଷ୍ଠିତ ବ୍ୟବସାୀ ଭାବରେ ତାଙ୍କର ପ୍ରତିଷ୍ଠା ରହିଛି। ଯେଉଁ ବ୍ୟବସାୟ ପ୍ରତିଷ୍ଠାନକୁ ଏବେ ତାଙ୍କର ଦୁଇପୁଅ ଚଳାଇ ଆସୁଛନ୍ତି। ତାଙ୍କ ମରଶରୀର କଟକରୁ ଗ୍ରାମକୁ ଆସିବା ପରେ ତାଙ୍କ କର୍ମସ୍ଥାନ ଚାନ୍ଦୋଳ ବଜାର ଓ ଦାନପୁର ସେବା ସମବାୟ ସମିତିକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ପରେ ତାଙ୍କର ଶେଷକୃତ୍ୟ ଗ୍ରାମ ଶ୍ମଶାନରେ ସମ୍ପନ୍ନ କରାଯାଇଥିଲା ବେଳେ ସାନପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତିନିପୁଅ, ବୋହୂ, ଝିଅ, ନାତିନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତ ରହିଥିଲେ। ତାଙ୍କ ପରଲୋକ ଖବର ପାଇ ବିଶିଷ୍ଟ ସମାଜସେବୀ ଅଜୟ କୁମାର ରାଉତ, ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ମନୋରଞ୍ଜନ ଉପାଧ୍ୟାୟ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ମଳିକ, ଚାନ୍ଦୋଳ ସରପଞ୍ଚ ସୁର ମଳିକ, ରତ୍ନାକର ନାୟକ, ବସନ୍ତ ସାହୁ, ରଜତ ବଳ, ବାବୁ ଦାସ, ସୁବ୍ରତ ନାୟକ, ମଧୁସୂଦନ ଘଡ଼େଇ, ଦେବାଶିଷ ମହାନ୍ତି, ଦିଲ୍ଲିପ ମହାନ୍ତି, କୈଳାସ କର ପ୍ରମୁଖ ଶେଷଦର୍ଶନ କରିଥିଲେ।

# କନ୍ଧମାଳରେ ଓଡ଼ିଆ ପକ୍ଷ ପାଳିତ

କନ୍ଧମାଳ, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନ ୨୦୨୫ ଅବସରରେ ଜିଲ୍ଲା ପ୍ରଶାସନ, କନ୍ଧମାଳ ଓ ଶ୍ରୀଅନ୍ନ ଅଭିଯାନର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠ, ଫୁଲବାଣୀଠାରେ ଆମ ରୁଚି ଆମ ଖାଦ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଓଡ଼ିଶାର ଆଦିବାସୀ ସମୁଦାୟରେ ଶ୍ରୀଅନ୍ନ ବା ମିଲେଟ ଏକ ପାରମ୍ପରିକ ଖାଦ୍ୟ। ଏହାର ପ୍ରୋତ୍ସାହନ ସ୍ଥାନୀୟ ସଂସ୍କୃତି ଓ ଜୀବନଶୈଳୀକୁ ସଂରକ୍ଷଣ କରୁଛି। ଶ୍ରୀଅନ୍ନ କେବଳ ଏକ ଶସ୍ୟ ନୁହେଁ, ବରଂ ସ୍ୱାସ୍ଥ୍ୟ, ପରିବେଶ ଓ ଅର୍ଥନୀତିର ଏକ ସ୍ଥାୟୀ ସମାଧାନ। ଏହାକୁ ଆମ ଖାଦ୍ୟରେ ସାମିଲ କଲେ ଆମେ ନିଜର ସୁସ୍ଥ ଜୀବନ ସହିତ ଚାଷୀ ଓ ପରିବେଶର ମଙ୍ଗଳ ପାଇଁ ଯୋଗଦାନ ଦେଇପାରିବା। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ଗଦାଧର ପାତ୍ର, ଅତିରିକ୍ତ ନିର୍ଦ୍ଦେଶକ, କୃଷି ହେମନ୍ତ ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅକ୍ଷୟ କୁମାର ସେଠୀ, ଜେଲ ଅଧୀକ୍ଷକ ହେମନ୍ତ କୁମାର ସେଠୀ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଶ୍ରୀଅନ୍ନ ଅଭିଯାନ ସବିତା ସୁବୁଦ୍ଧି, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଶ୍ରୀଅନ୍ନ ଅଭିଯାନ ବିଜେଶ କୁମାର ଜୋଶୀ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ, ଶ୍ରୀଅନ୍ନ ଅଭିଯାନ ସୁରେଶ କୁମାର ମହାପାତ୍ର, ଅଧ୍ୟାପକ, ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଫୁଲବାଣୀ ଡ ଚନ୍ଦ୍ରଶେଖର ଦାସ, ପ୍ରଧାନ ଶିକ୍ଷକ, ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠ, ଫୁଲବାଣୀ ଧିରେନ୍ଦ୍ର କୁମାର ସ୍ୱାଇଁ, ସହକାରୀ ଶିକ୍ଷୟିତ୍ରୀ, ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠ, ଫୁଲବାଣୀ ପ୍ରଣତି ତ୍ରିପାଠୀ, ଜନନୀ ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ସେବାଶ୍ରମ ସଂସ୍କୃତ ବିଦ୍ୟାପୀଠର ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରମାନଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଲୟର ଆସୋସିଏସନ୍ ତରଫରୁ ଆଓମା ଗୁରୁକୁଳ ପରିଦର୍ଶନ

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଥିବା ଆଓମା ଗୁରୁକୂଳକୁ ଲୟର ଆସୋସିଏସନର ସଭାପତି ନୃସିଂହ ମହନ୍ତି, କାର୍ଯ୍ୟକାରୀ ସଭାପତି ଜୋସେଫ ଜେମ୍ସ, ପୂର୍ବତନ ସମ୍ପାଦକ ବିଜୁ ସରକାର, କୋଷାଧ୍ୟକ୍ଷ ରୁମ୍ପା ଦେବନାଥ, ଆଇନଜୀବୀ ନୀଳକଣ୍ଠ ମଲ୍ଲିକ, ରବି ନାୟକ ପ୍ରମୁଖ ଗସ୍ତ କରିଥିଲେ। ପ୍ରତିଷ୍ଠାତା ବିନାଶ ମିଶ୍ର ଓ ବରିଷ୍ଠ ସାମ୍ବାଦିକ ରତ୍ନାକର ଦାଶଙ୍କ ସମେତ ସମସ୍ତ ଅନ୍ତେବାସୀ ଉପସ୍ଥିତ ଥିଲେ। ଗସ୍ତ ସମୟରେ ବିନାଶ ମିଶ୍ରଙ୍କ କୁନିକୁନି ଅନାଥ ପିଲାଙ୍କୁ ରଖି ଯେଉଁ ବାପା ମା'ର ସ୍ନେହ ଦେଇ ଶିକ୍ଷା, ଖେଳକୁଦ ନାଚ ପ୍ରଶିକ୍ଷଣ ଦେଉଛନ୍ତି ତାହା ସ୍ୱାଗତ ଯୋଗ୍ୟ। ଲୟର ଆସୋସିଏସନର ଯେଉଁ ସଦସ୍ୟମାନେ ଯାଇଥିଲେ ତାଙ୍କର ରହିବା ଖାଇବା ସବୁ ଅତି ସୁନ୍ଦର ଯତ୍ନ ନେଉଥିବା ଦେଖିଥିଲେ। ଛାତ୍ରଛାତ୍ରୀଙ୍କ ସହ ବହୁତ ସମୟ କଟାଇଥିଲେ। ଏତେ ସୁନ୍ଦର ଚିନ୍ତାଧାରା ଥିବା ଅନୁଷ୍ଠାନକୁ ଏବଂ ଛାତ୍ରଛାତ୍ରୀଙ୍କୁ ସହୃଦୟ ବ୍ୟକ୍ତିବିଶେଷଙ୍କ ସହଯୋଗ ଦରକାର ଅଛି ବୋଲି ସଭାପତି ନୃସିଂହ ମହାନ୍ତି କହିଛନ୍ତି। ପରେ ସଂଘ ତରଫରୁ ଅନ୍ତେବାସୀଙ୍କୁ ବ୍ୟାଗ, ବେଡ଼ସିଟ୍ ଓ କମ୍ବଳ ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ଏମାନଙ୍କ ସୁଖଦୁଃଖରେ ସଂଘ ସବୁବେଳେ ସହଯୋଗ ଜରିବ ବୋଲି କହିଥିଲେ। ପୂର୍ବରୁ ଏହି ଲୟର ଆସୋସିଏସନ ବହୁ ଜନହିତକର କାମ କରିଆସୁଛି ଏବଂ ଗରିବ ଅଭିଯୁକ୍ତ ମାନଙ୍କ ପାଇଁ ମଧ ବିନା ଫିସ୍‌ରେ ସଂଘର ସଦସ୍ୟ ମାନେ କେସ ପରିଚାଳନା କରୁଛନ୍ତି। ଲୟର ଆସୋସିଏସନର ଏଭଳି ଜନହିତକର କାମକୁ ସାଧାରଣରେ ପ୍ରଶଂସା କରାଯାଇଛି।



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଶ୍ରୀରାମ ନବମୀ ପୂଜା କମିଟି ଆନୁକୂଲ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ଅଣଚମ୍ପା, ହରିଣହୁଳା ନିକଟରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ୮ଦିନ ଧରି ଓଡ଼ିଶାର ଖ୍ୟାତନାମା ପ୍ରବଚକମାନେ ପ୍ରବଚନ ଦେଇଥିଲେ। ଏଥିରେ ରାମାୟଣ ବର୍ଣ୍ଣିତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ମହାନ ଜୀବନ ଆଦର୍ଶ ମାତା ସୀତା ଏବଂ ଭକ୍ତ ହନୁମାନଙ୍କ ପୌରାଣିକ କଥାମୃତକୁ ନେଇ ୮ଦିନ ଧରି ଭକ୍ତିପୂତ ପ୍ରବଚନ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଅଷ୍ଟମ ଦିନ ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଦିବାକର ଛାଟୋଇଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରାଜ୍ୟ ଖଣିଜ ଓ ଗମନାଗମନ ମନ୍ତ୍ରୀ ବିଭୂତିଭୂଷଣ ଜେନା, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ସମ୍ମାନିତ ଅତିଥି ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାଏକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଉପାଧକ୍ଷ ଦୂଜୟ ମିଶ୍ର, ମମତା ସାମନ୍ତରାୟ, କୁଳମଣି ବିଶ୍ୱାଳ, ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ହେମନ୍ତ କୁମାର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଛାଟୋଇ। ପବିତ୍ର ରାମନବମୀ ଅବସରରେ ରାମଚରିତ ମାନସର ନବାହ୍ନପାରାୟଣର ଗୁଞ୍ଜରିତ ପଂକ୍ତି ମନରେ ଭରି ଦେଉଥିଲା ପୁଲକ। ଶ୍ରୀରାମ ନବମୀ ଅବସରରେ ରାମଧୂନ ଗୁଞ୍ଜରିତ ହୋଇଥିଲା।

# ଆଜିଠାରୁ 'ମା' ସୁନାମୁହିଁଙ୍କ ଚଡ଼କ ଯାତ୍ରା

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ବୈତରଣୀ ନଦୀପଠାରେ ଅବସ୍ଥିତ ନେରଡ଼ା ଗ୍ରାମର ପ୍ରସିଦ୍ଧ 'ମା ସୁବର୍ଣ୍ଣମୁଖୀ'ଙ୍କ ପୀଠରେ ୨୦୯ ତମ 'ଚଡ଼କ ଯାତ୍ରା' ରବିବାର ମଧ ରାତ୍ରରୁ ଆରମ୍ଭ ହୋଇଥିବା ଜଣାଯାଇଛି। ମୁଖ୍ୟ ପୂଜକ ବ୍ରଜକିଶୋର ପଣ୍ଡା ଓ ସାଥି ପୂଜାକାର୍ଯ୍ୟ, ଦେହୁରୀ କୃଷ୍ଣଚନ୍ଦ୍ର ମାଝୀ ଓ କାଳିସୀ ମାଗୁଣି ଦଳାଇ ପୂଜାବିଧି ଦାୟିତ୍ୱ ତୁଲାଉଛନ୍ତି। ଚଡ଼କ ଯାତ୍ରାର ପ୍ରଥମ ପର୍ବ ନିଶାର୍ଦ୍ଧରେ ମା'ଙ୍କ ନିକଟରେ ନିଶାବଳୀ ଓ କାଳିସୀଙ୍କ ନିର୍ଦ୍ଦେଶରେ ପାଞ୍ଚ ଘଣ୍ଟ ଠାକୁର ଗ୍ରାମ ପରିକ୍ରମାରୁ ଆରମ୍ଭ ହୋଇଥିଲା। ସୋମବାର ପଣା ସଙ୍କ୍ରାନ୍ତୀ ପ୍ରତ୍ୟୁଷରେ ମାନସିକ ବଳି, ଘଣ୍ଟା, କୁକ୍କୁଟ, ସୁନା ମୋକଟ, ରୂପା ମୋକଟ, ମାଟି ଘୋଡା, ଷୋଡଶପୋଚାର ପୂଜା ଅନୁଷ୍ଠିତ ହୋଇ ଭକ୍ତ ଦର୍ଶନ ଆରମ୍ଭ ହେବ। ମାନସିକ ପୂରଣ ହୋଇଥିବା ଭକ୍ତମାନେ ମା'ଙ୍କ ନିକଟରେ ବଳି କୁକୁଡାଗୁଡିକୁ ଛାଡ଼ିଦିଆଯିବ ବୋଲି ଜଣାଯାଇଛି।



ଚଳିତ ବର୍ଷ ନୂତନ ଭାବେ ମନାସି ଥିବା ଭକ୍ତଗଣ ମାନସିକ ପୂରଣ ହେଲେ ଆଗାମୀ ବର୍ଷ ଯାତ୍ରା ସମୟରେ ମା'ଙ୍କ ପାଇଁ ଉପଚାର କରିବା ପାଇଁ ମନାସୀବେ। ଯାତ୍ରାର ଶେଷଦିନ ୨୧ ତାରିଖରେ କାଳିସୀକୁ ମିଳିବାକୁ ଥିବା ସ୍ୱପ୍ନାଦେଶ ଅନୁଯାୟୀ ବୈତରଣୀ ନଦୀରେ ଭାସମାନ ଅବସ୍ଥାରେ ଥିବା ପୂର୍ବବର୍ଷର ଚରଖ ଖୁଣ୍ଟି ଅଣାଯାଇ ଚରଖ ବନ୍ଧାଯିବ। ଚରଖ ଖୁଣ୍ଟରେ ମା'ଙ୍କୁ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ଦୋଳିଖେଳ ପରେ ପାଟୁଆ, ଦେହୁରୀ ଓ ସାଧାରଣ ଭକ୍ତଗଣ ଦୋଳି ଖେଳବେ। ବିଧିମତେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବା ପରେ ଯାତ୍ରା ସମାପ୍ତି ଘୋଷଣା କରାଯିବ। ପୂର୍ବଭଳି ଚରଖ ଖୁଣ୍ଟକୁ ବୈତରଣୀ ନଦୀରେ ଭସାଇ ଦିଆଯିବ। ଏହି ଘଟଣା ମା'ଙ୍କ ଅଲୌକିକ ଲୀଳା ମଧ୍ୟରୁ ଅନ୍ୟତମ ବୋଲି ସ୍ଥାନୀୟ ଲୋକେ ତଥା ପୂଜକମାନେ ମତ ରଖନ୍ତି। ବିଭିନ୍ନ ସନ୍ଧ୍ୟାରେ ପାଲା, ମେଲୋଡି ଓ ଅପେରା ଅନୁଷ୍ଠିତ ପାଇଁ ପୂଜା କମିଟି ପକ୍ଷରୁ ବ୍ୟବସ୍ଥା ହୋଇଛି। ସୋମବାର ଠାରୁ ଗୁରୁବାର ପର୍ଯ୍ୟନ୍ତ ଭଜନସନ୍ଧ୍ୟା, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେହିପରି ୧୮ ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ସ୍ୱର୍ଣ୍ଣମହଲ ଅପେରା ପକ୍ଷରୁ ଯାତ୍ରା ପରିବେଷଣ ହେବ ବୋଲି ଜଣାଯାଇଛି। ପର୍ବପାଳନ ଦିନମାନଙ୍କରେ ବିପୁଳ ସଂଖ୍ୟକ ଭକ୍ତଙ୍କ ସମାଗମ ହେବ ବୋଲି ଅନୁମାନ କରାଯାଉଛି। ସ୍ଥାନୀୟ ପୁଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ବନ୍ଦୋବସ୍ତ କରାଯାଇଛି। ଯାତ୍ରା କମିଟି ପକ୍ଷରୁ ସୂଚନା କେନ୍ଦ୍ର ପ୍ରତିଷ୍ଠା ହେବା ସହ ଯାତ୍ରୀମାନଙ୍କୁ ସହାୟତା ନିମନ୍ତେ ସ୍ୱେଚ୍ଛାସେବୀ ନିଯୁକ୍ତି ଦିଆଯାଇଛି। 'ସୁବର୍ଣ୍ଣମୁଖି ଚଡକ ଯାତ୍ରା କମିଟି' ଓ ଗ୍ରାମବାସୀମାନେ ମେଳା ପରିଚାଳନା ପାଇଁ ସମସ୍ତ ପ୍ରସ୍ତୁତି ଶେଷ କରିଥିବା ଜଣାଯାଇଛି।

# ପାରମ୍ପରିକ ଖାଦ୍ୟ ଦିବସ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ୧୩ତମ ଦିବସକୁ ପାରମ୍ପରିକ ଖାଦ୍ୟ ଦିବସ ଭାବେ ପାଳନ କରାଯାଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରାଯାଇ ଏହି ଦିବସକୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ନ୍ୟାସ ନାରାୟଣ ପଣ୍ଡା, ପୌର ପରିଷଦ ଅଧକ୍ଷ ମନୋଜ ବାରିକ ଓ ଉପାଧକ୍ଷା କବିତା ମହନ୍ତ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଧାନ ଏହି ଅବସରରେ କହିଛନ୍ତି ଯେ ଓଡ଼ିଆ ଘର ଖାଦ୍ୟ ଯେ କେବଳ ସ୍ୱାଦ ଦୃଷ୍ଟିରୁ ଉନ୍ନତ ତାହା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ଆବଶ୍ୟକ ଥିବା ପ୍ରତ୍ୟେକ ପୋଷକତତ୍ତ୍ୱରେ ଭରପୂର। ବୈଜ୍ଞାନିକ, ଜୈବିକ ତଥା ଆୟୁର୍ବେଦିକ ଉପାଦାନ ଗୁଡ଼ିକର ଆବଶ୍ୟକତା ଦୃଷ୍ଟିରୁ ଅନେକ ଓଡ଼ିଆ ବ୍ୟଞ୍ଜନ ଅତ୍ୟନ୍ତ ଉପଯୋଗୀ। ଆମ ହାଣ୍ଡିଶାଳରୁ ହଜି ଯାଉଥିବା ଏହିସବୁ ବ୍ୟଞ୍ଜନଗୁଡ଼ିକୁ ତଥା ଅନେକ ଓଡ଼ିଆ ଘରର ପିଠା, ପଣା ଆଦିକୁ ଆଜିର ପିଢ଼ି ମଧ୍ୟରେ ପୁନଃ ଆଦୃତ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ ବୋଲି ସେ ମତ ପ୍ରକାଶ କରିଛନ୍ତି। ଉପ ଜିଲ୍ଲାପାଳ ଭୋଇ କହିଛନ୍ତି ଯେ ଆଜିର ଦିବସରେ ନିଜ ଘରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରସ୍ତୁତ କରି ନିଜେ ଖାଇବା ସହ ଅନ୍ୟକୁ ଖୁଆଇ ଧୁମଧାମରେ ଏହି ଦିବସକୁ ପ୍ରତ୍ୟେକ ଓଡ଼ିଆ ପାଳନ କରିବା ଉଚିତ୍। ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ ଚକ୍ରବର୍ତ୍ତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଅନୁରୂପ ଭାବେ ଜିଲ୍ଲାର ସମସ୍ତ ବ୍ଲକରେ ମଧ୍ୟ ପାରମ୍ପରିକ ଖାଦ୍ୟ ଦିବସ ପାଳନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ମନ୍ଦିର ପ୍ରଶାସନ ପକ୍ଷରୁ ମୁଖ୍ୟ ପୁରୋହିତ ବିନାୟକ ଶତପଥି ଉପସ୍ଥିତ ଥିଲେ।

# ସୟା-ମହାଦେବ ସାହିରେ ବିଶ୍ୱଶାନ୍ତି ମହାଯଜ୍ଞ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ମହାଦେବସାହିରେ ବିଶ୍ୱଶାନ୍ତି ମହାଯଜ୍ଞ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ୮ ତାରିଖରେ କଳସ ଶୋଭାଯାତ୍ରା, ୯, ୧୦ ଓ



୧୧ରେ ଯଜ୍ଞ ହୋଇଥିବା ବେଳେ ୧୨ ତାରିଖରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ପ୍ରଫୁଲ୍ଲ ନାୟକ ଓ ତାଙ୍କ ପତ୍ନୀ ରେବତୀ ନାୟକ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଯଜ୍ଞପୁରୋଧା ଭାବେ ଦେବେନ୍ଦ୍ର ପାଢ଼ୀ, କୃପାସିନ୍ଧୁ ପାଢ଼ୀ, ସନ୍ତୋଷ ପାଢ଼ୀଙ୍କ ସମେତ ୬ଜଣ ପଣ୍ଡିତ କାର୍ଯ୍ୟ ତୁଲାଇଥିଲେ। ୧୯୪୫ ମସିହାରେ ଜମିଦାର ପୂର୍ଣ୍ଣଚନ୍ଦ୍ର ଦାସ ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ କରିଥିଲେ। ସେହିଦିନ ଠାରୁ ପ୍ରତି ବର୍ଷ ଏଠାରେ ଯଜ୍ଞ ପାଳନ ହୋଇଆସୁଅଛି। ସୟା ପଞ୍ଚାୟତ ସମେତ ମହରମପୁର ପଞ୍ଚାୟତର ସାଠିବାଟି, ତରାସାହି ଓ ଅଚକ ପଞ୍ଚାୟତର କିଛି ଗ୍ରାମବାସୀଙ୍କ ସହଯୋଗରେ ଏହି ଯଜ୍ଞ ଅନୁଷ୍ଠିତ ହୋଇ ଆସୁଅଛି। ଚଳିତ ବର୍ଷ ଏହି ପରିପ୍ରେକ୍ଷୀରେ ଗୀତାପାଠ, ପ୍ରବଚନ, ଭଜନ ସମାରୋହ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାସୁଦେବଜୀଉ ଯଜ୍ଞ କମିଟିର ସଭାପତି ଭଜହରି ଓଝା, ସମ୍ପାଦକ ବିଜୟ ନାୟକ, କୋଷାଧକ୍ଷ ଭାଗିରଥି ଆଚାର୍ଯ୍ୟ, ସଭ୍ୟ ରଘୁନାଥ ମହାଳିକ, ଲକ୍ଷ୍ମୀଧର ମହାଳିକ, ପ୍ରତାପ କୁଅଁର, ଶ୍ରୀଧର ଓଝା, କାହ୍ନୁ ଚରଣ ଶତପଥି, ଶଶିକାନ୍ତ ସାହୁ, କରୁଣାକର ସାହୁ, ମନୋଜ କୁମାର ନାୟକ, ଅଗଣି ମହାଳିକ, ପୀତବାସ ମହାଳିକ, ମୁକ୍ତିକାନ୍ତ ମହାଳିକ, ସଦାନନ୍ଦ ମଲିକ ପ୍ରମୁଖଙ୍କ ସମେତ ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ଯଜ୍ଞକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଶାର ବରପୁତ୍ରଙ୍କ ଉପରେ ଆଲୋଚନା

ରାୟଗଡ଼ା, (ଭାସ୍କର ନ୍ୟୁଜ୍): ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସ ଅବସରରେ ଶନିବାର ଦିନ ଓଡ଼ିଶାର ବରେଣ୍ୟ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ସେମାନଙ୍କ ଜିବନୀ ଓ ଅବଦାନ ବିଷୟରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ରାୟଗଡା ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗୀୟ ମୁଖ୍ୟ ରଘୁନାଥ ଭୁଏ, ସମ୍ମାନିତ ଅତିଥି ରୂପେ ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ବିଶିଷ୍ଟ ଆଇନଜୀବୀ ପ୍ରଣତି ପାତ୍ର, ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ସରସ୍ୱତୀ ରାୟ, ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଏବଂ ଆବାହିକା ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡ଼ିଆ ବରପୁତ୍ର ଓ ପୁତ୍ରୀଙ୍କର ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ଆବାହିକା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନାଏକ ପାଶ୍ଚାତ୍ୟ ସଭ୍ୟତାର କୁପ୍ରଭାବ ବିଷୟରେ ଆଲୋଚନା କରିବା ସହ ଓଡ଼ିଆ ଭାଷା, ପରମ୍ପରା, ବେଶ ପୋଷାକ, ଜୀବନ ଶୈଳୀ ପାଇଁ ଆମ ଓଡ଼ିଶା ଗାରିମାମୟ ହୋଇପାରିଛି, ବରପୁତ୍ରଙ୍କ ଜିବନୀ ଆମକୁ ଗର୍ବିତ କରିବା ସହ ଓଡ଼ିଆ ଅସ୍ମିତାର ରକ୍ଷା କରିବାରେ ପ୍ରେରଣା ଦେଇଥାଏ ବୋଲି ପ୍ରକାଶ କରିଥିଲେ। ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ ଓଡ଼ିଆ ବରପୁତ୍ରଙ୍କ ସ୍ୱାଭିମାନ, ତ୍ୟାଗ, ବୀରତା ଓ ସଚ୍ଚୋଟ ପଣିଆ ଆଦି ଦିଗ ଉପରେ ଆଲୋକପାତ କରିବା ସହ ନୂତନ ପିଢ଼ି ଏହାର ମାର୍ଗଦର୍ଶୀ ହେବାପାଇଁ ଉତ୍ସାହିତ କରିଥିଲେ। ବରେଣ୍ୟ ଅତିଥିବୃନ୍ଦ ଏ ମାଟିରେ ଜନ୍ମିତ ବରପୁତ୍ରଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ଏ ପବିତ୍ର ଏହି ବସରରେ ଉପସ୍ଥିତ ଅତିଥିମାନଙ୍କୁ ସମ୍ମାନୀତ କରାଯାଇଥିଲା ଓ ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଅନେକ ଓଡିଆ ପ୍ରେମୀ ଏଥିରେ ଯୋଗ ଦେଇଥିଲେ। ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।



## ଦଧିବାମନଜିଉଙ୍କ ନିକଟରେ ରାମଲୀଳା

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଦଧିବାମନଜୀଉଙ୍କ ମନ୍ଦିର ସମ୍ମୁଖରେ ଗତ କାଲିଠାରୁ ସମ୍ପୂର୍ଣ୍ଣ ରାମାୟଣ ଅଭିନୀତ ହେଉଛି। ଦଧିବାମନଜୀଉ ରାମନୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ଦୀର୍ଘ ୫୨ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ବୈଶ୍ୟ ସଦାଶିବଙ୍କ ରଚିତ ସମ୍ପୂର୍ଣ୍ଣ ରାମାୟଣ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଅଭିନୀତ ହେଉଅଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୮ ତାରିଖରେ ଶେଷ ହେବ। ଏହାର ନାଟ୍ୟ ନିର୍ଦ୍ଦେଶକ ଭାବେ ମାଷ୍ଟର ବଳରାମ ମହାପାତ୍ର ନିର୍ଦ୍ଦେଶନା ଦେଉଛନ୍ତି, ରାଧାକାନ୍ତ ମହାନ୍ତି, ଅନିରୁଦ୍ଧ ବେହେରା, ସତ୍ୟଜିତ ଲେଙ୍କା, ସଂଜୟ ସାହୁ, ପ୍ରମୋଦ ମହାପାତ୍ର, ବିଶ୍ୱମୋହନ ଦାସ, ରଘୁନାଥ ପଣ୍ଡା, ମନୋରଞ୍ଜନ ରଣା, ପ୍ରଭାକର ମହାରଣା, ବନବିହାରୀ ନାୟକ, ପ୍ରତାପ ସାହୁ, ପ୍ରଶାନ୍ତ ସାଠୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ହୋଲି ଜେସସ୍ ପବ୍ଲିକ ସ୍କୁଲରେ ବୈଶାଖୀ ମହୋତ୍ସବ

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): କ୍ରୀଡ଼ା ଶିକ୍ଷାର ଏକ ଅଂଶ। କ୍ରୀଡ଼ା ଛାତ୍ରଛାତ୍ରୀମାନଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କରିଥାଏ। କୋମଳମତି ଛାତ୍ର ଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନୃତ୍ୟ, ସଙ୍ଗୀତ, ଅଭିନୟ, ଆମୋଦ ପ୍ରମୋଦ ମାଧ୍ୟମରେ ଶିକ୍ଷାଦାନ କରିବା ପାଇଁ ଅଭିନବ ପ୍ରୟାସ ଜାରି ରଖିଛନ୍ତି। ଏହି ଅବସରରେ ବଡଚଣା ବ୍ଲକ୍ ଅନ୍ତର୍ଗତ ଧାନମଣ୍ଡଳ ସ୍ଥିତ ହୋଲି ଜେସସ୍ ପବ୍ଲିକ ସ୍କୁଲ ପରିସରର ତିନିଦିନ ଧରି ଆୟୋଜିତ ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ ଏହି ଉତ୍ସବକୁ ଉଦ୍‌ଘାଟନ କରି ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଓ ଅନ୍ତର୍ନିହିତ ଗୁଣାବଳିକୁ ପରିପ୍ରକାଶ କରିବା ପାଇଁ ଏହି ବୈଶାଖୀ ମହୋତ୍ସବ ସାହାଯ୍ୟ କରିବା ସହିତ ଶିକ୍ଷା ପ୍ରତି କୋମଳମତି ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିବ ବୋଲି କହିଥିଲେ। ଏହି ଉତ୍ସବରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୫୦ରୁ ଅଧିକ ଇଭେଣ୍ଟରେ ଭାଗ ନେଇଥିଲେ। ଭଲିବଲ , କ୍ୟାରମ, ଚେସ, ଚିତ୍ର କଳା, ମାଟିପାତ୍ର ତିଆରି, ଜଳକ୍ରୀଡ଼ା , ଘୋଡାଚଢ଼ା, ଡିସ୍କୋ ରୁମ, ବର୍ଷାନୃତ୍ୟ, ଫଟୋଗ୍ରାଫି, ସିନେମାଟାଇମ, ଅନ୍ଧପୁଟୁଳି, ବୃତ୍ତକଳା, ମ୍ୟାଜିକବକ୍ସ ସମେତ ବହୁ କ୍ରୀଡା ଅନୁଷ୍ଠିତ ହୋଇଥିଲା। ପରେ ଲକି ଡ୍ର ଦ୍ୱାରା ପିଲା ମାନଙ୍କୁ ପୁରସ୍କୃତ କରଯାଇଥିଲା। ଦେବାଶିଷ ନାୟକ, ଚନ୍ଦନ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଉତ୍ସବକୁ ପ୍ରିୟଙ୍କା ମଲ୍ଲ, ସବିତା ମହାପାତ୍ର , ପ୍ରଣତୀ ସାହୁ, କିରଣ ଯାଦବ, ଜ୍ୟୋତିକା ଶର୍ମା, ସ୍ୱାଗତିକା ଦାସ, ଇପ୍ସିତା ରାଉତ, ସୁଭାଷିନୀ ମଲ୍ଲିକ, ସୁଭାଷିନୀ ଦାସଯାଦବ, ରେସମା ପର୍ବିନ୍, ସୁଭଲକ୍ଷ୍ମି ସାହୁ, ସାଗରିକା ଶର୍ମା, ମୌସୁମୀ ଦାସ, ଶୀତଳ ପଟୋଡ଼ିଆ, ସୁଷମା ମହାନ୍ତି, ସୂତପା ଗିରି, ଶୁଭଶ୍ରୀ ବେହେରା, ଜ୍ୟୋତିର୍ମୟୀ, ପୁନମ ଭାରତୀ, ଚିରଞ୍ଜିବୀ ଜେନା, ଲକ୍ଷ୍ମୀଧର ମଲ୍ଲିକ, ସଞ୍ଜୟ ରାଉତ ସୌଭାଗ୍ୟ ପାଣ୍ଡବ ପ୍ରମୁଖ ସହଯୋଗ କରିଥିଲେ।



# କବି ଅପର୍ଣ୍ଣା ମହାନ୍ତିଙ୍କୁ ନାଗରିକ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ଓଡିଆ ସାହିତ୍ୟର ବିଶିଷ୍ଟ କବୀ ଅପର୍ଣ୍ଣା ମହାନ୍ତି ଚଳିତ ବର୍ଷ ମର୍ଯ୍ୟାଦାଜନକ 'ବିଷୁବ ପୁରସ୍କାର' ପାଇବେ ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ଘୋଷଣା ହୋଇଛି। ଏହି ପୁରସ୍କାର ବାବଦକୁ ସେ ଏକ ଲକ୍ଷ ଟଙ୍କା ଓ ମାନପତ୍ର, ଅଙ୍ଗାଭରଣ ଦ୍ୱାରା ଆସନ୍ତା ୧୪ ତାରିଖ ଦିନ ସମ୍ବର୍ଦ୍ଧିତ ହେବେ। ଓଡିଆ ଭାଷା ସାହିତ୍ୟର ପ୍ରାଧ୍ୟାପକ ଭାବେ ଶ୍ରୀମତି ମହାନ୍ତି କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅବସର ନେଇଛନ୍ତି। ଜଣେ କବୀ ଭାବେ ସମଗ୍ର ଭାରତରେ ପରିଚିତ। ନାରୀର ସ୍ୱପ୍ନ, ସ୍ୱପ୍ନଭଙ୍ଗ, ବିଦ୍ରୋହ, ସଂଘର୍ଷ, ପ୍ରେମ, ପ୍ରଣୟ ତାଙ୍କ କାବ୍ୟ ସ୍ୱର। ତାଙ୍କର କାବ୍ୟ ଯାତ୍ରା ଆରମ୍ଭ ହୁଏ ଅବ୍ୟକ୍ତ ଆତ୍ମୀୟତା କବିତା ପୁସ୍ତକରୁ। ଏ ଯାତ୍ରା ଅବିରତ ଚାଲି ଆସିଛି ଏଯାଏଁ। ଅସତୀ, ଅତିଥି, ନଷ୍ଟ ନାରୀ, ମା'ର କାନ୍ଦଣା ଗୀତ, ଝିଅ ପାଇଁ ଝର୍କା ଟିଏ, ନିଃସଙ୍ଗ ଈଶ୍ୱରୀ, ଅଗ୍ନି କମଳିନୀ, ଯୋଗିନୀ ଓ ଥରକୁ ଥର ଫେରି ଆସୁଥିବି ଯାଏ ଲମ୍ବିଥିବା ତାଙ୍କ କାବ୍ୟ ଯାତ୍ରା ପାଇଛି ବିପୁଳ ପାଠକୀୟ ଆଦୃତି। ପୂର୍ବରୁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ। ଏହି ଖବର ପାଇଲା ପରେ କେନ୍ଦ୍ରାପଡ଼ା ସାହିତ୍ୟିକ ମହଲରେ ଆନନ୍ଦର ଲହରି ଖେଳିଯାଇଛି। ରବିବାର ସଂଧାରେ ଗୋପ ଛକ ସ୍ଥିତ 'କମଳ ଭବନ'ରେ ତାଙ୍କୁ ଏକ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିଥିଲେ ଅଧାପକ ଅଜୟ କୁମାର ସାମଲ। ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି ବିଶିଷ୍ଟ କଥାକାର ରାମଚନ୍ଦ୍ର ବେହେରା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ପ୍ରଫେସର ନନ୍ଦକିଶୋର ପରିଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡ. ବାସୁଦେବ ଦାସ ଯୋଗଦେଇ କବି ଅପର୍ଣ୍ଣା ମହାନ୍ତିଙ୍କ କାବ୍ୟ ପ୍ରତିଭାର ଉଚ୍ଛସିତ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ତପନ ପତି ଓ ଅଧାପକ ମାନସ ଦାସ ତାଙ୍କୁ ଓଡିଆ କବିତାର ବିଦ୍ରୋହୀ କବି ଭାବେ ଚିତ୍ରିତ କରି ସର୍ବଭାରତୀୟ ସ୍ତରରେ ଓଡ଼ିଆ କବିତାକୁ ପ୍ରତିନିଧିତ୍ୱ କରିବାର ଶକ୍ତି ତାଙ୍କ କବିତାରେ ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ କବି ବୃନ୍ଦାବନ ଦାଶ , କବି ମାତୃଦତ୍ତ ମହାନ୍ତି, ଅବନ୍ତୀ ବେହେରା , କବିତା ମୁଦୁଲି ଓ ଅଧାପିକା ସ୍ନିଗ୍ଧା ନାୟକ କବି ଅପର୍ଣ୍ଣାଙ୍କ କବିତା ଆବୃତ୍ତି କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ, ଆଳି ସମ୍ବାଦ ସାହିତ୍ୟ ଘର, କେନ୍ଦ୍ରାପଡ଼ା ସମ୍ବାଦ ସାହିତ୍ୟ ଘର, ମୌସୁମୀ ସାହିତ୍ୟ ସଂସଦର ସଦସ୍ୟମାନେ କବିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। କବି କରୁଣାକର ଦାସ, କବି ଅକ୍ଷୟ ନାୟକ, କବି ଶୁଭ୍ରାଂଶୁ ଦାସ, ପ୍ରଦୀପ ଦାସ, ଭୁବନ ମୋହନ ଜେନା, ଜ୍ଞାନଦେବ ବେଉରା, କରୁଣାକର ସାହୁ, କବି ମନୋରଞ୍ଜନ ତ୍ରିପାଠୀ, କବି ଶ୍ରୀଧର ମହାନ୍ତି, କବି ନୃସିଂହ ତ୍ରିପାଠୀ, ରଣଧୀର ଜେନା, କବି ରଂଜନ ବାୟୀ, କବି ଅଜୟ ପାତ୍ର, ଅଧାପକ ଅମୂଲ୍ୟ ମଲ୍ଲ ପ୍ରଭୃତି ଏହି ସଭାରେ ଉପସ୍ଥିତ ରହି କବୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଏହି ସଭାରେ କବି ନବଜ୍ୟୋତି ରାୟ ସଂଯୋଜନା କରିଥିଲା ବେଳେ ଅଧାପକ ପବିତ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଭାବୀ ବିକ୍ରି ପାଇଁ କଦଳୀ ଚାଷ ପ୍ରତି ମୁହଁ ମୋଡୁଛନ୍ତି ଚାଷୀ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକର ନାଆମୀ ଗ୍ରାମର ମାନସ କୁମାର ଜେନା, ସାରୋ ଗ୍ରାମର ହରେକୃଷ୍ଣ ଭାରତୀ ପ୍ରମୁଖ ଚାଷୀ ଅଭାବୀ ବିକ୍ରୀ ପାଇଁ କଦଳୀ ଚାଷ ଛାଡିଦେଇଥିବା ଜଣାଯାଇଛି। ମାନସ ନିଜସ୍ୱ ଏକ ଏକର ଜମିରେ ବାମନ ଜାତୀୟ ଜି-୯ (ସିଙ୍ଗାପୁରୀ) କଦଳୀ ଚାଷ ୨୦୨୨ ମସିହାରେ ଆରମ୍ଭ କରିଥିଲେ। ହଜାରେ ଗଛ ଲଗାଇ ସେହିବର୍ଷ ଖର୍ଚ୍ଚ କରିଥିଲେ ଲକ୍ଷାଧିକ ଟଙ୍କା। କଦଳୀ ଫଳିଥିଲା। ହେଲେ ବିକ୍ରୀ ପାଇଁ ବଜାର ନଥିଲା। କିଲୋ ପ୍ରତି ୧୦ ଟଙ୍କା ଦରରେ ବାଲେଶ୍ୱର ସହରର ଜନୈକ ବ୍ୟବସାୟୀଙ୍କୁ ବିକ୍ରୀ କରି ପ୍ରଥମ ବର୍ଷ ପାଇଥିଲେ ୩୦ ହଜାର ଟଙ୍କା ମାତ୍ର। ୨୦୨୩-୨୪ ବର୍ଷରେ ପାଇଥିଲେ ୧୫ ହଜାର ଟଙ୍କା। ଏହି ଜାତୀୟ କଦଳୀର ବଜାର ମୂଲ୍ୟ ୬୦ଟଙ୍କା। ମାତ୍ର ଚାଷୀ ବିକ୍ରୟ କରିଥିଲା ୧୦ ଟଙ୍କାରେ। ଚାଷ ଖର୍ଚ୍ଚ ଭରଣା ହୋଇ ପାରିନଥିଲା। କ୍ରମାଗତ କ୍ଷତି ହେବାରୁ ଚଳିତ ବର୍ଷ କଦଳୀ ଚାଷ ଛାଡିଦେଇ ଅନ୍ୟାନ୍ୟ ଚାଷ କରୁଥିବା ଜଣାଯାଇଛି। ସେହିପରି ସାରୋ ଗ୍ରାମର ହରେକୃଷ୍ଣ ଭାରତୀ ୬ଶହ ବାମନ ଜାତୀୟ ଜି-୯ (ସିଙ୍ଗାପୁରୀ) କଦଳୀ ଚାଷ ୨ ବର୍ଷ କରିବା ପରେ ନାମମାତ୍ର ଦରରେ କଦଳୀ ବିକି କ୍ଷତି ହେବାରୁ କଦଳୀ ଚାଷ ଛାଡିଦେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ କୃଷି ଉଦ୍ୟାନ ବିଭାଗ ଚଳିତ ବର୍ଷ ଆନ୍ଧ୍ରରୁ ଆମଦାନୀ କରିଥିବା ବିପୁଳ ସଂଖ୍ୟକ କଦଳୀ ଚାରା ଚାଷରେ କିଭଳି ଉପଯୋଗ ହୋଇପାରିବ ତାହାକୁ ନେଇ ସଂଶୟ ସୃଷ୍ଟି ହୋଇଛି।

# ୨୪ ପ୍ରହର ବ୍ୟାପୀ ନାମଯଜ୍ଞ ସମ୍ପନ୍ନ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡା ଗ୍ରାମର ଆରାଧ ଶ୍ରୀ ଶ୍ରୀ ସିଦ୍ଧ ବାନାମ୍ବର ମହାପୁରୁଷଙ୍କ ପୀଠରେ ୯୩ତମ ବାର୍ଷିକ ୨୪ ପ୍ରହର ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ନାମଯଜ୍ଞର ଶୁଭାଧିବାସ ଗତ ମଙ୍ଗଳବାର ଦିନ କରାଯାଇଥିବା ବେଳେ ବୁଧବାର, ଗୁରୁବାର ଓ ଶୁକ୍ରବାର ୨୪ ପ୍ରହର ବ୍ୟାପୀ ଅଖଣ୍ଡ ନାମଯଜ୍ଞ କରାଯାଇଥିଲା। ଏହି ନାମଯଜ୍ଞରେ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ପଡ଼ୋଶୀ ଜିଲ୍ଲାମାନଙ୍କରୁ ବହୁ ସଂକୀର୍ତନ ମଣ୍ଡଳୀ ଯୋଗଦେଇଥିଲେ। ତିନିଦିନ ବ୍ୟାପୀ ନାମଯଜ୍ଞ ସହିତ ଭକ୍ତମାନଙ୍କ ନିମନ୍ତେ ଅହୋରାତ୍ର ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ନାମଯଜ୍ଞ ଶେଷ ପରେ ନଗର ଭ୍ରମଣ ଓ ଦଧିକଳସ ଭଙ୍ଗା କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଥରପଡ଼ା ଗ୍ରାମର ଗ୍ରାମବାସୀମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଡୋଶୀ ପଂଚାୟତର ବହୁ ଶ୍ରଦ୍ଧାଳୁମାନେ ଯୋଗଦେଇ ନାମଯଜ୍ଞରେ ଅଂଶଗ୍ରହଣ କରିଥିଲେ।

# ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଜାମଯୋଡ଼ି ପଞ୍ଚାୟତ ଅଧୀନ ଗଦିବଜାର ସ୍ଥିତ ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ମାତୃ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଓଡ଼ିଶା ଶିକ୍ଷା ବିକାଶ ପରିଷଦର ସମ୍ପାଦକ ସୁଦର୍ଶନ ପ୍ରଧାନଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ସିଆରସିସି ବସନ୍ତ ବଳ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଅଧାପିକ ସଂଯୁକ୍ତା ଭାରତୀ, ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୈଳେନ୍ଦ୍ର କୁମାର ଭୂୟାଁ ଓ ନଛିବିନ୍ଧା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ଧଳ, ସମ୍ମାନିତ ଅତିଥିଭାବେ ସଂଗୀତକଳା ମହା ବିଦ୍ୟାଳୟର ଅଧକ୍ଷ ମଧୁସୂଦନ ନାୟକ, ବିଦ୍ୟାଳୟର ସଭାପତି ମନୋରଞ୍ଜନ ବଳ, ସମ୍ପାଦକ ବ୍ରଜବାହୁ ଦେବେନ୍ଦ୍ର କୁମାର ଭୂୟାଁ ପ୍ରମୁଖ ଯୋଗ ଦେଇ ମା' ମାନେ ଦାୟିତ୍ୱ ସମ୍ପନ୍ନ ହେଲେ ପିଲାମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଚନ୍ଦ୍ରମଣି ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗୁରୁମା ସୁନିତା ଭୂୟାଁଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମାତୃ ସମ୍ମିଳନୀରେ ଭାଗ ନେଇଥିବା ୫୦ଜଣ ମା'ମାନଙ୍କ ମଧ୍ୟରୁ ୨୬ ଜଣଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅସୁରେଶ୍ୱରର ଦାଣ୍ଡ ଯାତ୍ରା ଅନୁଷ୍ଠିତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରସିଦ୍ଧ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ କେଣ୍ଡାଳୋ ଗ୍ରାମପଞ୍ଚାୟତ ମଲ୍ଲୀପୁର, ଅସୁରେଶ୍ୱରର ଶ୍ରୀ ଶ୍ରୀ ରଘୁନାଥ ଜୀୟୁଙ୍କ ଦାଣ୍ଡଯାତ୍ରା ଗତକାଲି ରାତ୍ରରେ ଆନନ୍ଦ ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ରଘୁନାଥ ଜୀୟୁଙ୍କ ଦାଣ୍ଡବିଜେ ସମୟରେ ଓଡିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେଇ ମହାପ୍ରଭୁଙ୍କୁ ଦର୍ଶନ କରି ମାନସିକ ଦାଣ୍ଡ ଭୋଗ ଲାଗି କରାଇବା ସହ ମାନସିକ ବାଣ ଫୁଟାଇଥିଲେ। ଅପରପକ୍ଷରେ ଦଧିବାମନ ମହାପ୍ରଭୁ ଆଜି ରଘୁନାଥ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କ ଦର୍ଶନ ଦେଇଥିଲେ। ଉଭୟ ରଘୁନାଥ ଓ ଦଧିବାମନଙ୍କ ମହାମିଳନ ପରେ ଦଧିବାମନଙ୍କ ପୀଠରେ ଭୋର ସମୟରେ ନାଗଫାସ ବନ୍ଧନ ରାମଲୀଳା ସମ୍ପାଦନ କରାଯାଇଥିଲା। ଶ୍ରୀ ଶ୍ରୀ ରଘୁନାଥ ଜୀୟୁ ଟ୍ରଷ୍ଟବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ପ୍ରଭାତରୁ ରଘୁନାଥଙ୍କର ଯଥାରୀତି ପୂଜାର୍ଚ୍ଚନା କରାଯାଇ ମଧ୍ୟାହ୍ନରେ ମଧ୍ୟାହ୍ନ ଧୂପ ଓ ସନ୍ଧ୍ୟାରେ ମହାଆଳତୀ ପରେ ମହାପ୍ରଭୁ ଶ୍ରୀରାମଚନ୍ଦ୍ର ମା' ସୀତା ଓ ଲକ୍ଷ୍ମଣଙ୍କୁ ପୂଝାରୀ ସେବକ ମାନେ ସୁସଜ୍ଜିତ କରାଯାଇ ରତ୍ନ ସିଂହାସନରୁ ଏକ ଶୋଭାଯାତ୍ରାରେ ନାଟ ମଣ୍ଡପକୁ ଅଣାଯାଇଥିଲା। ସେଠାରେ ଥିବା ସୁସଜ୍ଜିତ ବିମାନରେ ୩ଠାକୁରଙ୍କୁ ଅବସ୍ଥାନ କରାଯିବା ପରେ ମନ୍ଦିରର ମୁଖ୍ୟ ପୂଜକ ମନମୋହନ ପତି ପାରମ୍ପରିକ ରୀତିନୀତି ଅନୁଯାଇ ଧୂପଦୀପ ନୈବେଦ୍ୟ ଅର୍ପଣ କରିଥିଲେ। ପରେ ବିମାନକୁ ଏକ ଶୋଭାଯାତ୍ରାରେ ପଡିଆ ଅଭିମୂଖେ ନିଆଯାଇଥିଲା। ଏହି ସମୟରେ ମହାପ୍ରଭୁଙ୍କୁ ଦାଣ୍ଡ ଭୋଗ ଲାଗି କରାଇବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଏହି ସମୟରେ ହଠାତ ୧୫୦ରୁ ଉର୍ଦ୍ଧ ହନୁମାନ ବେଶଧାରୀ ଓ କାଳିକା ପଡିଆ ମଧ୍ୟରେ କ୍ଷୀପ୍ର ଗତିରେ ପ୍ରବେଶ କରି ଟ୍ରାଫିକ ନିୟନ୍ତ୍ରଣ କରି ମହାପ୍ରଭୁଙ୍କୁ ଦଧିବାମନ ମନ୍ଦିର ଅଭିମୂଖେ ନେଇଯାଇଥିଲେ। ଦାଣ୍ଡବିଜେ ସମୟରେ ମେଲଣ ପଡିଆରେ ରାମ ଲକ୍ଷ୍ମଣ ସୀତା ଓ ରାବଣ ପ୍ରମୁଖ ସୁଆଙ୍ଗ ମାନେ ଅନ୍ୟ ୪ଟି ବିମାନରେ ଦଧିବାମନ ଅଭିମୂଖେ ଯାତ୍ରା କରିଥିଲେ। ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁ ମାନସିକ ବାଣ ଫୁଟାଇଥିଲେ। ବିମାନ ଦଧିବାମନ ମନ୍ଦିରରେ ପହଂଚିବା ପରେ ଦଧିବାମନ ରଘୁନାଥ ବେଶ ହୋଇ ଦର୍ଶନ ଦେଇଥିଲେ। ଉଭୟ ରଘୁନାଥ ଓ ଦଧିବାମନଙ୍କ ମହାମିଳନ କରାଯାଇଥିଲା। ପରେ ସୁଆଙ୍ଗ ମାନଙ୍କ ଦ୍ୱାରା ନାଗଫାସ ବନ୍ଧନ ରାମଲୀଳା ଅନୁଷ୍ଠିତ ହୋଇଥିଲା। ମୋଟାମୋଟି ଭାବେ ଅସୁରେଶ୍ୱର ଦାଣ୍ଡଯାତ୍ରା ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳୀ ଓ ଜୟଶ୍ରୀରାମ ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ତହସିଲଦାର ଏଜକ୍ୟୁଟିଭ ମାଜିଷ୍ଟ୍ରେଟ ଅନିତା ନାୟକ,ନିଶ୍ଚିନ୍ତକୋଇଲି ଥାନା ଆଇଆଇସି ଯୁଗଳ କିଶୋର ଦାସ, ୩ ପ୍ଲାଟୁନରୁ ଊର୍ଦ୍ଧ୍ୱ ପୋଲିସ ଫୋର୍ସ, ୩ ଡିଏସପି, ୪ ଆଇଆଇସି, ୧୫ ଜଣ ଅଫିସର ଯାତ୍ରା ନିୟନ୍ତ୍ରଣ କରିଥିଲେ। ଅଗ୍ନିଶମ ବାହିନୀ ପକ୍ଷରୁ ୨ଟି ନିଆଁଲିଭା ଗାଡି,ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଓଆରଏସ ପ୍ରଦାନ,ପାନୀୟ ଜଳ ପରିମଳ ବିଭାଗ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ମୋଟାମୋଟି ଭାବେ ଶାନ୍ତି ଶୃଙ୍ଖଳାର ସହ ଏହି ଦାଣ୍ଡଯାତ୍ରା ଶେଷ ହୋଇଛି।



# ଆମ କଳାହାଣ୍ଡି





# ଯୁଗସାଇପାଟଣାରେ ତହସିଲଦାରଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ଼ ବଣ୍ଟନ

## ଗଡିଲା ସଚେତନତା ରଥ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଏଠାରୁ ପ୍ରାୟ ୨୨କି.ମି. ଦୂରବର୍ତ୍ତୀ ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଜଙ୍ଗଲ ଆଦିବାସୀ ଅଧୁଷିତ ଯୁଗସାଇପାଟଣା ହାଇସ୍କୁଲ ପଡିଆ ଠାରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ବୟୋ ବନ୍ଦନା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯୁଗସାଇ ପାଟଣା ଠାରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଥା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା.ମୋନାଲିସା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଭବାନୀପାଟଣାର ତହସିଲଦାର ଶୁଭସ୍ମିତା ମିଶ୍ର ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବେ ଲୋକସଭା ସଦସ୍ୟ ପ୍ରତିନିଧି ଦଧିପ୍ରସାଦ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପଲତା ନାଏକ, ରିଷିଗାଁ ସରପଞ୍ଚ ବିନୋଦିନୀ ବେହେରା, ଦୁଆରସୁନୀ ସରପଞ୍ଚ କୈଳାସ ଚନ୍ଦ୍ର ନାଏକ, ମାଲଗାଁ ସରପଞ୍ଚ ବିଷ୍ଣୁପ୍ରିୟା ଦୁର୍ଗା, କୁଲିଆମାଲ ସରପଞ୍ଚ ଯାମିନୀ ସାହୁ, ତଳ ବେଲଗାଁ ସରପଞ୍ଚ ଅଙ୍କିତା ବେହେରା, ଚାଞ୍ଚେର ସରପଞ୍ଚ ବିକାଶ ପ୍ରଧାନ, ଗଣ୍ଡବାରଝୋଲା ସରପଞ୍ଚ ମୁରଲୀ ପ୍ରଧାନ ଓ ଯୁଗସାଇ ପାଟଣା ସରପଞ୍ଚ ଚୁମକି ନାଏକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତହସିଲଦାର ଶୁଭସ୍ମିତା ମିଶ୍ର ତାଙ୍କ ବକ୍ତବ୍ୟରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ଅର୍ଥ ଏହି ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଦ୍ୱାରା ଲୋକଙ୍କୁ ସହଜରେ ମିଳିପାରିବ ଓ ସାଧାରଣ ଲୋକେ ସରକାରଙ୍କ ଏଭଳି ଲୋକ ହିତକର ଯୋଜନାର ସୁଯୋଗ ନେବା ପାଇଁ ପ୍ରକାଶ କରିଥିଲେ। ଯୁଗସାଇ ପାଟଣା ଡାକ୍ତରଖାନାର ମେଡ଼ିକାଲ ଅଫିସର ଡା. ସାହୁ ଏହି ଡାକ୍ତରଖାନା ଅଧୀନରେ ଥିବା ଯୋଗ୍ୟ ବିବେଚିତ ବ୍ୟକ୍ତି ଏହି ପିଏମ୍ ଜନ ଆରୋଗ୍ୟ ଯୋଜନାର ସୁଯୋଗ ନେଇପାରିବେ ଓ ଆଶା କର୍ମୀ ମାନେ ଏହି କାର୍ଡ ଘରେ ଘରେ ପହଞ୍ଚାଇ ଦେବେ ବୋଲି ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମର ହଜାର ହଜାର ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ବେଶ୍ କିଛିବର୍ଷ ହେଲା ଦୁର୍ଗମ ପାହାଡିଆ ଅଞ୍ଚଳର ଆଦିବାସୀ ଜନ ସାଧାରଣଙ୍କ ବିପଦ ବେଳେ ସାଥୀ ହୋଇ ରୋଗୀ ସେବା କରି ସେମାନଙ୍କ ବିଶ୍ୱାସ ସାଉଁଟି ଥିବା ଯୁଗସାଇ ପାଟଣା ପିଏଚ୍ ସିର ଫାର୍ମାସୀ ଅଫିସର ଏନ୍ ରାମାରାଓ ଦୋରା ମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଡ଼ିକାଲ ଅଫିସର ଡା. ମୋନାଲିସା ସାହୁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପିଏଚସିର କର୍ମଚାରୀ, ବିଶେଷ କରି ଶଗଡା ସେକ୍ଟରର କର୍ମଚାରୀ ଓ ସ୍ଥାନୀୟ ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।ଏହି ଅବସରରେ ସ୍ୱାସ୍ଥ୍ୟସେବାର ଯୋଜନା ଗୁଡିକ ସମ୍ପର୍କରେ ଜନସାଧାରଣଙ୍କୁ ଅଧିକ ଅବଗତ କରିବା ନିମନ୍ତେ ଏକ ସଚେତନତା ରଥକୁ ମୁଖ୍ୟ ଅତିଥି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ଥାନୀୟ ସିଆରପିଏଫ୍ ୬୪ ବାଟାଲିୟନର ଯବାନ ମାନେ ମଧ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

# ଓଡିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଚକ୍ର




ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ଓଡ଼ିଆ ପକ୍ଷ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ 'ଓଡ଼ିଶାର ବରପୁତ୍ର ମାନଙ୍କ ଉପରେ ଏକ ଆଲୋଚନା ଚକ୍ର' ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କଳାହାଣ୍ଡିର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗ ଦେଇ ଓଡ଼ିଆ ପକ୍ଷ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ କନ୍ଦାଗଡର ପଥର ଶିଳ୍ପୀ ଗୋବିନ୍ଦ ମାଝିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବରେ ଅଧ୍ୟାପକ ଡୋଳାମଣି ଧାରୁଆ, ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ଅଧ୍ୟାପକ ମୋହନ ଚରଣ ବିଶି, ଶିକ୍ଷାବିତ୍ ଡ଼ ଉମେଶ ଚନ୍ଦ୍ର ଶତପଥୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣା, ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ଓଡ଼ିଶାର ବରପୁତ୍ର ଉତ୍କଳମଣି ଗୋପବନ୍ଧୁ ଦାଶ, ଉତ୍କଳ ଗୌରବ ମଧୁସୁଦନ ଦାସ, ସହିଦ ରେଣ୍ଡୋ ମାଝୀ, ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଭୁବନେଶ୍ୱର ବେହେରା ଓ ଉପେନ୍ଦ୍ର ଭଞ୍ଜ ପୁରସ୍କାର ପ୍ରାପ୍ତ ନାଟ୍ୟରଶ୍ମୀ ପ୍ରଫୁଲ୍ଲ ରଥଙ୍କ ଜୀବନୀ ଓ ସାହିତ୍ୟ କୃତି ଉପରେ ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଟିଏମ୍ କାର୍ଡରୁ ଟଙ୍କା ଲୁଟ ଅଭିଯୋଗ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ ଅଞ୍ଚଳରେ ଦୃର୍ବୃତ୍ତ ମାନେ ବିଭିନ୍ନ ପନ୍ଥା ଅବଲମ୍ବନ କରି ଲୁଟ ପାଟ କରୁଥିବା ଅଭିଯୋଗ ହୋଉଛି। ବର୍ତ୍ତମାନ ସହରର ବିଭିନ୍ନ ଏଟିଏମ୍ ମାନଙ୍କ ଠାରେ ଦୃର୍ବୃତ୍ତ ମାନେ ଛକି ରହି ଏକ ନୂଆ ପନ୍ଥା ଅବଲମ୍ବନ କରି ଟଙ୍କା ଲୁଟୁ ଥିବାର ଏକ ଘଟଣା ସାମ୍ନାକୁ ଆସିଛି। ପର୍ଲା ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ ହେତୁରାମ ମେହେର ଗତ ୨୯-୩-୨୦୨୫ଦିନ ନିଜ ଏଟିଏମ କାର୍ଡରେ ମୁଖ୍ୟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ନିକଟରେ ଥିବା ଏଟିଏମ୍ କେନ୍ଦ୍ରକୁ ଯାଇଥିଲେ। କେନ୍ଦ୍ର ଭିତରେ ପ୍ରବେଶ କରିବା ମାତ୍ର କେ ଛକି ରହିଥିବା ଜଣେ ଦୃର୍ବୃତ୍ତ ମଧ ଟଙ୍କା ଉଠାଇବା ଆଳରେ ପ୍ରବେଶ କରିଥିଲେ। ବୃଦ୍ଧ ଶିକ୍ଷକ ସେହି ଦୃର୍ବୃତ୍ତଙ୍କୁ ଟଙ୍କା ଉଠାଇ ଦେବାକୁ ସହାୟତା ମାଗିଥିଲେ। ଚାଲାକି ଭାବେ ତାଙ୍କ ଠାରୁ କାର୍ଡ ମାଗି ମେସିନରେ ଲଗାଇ ଗୁପ୍ତ ପିନ୍ ନମ୍ବର କହିବାକୁ କହିଥିଲେ। ପଇସା ଉଠୁ ନ ଥିବା କହି ପୂର୍ବରୁ ପ୍ରସ୍ତୁତି କରି ରଖିଥିବା ଭିନ୍ନ ଏକ କାର୍ଡକୁ ଶିକ୍ଷକଙ୍କୁ ଦେଇଥିଲେ। ସେହି କାର୍ଡ ନେଇ ଶିକ୍ଷକ କିଛି ଦୂର ଚାଲି ଆସିବା ପରେ ଅସଲ କାର୍ଡ଼ରୁ ୩ଥର କରି ୨୩ହଜାର ଟଙ୍କା ଉଠାଇ ଫେରାର ମାରିଥିଲେ। କିଛି ସମୟ ଅବସର ପ୍ରାପ୍ତ ଶିକ୍ଷକଙ୍କ ମୋବାଇଲରେ ଟଙ୍କା ଉଠାଇ ଥିବା ମେସେଜ ଆସିଥିଲା। ପରେ ବ୍ୟାଙ୍କ୍ ପରିଚାଳକ ନିକଟରେ ଫେରାଦ ହୋଇଥିବା ବେଳେ ତାଙ୍କ କାର୍ଡରେ ଟଙ୍କା ଉଠାଇ ନେଇଥିବା ଜଣାପଡ଼ିଥିଲା। ଏହାପରେ ସେ ଧର୍ମଗଡ଼ ଥାନାରେ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗର ୧୨-୧୩ଦିନ ବିତିଯାଇ ଥିଲେ ମଧ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଅଭିଯୋଗ କରନ୍ତି। ଏଟିଏମ୍ କେନ୍ଦ୍ରରେ ସି ସି କ୍ୟାମେରା ଥିବା ବେଳେ ତାରିଖ ସମୟ ଉପରେ ତଦାରଖ କରି ଦୃର୍ବୃତ୍ତଙ୍କୁ ସହଜରେ ଚିହ୍ନଟ କରିହେବ। ଏଥିପାଇଁ ପୋଲିସର ଆନ୍ତରିକତା ଦରକାର ବୋଲି ପ୍ରକାଶ କରନ୍ତି।

# ମାନଝରି ଗ୍ରାମ ପଞ୍ଚାୟତର ନୂତନ ନାଏବ ସରପଞ୍ଚ ନିଯୁକ୍ତ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧିନରେ ଥିବା ମାନଝରି ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ (ମହିଳା) ପଦବୀ ଖାଲି ପଡିଥିଲା। ଶୁକ୍ରବାର ବିଧିବଦ୍ଧ ଭାବେ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଉପ ନିର୍ବାଚନ ହୋଇଯାଇଛି। ଏଥିରେ ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟା ଲଳିତା ଭାଟି ଜଣେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଆଉ କୌଣସି ୱାର୍ଡ଼ ସଭ୍ୟା ମନୋନୟନ କରି ନ ଥିବାରୁ ଅପ୍ରତିଦ୍ୱନ୍ଦ୍ୱି ଭାବରେ ଲଳିତା ଭାଟି ମାନଝରି ଗ୍ରାମ ପଞ୍ଚାୟତର ନୂତନ ନାଏବ ସରପଞ୍ଚ ପଦ ହାସଲ କରିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ବାଚନ ଅଧିକାରୀ ଭାବେ ବିଶ୍ୱରଂଜନ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସରପଞ୍ଚ ଜଗୁଜିବନ ଅଘ୍ରିଆ ନୂତନ ନାଏବ ସରପଞ୍ଚଙ୍କୁ ଶୁଭେଚ୍ଛା ଦେଇଥିଲେ। ନିର୍ବାଚିତ ପରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ସ୍ଥାନୀୟ ସରପଞ୍ଚଙ୍କୁ ନାଏବ ସରପଞ୍ଚ ଧନ୍ୟବାଦ ଦେଇଛନ୍ତି।

# ଆୟୁଷ୍ମାନ କାର୍ଡ଼ ମାଧ୍ୟମରେ ଲାଭବାନ ହେବେ ହିତାଧୀକାରୀ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ର ରେଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହୋଇଛି। ଏହି ପରିପେକ୍ଷୀରେ ଅତିଥି ଭାବେ ଖ ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ନୋଡାଲ ଅଫିସର ଡାକ୍ତର ଆଶିଷ କୁମାର ଧରୁଆ, ରେଗଡା ସରପଞ୍ଚ ଦୀପ୍ତିରାଣୀ ସାହୁ, ସାପଲହରା ପଞ୍ଚାୟତ ସରପଞ୍ଚ ରାଜେଶ୍ୱରୀ ସେନାପତି, ରେଗଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଗୋଲକେଶ ପ୍ରସାଦ ମନ୍ତ୍ରୀ, ରେଗଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୈଳେନ୍ଦୁ ନାଏକ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ଯୋଜନାଙ୍କୁ ପ୍ରଶଂସା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସିଂରେ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଶୁଭାରମ୍ଭ ହୋଇଛି। ଏଥିରେ ଗଣେଶ ରଣା, ପ୍ରଶାନ୍ତ ସାହୁ, ଶରତ ସାହୁ, ପ୍ରଶାନ୍ତ ଦୀପ, ସଙ୍ଗୀତା ପାଣିଗ୍ରାହୀ ଏବଂ ସମସ୍ତ କର୍ମଚାରୀ ମାନେ ପ୍ରମୁଖ ସହଯୋଗ କରିଥିଲେ।

# ରିଷିଡା ଚୈତ୍ର ମହୋତ୍ସବ ଦେବୀଙ୍କ ନଗର ପରିକ୍ରମା ଓ ଛତରଯାତ୍ରା



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ସ୍ଥିତ ମା' ତାରିଣୀ ଅଷ୍ଟ ଚଣ୍ଡୀ ଶୈବ ଶକ୍ତି ପୀଠରେ ମା' ତାରିଣୀ ଅଷ୍ଟ ଚଣ୍ଡୀଙ୍କ ଚୈତ୍ର ମହୋତ୍ସବ ଆରମ୍ଭ ହୋଇଯାଇଛି। ଶନିବାର ଦେବଦେବୀଙ୍କ ନିଶାଣ ବିରବାଦ୍ୟ ସହିତ ନଗର ପରିକ୍ରମା ଛତରଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶକ୍ତିପୀଠ ଦେବୀ ବରୁଆମାନଙ୍କ ଦେହରେ ସବାର ହୋଇ କାଲି ଶ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଯାତ୍ରା ଶକ୍ତି ପୀଠରୁ ଗ୍ରାମରେ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା କରାଯାଇଛି। ଏଥିରେ ଭକ୍ତଙ୍କ ସମେତ ରାଜନେତା ସମାଜସେବୀ, ତଥା ସରପଞ୍ଚ ସାମିଲ ହୋଇଥିଲେ। ମୁଖ୍ୟ ରାସ୍ତାରେ କଳସ ସ୍ଥାପନ କରି ଦେବଦେବୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଭାପତି କୈଳାସ କୁମୁରା ସଂପାଦକ ସୁଶାନ୍ତ ମଲ୍ଲିକ, ତଥା ଦେହୁଁରି ସେବାୟତ ସୁମନ୍ତ ଭୋଇ, କଫୁଲ ରଣା, ରାଧେଶ୍ୟାମ ପଟ୍ଟନାୟକ ତପନ ରଣା, ନିଲକମଳ ପୁଟେଲ, କୁଞ୍ଜ ରଣା, ରଂଜନ ରଣା ପ୍ରସନ୍ନ ରଣା ମହେନ୍ଦ୍ର ପ୍ରଧାନୀ ଶେଷଦେବ ରଣା, ଲମ୍ବଧର ରଣା, ବୃହସ୍ପତି ରଣା, ହୃଦାନନ୍ଦ ମଲ୍ଲିକ, ମହିମା ରଣା, ବିକାଶ ରଣା ବିଷ୍ଣୁ ରଣା, ହରି ବାରିକ, ମାର୍କଣ୍ଡ ପ୍ରଧାନୀ, ମଥୁରାମ ରଣା, ଫୋଟୋ ରଣା, ଗ୍ରାମ କମିଟି ସଭାପତି ନନ୍ଦକିଶୋର ରଣାଙ୍କ ସମେତ ବଲାଙ୍ଗୀର କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଂଚଳରୁ ବାର ଦେହେଲିଆ, ସେବାୟତ ବୁଦ୍ଧିଜୀବୀମାନେ ଯୋଗଦେଇ ଥିଲେ। ଓ ଆସନ୍ତା କାଲି ରବିବାରରେ ପଞ୍ଚ ଦିନାତ୍ମକ ଉପଚାର ପୂଜା ପରେ ଦେବୀମାନେ ବରୁଆ ଦେହରେ ସବାର ହୋଇ ଝାମୁଯାତ୍ରା ନିଆଁରେ ଚାଲିବା କାର୍ଯ୍ୟକ୍ରମ ରହିଛି।

# ମିଳିଲା ଚୋରି ମୋବାଇଲ

ଭବାନୀପାଟଣା,(ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଟାଉନ ଥାନା ପୋଲିସ ଶୁକ୍ରବାର ବିଭିନ୍ନ କମ୍ପାନୀର ୩୦ଟି ଚୋରି ମୋବାଇଲ ସମେତ ନଗଦ ୭୧ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜଣକୁ ପୋଲିସ ଅଟକ ରଖି ପଚରାଉଚରା କରୁଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଭବାନୀପାଟଣା ସହର ଗାନ୍ଧୀଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ଗତ ଏପ୍ରିଲ ୮ତାରିଖ ରାତିରେ ଚୋରି ହୋଇଥିଲା। ଦୋକାନ ମାଲିକ ରମେଶ ଅଗ୍ରୱାଲ ତାପରଦିନ ଅର୍ଥାତ୍ ୯ ତାରିଖ ସକାଳରେ ଦୋକାନ ଖୋଲିବାକୁ ଆସିବାବେଳେ ଦୋକାନର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ଦୋକାନ ଭିତରକୁ ପଶିବା ପରେ ଦୋକାନରେ ଥିବା ମୋବାଇଲ, କ୍ୟାସ୍ ପେଟି ସମେତ ଟଙ୍କା କେହି ଚୋରି କରିନେଇଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ସେ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସେହିପରି ଗତ ମାର୍ଚ୍ଚ ୨୮ରେ ଭବାନୀପାଟଣା ଡିଏଚ୍‌ଏଚ୍ ଛକଠାରେ ଥିବା ଏକ ମୋବାଇଲ ଦୋକାନରୁ ମଧ ଚୋରି ହୋଇଥିଲା। ଏହାକୁ ନେଇ ଦୋକାନ ମାଲିକ ଦୀପକ ଗୌଡ଼ ମଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉପରୋକ୍ତ ଘଟଣାକୁ ନେଇ ଟାଉନ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଥିଲା।

# ଲାଞ୍ଜିଗଡ ବିଡ଼ିଓଙ୍କ ଗୋବର୍ଦ୍ଧନପୁର ପଞ୍ଚାୟତ ଗସ୍ତ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ) : ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ଗସ୍ତ କରିବା ସହିତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ କରି ତଦାରଖ କରିଛନ୍ତି ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ର। ଶ୍ରୀ ପାତ୍ର ପଞ୍ଚାୟତର ରାମଚନ୍ଦ୍ରପୁର, ଟେକରତୋଳା, ଗୋପାଳପୁର, ଭାଲୁଚଞ୍ଚରା, ପାଣିମୁଣ୍ଡା ଗାଁର ଦୁର୍ଗମ ଲଡୁପଦର, ଗୋବର୍ଦ୍ଧନପୁର, ମଧୁପୁର ଆଦି ଗାଁ ଗସ୍ତ କରିବା ସହିତ ପରିଦର୍ଶନ କରିବା ସହିତ ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ। ବିଡ଼ିଓଙ୍କ ସହିତ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ନାଏବ ସରପଞ୍ଚ ସଞ୍ଜୀବ ପଣ୍ଡା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମରସିଂ ପୁଝାରୀ, ଏଡିଇଓ ମେଘାଳୟ ନାୟକ, ବିଏଫଟି ରାମସାଗର ମାଝୀ ପ୍ରମୁଖ ସାମିଲ ଥିଲେ।

# ସରକାରୀ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ଡିଆଇଇଟି ପରିସରରେ ଥିବା ସରକାରୀ ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ- ୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମେରୀଲିନ ସୁଧାଂଶୁମୟୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ କଳାହାଣ୍ଡି ଅଧ୍ୟକ୍ଷ ଡ. ଦେଶବନ୍ଧୁ ସାହୁ ମୁଖ୍ୟ ଅତିଥି, ଭବାନୀପାଟଣା ବିଆରସିସି ତଥା ଏବିଇଓ ଜୟ କୁମାର ମାଝୀ ମୁଖ୍ୟ ବକ୍ତା, ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ଏବିଇଓ ହୃଷୀକେଶ ନାୟକ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକା ନିହାରୀକା ଦେବୀ, ବାପୁଜୀ କ୍ଲଷ୍ଟର ସିଆରସିସି ସ୍ୱାଧିନୀ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତୀ ନାଏକ,ବରିଷ୍ଠ ସାମ୍ବାଦିକ ସନ୍ତୋଷ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ ଓ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଇଶ୍ୱର ଚନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହାନ୍ତି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ଛାତ୍ରଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ନିଷ୍ଠା ଓ ଧୈର୍ଯ୍ୟର ସହ ଶିକ୍ଷାଲାଭ ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଶିକ୍ଷାଲାଭ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପଞ୍ଚମ ଶ୍ରେଣୀର ଛାତ୍ରୀ ଆସ୍ତା ଚନ୍ଦନଙ୍କୁ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ସମ୍ମାନୀତ କରାଯାଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହାଣୀ, ଲୀନା ପଟ୍ଟନାୟକ ଓ ପୁଷ୍ପଲତା ବାଗ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ଦ୍ୱିତୀୟ ବର୍ଷର ପ୍ରଶିକ୍ଷାର୍ଥୀ ସାଗରିକା ଦାଶ ଓ ଦ୍ୱିପାକ୍ଷୀ ଦ୍ୱାରା ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶିଫଳ

**ସୋମବାର, ୧୪ ଏପ୍ରିଲ ୨୦୨୫**



**ମେଷ:** ଆପଣଙ୍କ ଦିନକୁ ଯତ୍ନର ସହିତ ବିତାନ୍ତୁ। ଆଜି କୈଣସି ପ୍ରକାରର ନୂତନ କାର୍ଯ୍ୟ ଆରମ୍ଭ କରନ୍ତୁ ନାହିଁ। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଖାଦ୍ୟ ଏବଂ ପାନୀୟରେ ବିଶେଷ ଯତ୍ନ ନେବା ଲାଭଦାୟକ ଅଟେ। ଆପଣ ଶାରୀରିକ ଥକ୍କା ଏବଂ ମାନସିକ ବିଭ୍ରାଟ ଅନୁଭବ କରିବେ।



**ବୃଷ:** ଆଜି ଆପଣଙ୍କର ମିଶ୍ରର ଦିନ ଅଟେ। ଆଜି ଆପଣ ଅସୁସ୍ଥତା ଏବଂ ଚିନ୍ତା ଅନୁଭବ କରିବେ। ଶରୀରରେ ଥକାପଣ ଏବଂ ଅଳସୁଆତା ଏବଂ ମନରେ ବ୍ୟାକୁଳତା ଅନୁଭବ ହେବ। ଆଜି ଆପଣ ଟିକେ କ୍ରୋଧିତ ହେବେ ଯାହା ହେତୁ ଜିନିଷ ନଷ୍ଟ ହୋଇପାରେ।



**ମିଥୁନ:** ଆଜି ଆପଣଙ୍କର ଭଲରେ ଦିନ କଟିବ। ଘରେ ଶାନ୍ତି ଏବଂ ଆନନ୍ଦର ପରିବେଶ ରହିବ ଏବଂ ଏକ ସୁଖଦ ସମ୍ପର୍କ ଗଢି ଉଠିବ। ଆପଣ ଯାହା ବି କରନ୍ତି ସେଥିରେ ଆପଣ ଖ୍ୟାତି ଅର୍ଜନ କରିବେ। ସ୍ୱାସ୍ଥ୍ୟ ଭଲ ହେବ। ପରିବାର ସଦସ୍ୟଙ୍କ ସହିତ ଘରେ ସମୟ ବିତାଇବେ।



**କର୍କଟ:** ଆଜି ଆପଣଙ୍କର ଦିନ ଆନନ୍ଦ ଏବଂ ଭୋଗରେ ଅତିବାହିତ ହେବ। ବିପରୀତ ଲିଙ୍ଗର ଲୋକଙ୍କୁ ଭେଟିବେ। ବନ୍ଧୁ ଏବଂ ପ୍ରିୟଜନଙ୍କ ସହିତ ଏକ ଉପଭୋଗ୍ୟ ରହଣି ହୋଇପାରେ। ଯାନ ଆନନ୍ଦ ପାଇବେ। ନୂତନ ପୋଷାକ କିଣିଲେ ଏବଂ ଏହାକୁ ପିନ୍ଧିବାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟ ଭଲ ହେବ, ଆପଣ ସାମାଜିକ ସମ୍ମାନ ଏବଂ ଖ୍ୟାତି ପାଇବେ।



**ତୁଳା:** ଆଜି ଆପଣଙ୍କ ପାଇଁ ଭଲ ଦିନ ନୁହେଁ। ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ହେବ ନାହିଁ। ଅନେକ ସମସ୍ୟା ହେତୁ ମନ ବିବ୍ରତ ରହିବ। ଶକ୍ତିର ଅଭାବ ରହିବ। ସମ୍ପର୍କୀୟମାନଙ୍କ ସହିତ ମତଭେଦ ହେବ। ମାଆର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା କରିବେ।



**କନ୍ୟା:** ଆଜି ଏକ ଖୁସିର ଦିନ ହେବ। ଆଜି ଆପଣ ଅଧିକ କଳ୍ପନାକାରୀ ହେବେ। ସାହିତ୍ୟର ସୃଷ୍ଟି କବିତା ସୃଷ୍ଟିର ପ୍ରେରଣା ହେବ। ପ୍ରିୟଙ୍କ ସହିତ ସାକ୍ଷାତ ଶୁଭ ହେବ, ଫଳସ୍ୱରୂପ ଦିନସାରା ମନ ଖୁସି ରହିବ। ଆପଣ ପିଲାମାନଙ୍କର ଅଗ୍ରଗତି ବିଷୟରେ ଖବର ପାଇବେ।



**ବିଛା:** ଆଜି ସାଧାରଣ ଲାଭର ଦିନ। ଅଯଥା ଖର୍ଚ୍ଚ ବନ୍ଦ କରିବାକୁ ପଡିବ। ବିଶେଷ ଧ୍ୟାନ ଦିଅନ୍ତୁ ଯେ ପରିବାରରେ ଝଗଡ଼ା ନହୁଏ। ପରିବାରର ସଦସ୍ୟଙ୍କ ମଧ୍ୟରେ ଥିବା ଭୁଲ ବୁଝାମଣାକୁ ଦୂରେଇ ରଖନ୍ତୁ। ଶାରୀରିକ ସମସ୍ୟା ମନରେ ଚିନ୍ତା ଆଣିବ। ଏକ ନକାରାତ୍ମକ ମାନସିକତା ରଖନ୍ତୁ ନାହିଁ । ଅନୈତିକ ପ୍ରବୃତ୍ତିଠାରୁ ଦୂରରେ ରୁହନ୍ତୁ ।



**ସିଂହ:** ଆପଣଙ୍କ ଦିନ ଶୁଭ ହେବ। ଭାଇମାନଙ୍କ ସହିତ ଭଲ ସମ୍ପର୍କ ରହିବ ଏବଂ ଘର ସେମାନଙ୍କ ସହିତ ପ୍ରଶ୍ନ ଉପରେ ଆଲୋଚନା କରିବେ। ଏକ ଛୋଟ ଧାର୍ମିକ ସ୍ଥାନ ପରିଦର୍ଶନ କରିବା ଏକ ସଫଳ କାର୍ଯ୍ୟକ୍ରମ ହେବ। ଧନ ଲାଭର ସମ୍ଭାବନା। ବିଦେଶରୁ ଭଲ ଖବର ଆସିବ।



**ଧନୁ:** ଆଜି ଆପଣ ସତର୍କ ରହିବାକୁ ସୂଚନା ଆସିଛି। ଆଜି, ବ୍ୟବସାୟିକ କାର୍ଯ୍ୟରେ ସହଯୋଗୀ ହସ୍ତକ୍ଷେପ ବୃଦ୍ଧି ପାଇବ। ଖର୍ଚ୍ଚ ସାଧାରଣ ଅପେକ୍ଷା ଅଧିକ ହେବ। ଧାର୍ମିକ, ସାମାଜିକ କାର୍ଯ୍ୟରେ ଯୋଗଦାନ ବୃଦ୍ଧି ପାଇବ ଏବଂ ଖର୍ଚ୍ଚ ମଧ ହୋଇପାରେ। ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ପୁଅ ଏବଂ ସମ୍ପର୍କୀୟଙ୍କ ମଧ୍ୟରେ ପାର୍ଥକ୍ୟ ହୋଇପାରେ।



**ମକର:** ଆପଣ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ। ଆଜି ଆପଣ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାକୁ ସକ୍ଷମ ହେବେ। ଆର୍ଥିକ ଲାଭ ହାସଲ ହେବ। ସ୍ଥାନାନ୍ତରଣର ସମ୍ଭାବନା, ବିଶେଷକରି ଧାର୍ମିକ ଯାତ୍ରା ସମ୍ଭାବନା ଅଛି। ସମ୍ପର୍କୀୟଙ୍କ ଘରେ ଏକ ମଙ୍ଗଳ ପ୍ରସଙ୍ଗରେ ଉପସ୍ଥିତ ହେବାର ଏକ ସୁଯୋଗ ଥାଇପାରେ। ଆପଣ ବିବାହିତ ଜୀବନର ସୁଖ ଏବଂ ଆନନ୍ଦ ପାଇବେ । ଆଜି ଆପଣଙ୍କର ଆଚରଣ ସ୍ୱାଭାବିକ ହେବ ।



**କୁମ୍ଭ:** ଆଜି ଆପଣଙ୍କ ଦିନ ବହୁତ ଶୁଭ ହେବ। ଆପଣ ସଫଳତା ଏବଂ ଉଚ୍ଚ ପଦାଧିକାରୀଙ୍କ ଇଚ୍ଛା ହେତୁ ଆଜି ଆପଣଙ୍କ ପାଇଁ ଖୁସିର ଦିନ ହେବ। ବ୍ୟବସାୟୀମାନେ ବ୍ୟବସାୟରେ ଅଭିବୃଦ୍ଧି ଏବଂ ସଫଳତା ପାଇବେ। ପିତା ଏବଂ ବରିଷ୍ଠମାନେ ଉପକୃତ ହେବେ। ଲକ୍ଷ୍ମୀଦେବୀଙ୍କ ଆଶୀର୍ବାଦ ରହିବ ।



**ମୀନ:** ଆପଣ ନୂତନ କାର୍ଯ୍ୟ ଆୟୋଜନ ଆରମ୍ଭ କରିବା ପାଇଁ ଆଜି ଶୁଭ ଦିନ। ଚାକିରୀ ଏବଂ ବ୍ୟବସାୟରେ ଲାଭ ହେବାର ସମ୍ଭାବନା ଅଛି। ଆପଣ ମହିଳା ସାଙ୍ଗମାନଙ୍କଠାରୁ କାମ ପାଇପାରିବେ। ଲକ୍ଷ୍ମୀ ଦେବୀଙ୍କ ଆଶୀର୍ବାଦ ଆଜି ଆପଣଙ୍କ ଉପରେ ଅଛି। ସାମାଜିକ କ୍ଷେତ୍ରରେ ଆପଣଙ୍କର ଖ୍ୟାତି ବୃଦ୍ଧି ପାଇବ। ପତ୍ନୀ ଏବଂ ପୁଅଙ୍କଠାରୁ ଆନନ୍ଦଙ୍କ ଖବର ଆସିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ନୂତନ ଅଧିକାରୀ ଯୋଗ ଦେବା ଦିନ ଠାରୁ କିଛି ମାତ୍ରାରେ କମିଯାଇଥିବା ଚୋରମାନଙ୍କର ଉପଦ୍ରବ ଆଜି ପୁଣି ଦେଖା ଦେଇଛି । ଆଜି ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ରାଜରାସ୍ତାରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତ ଗୌଡ଼ପାଟଣା ଗ୍ରାମର ସୌଭାଗ୍ୟ ରଞ୍ଜନ ଦାସ ଶୁକ୍ରବାର ପଟ୍ଟାମୁଣ୍ଡାଇ ସମବାୟ ବ୍ୟାଙ୍କରୁ କାର୍ଯ୍ୟ ସାରି ନିଜ ବାସଭବନକୁ ଫେରୁଥିବା ସମୟରେ ବେଲସରପୁର ପାଣି ଟାଙ୍କି ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଗୋଟେ ସୁନା ଚେନ, ଦୁଇଟି ସୁନା ମୁଦି ଏବଂ ତାଙ୍କ ୱାଲେଟରେ ଥିବା ନଗଦ ୪୦୦୦ ହଜାର ଟଙ୍କାକୁ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏହି ସ୍ଥାନଟି ନିଛାଟିଆ ଅନ୍ଧକାର ଓ ଜନଶୂନ୍ୟ ଅଞ୍ଚଳ ହୋଇଥିବାରୁ ଜୀବନ ବଞ୍ଚାଇବା ପାଇଁ କାହାର ସାହାଯ୍ୟ ନ ପାଇ ଏହି ଲୁଟର ଶିକାର ହେବା କଥା ସୌଭାଗ୍ୟ କହିଛନ୍ତି । ଏ ନେଇ ସୌଭାଗ୍ୟ ଆଳି ଥାନାରେ ଏକ ଏତଲା ଦେବା ପରେ ଥନାଧିକାରୀ ଏତଲା ଆଧାରରେ ଉକ୍ତ ସ୍ଥାନକୁ ଯାଇ ତଦନ୍ତ ଚଳାଇଥିବା ଜଣାପଡିଛି ।



## ■ ବିଜେପି କୃଷକମୋର୍ଚ୍ଚା ବୈଠକ

# ୧୬ରୁ ରାଜ୍ୟବ୍ୟାପୀ ଧନ୍ୟବାଦ କାର୍ଯ୍ୟକ୍ରମ



କେନ୍ଦୁଝର(ଭାସ୍କର ନ୍ୟୁଜ୍): ଓଡିଶାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀମାନଙ୍କ ଠାରୁ ୭୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରି ରେକର୍ଡ ସୃଷ୍ଟି କରିଛି । ଚାଷୀ ତାର ଧାନ ସୁରୁଖୁରରେ ଅପେକ୍ଷା ନକରି ଧାନ ଦେବାର ୪୮ ଘଣ୍ଟା ଭିତରେ ତାର ପ୍ରାପ୍ୟ ଏକାଉଣ୍ଟ୍ ମାଧ୍ୟମରେ ପାଇବା ଏବଂ କୁଇଣ୍ଟାଲ ପ୍ରତି ୩୧ ଶହ ଟଙ୍କା ପାଇବା ସାରା ଦେଶରେ ଏକ ନମ୍ବର ହେଇଛି । ଆଜି ଓଡିଶାର ଧାନ ଚାଷୀ ବହୁତ ଖୁସି । ଏଣୁ ବିଜେପି କୃଷକ ମୋର୍ଚ୍ଚା ତରଫରୁ ସାରା ରାଜ୍ୟରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବ । ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଆସନ୍ତା ଏପ୍ରିଲ ୧୬ ତାରିଖ ଦିନ କେନ୍ଦୁଝର ଜିଲ୍ଲାରୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କରିବେ । ସେଥିପାଇଁ ଆଜି ବିଜେପି କୃଷକ ମୋର୍ଚ୍ଚା ତରଫରୁ କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟ ଠାରେ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ଭାଗିରଥି ସିଂ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦାନ କରିଥିଲେ । ଏପ୍ରିଲ୍ ୧୬ ତାରିଖ ଦିନ ୧୦ ଘଟିକା ସମୟରେ କେନ୍ଦୁଝରଗଡ଼ସ୍ଥିତ ପାର୍କଲାଇନ ମ୍ୟୁନିସିପାଲିଟି ଅଡିଟୋରିୟମ ଚାଷୀ ସମାବେଶ କରାଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଧନ୍ୟବାଦ କାର୍ଯ୍ୟକ୍ରମ କରାଯିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଗଲା । ଏହି ଚାଷୀ ସମାବେଶରେ କେନ୍ଦୁଝର ଜିଲ୍ଲାର ବଛା ବଛା ୨ ହଜାର ଚାଷୀ ନେତା ମାନେ ଯୋଗଦାନ କରି ପାରମ୍ପାରିକ ରୀତି ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀମାନ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ ।ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଧନ୍ୟବାଦ ଦିଆଯିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଏହି ବୈଠକରେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ଶ୍ରୀଧର ସାହୁ, ରାଧାକାନ୍ତ ମହାନ୍ତ, ସୁବ୍ରତ ମହାନ୍ତି, ବିପିନୀ ମହାନ୍ତ, ସୁଧାକର ସାହୁ, ପ୍ରକାଶ ସୂତ୍ରଧର, ବ୍ରଜ୍ କିଶୋର ରାୟ,ରାଜେଶ ସିଂହ କୃଷ୍ଣଚନ୍ଦ୍ର ମହାନ୍ତ, ଜୟ କୃଷ୍ଣ ମହାନ୍ତ, ଭାବଗ୍ରାହୀ ମହାନ୍ତ, ପ୍ରସନ୍ନ ନାୟକ, ଶ୍ରୀବେନ୍ଦ୍ରେ ଚକ୍ର, ନାରାୟଣ ବାରିକ, ବାବୁଲି ମହାନ୍ତ, ହରିଶ୍ଚନ୍ଦ୍ର ମହାନ୍ତ, ଯୁଧିଷ୍ଠିର ମହାନ୍ତ, ବାଇଧର ସାହୁ, ଗୌରାଙ୍ଗ ମୁଣ୍ଡା, ତରଣୀ ମହାନ୍ତ, ରାଜେଶ ମହାନ୍ତ, ଭୋଳା ମହାନ୍ତ, ଡମ୍ବରୁ ମହାନ୍ତ, ଅଧିକାରୀ ନାୟକ, ଛତିଶ ସାହୁ, ମହେଶ୍ୱର ମହାନ୍ତ, ପଦ୍ମନାଭ ସାହୁ, ମଳୟ ପଣ୍ଡା, ବିକାଶ ଜେନା, ଶ୍ରୀଧର ମହାନ୍ତ, ତୀର୍ଥ ଯେନା, କୃଷ୍ଣ ଜୁଆଙ୍ଗ ପ୍ରମୁଖ ଙ୍କ ସମେତ ଶତାଧିକ ଚାଷୀ ନେତା ବୈଠକରେ ଉପସ୍ଥିତ ଥିଲେ ।

# ବେଆଇନ ମାଟି ଚୋରାଚାଲାଣ, ୧୦ ଟ୍ରାକ୍ଟର ଜବତ

## ପ୍ରଭାବଶାଳୀ କହି ପ୍ରଶାସନ ଆଖିରେ ଧୂଳି ଦେଉଥିବା ଅଭିଯୋଗ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ୍): ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମାଟି ଚୋରାଚାଲାଣ ବୃଦ୍ଧି ପାଇବା ଫଳରେ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦିନରାତି ଅହରହ ସରକାରୀ ଓ ଗୋଚର ଜମିରୁ ମାଫିଆମାନେ ମାଟି ଲୁଟ କରୁଥିବା ବେଳେ ଗ୍ରାମ ରାସ୍ତା ଓ ମୁଖ୍ୟ ରାସ୍ତା ଗୁଡିକ ନଷ୍ଟ ହୋଇଗଲାଣି । ଅନ୍ୟ ପକ୍ଷରେ ଏହି ବେଆଇନ କାରବାର ଯୋଗୁଁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ଚୋରା ମାଟିଚାଲାଣ କରୁଥିବାବେଳେ ପୋଲିସ ୧୦ଟି ଟ୍ରାକ୍ଟରକୁ ଜବତ କରିଛି । ସୂଚନା ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଞ୍ଚଳର ବିଭିନ୍ନ ଗ୍ରାମରେ ଦିନକୁ ଦିନ ମାଟି ମାଫିଆଙ୍କ ପାର୍ଦ୍ଦୁଭାବ ବୃଦ୍ଧି ପାଉଥିବା ବେଳେ ରବିବାର ଛୁଟି ଦିନର ସୁଯୋଗ ନେଇ ଅସ୍ତରଙ୍ଗ ଅଞ୍ଚଳରେ ନିଜକୁ ପ୍ରଭାବଶାଳୀ ମନେକରି ଅସ୍ତରଙ୍ଗରୁ ନୂଆଗଡ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ବେଆଇନ ଭାବେ ଚୋରାମାଟି ଚାଲାଣ କରୁଥିବାବେଳେ ଅସ୍ତରଙ୍ଗ ପୋଲିସ ତତ୍ପରତା ସହିତ ମଧାହ୍ନ ସମୟରେ ପୁଲିସ ତରଫରୁ ଚଢ଼ାଉ କରାଯାଇ ୯ଟି ମାଟି ବୋଝେଇ ଟ୍ରାକ୍ଟର ସହ ଏକ ଖାଲି ଟ୍ରାକ୍ଟର ଜବତ କରିଛି ପୋଲିସ । ଏନେଇ ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ କହିଛନ୍ତି ତହସିଲଦାର ଉକ୍ତ ଟ୍ରାକ୍ଟର ବେଆଇନି ମାଟି ଚାଲାଣ କରୁଥିବା ଅଭିଯୋଗରେ ଫାଇନ ଲଗାଇବା ସହ ଏହି ଘଟଣାକୁ ନେଇ ତଦନ୍ତ ଜାରୀ ରହିଛି । କିନ୍ତୁ ସ୍ଥାନୀୟ ଅଞ୍ଚଳ କିଛି ପ୍ରଭାବଶାଳୀ ପ୍ରଶାସନ ଆଖିରେ ଧୂଳିଦେଇ ମାଟି ଚୋରା ଚାଲାଣ କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି ଉକ୍ତ ଟ୍ରାକ୍ଟର ଗାଡି ଚାଳକଙ୍କ ଲାଇସେନ୍ସ ଯାଞ୍ଚ ସହ ଗାଡି କାଗଜ ପତ୍ର ଯାଞ୍ଚ କରିବାକୁ ଦାବି କରିଛନ୍ତି ।

# ବନଦୁର୍ଗା ମହୋତ୍ସବ ଉଦ୍ଯାପିତ



ବଲାଙ୍ଗୀର(ଭାସ୍କର ନ୍ୟୁଜ୍): ଅଞ୍ଚଳର ଲୋକେ ସରଳ, ଏକ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଆମ ଲୋକେ ନିଜର ଘର ଦ୍ୱାର, ଜମି, ଜଙ୍ଗଲ, ବିଦ୍ୟାଳୟ, ମନ୍ଦିର, ଆତ୍ମୀୟ ସ୍ୱଜନ ଛାଡି କିଏ ଥଇଥାନ କଲୋନି ଗଲେ କିଏ ପୁଣି ନିଜସ୍ୱ ଉଦ୍ୟମରେ ଥଇଥାନ ହେଲେ । ଏହି ଜିଲ୍ଲା ଶସ୍ୟ ଶ୍ୟାମଳ ହେବ ବୋଲି, ପ୍ରଗତିର ରାସ୍ତା ରେ ଆଗକୁ ବଢିବ ବୋଲି ନିଜର ସବୁ କିଛି ତ୍ୟାଗ କଲେ କିନ୍ତୁ ଏପରି ଏକ ଘଡିସନ୍ଧି ସମୟରେ ପ୍ରଶାସନ ଓ ସରକାର ସମ୍ବେଦନଶୀଳ ହେବା ବଦଳରେ ତାଙ୍କୁ ସର୍ବନିମ୍ନ ମୌଳିକ ଅଧିକାର ପ୍ରଦାନ କୁ ମଧ୍ୟ ନିଶ୍ଚିତ କରି ପାରିପାରିଲେ ନାହିଁ । ତେଣୁ ଏହି ଶାନ୍ତିପୂର୍ଣ୍ଣ ଲୋକେ ଅଂଚଳର ପ୍ରଗତି ପାଇଁ ନିଜେ ସେମାନେ ସମସ୍ୟାରେ ଜର୍ଜରିତ । ତେଣୁ ଲୋକମାନଙ୍କୁ ସମସ୍ୟାରୁ ମୁକ୍ତି ନିହାତି ଦରକାର ନ ହେଲେ ପ୍ରଶାସନ ଓ ସରକାର ଜାଣି ରଖନ୍ତୁ ଏହି ଅଂଚଳର ଲୋକଙ୍କ ମନରେ କ୍ରାନ୍ତିର ନିଆଁ ଲାଗିବ ବୋଲି ଆଜି ଲୋୟର ସୁକତେଲ ଡ୍ୟାମ୍ ପାଦ ଦେଶରେ ଆୟୋଜିତ ବନଦୁର୍ଗା ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟାରେ ଉତ୍ସବ କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ ଶାନ୍ତି, ମୁକ୍ତି, ପ୍ରଗତି ନହେଲେ କ୍ରାନ୍ତୀ ହେବ ବୋଲି ବାର୍ତ୍ତା ଦେଇଛନ୍ତି । ଗତ ୫ ଦିନ ଧରି ଚାଲିଥିବା ଏହି ଉତ୍ସବର ଅନ୍ତିମ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ନିରଞ୍ଜନ ମିଶ୍ର ଏହି ଅଂଚଳର ବିସ୍ଥାପିତମାନେ ଭୋଗୁଥିବା ସମସ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ସାମୁହିକ ଉଦ୍ୟମ ଲୋଡା ବୋଲି କହିଥିଲେ । ମୁଖ୍ୟବକ୍ତା ପୂର୍ବତନ ଅର୍ଥ ମନ୍ତ୍ରୀ ପଂଚାନନ କାନୁନଗୋ ବିସ୍ଥାପିତଙ୍କ ମୌଳିକ ଅଧିକାର ର ସୁରକ୍ଷା କୁ ଯେପରି ନିଶ୍ଚିତ କରାଯିବ ସେ ଦିଗରେ ପ୍ରସ୍ତାବ ଓ ଦାବିପତ୍ର ମାଧ୍ୟମରେ ସରକାରଙ୍କୁ ଅବଗତ କରିବା ପାଇଁ କହିଥିଲେ । ସମ୍ମାନିତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଓ କଥାକାର ରବି ଦାସ କହିଥିଲେ ଏ ମହୋତ୍ସବ ସାରା ଦେଶରେ ବିରଳ, ଜଳସେଚନ ପାଇଁ ନିଜର ବହୁମୁଲ୍ୟ ଚାଷ ଜମି ହରାଇଥିବା ଲୋକଙ୍କୁ ସରକାର ଜମି ବଦଳରେ ଜମି ଦେଇପାରିଲା ନାହିଁ ବୋଲି ପ୍ରଶ୍ନ କରିଥିଲେ । ଯେହେତୁ ସରକାରଙ୍କ ନିୟମ ଅଛି ଭୂମିହୀନ ବିସ୍ଥାପିତ ଙ୍କୁ ଜମି ଓ ଡିହ ସରକାର ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ସୁକତେଲ ପାଇଁ କରାଯାଇଥିବା ଆନ୍ଦୋଳନ ଓ ସଂଘର୍ଷର କଥା ଲୋକଙ୍କୁ ମନେ ପକାଇଥିଲେ । ସାମ୍ବାଦିକ ଅଖିଳ ହୋତା ଏହି ଉତ୍ସବକୁ ଏକ ଐତିହାସିକ ମହୋତ୍ସବ କରିବା ସହ ଏଠାରେ ଆୟୋଜିତ ହେଉଥିବା ନୃତ୍ୟ ସଂଗୀତ ଆଗାମୀ ଦିନରେ ଲୋକଙ୍କର ସମସ୍ୟା ସମାଧାନ ନ ହେଲେ ପ୍ରଳୟ ହୋଇପାରେ ବୋଲି କହିବା ସହ ଏହି ନୃତ୍ୟ ଗୀତ ଦାବି ହାସଲ ପାଇଁ ଶିବଙ୍କ ତାଣ୍ଡବ ନୃତ୍ୟର ପରିବର୍ତ୍ତନ ହୋଇପାରେ ବୋଲି ମନେ ପକାଇଥିଲେ । ଉତ୍ସବ ସ୍ଥଳରେ ବିସ୍ଥାପିତମାନେ ନିଜର ବିଭିନ୍ନ ଦାବିପତ୍ର କୁ ଅତିଥି ଓ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିଲେ । ମାଗୁରବେଡା ସରପଞ୍ଚ ସଂଜୟ ଗଡତ୍ୟାଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍ଯାପନି ସଭାକୁ ସହ-ସଂପାଦକ ବିକାଶ ରଂଜନ ରଥ ସଂଯୋଜନା କରିଥିଲେ । ସଂପାଦକ ଜୟକୃଷ୍ଣ ମିଶ୍ର ସାଂସ୍କୃତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସହ କୋଷାଧ୍ୟକ୍ଷ ଭରତ ସାହୁ, କୁସମେଲ ସରପଂଚ କୌସ୍ତୁଭ ସାହୁ, ରେଙ୍ଗାଲି ସରପଂଚ ହିମାଂଚଳ ମେହେର, ଗ.ଶ.ଡୁଙ୍ଗୁରିପାଲି ସରପଂଚ, ଖୁଣ୍ଟପାଲି ସରପଂଚ ତଥା ଉପଦେଷ୍ଟା ଲୋକନାଥ କୁମ୍ଭୁରା, ବେଲାରସିଂ ଭୋଇ, ସୁରୁ ମଟାରୀ, ଟଙ୍କଧର ଗଡତ୍ୟା, ଅଜୟ ଗଡତ୍ୟା, ବ୍ୟାସଦେବ ବନଛୋର, ପ୍ରମୋଦ ପଟେଲ, ଗିରିଧାରୀ ପୁଟା ପ୍ରମୁଖ ସହଯୋଗ କରିଥିଲେ । ଗୋପାଳ ପଣ୍ଡା ଙ୍କ କଂସ ବଧ ବେଶ ଆକର୍ଷଣୀୟ ହୋଇଥିଲା ।

## ବନ୍ଧୁକ ଦେଖାଇ ଲୁଟିନେଲେ ଦୁର୍ବୃତ୍ତ

ଆଳି (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନାରେ ନୂତନ ଅଧିକାରୀ ଯୋଗ ଦେବା ଦିନ ଠାରୁ କିଛି ମାତ୍ରା ରେ କମିଯାଇଥିବା ଚୋରମାନଙ୍କର ଉପଦ୍ରବ ଆଜି ପୁଣି ଦେଖା ଦେଇଛି । ଆଜି ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ ରାଜରାସ୍ତାରେ ଲୁଟ ହୋଇଥିବା ଅଭିଯୋଗ ହୋଇଛି ।ଅଭିଯୋଗସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଅନ୍ତର୍ଗତ ନିଆଳ ପଞ୍ଚାୟତ ଗୌଡ଼ପାଟଣା ଗ୍ରାମର ସୌଭାଗ୍ୟ ରଞ୍ଜନ ଦାସ ଶୁକ୍ରବାର ପଟ୍ଟାମୁଣ୍ଡାଇ ସମବାୟ ବ୍ୟାଙ୍କରୁ କାର୍ଯ୍ୟ ସାରି ନିଜ ବାସଭବନକୁ ଫେରୁଥିବା ସମୟରେ ବେଲସରପୁର ପାଣି ଟାଙ୍କି ନିକଟରେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ରାସ୍ତାରେ ଅଟକାଇବା ସହ ତାଙ୍କୁ ବନ୍ଧୁକ ଦେଖାଇ ତାଙ୍କ ଠାରୁ ଗୋଟେ ସୁନା ଚେନ, ଦୁଇଟି ସୁନା ମୁଦି ଏବଂ ତାଙ୍କ ୱାଲେଟରେ ଥିବା ନଗଦ ୪୦୦୦ ହଜାର ଟଙ୍କା କୁ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଏହି ସ୍ଥାନ ଟି ନିଛାଟିଆ ଅନ୍ଧକାର ଓ ଜନଶୂନ୍ୟ ଅଞ୍ଚଳ ହୋଇଥିବାରୁ ଜୀବନ ବଞ୍ଚାଇବା ପାଇଁ କାହାର ସାହାଯ୍ୟ ନ ପାଇ ଏହି ଲୁଟର ଶିକାର ହେବା କଥା ସୌଭାଗ୍ୟ କହିଛନ୍ତି । ଏ ନେଇ ସୌଭାଗ୍ୟ ଆଳି ଥାନା ରେ ଏକ ଏତଲା ଦେବା ପରେ ଥନାଧିକାରୀ ଏତଲା ଆଧାର ରେ ଉକ୍ତ ସ୍ଥାନକୁ ଯାଇ ତଦନ୍ତ ଚଳାଇଥିବା ଜଣା ପଡିଛି ।

## ହିଙ୍ଗୁଳା ଯାତ୍ରା ଉପଲକ୍ଷେ ପାନୀୟ ଜଳ ବିତରଣ



ତାଳଚେର(ଭାସ୍କର ନ୍ୟୁଜ): ମା' ହିଙ୍ଗୁଳା ଯାତ୍ରା ଅବସରରେ ତାଳଚେର ବ୍ଲକ ନୂଆ ଶବର ସାହି ମୌଜା ଜିଳିଣ୍ଡା ଠାରେ ଥଣ୍ଡା ପାନୀୟ ଜଳ ବିତରଣ ବ୍ୟବସ୍ଥା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ ବିତରଣ କାଯାଇଥିଲା । ଏଥିରେ ସାହିର ସମସ୍ତ ମହିଳା, ପୁରୁଷ, ୫ଟି ଏସ୍.ଏଚ୍.ଜି. ଗ୍ରୁପର ସଦସ୍ୟାମାନେ ସହଯୋଗ କରିଥିଲେ । ଗ୍ରାମର ସଭାପତି ପ୍ରାଣବନ୍ଧୁ ବେହେରା, ଯୁବ ସମାଜସେବୀ ସଞ୍ଜୟ କୁମାର ଜାଲ, ଦୁଃଶାସନ ଦେହୁରୀ, କବି ବେହେରା, ଚତୁର୍ଭୁଜ ବେହେରା, ଗଙ୍ଗା ଦେହୁରୀ, ପ୍ରଦୀପ ନାଏକ, କାଳନ୍ଦୀ ବେହେରା, ସୋଭାଗନୀ ଦେହୁରୀ, ମମତା ନାହାକ, ଡଲି ବେହେରା, ନିରୁପମା ଖଟୁଆ, ରୀନା ଖଟୁଆ, ଅଖିଳ ନାହାକ, ଧର୍ମଜୟ ନାହାକ, ଲୋଚନ ନାହାକ, ପ୍ରସାଦ ଦେହୁରୀ, ରାହୁଲ ଖଟୁଆ, ଭଜମନ ନାହାକ, ରୀତା ଦେହୁରୀ, ଶିବ ଦେହୁରୀ, ଅରୁଣ ବେହେରା, ଅମିନ ଖଟୁଆ, ଅଜୟ ଖଟୁଆ, ଅଞ୍ଜୁ ବେହେରା, ଟିକି ବେହେରା, ସିପୁନ୍ ବେହେରା, ଚିନ୍ମୟ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସ୍ଥିତ ଏମ୍.ଭି-୩ ଚତୁର୍ଥ ଓ ଏସ.ଏ.ପି (ଏସ ଏସ) ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଦୁର୍ଗପତି ସୁନୀଲ କୁମାର ବେହେରାଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଅଛି । ମୁଖ୍ୟଅତିଥି ରୂପେ ଏମ୍ ମହମ୍ମଦ ଅବିଦ ହୁସେନ, ଡିପିଏସଓ, ଡକ୍ଟର ସୁରମା ବେହେରା ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଏବଂ ତପନ ନାରାୟଣ ରଥ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଏବଂ ସୁରେନ୍ଦ୍ର କୁମାର ବେହେରା ଅବସର ପ୍ରାପ୍ତ ସହକାରୀ ଦୁର୍ଗପତି ମଞ୍ଚାସୀନ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଉପ ଦୁର୍ଗପତି ସରୋଜ କୁମାର ଜେନା, ଦକ୍ଷିଣ ମାରାଣ୍ଡି, ସୁରେନ୍ଦ୍ରଚନ୍ଦ୍ର ପାତ୍ର, ବିମଳ ଚନ୍ଦ୍ର ରାଉତ,ହେମନ୍ତ କୁମାର ଦାସ,ପ୍ରେମ ପ୍ରକାଶ ଏନା, ଦେବୀ କଲ୍ୟାଣ ନାୟକ ପ୍ରତ୍ୟକ୍ଷ ସାହାଯ୍ୟ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିବା ସହିତ ଭୂୟସୀ ପ୍ରଶଂସା କରିଥିଲେ । ଡକ୍ଟର ସାଗର ବାଳା ବ୍ଲଡ଼ ବ୍ୟାଙ୍କ ଅଧିକାରୀ, ଏସ. ସୁବର୍ଣ୍ଣା ମାମଳା,ସୁଜଳ ରାୟ, ସାଗର ମିଶ୍ର ରକ୍ତ ସଂଗ୍ରହ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ । ଏହି ଶିବିରରେ ଏକଶହରୁ ଉର୍ଦ୍ଧ୍ୱ ରକ୍ତ ନମୂନା ସଂଗ୍ରହ କରାଯାଇଛି । ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ୯, ଏସ, ଏ, ପି ଚତୁର୍ଥ ସଶକ୍ତ ବାହିନୀ ମାଲକାନଗିରି ଗ୍ରୀଷ୍ମ ପ୍ରବାହ ସମୟରେ ଏହିଭଳି କାର୍ଯ୍ୟକ୍ରମ କରି ଦେଖାଇଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା ସାଉଁଟିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ ଜବାନ ଏବଂ ଅଧିକାରୀ ରକ୍ତଦାନ କରିବା ସହିତ ନିଜେ କିପରି ସୁସ୍ଥ ରହିବେ ତାହା ବିଷୟରେ ନିଜେ ସଚେତନ ହେବା ସହ ଅନ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ।

## ପି.ଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ



କରଞ୍ଜିଆ,(ଭାସ୍କର ନ୍ୟୁଜ୍ ) : ପିଏମଶ୍ରୀ ମାନ୍ୟତା ପାଇଥିବା କରଞ୍ଜିଆର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଦିବସ ବ୍ୟାପି ଉତ୍ସବରେ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଫୁଟବଲ, କ୍ରିକେଟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ କରଞ୍ଜିଆ ସରକାରୀ ଡାକ୍ତରଖାନାର ଡାକ୍ତର ଗୌରାଙ୍ଗ ଚରଣ ନାୟକ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏଥିସହିତ ସ୍ୱାସ୍ଥ୍ୟ ସଚେତନ କାଯ୍ୟକ୍ରମରେ ପ୍ରାଥମିକ ଚିକିତ୍ସା କିପରି କରାଯିବ ତାହାଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପୁରସ୍କାର ବିତରଣ ଉତ୍ସବ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀମତୀ ତରୁ, ସମ୍ମାନିତ ଅତିଥି ଭାବେ ବିଜୟ ନାୟକ, ରଶମତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ବେହେରା, କ୍ରୀଡ଼ାବିତ ଗୋରୀ ଶଙ୍କର ସିହ୍ନା, ବିଦେଶୀ କୁମାର ରାଜ ପ୍ରମୁଖ ଯୋଗ ଦେଇଥିଲେ ଓ କ୍ରୀଡ଼ାବିତମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ନୃତ୍ୟ ଅନୁଷ୍ଠିତ ହୋଇଥିଲା ।

# 'ସରକାର ଆମକୁ ପାନୀୟ ଜଳ ଯୋଗାଇଦିଅ'

## ପ୍ରତିଶ୍ରୁତିର ରାଜନୀତି କେତେଦିନ ?



ଉମରକୋଟ(ଭାସ୍କର ନ୍ୟୁଜ) : : ସରକାର ଆମକୁ ପାନୀୟ ଜଳ ଯୋଗେଇ ଦିଅ ସ୍ଲୋଗାନ ଦେଉଛନ୍ତି ଗ୍ରାମବାସୀ । ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ହେଲେ, ସବୁ ପ୍ରତିଶ୍ରୁତି କେବଳ ପାଣିର ଗାର, ନା ରାସ୍ତା ମିଳୁଛି ନା ମିଳିଲା ପାଣି । ଏମିତି ଆସୁଥିଲେ ନେତା କେବଳ ପ୍ରତିଶ୍ରୁତି ଦେଇ ଭୋଟ ମାଗିବାକୁ ହେଲେ ଲୋକେ ଉଚିତ ଜବାବ ଦେଇଛନ୍ତି, ଏକ ପରିବର୍ତ୍ତନ ର ସ୍ୱର ନେଇ ପରିବର୍ତ୍ତନ ଆଣିଛନ୍ତି । ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଏମିତି ଅନେକ ଗାଁ ଆଜି ପିଇବା ପାଣି ପାଇଁ ପୋଖରୀ ତଥା ବିଦ୍ୟାଳୟରେ ଥିବା ନଳକୂପ ଉପରେ ଭରସା କରୁଛନ୍ତି । ସରକାର ଚାଲିଗଲା ହେଲେ ଘର ଘରକୁ ପାଣି ଯୋଗେଇଦେବାର ପ୍ରତିଶ୍ରୁତି,ପ୍ରତିଶ୍ରୁତି ରେ ହିଁ ରହିଗଲା, ଏମିତି ଏକ ଗାଁ ଚିକଲ୍ ପଦର୍ ପଞ୍ଚାୟତର ଆଦିବାସୀ ଅଧିକାରୀଗୁଡା ଯାହାକି ଉମରକୋଟ ବ୍ଲକ ଅଧିନସ୍ଥ ନିର୍ବାଚନ ମଣ୍ଡଳୀ ଝରିଗାଁ ଉମରକୋଟ ସଦର ମହକୁମା ଠାରୁ ମାତ୍ର ତିନି କିଲୋମିଟର ଦୂର !ଏଠି ଦୀପ ତଳ ଅନ୍ଧାର ଭଳି ପାଣି ସମସ୍ୟା ଆଜିବି ଏ ଗାଁ ଲୋକଙ୍କ ଲାଗି ସ୍ୱପ୍ନ ହୋଇ ରହିଯାଇଛି ଲୋକେ ଆଜିବି ପୋଖରୀ ଓ ଗାଁ ରେ ଥିବା ବିଦ୍ୟାଳୟରେ ଥିବା ନଳକୂଅ ପାଣି ଉପରେ ଭରସା କରୁଥିବା କହିଛନ୍ତି । ବସୁଧା ଯୋଜନାର ସର୍ଭେ କରି ପାଣି ଟାଙ୍କି ଓ ସୋଲାର ନିର୍ମାଣ କରାଯାଇଛି , କିନ୍ତୁ ଆଜି ଯାଏଁ ବସୁଧା ଯୋଜନାର ପାଣି ଘର ଘରକୁ ପହଞ୍ଚି ପାରିଲା ନାହିଁ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଗ୍ରାମରେ ପ୍ରାୟ ୨୦୦ପରିବାର ଥିବାବେଳେ ମାତ୍ର ଗୋଟିଏ ନଳକୂଅ ଅଛି । ସେହି ନଳକୂଅ ଉପରେ ସମସ୍ତଙ୍କ ଭରସା । ତା ସାହିତ ଗ୍ରାମରେ ଥିବା ବିଦ୍ୟାଳୟରୁ ପିଇବା ପାଣି ଆଣୁଥିବା ଦେଖିବାକୁ ମିଳିଛି । ଛୁଟି ଦିନ ଗ୍ରାମ ନିକଟରେ ଥିବା ଏକ ପୋଖରୀରୁ ମଇଳା ପାଣି ଆଣି ଗ୍ରାମବାସୀ ବ୍ୟବହାର କରୁଥିବା କହିଛନ୍ତି । ଗାଁ ରେ ଥିବା ପୋଖରୀ ରୁ ଗୃହପାଳିତ ପଶୁ ପକ୍ଷୀଙ୍କ ସହ ଗ୍ରାମବାସୀ ପାଣି ପିଇ ଶୋଷ ମେଣ୍ଟାଉଥିବା ଦେଖିବାକୁ ମିଳିଛି । ନେତାମାନେ ନିର୍ବାଚନ ଆସିଲେ କେବଳ ପ୍ରତିଶ୍ରୁତି ଦେଇ ଚାଲିଯାଆନ୍ତି କିନ୍ତୁ ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ । ଏଭଳି ସାଧାରଣ ମୌଳିକ ସମସ୍ୟାକୁ ନେଇ ସଂଗ୍ରାମ କରିଆସୁଥିବେ ଆଉ ସେମାନଙ୍କ ସମସ୍ୟାକୁ ନେଇ ନେତା ରାଜନୀତି କରୁଥିବେ । ତେବେ ସେଭଳି ଗାଁ ହେଉ କି ସେମାନଙ୍କ ଆଗାମୀ ପିଢ଼ିର ଭବିଷ୍ୟତ କେତେ ଉନ୍ନତ ଆଉ ଉଜ୍ଜ୍ୱଳ ତାହା ଚିନ୍ତାବ୍ୟକ୍ତ କରି ଜନତା ଦେଇଛନ୍ତି ଉଚିତ ଜବାବ ।ବର୍ତ୍ତମାନ ନୂତନ ସରକାର ଗଠନ ହୋଇଯାଇଛି, ଦେଖିବାକୁ ବାକି ରହିଲା ନୂତନ ସରକାର ଏଭଳି ସମସ୍ୟା ଘେରରେ ଥିବା ଗ୍ରାମ ଗୁଡିକର ସମସ୍ୟା ଉପରେ ଧ୍ୟାନ ଦେବେ କେବେ ?

# ଜାତୀୟ ଶିକ୍ଷାନୀତି ଉପରେ ଆଲୋଚନାଚକ୍ର

ବାରିପଦା(ଭାସ୍କର ନ୍ୟୁଜ୍): କିଟସ୍, ଭୁବନେଶ୍ୱର ଆନୁକୂଲ୍ୟରେ ବାରିପଦାର ଆରୟାନ ଇଣ୍ଟେର୍ନେଶନାଲ ସ୍ମାର୍ଟ ସ୍କୁଲ, ସେଣ୍ଟ ଜାଭିୟାର ହାୟାର ସେକେଣ୍ଡାରୀ ସ୍କୁଲ ଓ ସେଣ୍ଟ ଏନିସ କନଭେଣ୍ଟ ସ୍କୁଲରେ ଜାତୀୟ ଶିକ୍ଷାନୀତି ତଥା କ୍ୟାରିୟର କାଉନସେଲିଂ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମକୁ କିଟ କ୍ୟାରିୟାର ସ୍କୁଲର ପ୍ରଫେସର ଡଃ ସୁମନ ଭଟ୍ଟାଚାର୍ଯ୍ୟ କମ୍ପ୍ୟୁଟର ବିଜ୍ଞାନ ଏବଂ ଇଂଜିନିୟରିଙ୍ଗ, ଡଃ ପ୍ରିୟଦର୍ଶୀ ବିଶ୍ୱାଳ, ଡିନ, କିଟ କ୍ୟାରିୟର ସ୍କୁଲ, ଡଃ ପ୍ରଭାକର ଜେନା, ସହକାରୀ ଗଣିତ ପ୍ରଫେସର, ଡଃ ଉପାଲି ଅପରାଜିତା ଦାଶ, ସହକାରୀ ପ୍ରଫେସର ଇଲେକଟ୍ରନିକ୍ସ, ଏବଂ ଟେଲିକମ୍ୟୁନିକେସନ ପରିଚାଳନା କରିଥିଲେ ଓ ପିଲାମାନେ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ନୂତନ ଶିକ୍ଷାନୀତିକୁ ସ୍ୱାଗତ କରିଥିଲେ ଓ ତତସହିତ ଭବିଷ୍ୟତରେ କେଉଁ ମାର୍ଗରେ ଗଲେ ତାଙ୍କ ପାଇଁ ଠିକ ହେବ ସେ ବିଷୟରେ ଆଲୋଚନା କରିଥିଲେ ଓ ମୂର୍ଚ୍ଛନା ଦାସ ପଟ୍ଟନାୟକ ଓ ରାଜୀବ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଉଦ୍‌ଘାଟନ ପୂର୍ବରୁ ନଷ୍ଟଭ୍ରଷ୍ଟ ମିନିପାର୍କ

## ରାତିହେଲେ ଜମୁଛି ମଦୁଆଙ୍କ ଆଡ୍ଡା



ଉମରକୋଟ(ଭାସ୍କର ନ୍ୟୁଜ) :ପୂର୍ବ ସରକାର ଙ୍କ ପକ୍ଷରୁ ଜନସାଧାରଣ ଉପକୃତ ହେବେ ଓ ବ୍ୟାୟାମ କରି ନିଜ ଶରୀର ସୁସ୍ଥ ସୁନ୍ଦର ରଖିବା ପାଇଁ ମୁକ୍ତା ଯୋଜନାରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ପାଖାପାଖି ପ୍ରାୟ୩୦ଲକ୍ଷ ଟଙ୍କା ବ୍ୟୟରେ ଉମରକୋଟ ସହର ର ଡିଏନକେ ଠାରେ ମିନି ପାର୍କ ତିଆରି କରାଯାଇଥିଲା । ସରକାର ବଦଳିଲା ହେଲେ ଉଦ୍ଘାଟନ ହୋଇପାରିଲା ନାହିଁ । ଉଦ୍ଘାଟନ ପୂର୍ବରୁ କିଛି ଯନ୍ତ୍ରାଂଶ ଭାଙ୍ଗି ନଷ୍ଟ ହେବା ସହ ଶୌଚାଳୟ ଘର , ମଧ୍ୟ ନଷ୍ଟ ହୋଇଥିବା ବେଳେ ବ୍ୟାୟାମ ର ଉପକରଣ , ଗେଟ , କବାଟ ମଧ୍ୟ ଭାଙ୍ଗି ଚୋରି ହୋଇଗଲାଣି ମିନି ପାର୍କ ଠାରେ ଘାସ ଲାଗିବା ସହ ଡ୍ରେନେଜ ବ୍ୟବସ୍ଥା କରିବା କଥା ହେଲେ ଆଜି ପର୍ଯ୍ୟନ୍ତ ହୋଇପାରିଲା ନାହିଁ । ଡିଏନକେ ଠାରେ ଥିବା ମିନି ପାର୍କ ଠାରେ ରାତି ହେଲେ ୧୨ରୁ ୧୫ ବର୍ଷ ର ଯୁବପିଢି ଙ୍କ ଜମୁଛି ମଦ୍ୟପ ଓ ଗଞ୍ଜେଇ ଖିଆ ଙ୍କ ଆଖଡ଼ାଶାଳ ବିଜୁଳି ଆଲୁଅ ର ବ୍ୟବସ୍ଥା ନଥିବାରୁ ରାତି ହେଲେ ମଦ୍ୟପ ଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଦିନ ହେଲେ ମିନିପାର୍କ ଠାରେ ଜୁଆଡି ମାନଙ୍କ ଖେଳ ଜମୁଛି । ଡିଏନକେ ଠାରେ ନୂତନ ଭାବେ ତିଆରି ହୋଇଥିବା ମିନି ପାର୍କ ସେହିରାସ୍ତା ଦେଇ ପ୍ରତିଦିନ ଟିୟୁସନ ଛାତ୍ରଛାତ୍ରୀ ନିକଟସ୍ଥ ସାହିବାସିନ୍ଦା ଯିବାଆସିବା କରିଥାନ୍ତି । ଏହି ମିନି ପାର୍କ ଠାରେ ବିଜୁଳି ଆଲୁଅର ବ୍ୟବସ୍ଥା ନଥିବାରୁ ଏହାର ଫାଇଦା ନେଇ ଅନ୍ଧାର ହେଲେ ଅସମାଜିକ ଯୁବଗୋଷ୍ଠୀ ଙ୍କ ଆଡ୍ଡା ସ୍ଥଳୀ ପାଲଟିଛି ।ସାଥିରେ ମଦ ବୋତଲ ଆଣି ମଦ ପିଅନ୍ତି ଓ ବୋତଲ ଗୁଡିକୁ ମିନି ପାର୍କ ର ଚତୁର୍ପର୍ଶ୍ୱରେ ଫୋପାଡ଼ି ଚାଲି ଯାଇ ଥାନ୍ତି ।ଏହି ମିନି ପାର୍କ କୁ ପ୍ରାତଃ ଭ୍ରମଣରେ ଆସୁଥିବା ମହିଳା, ବୃଦ୍ଧ ବୃଦ୍ଧା ଉକ୍ତ ମଦ ବୋତଲ କୁ ଦେଖି ମହିଳା ଯୁବକ ଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି କରିଥାଏ ।ଏହି ମିନି ପାର୍କ ପାର୍ଶ୍ୱରେ ଦମକଳ କେନ୍ଦ୍ର , ସ୍କୁଲ , ଟ୍ୟୁସନ ରହିଛି । ଏହି ମିନି ପାର୍କ ଚତୁପାର୍ଶ୍ୱ ରେ ଯଦି ପୌରପରିଷଦ ପକ୍ଷରୁ ଆଲୋକି କରଣ କରାଯାଏ ଓ ପୋଲିସ ଯଦି ପଇଁତରା ମାରନ୍ତା । ତାହେଲେ ଜିଆଡି , ଅସାମାଜିକ ମଦ୍ୟପ ଯୁବଗୋଷ୍ଠୀ ମାନଙ୍କୁ ରୋକ୍ ଲଗାଯାଇ ପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାରମ୍ବାର ଅଭିଯୋଗ ସର୍ତ୍ତେ ପୌରପ୍ରଶାସନ ନିରବଦ୍ରଷ୍ଟା ହୋଇ ରହୁଥିବାରୁ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇଛି । ପୌରପରିଷ କାର୍ଯ୍ୟନିର୍ବାହୀ ଅଧିକାରୀ ଙ୍କୁ ଯୋଗାଯୋଗ କରିବାରୁ ମୁଁ ନିଜେ ଯାଇ ସ୍ଥିତି ଅନୁଧାନ କରି ତୁରନ୍ତ ପୁନରୁଦ୍ଧାର କରାଯିବ ବୋଲି କହିଛନ୍ତି । ଅନ୍ୟ ପଟେ ପୋଲିସ ପ୍ରଶାସନ ପକ୍ଷରୁ ଯଦି ପ୍ରତିଦିନ ଡିଏନକେ ଠାରେ ଥିବା ମିନି ପାର୍କ କୁ ପେଟ୍ରୋଲିଂ କରାଯିବ ତାହେଲେ ସ୍ଥିତି ସୁଧୁରୀ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।